# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪ (୨୦ ପୃଷ୍ଠା) | Bhubaneswar, Thursday, February 22/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 90 | ମୂଲ୍ୟ₹୭/-





ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪ Bhubaneswar, Thursday, February 22/2024

# ପୋଲିସ ଗୁଳିରେ ଚାଷୀ ମୃତ

- ୨ ଦିନ ପାଇଁ 'ଦିଲ୍ଲୀ ଚଲୋ' ସ୍ଥଗିତ
- ସୀମାରେ ଧାରଣା ଦେବେ କୃଷକ
- ଆଲୋଚନା ପାଇଁ ପୁଣି ଡାକିଲା କେନ୍ଦ୍ର


ମୃତ ଚାଷୀ ଶୁଭକରଣ ସିଂ


ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ବୁଧବାର ଆନ୍ଦୋଳନରତ କୃଷକଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି।

**ନୂଆଦିଲ୍ଲୀ/ଚଣ୍ଡିଗଡ଼,୨୧।୨**

ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନ ପ୍ରଣୟନ ଏବଂ ଅନ୍ୟାନ୍ୟ ଦାବିରେ ଅଡ଼ି ବସିଥିବା କୃଷକମାନେ ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଉଛି। ପଞ୍ଜାବ-ହରିୟାଣା ସୀମାର ଖନୌରିରେ ବୁଧବାର ସନ୍ଧ୍ୟାରେ ପୋଲିସ ଗୁଳିରେ ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଫେବୃଆରୀ ୧୩ରେ 'ଦିଲ୍ଲୀ ଚଲୋ' ଅଭିଯାନ ଆରମ୍ଭ ହେବା ପରଠୁ ପୋଲିସ କାର୍ଯ୍ୟାନୁଷ୍ଠାନରେ ଅଦ୍ୟାବଧି ପ୍ରାୟ ୧୬୦ ଚାଷୀ ଆହତ ହୋଇଥିବାବେଳେ ଏହା ହେଉଛି ସଂଘର୍ଷରେ କୃଷକଙ୍କ ପ୍ରଥମ ମୃତ୍ୟୁ। ଇତିମଧ୍ୟରେ କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା ଆନ୍ଦୋଳନରତ କୃଷକମାନଙ୍କୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ଏଥିସହ ପଞ୍ଚମ ପର୍ଯ୍ୟାୟ ଆଲୋଚନା ପାଇଁ କୃଷକ ସଙ୍ଗଠନର ପ୍ରତିନିଧିମାନଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଡାକିଛନ୍ତି। ତେବେ ପୋଲିସ ଗୁଳିରେ ଜଣେ କୃଷକଙ୍କ ମୃତ୍ୟୁ ପରେ ଚାଷୀମାନେ ଦିଲ୍ଲୀ ମାର୍ଚ୍ଚକୁ ୨ ଦିନ ପାଇଁ ସ୍ଥଗିତ ରଖିବା ସହ ନିଜ ନିଜ ସ୍ଥାନରେ ଧାରଣାରେ ବସିବେ ବୋଲି ଅଲ୍ ଇଣ୍ଡିଆ କିଷାନ୍ ସଭା (ଏଆଇକେଏସ୍) ପକ୍ଷରୁ ଘୋଷଣା କରାଯାଇଛି। ୨୩ଟି ଫସଲର ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି, କୃଷିଋଣ ଛାଡ଼ ଓ ଚାଷୀଙ୍କ ଉପରୁ ମାମଲା ପ୍ରତ୍ୟାହାର ଦାବିରେ କୃଷକମାନେ ଗତ ୧୩ରୁ ଦିଲ୍ଲୀ ଅଭିମୁଖେ ଆନ୍ଦୋଳନ ପାଇଁ ଟ୍ରାକ୍ଟରଗୁଡ଼ିକରେ ଯାଉଥିବାବେଳେ ଜାତୀୟ ରାଜଧାନୀ ସଂଲଗ୍ନ ସୀମାଗୁଡ଼ିକରେ ବ୍ୟାରିକେଡିଂ କରି ସେମାନଙ୍କୁ ଅଟକାଯାଇଛି। ଏହି କ୍ରମରେ ପଞ୍ଜାବ-ହରିୟାଣା ସୀମାର ଖନୌରିରେ ☞ପୃଷ୍ଠା-୧୧


ବୁଧବାର ନବୀନ ନିବାସ ଅଭିମୁଖେ ବାହାରିଥିବା ମହିଳା କଂଗ୍ରେସ ଶୋଭାଯାତ୍ରାରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ।

## ପୋଲିସ-ମହିଳା କଂଗ୍ରେସ କର୍ମୀ ଧସ୍ତାଧସ୍ତି

**ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)**

ଓଡ଼ିଶାରେ ନାରୀମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଏବଂ ବିଜେଡି-ଭାଜପା ସମ୍ପର୍କ ପ୍ରସଙ୍ଗ ଉଠାଇ ବୁଧବାର ମହିଳା କଂଗ୍ରେସ ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରିଥିଲା। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଏବଂ ଶତାଧିକ ମହିଳା କଂଗ୍ରେସ ଭବନରୁ ଶୋଭାଯାତ୍ରାରେ ବାହାରି ନବୀନ ନିବାସ ଅଭିମୁଖେ ବାହାରିଥିଲେ। ହେଲେ ଅଶୋକନଗରଠାରେ ପୋଲିସ ମହିଳା କଂଗ୍ରେସ ଶୋଭାଯାତ୍ରାକୁ ଅଟକାଇଥିଲା। ଫଳରେ ପୋଲିସ ଏବଂ ମହିଳା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ କଂଗ୍ରେସର ଆଗ ଧାଡ଼ିର ନେତା ଏବଂ କେତେଜଣ କର୍ମୀଙ୍କୁ ପୋଲିସ ଭ୍ୟାନରେ ବସାଇ ସେଠାରୁ ଉଠାଇନେଇଥିଲା। ପରେ କିଛିବାଟ ଆଗରେ ପୋଲିସ ସେମାନଙ୍କୁ ଛାଡ଼ିଥିବା ଜଣାପଡିଛି।

**ମହିଳାଙ୍କ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ନ୍ୟାୟ ପାଇଁ ଲଢ଼ିବ କଂଗ୍ରେସ: ଅଲକା**

ମହିଳାଙ୍କ ପ୍ରତିବାଦର ସ୍ୱରକୁ ବନ୍ଦ କରିବାକୁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ନବୀନ ପଟ୍ଟନାୟକ ଭୟଭୀତ ହୋଇଗଲେଣି। ନବୀନ ସରକାର ମହିଳା ବିରୋଧୀ ବୋଲି ସମସ୍ତେ ଜାଣିସାରିଲେଣି। ଆସନ୍ତା ନିର୍ବାଚନରେ ମହିଳାମାନେ ଏହାର ଦୃଢ଼ ଜବାବ ଦେବେ ବୋଲି ଅଲକା କହିଛନ୍ତି।

ମହିଳା ଶୋଭାଯାତ୍ରା ପୂର୍ବରୁ କଂଗ୍ରେସ ଭବନଠାରେ ମହିଳା ନ୍ୟାୟ ସମାବେଶ ଆୟୋଜିତ ☞ପୃଷ୍ଠା-୧୧



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪ | Bhubaneswar, Thursday, February 22/2024 | ପୃଷ୍ଠା-୧




# ନୂଆ ରୂପ ପାଇବ ବାରବାଟୀ ଷ୍ଟାଡିୟମ

**କଟକ, ୨୧।୨(ଶିଳ୍ପା ପ୍ରିୟଦର୍ଶିନୀ)**

- ୩ ବର୍ଷରେ ନବୀକରଣ କାର୍ଯ୍ୟ ସରିବ
- ୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ
- ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

ଐତିହାସିକ କଟକ ବାରବାଟୀ ଷ୍ଟାଡିୟମର ନବକଳେବର ହେବ। ଷ୍ଟାଡିୟମର ନବୀକରଣ ପାଇଁ ଆସନ୍ତା ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରି ପ୍ରକଳ୍ପର ସମୀକ୍ଷା କରିବା ସହ ଷ୍ଟାଡିୟମ ଗ୍ୟାଲେରି ପାଇଁ ପ୍ରସ୍ତୁତ ବ୍ଲୁ ପ୍ରିଣ୍ଟ ତର୍ଜମା କରିଛନ୍ତି। ଆସନ୍ତା ୫୦ ବର୍ଷର ମଜଭୁତ କ୍ରିକେଟ୍ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିସିସିଆଇ, ଓସିଏ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ମେଗା ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହେବ। ନୂଆ ଗ୍ୟାଲେରି ନିର୍ମାଣ ହେବା ପରେ ଦର୍ଶକଙ୍କ ସିଟ୍ ସଂଖ୍ୟା ବଢ଼ିବ। ପୂର୍ବରୁ ଏହାର ସିଟ୍ ସଂଖ୍ୟା ୪୨,୦୦୦ ରହିଥିବାବେଳେ ଏବେ ଏହାକୁ ବୃଦ୍ଧି କରାଯାଇ ୬୦,୦୦୦ କରାଯିବ। ଏଥିସହ ଡ୍ରେସିଂ ରୁମ୍, ଜିମ୍, ସୁଇମିଂ ପୁଲ୍, ଇନ୍‌ଡୋର ଗେମ୍ ପାଇଁ ବ୍ୟବସ୍ଥା କରାଯିବ। ଷ୍ଟାଡିୟମ ବାହାରର ସୌନ୍ଦର୍ଯ୍ୟକରଣ ସହ ଅନ୍ୟାନ୍ୟ ଖେଳର ଭିତ୍ତିଭୂମିର ବିକାଶ କରାଯିବ। ବର୍ତ୍ତମାନ ଜମି ମାଲିକାନାକୁ ନେଇ ଯେଉଁ ବିବାଦ ରହିଛି ତାହାର ସମାଧାନ ପାଇଁ ଆଗାମୀ ଦିନରେ ଉଦ୍ୟମ କରାଯିବ। ଏନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇ କହିଛନ୍ତି, ବୁଧବାର ପାଣ୍ଡିଆନ ଷ୍ଟାଡିୟମ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଆସନ୍ତା ୫୦ବର୍ଷକୁ ☞ପୃଷ୍ଠା-୧୧



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ବାରବାଟୀ ଷ୍ଟାଡିୟମ ଗ୍ୟାଲେରି ପାଇଁ ପ୍ରସ୍ତୁତ ବ୍ଲୁ ପ୍ରିଣ୍ଟ ତର୍ଜମା କରୁଛନ୍ତି।

## ଜନଜାତିଙ୍କ ଉପରୁ ଛୋଟ ମକଦ୍ଦମା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତି ଲୋକମାନଙ୍କ ଉପରେ ଥିବା ଛୋଟ ଛୋଟ ମକଦ୍ଦମାଗୁଡ଼ିକ ପ୍ରତ୍ୟାହାର କରିବା ପାଇଁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗୃହ ବିଭାଗ, ଅବକାରୀ ବିଭାଗ ଏବଂ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଜନଜାତି ବର୍ଗଙ୍କ ଉପରେ ଥିବା ମକଦ୍ଦମାଗୁଡ଼ିକର ସମୀକ୍ଷା କରିଥିଲେ। ମକଦ୍ଦମାଗୁଡ଼ିକର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ଉପରୋକ୍ତ ୩ଟି ବିଭାଗର ସମୁଦାୟ

### ପ୍ରତ୍ୟାହାର ହେବ ୪୮,୦୧୮ ମାମଲା

୪୮,୦୧୮ଟି ଜଙ୍ଗଲ ଓ ଅବକାରୀ ସମ୍ପର୍କିତ ମାମଲା ପ୍ରତ୍ୟାହୃତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ମାମଲାଗୁଡ଼ିକ ମଧ୍ୟରେ ଅବକାରୀ ବିଭାଗ ଅଧୀନରେ ଥିବା ୩୬,୫୮୧ ମାମଲା, ଗୃହ ବିଭାଗ ଅଧୀନରେ ୯୮୪୬ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ୧୫୯୧ ମାମଲାକୁ ପ୍ରତ୍ୟାହାର କରାଯାଇଛି। ଏହିସବୁ ମାମଲା ପ୍ରତ୍ୟାହୃତ ହେବା ଦ୍ୱାରା କୋର୍ଟ ଓ ନ୍ୟାୟିକ ବ୍ୟବସ୍ଥା ଉପରୁ ମଧ୍ୟ ଚାପ ହ୍ରାସ ପାଇବ ।

ଆଜିର ସମ୍ପାଦକୀୟ: ଈଶ୍ୱର ଭାବନାରେ ଦ୍ୱନ୍ଦ୍ୱ



**ଆଜିର ମନ୍ତବ୍ୟ**

"ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦଳିତ ଓ ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ନ କରିବା ରାମରାଜ୍ୟର ବିରୁଦ୍ଧାଚରଣ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୧୨ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ପାୱାରହାଉସ୍ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ପାୱାରହାଉସ୍ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା।
- ଆଗ୍ରୋ ଇଣ୍ଟରନ୍ୟାଶନାଲ ସମିଟ୍, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଭାଷା ଆନ୍ଦୋଳନ, ଓଡ଼ିଶା ଓ ଉତ୍କଳ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ପୁସ୍ତକ 'ଭାଷା ଆଇନ' ଓ 'ବିଧାନସଭାରେ ଭାଷା ଆଇନ'ର ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର, ସ୍ଥାନ: ସଂଘ ସମ୍ମିଳନୀ କକ୍ଷ, ଖାରବେଳ ନଗର, ସମୟ: ପୂର୍ବାହ୍ଣ ୧୧ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ପୂର୍ବାହ୍ଣ ୧୧ଟା ୪୫।
- ଗୁରୁ ଦେବପ୍ରସାଦ ଦାଶ ଓଡ଼ିଶୀ ନୃତ୍ୟ ପରିବାର ପକ୍ଷରୁ ୩୦ତମ ନୃତ୍ୟ ଆସର, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ଣ ୫ଟା।
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୟୋଗୋଡା ସତ୍ସଙ୍ଗ ଧ୍ୟାନ କେନ୍ଦ୍ର ପକ୍ଷରୁ ମୋନାଷ୍ଟିକ ଟୁର୍ ପ୍ରୋଗ୍ରାମ୍, ସ୍ଥାନ: ଟିଁଟିଡି କଲ୍ୟାଣମଣ୍ଡପମ୍, ଜୟଦେବ ବିହାର ଛକ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ବକ୍ସଡ୍ରେନ କାର୍ଯ୍ୟ ତଦାରଖ, ସ୍ଥାନ: କଟକ ସୂତାହାଟ ଦୁର୍ଗାଘର ସମ୍ମୁଖ, ସମୟ: ପୂର୍ବାହ୍ଣ ୧୧ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନେମାଳ, ସମୟ: ସକାଳ ୯ଟା।
- ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାର ଜନ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ନୂତନ ସଭା ଗୃହ ଆଠଗଡ଼, ସମୟ: ପୂର୍ବାହ୍ଣ ୧୧ଟା।
- ବାବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଜେମାଦେଇପୁର ହାଇସ୍କୁଲ, ତିଗିରିଆ, ସମୟ: ପୂର୍ବାହ୍ଣ ୧୧ଟା।
- ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନର ଉଦ୍ଯାପନ, ସ୍ଥାନ: କଟକ ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା

## ପୁରୀ

- ବ୍ରିଙ୍ଗ ୟୋର ଓନ ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ହୋଟେଲ ପିଙ୍କ୍ ହାଉସ୍, ସିଟି ରୋଡ୍, ପୁରୀ, ସମୟ: ଅପରାହ୍ଣ ୫ଟା।
- ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦

## ଖୋର୍ଦ୍ଧା

- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡ଼ା, ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ବାଲୁଙ୍କେଶ୍ୱର ଦେବଙ୍କ ପ୍ରାଙ୍ଗଣ, ଗହିରଗାଡିଆ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହରି ହରି ନାମ ଯଜ୍ଞ, ସ୍ଥାନ: ରାଧାବଲ୍ଲଭ ଦେବଙ୍କ ପୀଠ, ବଡ଼ପଦର, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଦୁଇଦିନିଆ ଜାତୀୟ ସମ୍ମିଳନୀ- 'ଜଳବାୟୁ ସଙ୍କଟ ଏବଂ ଜୈବ ବିବିଧତା – ସ୍ଥାୟୀ ବିକାଶ ଏବଂ ଜୀବିକା ପାଇଁ କ୍ଷତିକାରକ', ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ସ୍ନାତକ ପରିଷଦ ବୈଠକ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୭ଟା।
- ଅଭିରାମ ପରମହଂସ ଭକ୍ତ ସେବା ସଂଘର ୧୧ତମ ବାର୍ଷିକ ଉତ୍ସବ, ସ୍ଥାନ: ଅଭିରାମ ପରମହଂସ ଭକ୍ତ ଗୋଷ୍ଠୀ ଗୃହ, ଧାନହଣ୍ଡା, ବସ୍ତା, ସମୟ: ଅପରାହ୍ଣ ୫ଟା।
- ଦୀନକୃଷ୍ଣ ପାଲା ପରିଷଦର ୩୮ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଅଭିରାମ ପରମହଂସ ଭକ୍ତ ଗୋଷ୍ଠୀ ଗୃହ, ଧାନହଣ୍ଡା, ବସ୍ତା, ସମୟ: ରାତି ୮ଟା।
- ଖଇରା ବ୍ଲକ ରପେୟା ଓ ବରଦା ପଞ୍ଚାୟତରେ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ଣ ୨ଟା।
- ଖଇରା ବ୍ଲକ ବର୍ତ୍ତନା ଆଦର୍ଶ ଶିକ୍ଷାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: – ଅପରାହ୍ଣ ୧ଟା।

## ଭଦ୍ରକ

- କୁଶ ପଟ୍ଟନାୟକ ମେମୋରିଆଲ ଅଲ୍ ଓଡ଼ିଶା ଫୁଟବ
- ଜାଗର ଯାତ୍ରା ପ୍ରସ୍ତୁତି ସମୀକ୍ଷା, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ପୂର୍ବାହ୍ଣ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଯାମଯୋଡ଼ି ପଞ୍ଚାୟତ, ତିହିଡ଼ି, ସମୟ: ପୂର୍ବାହ୍ଣ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ନରେନ୍ଦ୍ରପୁର ପଞ୍ଚାୟତ, ତିହିଡ଼ି, ସମୟ: ପୂର୍ବାହ୍ଣ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ରାଜନଗର ପଞ୍ଚାୟତ, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- କୁଶ ପଟ୍ଟନାୟକ ମେମୋରିଆଲ ଅଲ୍ ଓଡ଼ିଶା ଫୁଟବଲ୍ ପ୍ରତିଯୋଗିତା, ସ୍ଥାନ: ଆନନ୍ଦପୁର ଖେଳ ପଡ଼ିଆ, ସମୟ: ଅପରାହ୍ଣ ୩ ଟା।
- ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଚମ୍ପୁଆ ଏନ୍ଏସି, ସମୟ: ପୂର୍ବାହ୍ଣ ୧୧ ଟା।
- ମହାବୀର ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କଇଁତା, ଚମ୍ପୁଆ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ବିଜୟ ସଙ୍କଳ୍ପ ସମାବେଶ, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ଅପରାହ୍ଣ ୩ଟା ୩୦।
- ଦ୍ୱାବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: ସାରସକଣା ବ୍ଲକ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠ, ସମୟ: ମଧ୍ୟାହ୍ନ ୧୨ଟା୩୦।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ହାଇସ୍କୁଲସ୍ତରୀୟ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୦ଟା।

## ବଲାଙ୍ଗୀର

- ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ, ସ୍ଥାନ: ପାଟଣାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ବେଲପଡା ବ୍ଲକ ଚାଟେରବଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା।
- ଆଗଲପୁର ବ୍ଲକ ପଟୁଆପାଲି ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଟୁଆପାଲି ଗ୍ରାମ ପଡିଆ, ସମୟ: ୯।୩୦।
- ଆଗଲପୁର ବ୍ଲକ ବକଟି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବକଟି ଖେଳପଡ଼ିଆ: ସମୟ: ଅପରାହ୍ଣ ୨।୩୦।

## ରାଉରକେଲା

- ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପୀଠାଯୋଜନା କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ, ସ୍ଥାନ: ଉଦିତନଗର ପଡ଼ିଆ, ସମୟ: ପୂର୍ବାହ୍ଣ ୧୦ଟା।
- ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ, ସ୍ଥାନ: ଖଡଗ ଭବନ, ସମୟ: ପୂର୍ବାହ୍ଣ ୧୧ଟା।
- ସ୍କାଉଟ୍ସ ଗାଇଡ୍ସର ଚିନ୍ତନ ଦିବସ, ସ୍ଥାନ: ନୀଳମାଧବ ସ୍କୁଲ, ସେକ୍ଟର-୧, ସମୟ: ପୂର୍ବାହ୍ଣ ୧୧ଟା ୩୦।
- କଂଗ୍ରେସ କାର୍ଯ୍ୟାଳୟରେ ଜରୁରୀକାଳୀନ ବୈଠକ, ସ୍ଥାନ: ସେକ୍ଟର-୨୧, ସମୟ: ଅପରାହ୍ଣ ୪ଟା ୪୫।
- ୟୁଜିଡ଼ବ୍ଲ୍ୟୁଟି ପକ୍ଷରୁ ବିଜୁ ଜୟନ୍ତୀ ନେଇ ବୈଠକ, ସ୍ଥାନ: ଆଇଡିଏଲ ସମାଜମଙ୍ଗଳ କେନ୍ଦ୍ର, ସମୟ: ଅପରାହ୍ଣ ୫ଟା।
- ପୁରୁଷ ହକି ପ୍ରୋଲିଗ୍‌ର ଦୁଇଟି ମ୍ୟାଚ, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ଣ ୫ଟା ୩୦।

## ବରଗଡ଼

- ଜିଲାସ୍ତରୀୟ ଆଶା, ଜିକେଏସ୍ ସମ୍ମିଳନୀ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ପୂର୍ବାହ୍ଣ ୧୦ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ଣ ୧୦ଟା।
- ଅଗ୍ନିଶମ କର୍ମଚାରୀଙ୍କ ଧାରଣା, ସ୍ଥାନ: ଅଗ୍ନିଶମ କେନ୍ଦ୍ର, ସମୟ: ପୂର୍ବାହ୍ଣ ୧୦ଟା।
- ସଂଯୁକ୍ତ କୃଷକ ସଙ୍ଗଠନର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ସମୟ: ପୂର୍ବାହ୍ଣ ୧୧ଟା।

## କଳାହାଣ୍ଡି

- ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା, ସ୍ଥାନ: ଲାଞ୍ଜିଗଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା ୩୦।
- କ୍ଷୁଦ୍ରଶସ୍ୟ ଖାଦ୍ୟମେଳା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ବାନ୍ଧନପଡା, ସମୟ: ପୂର୍ବାହ୍ଣ ୧୧ଟା।
- ଗଜବାହାଲ କପ୍ ଫୁଟ୍‌ବଲ ଫାଇନାଲ ମ୍ୟାଚ୍: ସ୍ଥାନ କର୍ଲାମୁଣ୍ଡା ବ୍ଲକ ଗଜବାହାଲ ହାଇସ୍କୁଲ ଖେଳ ପଡ଼ିଆ, ସମୟ: ଅପରାହ୍ଣ ୪ଟା।
- ନାରୀ ଶିକ୍ଷାର ବୃଦ୍ଧି, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ମାଟ୍ରିକ ପୂର୍ବରୁ ଛାତ୍ର ବୃତ୍ତି ଉପରେ କର୍ମଶାଳା, ସ୍ଥାନ: ଡିପିଏମୟୁ କନଫରେନ୍ସ ହଲ ଭବାନୀପାଟଣା, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଜୁନାଗଡ଼ ବ୍ଲକ ପୂର୍ବତନ ଜିପିଓ ରାଜେନ୍ଦ୍ର ଭୋଇ ଶତାଧିକ କର୍ମୀଙ୍କ ସହ ବିଜେଡିରେ ଯୋଗଦେବେ, ସ୍ଥାନ: ଧର୍ମଗଡ ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ଣ ୧୦ଟା।

## ବୌଦ୍ଧ

- ହରଭଙ୍ଗା ବ୍ଲକରେ ସାମାଜିକ ସୁରକ୍ଷାର ଜନଶୁଣାଣି, ସ୍ଥାନ: ହରଭଙ୍ଗା ବ୍ଲକ ପରିସର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- କଣ୍ଟାମାଳ ବ୍ଲକର କୁଲୁତାଯୋର ନେତାଜୀ କ୍ରିକେଟ କ୍ଲବର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଖେଳପଡିଆ, ସମୟ: ଅପରାହ୍ଣ ୧ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପୋଡାପଦରସ୍ଥିତ ବାବା କଳକେଶ୍ୱର ମନ୍ଦିରର ମାଘ ମେଳା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମନ୍ଦିର ପରିସର ମଣ୍ଡପ, ସମୟ: ପୂର୍ବାହ୍ଣ ୧୧ଟା।
- ବୌଦ୍ଧ ବ୍ଲକ ବାଉଁଶୁଣୀ କ୍ରିକେଟ ଲିଗ୍‌ର ସପ୍ତମ ଦିନ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ : ସକାଳ ୯ଟା।

## ଦେବଗଡ଼

- କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଉନ୍ନତମାନ ଫଳ, ପନିପରିବା ଉତ୍ପାଦନ ସମ୍ପର୍କୀତ କର୍ମଶାଳା, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୧ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଚିନ୍ତନ ଦିବସ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ, ସମୟ: ପୂର୍ବାହ୍ଣ ୧୧ଟା।
- ଜିଲା ନାଗରିକ କମିଟିର ବୈଠକ, ସ୍ଥାନ: ସେଣ୍ଟର ଫର୍ କଲଚର, ଗୋପାଳଜୀ ମନ୍ଦିର ପଛ ପାର୍ଶ୍ୱ, ସମୟ: ଅପରାହ୍ଣ ୪ଟା।

## ସୁବର୍ଣ୍ଣପୁର

- ସନ୍ଥ କବି ଭୀମଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠରେ ମାଘ ମେଳା ଉତ୍ସବ, ସ୍ଥାନ: ସୋନପୁର ବ୍ଲକର ଖଲିଆପାଲି ମେଳା ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଡୁଙ୍ଗୁରିପାଲି ବ୍ଲକର ରାମପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାମପୁର ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ଣ ୧୧ଟା।।
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣର ଷଷ୍ଠ ଦିବସ,ସ୍ଥାନ: ବୀରମହାରାଜପୁର ବ୍ଲକ ଭୂତିଆପାଲି ,ସମୟ: ପୂର୍ବାହ୍ଣ ୧୦ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବୀରମହାରାଜପୁର ବ୍ଲକ ଘିଚାପାଲି ଗ୍ରାମ, ସମୟ: ସକାଳ ୮ ଟା।

## ନୂଆପଡ଼ା

- ୨୯ଟି ରୁଟରେ ଲକ୍ଷ୍ମୀ ବସ୍ ଚଳାଚଳ କରିବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟରୁ ଜିଲା ମୁଖ୍ୟାଳୟ, ସମୟ: ସକାଳ ୫ଟା

## ଢେଙ୍କାନାଳ

- ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମର ପ୍ରତିଷ୍ଠା ଦିବସ ଓ ଅତିରୁଦ୍ର ମହାଯଜ୍ଞ, ସ୍ଥାନ: ଢେଙ୍କାନାଳ କୃଷ୍ଣକୁମାରପୁର ସମୟ: ସକାଳ ୬ଟା।
- ବିଶ୍ୱ ପ୍ରସିଦ୍ଧ ମାଘମେଳା ଓ ଖାଡ଼ଦୀପ ପ୍ରଜ୍ୱଳନ, ସ୍ଥାନ: ମହିମାଗାଦି ଯୋରନ୍ଦା, ସମୟ: ସନ୍ଧ୍ୟା ୫ଟା ୫ ମିନିଟ୍।

## ଅନୁଗୋଳ

- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୮ଟା।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ସମୟ: ପୂର୍ବାହ୍ଣ ୧୦ଟା ୩୦।
- ନିର୍ବାଚନ ଜନିତ ପ୍ରଶିକ୍ଷଣ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ମା' ଫଟାକାଞ୍ଜିଆ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଅନୁଗୋଳ ଗୋଡ଼ିସାହି, ସମୟ: ପୂର୍ବାହ୍ଣ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: କଣିହାଁ ବ୍ଲକ ଟାକୁଆ ଗ୍ରାମ, ସମୟ: ଅପରାହ୍ଣ ୪ଟା।

## ଗଞ୍ଜାମ

### ବ୍ରହ୍ମପୁର

- ଭାଜପାର ବିଜୟ ସଂକଳ୍ପ ସମାବେଶ, ସ୍ଥାନ: ଆମ୍ବପୁଆ ବିବେକବିହାର ପଡ଼ିଆ, ସମୟ: ପୂର୍ବାହ୍ଣ ୧୧ଟା
- ଇସ୍କନ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର କଳିଙ୍ଗପେଣ୍ଠ, ସମୟ: ସନ୍ଧ୍ୟା ୭ ଟା।
- କଇଣ୍ଡି ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ସକାଳ ୧୦ ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭଞ୍ଜନଗର ବ୍ଲକ ମଳାସପଦର ଶିଳ୍ପାଞ୍ଚଳ ପଡିଆ, ସମୟ: ସକାଳ ୯ଟା
- ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗୁଣ୍ଡିରିବାଡି, ସମୟ: ପୂର୍ବାହ୍ଣ ୧୧ଟା
- କଲ୍ୟାଣମଣ୍ଡପ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ଗାଲେରୀ, ସମୟ: ଅପରାହ୍ଣ ୫ ଟା।
- ସରସ୍ୱତୀ ଶିଶୁ ବିଦ୍ୟାଭବନର ବାର୍ଷିକୋତ୍ସବ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁର, ସମୟ: ଅପରାହ୍ଣ ୩ଟା
- ୫-ଟି ସଚିବଙ୍କ ବେଲଗୁଣ୍ଠା ଗସ୍ତ, ସ୍ଥାନ: ବ୍ଲକ ପଡ଼ିଆ, ସମୟ: ପୂର୍ବାହ୍ଣ ୧୧ ଟା
- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ସମାରୋହ ଉଦ୍‌ଯାପନ, ସ୍ଥାନ: ପଦରାଇସୁଣୀ, ସୋରଡ଼ା, ସମୟ: ଅପରାହ୍ଣ ୪ଟା
- ରାଜାସାହେବ ଡକ୍ଟର ଦେବଦତ୍ତ ସିଂହଦେଓଙ୍କ କଣ୍ଢୁଣି ଦେବୀ ମନ୍ଦିର ଦର୍ଶନ, ସ୍ଥାନ: ପାତରାଇଶୁଣି, ସମୟ: ପୂର୍ବାହ୍ଣ ୧୧ଟା,
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ, ସୋରଡା, ସମୟ: ପୂର୍ବାହ୍ଣ ୧୧ଟା ୩୦ମି.
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ଏନ୍ଏସି କଲ୍ୟାଣ ମଣ୍ଡପ, ସମୟ: ଦିନ ୧୧ଟା
- ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପନ ଉତ୍ସବ, ସ୍ଥାନ: ବୁଗୁଡା ତଳ ଓଡ଼ିଆ ସାହି, ସମୟ:ସନ୍ଧ୍ୟା ୭ଟା।

## କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କ.ନୂଆଗାଁ ବ୍ଲକ ସିର୍ତିଗୁଡ଼ା, ସମୟ: ସକାଳ ୯ଟା

## ଜଗତ୍‌ସିଂହପୁର

- ଡାହାଣୀ ସନ୍ଦେହରେ ମହିଳାଙ୍କ ପ୍ରତି ହେଉଥିବା ଅପରାଧ ନିରାକରଣ ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ଣ୧୧ଟା।
- ମାତୃ ସମ୍ମିଳନୀ, ସ୍ଥାନ: ପାରାଦୀପ ବାଲିଝରା ଗଣପତି ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ଣ ୧୧ଟା।
- ମହିମା ମେଳା, ସ୍ଥାନ: ଶାଳିଜଙ୍ଗା ମହିମା ଆଶ୍ରମ, ନାଉଗାଁ,ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ମା' ବନ୍ଧମଙ୍ଗଳା ଜନ୍ମୋତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ଣ ୧୦ଟା।

## ଯାଜପୁର

- ଶ୍ରୀହରି ଗୋସାଇଁଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରସୁଲପୁର ବ୍ଲକ୍‌ର ମଧୁବନ ପାଞ୍ଚଗୋଛିଆ ଗ୍ରାମଦେବୀଙ୍କ ପୀଠ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର, ସ୍ଥାନ: ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୦ଟା।
- ହନୁମାନ ଜୀଉଙ୍କ ପ୍ରଥମ ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଚଣା ବ୍ଲକ୍ ନେଳିଆ ପଞ୍ଚାୟତର ପଦ୍ମଲାଭପୁର ଗ୍ରାମ, ସମୟ: ସକାଳ ୬ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ୍ ମହେଶ୍ୱରପୁର ପଞ୍ଚାୟତର କବିରପୁର ଦଶହରା ପଡ଼ିଆ, ସମୟ: ପୂର୍ବାହ୍ଣ ୧୦ଟା।

## ନୟାଗଡ଼

- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ଣ ୩ଟା।
- ନୟାଗଡ଼ ଜିଲା ଲାଇବ୍ରେରୀର ଉଦ୍‌ଘାଟନ, ସ୍ଥାନ:ନୟାଗଡ, ସମୟ: ଅପରାହ୍ଣ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଅଧିବାସ, କଳସ ଯାତ୍ରା, ସ୍ଥାନ: ନୂଆଗାଁ ବ୍ଲକର ମା' ବଡରାଉଳାଙ୍କ ପୀଠ ଗୁଡୁପାଙ୍ଗୀ, ସମୟ: ସକାଳ ୮ଟା।
- ପଠାଣି ସାମନ୍ତ କପ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ଲିଗ ମ୍ୟାଚ, ସ୍ଥାନ: ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ଣ ୪ଟା।
- ଭାନୁମତି ଦେବୀଙ୍କର ପ୍ରଥମ ବାର୍ଷିକୀ ଉତ୍ସବର ଅନ୍ତିମ ଦିବସରେ ପୂର୍ଣ୍ଣାହୁତି, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଘଣାଶାଳିଆର ହଟିଆପଲ୍ଲୀ, ସମୟ: ସକାଳ ୭ଟା ୩୦ମିନିଟ୍।
- ବିଶ୍ୱଶାନ୍ତି ମହାଯଜ୍ଞରେ ୩ୟ ଦିବସ, ସ୍ଥାନ: ନୂଆଗାଁ ବ୍ଲକର କୋରଡାଗଡ଼, ସମୟ: ପୂର୍ବାହ୍ଣ ୧୦ଟା।
- ସାମାଜିକ ସୁରକ୍ଷା ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଗଣିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

## ରାୟଗଡ଼ା

- ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁଡାରି ବ୍ଲକ୍ ପେଣ୍ଡିଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- କଂଗ୍ରେସ ବୈଠକରେ କୋରାପୁଟ ଏମ୍‌ପିଙ୍କ ଯୋଗଦାନ, ସ୍ଥାନ: ଗୁଡାରି, ସମୟ: ପୂର୍ବାହ୍ଣ ୧୦ଟା।

## ନବରଙ୍ଗପୁର

- ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ।
- କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନବରଙ୍ଗପୁର ଗସ୍ତ, କସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ ନିକଟ ପଡିଆ, ସମୟ: ପୂର୍ବାହ୍ଣ ୧୦ଟା ୧୫।
- ଆଦିବାସୀଙ୍କ ପାରମ୍ପରିକ ମାଘ ମଣ୍ଡେଇ ଯାତ୍ରା, ସ୍ଥାନ: ଡାବୁଗାଁ ଭୈରବ ମନ୍ଦିର ପ୍ରାଙ୍ଗଣ , ସମୟ: ଅପରାହ୍ଣ ୨ଟା।
- ବ୍ଲକସ୍ତରୀୟ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ଣ ୧୧ଟା।

## କୋରାପୁଟ

- ଯୁବ ଚିତ୍ରଶିଳ୍ପୀ ଶିବିର, ସ୍ଥାନ: ଦେଓମାଳି, ସମୟ: ପୂର୍ବାହ୍ଣ ୧୦ଟା।
- ଖରିଫ ୨୦୨୪ ନେଇ ଜିଲାସ୍ତରୀୟ ବୈଷୟିକ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୪ଟା
- ହସ୍ତତନ୍ତ ଓ ବୟନ ଶିଳ୍ପ ସମ୍ପର୍କିତ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୫ଟା।

## ମାଲକାନଗିରି

- ବଣ୍ଡାଘାଟିରେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସଭା। ସ୍ଥାନ: ମୁଦୁଲିପଡା, ସମୟ: ପୂର୍ବାହ୍ଣ ୧୧ଟା
- କୃଷି ବିଜ୍ଞାନ କେନ୍ଦ୍ରର କୃଷକ ତାଲିମ ଉଦ୍‌ଯାପନୀ । ସ୍ଥାନ-ମାଲକାନଗିରି କୃଷି ବିଜ୍ଞାନକେନ୍ଦ୍ର, ସମୟ- ପୂର୍ବାହ୍ଣ ୧୧ଟା।



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଲୁଗା ପିନ୍ଧି ଯାତକୁ ଯାଏ;**
**ପଚାରିଲେ ମୁଣ୍ଡ ଟୁଙ୍ଗାରୁ ଥାଏ।**

ଅନ୍ୟ ଲୋକର ପ୍ରଦତ୍ତ ପରିଧାନ ପିନ୍ଧିଥିବା ଲୋକ ନିଜର ବୋଲି କହିବାର କିଛି ଜୋର ନ ଥାଏ। ଏପରି ଦାନ ସୂତ୍ରରେ ମିଳିଥିବା ପରିଧାନରେ ଆବୃତ ହୋଇଥିବା ଲୋକର ମନୋଭାବକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପରକୁ କାହିଁକି ନିନ୍ଦୁ ?**
**ଘର ପୁଅ ପରଦେଶୀୟା ବନ୍ଧୁ;**
**କେତେ ବାହୁନେଇ କାନ୍ଦୁ ?**

କେତେକ ସନ୍ତାନ ରୋଜଗାରକ୍ଷମ ହେବା ପରେ ନିଜ କର୍ମ ଜଞ୍ଜାଳରେ ବୁଡ଼ିରହି ଘର ପରିବାରଠାରୁ ଦୂରେଇ ଯାଇଥାନ୍ତି। ମୁଣ୍ଡକୁ ହାତ ପାଇଗଲା ପରେ ଘରକୁ ପର କରିଦେଇ ନିଜ ସୁଖ ସୁବିଧା ପ୍ରତି ଅଧିକ ଯତ୍ନଶୀଳ ହୋଇଥାନ୍ତି। ଏପରିସ୍ଥଳେ ନିଜ ପୁଅ ଯଦି ନିଜର ନ ହେଲା, ନିଜର ଦୁଃଖ ବୁଝି ନ ପାରିଲା ସେତେବେଳେ ଅନ୍ୟ ଉପରେ ଦୋଷ ଦେବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରର ସମସ୍ୟାକୁ ନେଇ ଭାବପ୍ରବଣତା ବଢ଼ିଯିବା କାରଣରୁ ମନରେ ଅସ୍ଥିରତା ସୃଷ୍ଟି ହେବ। ସଭାସମିତି, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିପାରେ। ଶିଳ୍ପ, ବ୍ୟବସାୟ, କ୍ରୀଡ଼ା, କଳା, ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିଷ୍ଠା ଓ ସମ୍ମାନ୍ ପାଇ ଖୁସି ହେବେ।

**ବୃଷ** – ପରିବାର ସଦସ୍ୟଙ୍କ ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଉପରେ ନିର୍ଭରକରି କୌଣସି କାମ ହୋଇପାରିବ ନାହିଁ। ଦୀର୍ଘମିଆଦୀ ଯୋଜନା ସକାଶେ ପୁଞ୍ଜି ଲଗାଣ ନିମନ୍ତେ ଅର୍ଥ ଆବଶ୍ୟକ ହୋଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମିଥୁନ** – ପୁରୁଣା ରୋଗପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ମୂଲ୍ୟବାନ୍ ଜିନିଷ, ଘରୋଇ ଉପକରଣ, ନୂତନ ପୋଷାକ ପରିଚ୍ଛଦ ଆଜି କିଣିବା ସକାଶେ ମନ ବଳାଇବେ। ବନ୍ଧୁଙ୍କ ସହଯୋଗରେ ଆରକ୍ଷୀ ସମ୍ବନ୍ଧିତ ସମସ୍ୟାର ସମାଧାନ ଆଶା କରାଯାଇପାରେ। ବିଭିନ୍ନ ସମସ୍ୟା ଭିତର ଦେଇ ଚାଲୁଥିବା କାରଣରୁ ମାନସିକସ୍ତରରେ ଶାନ୍ତି ରହିବନି।

**କର୍କଟ** – ବିବାଦୀୟ ଘଟଣାର କାରଣ ନ ବୁଝି ନିଜ ପରିବାରର ଲୋକମାନେ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟିକ ସ୍ଥିତି, ପରିବହନ, ଶେୟାର ବଜାର, ନିର୍ମାଣ, ଜମିଜମା ପ୍ରଭୃତିରୁ ସୁଫଳ ପାଇବେ। ଫେରିବା ବାଟରେ ଯାନ ବାହନରେ ତ୍ରୁଟି ହେତୁ ହଇରାଣ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସଭାସମିତିରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ** – ହାତକୁ ନେଇଥିବା କାମଗୁଡ଼ିକ ସମସ୍ୟାବହୁଳ ହୋଇପଡୁଥିବାରୁ ସେହି କଥା ଚିନ୍ତାକରି ଆଜି ମନରୁ ସରସତା ଉଭେଇଯିବ। ପାଇବାର ହକ୍ ରହିଥିଲେ ସୁଦ୍ଧା ଅନ୍ୟମାନଙ୍କ ଅବହେଳାରୁ ତାହା ନ ପାଇ ବ୍ୟସ୍ତତା ପ୍ରକାଶ କରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ସଫଳ ହେବେ।

**କନ୍ୟା** – ପରିସ୍ଥିତିକୁ ସୁଧାରିନେବେ କିନ୍ତୁ ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ଆଲୋଚନା ପରିସରରେ ସଫଳତା ମିଳିବା କଷ୍ଟକର। ଆର୍ଥିକ ଦିଗରୁ ସେପରି କିଛି ଅସୁବିଧା ନ ହେଲେ ମଧ୍ୟ ଖର୍ଚ୍ଚ ବୃଦ୍ଧି ପାଇବ। ହୋଟେଲ, ଛୋଟ ଦୋକାନ, ଢାବା, ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ତୁଳା** – କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆଜିର ସାୟଂକାଳୀନ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସନୀୟ କାମ କରି ବୁଦ୍ଧିଜୀବୀଙ୍କ ଦୃଷ୍ଟି ଆକର୍ଷଣ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନରେ ସଫଳତା ମିଳିବ।

**ବିଛା** – ଅକସ୍ମାତ୍ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପଡ଼ୋଶୀଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାଜନକ ଫଳ ମିଳିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସମସ୍ୟାର ସମ୍ମୁଖୀନ ହେବେ।

**ଧନୁ** – ଆଜି କୌଣସି କଥାକୁ ନ ବୁଝି ନ ଶୁଝି ପରିବାର ସଦସ୍ୟଙ୍କ ଉପରେ ବିରକ୍ତ ହୁଅନ୍ତୁ ନାହିଁ। ବୁଝାମଣା ଅଭାବରୁ କିଛି ଭୁଲ୍ ନ କରି ମଧ୍ୟ ଦୋଷୀଭଳି ନୀରବ ରହିବାକୁ ବାଧହେବେ। କେତେକ ନୂତନ କାମର ଯୋଜନା ଓ ପରିକଳ୍ପନା କରି କାମକୁ ବଢ଼ାଇ ନେଇ ପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**ମକର** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ସାମାଜିକ ସ୍ତରରେ ଛୋଟକଥାକୁ ବଡ଼ ଆକାରରେ ଚିନ୍ତାକରି ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ଜଣେ ବନ୍ଧୁଙ୍କ କ୍ରୁର ବ୍ୟବହାରକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** – ବନ୍ଧୁଙ୍କ ଉପରେ ବୃଥା ସନ୍ଦେହକରି ସୁବିଧା ସୁଯୋଗକୁ ହରାଇବେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟତିକ୍ରମ ଭିତର ଦେଇ ରହିବ। କଚେରି ମାମଲା, କିମ୍ବା ଜମିଜମା ସମସ୍ୟା ଜଟିଳ ହେଲେ ମଧ୍ୟ ସମାଧାନ ହେବାରେ ବିଶେଷ ଡେରି ହେବନାହିଁ। ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ଅର୍ଥ ଓ ସମ୍ମାନର ଅଭାବ ରହିବ ନାହିଁ।

**ମୀନ** – ଆଜିର ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ସମ୍ମାନ୍‌ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପାରସ୍ପରିକ ଯୁକ୍ତିତର୍କ ମଧ୍ୟରେ ଘର ଭିତରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ଋଣ ପରିଶୋଧ କରିବା ସକାଶେ ପ୍ରବଳ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିପାର୍ଶ୍ୱିକ ସମସ୍ୟା ସୁଧାରିବାରେ କେତେକାଂଶରେ ସଫଳତା ହାସଲ କରିବେ।

ଆଜି ଫେବୃଆରୀ ୨୨ ତାରିଖ, ମାଘ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଯୋରନ୍ଦା ମହିମା ଗାଦିରେ ମେଳା, ମୌଲାନା ଆବୁଲ୍ କଲାମ୍ ଆଜାଦ୍‌ଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୧୫ମି. ଗତେ ଘ.୦୭।୪୭ମି. ମଧ୍ୟେ, ଘ.୧୦।୫୧ମି. ଗତେ ଘ.୦୧।୦୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୧।୨୬ମି. ଗତେ ଘ.୦୨।୫୨ମି. ମଧ୍ୟେ ରାହୁକାଳ।







# ଏବର୍ଷ ଅଧିକ ଗରମ

**ଭୁବନେଶ୍ୱର, ୨୧।୨(ଅସମାପିକା ସାହୁ)**

- ହିଟ୍ ୱେଭ୍ ନେଇ ସତର୍କ କଲେ ଏସ୍ଆର୍‌ସି
- ଦ୍ୱିତୀୟ ଦିନରେ ବି ଭୁବନେଶ୍ୱର ଉତ୍ତପ୍ତ ସହର

ମାଘରେ ମୁଣ୍ଡଫଟା ଖରା। ଉପାନ୍ତଠାରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ପାରଦ ଉପରମୁହାଁ। ସକାଳ ୧୦ଟା ପରେ ଘରୁ ବାହାରିବାକୁ ବି ଡର। ପ୍ରବଳ ଖରାରେ ସାରା ରାଜ୍ୟର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ଏବର୍ଷ ଅସ୍ୱାଭାବିକ ଜଳବାୟୁ ସହ ତାପମାତ୍ରା ଅଧିକ ରହିବ ବୋଲି ଆଶଙ୍କା କରାଯାଉଛି। ସେପଟେ ଗୁରୁବାର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ଦିନରେ ଉଷ୍ଣ ଏବଂ ଆର୍ଦ୍ର ପାଣିପାଗ ସ୍ଥିତି ଲାଗି ରହିବା ସମ୍ଭାବନା ଥିବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷରେ ରାଜ୍ୟରେ ହିଟ୍ ୱେଭ୍‌ର ମୁକାବିଲା ପାଇଁ ଆଗୁଆ ସତର୍କ ଓ ସଜାଗ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ସମସ୍ତ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହଜନିତ ବିପଦ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ଉକ୍ତ ବିପଦରୁ ମଣିଷ ଓ ପଶୁପକ୍ଷୀଙ୍କୁ ରକ୍ଷା କରିବା ପାଇଁ କ'ଣ କରାଯିବ ସେ ନେଇ ସଚେତନତା ଅଭିଯାନ ଆରମ୍ଭ କରାଯିବ। ଗ୍ରୀଷ୍ମ ପ୍ରବାହ ସମୟରେ ରାଜ୍ୟ ଓ ଜିଲାସ୍ତରରେ ଥିବା କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟ କରିବ। କାର୍ଯ୍ୟସ୍ଥଳ କିମ୍ବା ଅନ୍ୟ ଅଞ୍ଚଳରେ କୌଣସି ବ୍ୟକ୍ତିଙ୍କ ଅଂଶୁଘାତଜନିତ ମୃତ୍ୟୁ ଘଟିଲେ ୪୮ ଘଣ୍ଟା ମଧ୍ୟରେ ଏସ୍ଆର୍‌ସିଙ୍କ କାର୍ଯ୍ୟାଳୟରେ ରିପୋର୍ଟ ପହଞ୍ଚିବା ଦରକାର ବୋଲି କୁହାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରାଜଧାନୀ ଭୁବନେଶ୍ୱର ଦ୍ୱିତୀୟ ଦିନ ପାଇଁ ଅର୍ଥାତ୍ ବୁଧବାର ରାଜ୍ୟର ଉତ୍ତପ୍ତ ସହର ରହିଥିଲା। ମଙ୍ଗଳବାର ଭୁବନେଶ୍ୱରରେ ପାରଦ ୩୭ ଡିଗ୍ରୀ ଛୁଇଁଥିବାବେଳେ ବୁଧବାର ତାପମାତ୍ରା ୩୬.୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ରାଜ୍ୟର ୧୫ଟି ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିଲାବେଳେ ଅନ୍ୟ ସହର ମଧ୍ୟରେ ଟିଟିଲାଗଡ଼ ୩୬, ଭବାନୀପାଟଣା ୩୬, ଚାନ୍ଦବାଲି ୩୫.୮, ଭଦ୍ରକ ୩୫.୮, ଝାରସୁଗୁଡ଼ା ୩୫.୬, ସୋନପୁର ୩୫.୫, ବୌଦ୍ଧ ୩୫.୫, ନୟାଗଡ଼ ୩୫.୪, ବଲାଙ୍ଗୀର ୩୫.୪, ଢେଙ୍କାନାଳ ୩୫.୨, କଟକ, ଅନୁଗୋଳ, ମାଲକାନଗିରି ଏବଂ ତାଳଚେରରେ ୩୫ ଡିଗ୍ରୀ ତାପମାତ୍ରା ରହିଥିଲା।

ସେପଟେ ଗୁରୁବାର ପଶ୍ଚିମାଝଡ଼ ପ୍ରଭାବରେ ଉତ୍ତର ଓଡ଼ିଶା ଏବଂ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସହିତ ଘଡ଼ଘଡ଼ି ମଧ୍ୟ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ୨୬ ତାରିଖରୁ ରାଜ୍ୟରେ ଅଧିକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୨୬ରେ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ସୋନପୁର ଏବଂ ଦେବଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଥିବା ସୂଚନା ଦିଆଯାଇଛି।

## ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୧।୨ (ଅସମାପିକା ସାହୁ)**

ରାଜ୍ୟରେ ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବିଶେଷକରି ଅଂଶୁଘାତ ପାଇଁ ପ୍ରସ୍ତୁତ ରହିବାକୁ ପ୍ରତି ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଏବର୍ଷ ମାଘ ମାସରେ ଶୀତ ବଦଳରେ ତାପମାତ୍ରା ବଢ଼ି ଚାଲିଛି। ଯଦିଓ ବର୍ତ୍ତମାନ ସୁଦ୍ଧା ଖରାଜନିତ ସମସ୍ୟାର ଆଶଙ୍କା ଦେଖାଦେଇନି, ତଥାପି ଆମକୁ ଆଗୁଆ ସଚେତନ ଓ ପ୍ରସ୍ତୁତ ରହିବାକୁ ପଡ଼ିବ। ଅଂଶୁଘାତ ପାଇଁ ପ୍ରତି ଜିଲାକୁ ଷ୍ଟାଣ୍ଡାର୍ଡ ଆଡ୍‌ଭାଇଜରି ବା ଏସ୍‌ଓପି ଜାରି ହୋଇଛି। ଆଗକୁ ଅଂଶୁଘାତ ଭଳି ସ୍ଥିତି ଆସିଲେ ପ୍ରତି ଜିଲାକୁ ପୁଣିଥରେ ରିମାଇଣ୍ଡର ଦିଆଯିବ ବୋଲି ସେ କହିଛନ୍ତି। ଜାରି ହୋଇଥିବା ଏସ୍‌ଓପିରେ ଲୋକଙ୍କୁ ସତର୍କ କରାଇବା ସହ ମେଡିକାଲ ପ୍ରସ୍ତୁତ ରଖିବା, ଆବଶ୍ୟକ ଔଷଧ ମହଜୁଦ ରଖିବା, ପ୍ରତି ହସ୍ପିଟାଲରେ ଅଂଶୁଘାତ ଲାଗି ଡେଡିକେଟେଡ୍ ବେଡ୍ ରଖାଯିବାକୁ ନିର୍ଦ୍ଦେଶ ରହିଛି। ଅଂଶୁଘାତ ସମ୍ପର୍କିତ ତଥ୍ୟ ପ୍ରଦାନ ପାଇଁ ମଧ୍ୟ କୁହାଯାଇଛି। ଅନ୍ୟପକ୍ଷରେ ବରିଷ୍ଠ ନାଗରିକ, ମଦ୍ୟପାନ କରୁଥିବା ବ୍ୟକ୍ତି ଓ ବହୁବିଧ ରୋଗୀଙ୍କୁ ଅଂଶୁଘାତ ଆଶଙ୍କା ଅଧିକ ରହିଛି। ତେଣୁ ସେମାନେ ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

# ଆଜି କ୍ୟାବିନେଟ

**ଭୁବନେଶ୍ୱର,୨୧।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଗୁରୁବାର ସନ୍ଧ୍ୟା ୬ଟା ୩୦ ମିନିଟରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମିଶନ ଶକ୍ତି, ଶିଳ୍ପ , ସାଧାରଣ ପ୍ରଶାସନ ଆଦି ବିଭାଗର ପ୍ରାୟ ୧୬ଟି ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟକୁ ଆସିବାକୁ ଥିବା ଏଜେଣ୍ଡାଗୁଡ଼ିକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ଆଗକୁ ନିର୍ବାଚନ ଥିବାରୁ ରାଜ୍ୟ ସରକାର କିଛି ନୂଆ ଯୋଜନା ଘୋଷଣା କରିବା ସମ୍ଭାବନା ରହିଛି। ଏଥିସହିତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କ ପାଇଁ କ୍ୟାଡର ପୁନର୍ଗଠନ ଉପରେ ମଧ୍ୟ ନିଷ୍ପତ୍ତି ହୋଇପାରେ।

# ପୋଖରୀରେ ବୁଡ଼ି ଭଉଣୀଭାଇ ମୃତ

**ବୋରିଗୁମ୍ମା,୨୧।୨ (ବିଜୟ ସାହୁ )**

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ଅଞ୍ଚଳା ପଞ୍ଚାୟତର ବିରାହାଣ୍ଡି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ପୋଖରୀରେ ବୁଡିଯିବାରୁ ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ଖବରରୁ ଜଣାପଡିଛି, ବିରାହାଣ୍ଡି ଗ୍ରାମର ସଦନ ଅମାନତ୍ୟଙ୍କ ପୁଅ ରାମକୃଷ୍ଣ (୫) ଓ ଯୋଗେଶ ଅମାନତ୍ୟଙ୍କ ଝିଅ ନବିନା (୫) ଦୁହେଁ ଘର ପାଖରେ ଥିବା ପୋଖରୀ ନିକଟକୁ ଖେଳିବାକୁ ଯାଇଥିଲେ। ଖେଳୁଥିବା ବେଳେ ଉଭୟଙ୍କ ଗୋଡ ଖସିଯିବାରୁ ପୋଖରୀ ପାଣି ଭିତରକୁ ଖସିପଡିଥିଲେ। ଫଳରେ ଦୁଇ ଭଉଣୀଭାଇ ପାଣିରେ ବୁଡି ଯାଇଥିଲେ। ଖବର ପାଇ ପରିବାର ଲୋକେ ପୋଖରୀ ନିକଟରେ ପହଞ୍ଚିବା ବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିଲା। ଏନେଇ ଥାନାରେ ଲିଖିତ ଭାବେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଯୁଗଳ କିଶୋର ସା କହିଛନ୍ତି। ସୂଚନାଯୋଗ୍ୟ, ସଦନ ଓ ଯୋଗେଶ ୨ ଭାଇ ବୋଲି ଜଣାପଡିଛି।



ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। –ଶ୍ରୀମା

-ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ଶିବଚତୁର୍ଦ୍ଦଶୀ ଉପବାସ



# ଈଶ୍ୱର ଭାବନାରେ ଦ୍ୱନ୍ଦ୍ୱ



ଦେବଦତ୍ତ ପଟ୍ଟନାୟକ

ଆଜିକାଲି ଲୋକମାନେ ଈଶ୍ୱର ଶବ୍ଦ ବେଶି ବ୍ୟବହାର କରୁଛନ୍ତି। ଯେତେବେଳେ ସେମାନେ ଈଶ୍ୱର ଶବ୍ଦ ବ୍ୟବହାର କରନ୍ତି ସେତେବେଳେ ଏହାକୁ ବଡ଼ ଅକ୍ଷରରେ ଲେଖନ୍ତି। ସେମାନେ ବାସ୍ତବରେ ଈଶ୍ୱର ସମ୍ପର୍କିତ ଯେଉଁ ଧାରଣା ବା ଭାବନା ସୂଚାଉଛନ୍ତି ତାହା ମଧ୍ୟପ୍ରାଚ୍ୟ ଏବଂ ଇହୁଦୀ, ଖ୍ରୀଷ୍ଟିଆନ ଓ ଇସ୍‌ଲାମ ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ସୃଷ୍ଟି ହୋଇଥିଲା। ଈଶ୍ୱରଙ୍କ ସମ୍ପର୍କିତ ଏହି ଭାବନା ବିଗତ ୧ ହଜାର ବର୍ଷ ମଧ୍ୟରେ ବିଶେଷକରି ବିଭିନ୍ନ ଉପନିବେଶିକ ଏବଂ ରାଜତନ୍ତ୍ର ଶକ୍ତି ମାଧ୍ୟମରେ ସାରା ବିଶ୍ୱରେ ବ୍ୟାପିଛି, ଯାହାକୁ ବର୍ତ୍ତମାନ ସମ୍ଭବତଃ ଏକ ବିଶ୍ୱସ୍ତରୀୟ ବିଷୟ ବୋଲି ଅନୁମାନ କରାଯାଉଛି। କିନ୍ତୁ ତାହା ସେମିତି କିଛି ନୁହେଁ। 'ଈଶ୍ୱର ଏକ'ଏହି ଏକେଶ୍ୱରବାଦ ସିଦ୍ଧାନ୍ତ ପୂର୍ବରୁ ନ ଥିଲା କିମ୍ବା ଏବେ ବି ନାହିଁ। କିନ୍ତୁ ଏହି ଏକେଶ୍ୱରବାଦୀ ଧାରଣା ସୁଦୂର ପ୍ରାଚ୍ୟ,ଚାଇନା, ଜାପାନ ସମେତ ଆମେରିକା, ଆଫ୍ରିକା ଏବଂ ଏସିଆର ଆଦିବାସୀମାନଙ୍କ ମଧ୍ୟରେ ରହିଛି, ଯେଉଁମାନେ ଏପର୍ଯ୍ୟନ୍ତ ଧର୍ମ ପରିବର୍ତ୍ତନ କରିନାହାନ୍ତି।

ହଲିଉଡ୍ ଚଳଚ୍ଚିତ୍ରରେ ଈଶ୍ୱର ଶବ୍ଦ ବ୍ୟବହାର ଦେଖିବାକୁ ମିଳେ। ଏହି ଈଶ୍ୱର ଶବ୍ଦ ଗ୍ରୀକ୍ ପୁରାଣ ଦ୍ୱାରା ସୃଷ୍ଟି ହୋଇଛି, ଯାହାଙ୍କୁ ସର୍ବଶକ୍ତିମାନ ଭାବରେ ବିବେଚନା କରାଯାଇଥାଏ ଏବଂ ସେହି ସର୍ବଶକ୍ତିମାନ୍‌ଙ୍କ କୌଣସି ଦାୟିତ୍ୱ କିମ୍ବା ଉତ୍ତରଦାୟିତ୍ୱ ନାହିଁ। ଏହା ସୁପର ହିରୋମାନଙ୍କ ପାଇଁ ମଡେଲ। ସେମାନେ ସାଧାରଣତଃ ଅତ୍ୟନ୍ତ ପ୍ରତିଯୋଗୀ। ଯେତେବେଳେ ସେମାନଙ୍କର ଜଣେ ସାଧାରଣ ଶତ୍ରୁ ଥାଏ ସେତେବେଳେ ସେମାନେ ଏକାଠି ହୋଇଯାଆନ୍ତି। ଈଶ୍ୱରଙ୍କର ଏହି ପରିଚିତ ଧାରଣା ସହ ଶକ୍ତି ନିବିଡ଼ ଭାବେ ଜଡ଼ିତ ରହିଛି, କିନ୍ତୁ ଦୟା କିମ୍ବା କରୁଣା କିମ୍ବା ଜ୍ଞାନ ନୁହେଁ।

ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମ ପୁରାଣଗୁଡ଼ିକରେ ଗୋଟିଏ ସତ୍ତାରେ ଶକ୍ତି କେନ୍ଦ୍ରିତ ହୋଇଥାଏ। ଏହା ହେଉଛି କେନ୍ଦ୍ରୀକରଣ। ଏହା ହେଉଛି ସାମନ୍ତବାଦର ଆଧାତ୍ମିକ ଆଧାର। ଏହି ଉଭୟ ଧର୍ମରେ ଏକ କେନ୍ଦ୍ରୀୟ ଶକ୍ତିକୁ ସମସ୍ତେ ମାନନ୍ତି ଓ ତାହା ପ୍ରତି ବି ସମସ୍ତେ କୃତଜ୍ଞ। ଧର୍ମନିରପେକ୍ଷ ନାସ୍ତିକ ଦୁନିଆରେ ମଧ୍ୟ ଏହା ଜାରି ରହିଛି, ଯେଉଁଠାରେ ଭଗବାନ୍‌ଙ୍କ ବଦଳରେ ସର୍ବଶକ୍ତିମାନ୍ ନେତା (ଏକଚ୍ଛତ୍ରବାଦୀ ଶାସକ) କିମ୍ବା ସର୍ବଶକ୍ତିମାନ୍ ସରକାର (ବୁଦ୍ଧିଜୀବୀ, ଅମଲାତନ୍ତ୍ର ଏବଂ ବିଚାରପତିଙ୍କ ଦ୍ୱାରା ପରିଚାଳିତ) ଦ୍ୱାରା ସ୍ଥାପିତ ହୋଇଛନ୍ତି। 'କେବଳ ଈଶ୍ୱର ହିଁ ସର୍ବଶକ୍ତିମାନ୍',ଏହିଭଳି ବିଶ୍ୱାସ 'ଈଶ୍ୱର ଅନେକ' ବିଚାରକୁ ଶେଷ କରିଦିଏ, ଅର୍ଥାତ୍ ଏହା ଶକ୍ତିକୁ ଭାଗ ଭାଗ କରିବାକୁ ଦିଏ ନାହିଁ। ଖ୍ରୀଷ୍ଟିଆନ୍ ଏବଂ ଇସ୍‌ଲାମ ଧର୍ମ ଈଶ୍ୱରଙ୍କୁ ଦୟା ଓ କରୁଣାର ସତ୍ତା ବୋଲି କୁହନ୍ତି। କିନ୍ତୁ ଏହି କରୁଣା ଓ ଦୟା କେବଳ ତୁମେ ଧର୍ମ ପରିବର୍ତ୍ତନ କରିବା ପରେ ଆସିଥାଏ। ଏଠାରେ ଧର୍ମାନ୍ତର ଗୁରୁତ୍ୱପୂର୍ଣ୍ଣ। ଏହି ଗୋଷ୍ଠୀ ବାହାରେ ଥିବା ଲୋକଙ୍କ ପ୍ରତି କୌଣସି ଦୟା ନ ଥାଏ ଯାହା ଇହୁଦୀ ଏବଂ ଇସ୍‌ଲାମବାଦୀଙ୍କ ବାକ୍ୟରେ ସ୍ପଷ୍ଟ ହୋଇଥାଏ!



ବୌଦ୍ଧ ଏବଂ ଜୈନ ପୁରାଣରେ ଗୋଟିଏ ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଧାରଣା ନାହିଁ। ଏହିସବୁ ଧର୍ମର ପୁରାଣଗୁଡ଼ିକରେ ଏକାଧିକ ଛୋଟବଡ଼ ଦେବତା ଅଛନ୍ତି ,ଯେଉଁମାନଙ୍କୁ ଶେଷରେ ତୀର୍ଥଙ୍କର କିମ୍ବା ବୁଦ୍ଧ ଭାବେ ସ୍ୱୀକାର କରାଯାଇଛି। ଏହି ତୀର୍ଥଙ୍କର କିମ୍ବା ବୁଦ୍ଧ ଜଗତକୁ ନିୟନ୍ତ୍ରଣ କରୁଥିବା ଶକ୍ତି ବିଷୟରେ ନ କହି ଲୋଭ, କ୍ଷୁଧା, ଈର୍ଷା, କ୍ରୋଧ, ଗର୍ବକୁ ପରାସ୍ତ କରିବାର ଶକ୍ତି ସମ୍ପର୍କରେ କହିଥାନ୍ତି। ଏଠାରେ ଐଶ୍ୱରୀୟଶକ୍ତି ସମାଜବିଜ୍ଞାନ ଅପେକ୍ଷା ଈଶ୍ୱର ମନୋବିଜ୍ଞାନ ସହ ଅଧିକ ଜଡ଼ିତ।

ହିନ୍ଦୁମାନଙ୍କର ଈଶ୍ୱରଙ୍କ ବିଷୟରେ ଏକ ଅତି ଜଟିଳ ଧାରଣା ରହିଛି। ଏଥିରେ ଭଗବାନ୍ ସର୍ବ ଶକ୍ତିମାନ୍ ନୁହନ୍ତି , ବରଂ ପ୍ରକୃତି ଏବଂ କର୍ମ ଆଧାରରେ ସେ ବିଦ୍ୟମାନ। ପୌରାଣିକ କଥାଗୁଡ଼ିକରେ ଅସୁର ସହ ଦେବତାଙ୍କ ଯୁଦ୍ଧ ବିଷୟରେ ବର୍ଣ୍ଣନା ଅଛି। ଏହିସବୁ ବିଚାର ପୂର୍ବ ଓ ଦକ୍ଷିଣ ଏସିଆର ଭାଷା ଓ ସଂସ୍କୃତିବିଦ୍‌ଙ୍କ ସହ ଗ୍ରୀକ୍ ପୁରାଣର ଦେବତା ଓ ଶକ୍ତିମାନ୍ ବ୍ୟକ୍ତିଙ୍କ ବର୍ଣ୍ଣନା ହିନ୍ଦୁଧର୍ମର ବିଚାରଗୁଡ଼ିକରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ଆଞ୍ଚଳିକ ହୋଇଥିବାରୁ ସେହି ପୁରାଣଗୁଡ଼ିକ କେବଳ ଅହଂକାର ଦ୍ୱାରା ଜଡ଼ିତ ଜୀବଙ୍କୁ ପ୍ରକାଶ କରନ୍ତି। ସେମାନଙ୍କଠାରୁ ଉଚ୍ଚ ହେଉଛନ୍ତି ସନ୍ନ୍ୟାସୀ ହୋଇ ଗ୍ରାର୍ହ୍ୟସ୍ଥ ଜୀବନ ବିତାଇଥିବା ଶିବ ଏବଂ ଗୃହସ୍ଥ ହୋଇ ସନ୍ନ୍ୟାସୀ ଭଳି ରହୁଥିବା ବିଷ୍ଣୁ। ଏମାନଙ୍କର କୌଣସି ଅହଂକାର ନାହିଁ। ଏହାସହ ଏମାନେ ବ୍ରହ୍ମାଣ୍ଡ ଧାରଣ କରନ୍ତି। କିନ୍ତୁ ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମ ଏବଂ ଇହୁଦୀଙ୍କ ମଧ୍ୟରେ ଥିବା ଈଶ୍ୱର ଧାରଣା ଭଳି ଏମାନେ ଅଧୀନତା କିମ୍ବା କୌଣସି ଆଜ୍ଞା ପାଳନ କରନ୍ତି ନାହିଁ। ବାସ୍ତବତା ହେଉଛି, ଔପନିବେଶିକ ସମୟରୁ 'ଈଶ୍ୱର ଏକ' ଚିନ୍ତାଧାରାରେ ଅତ୍ୟଧିକ ଆକ୍ରାନ୍ତ ହିନ୍ଦୁମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଯଦି ଶିବ ଏବଂ ବିଷ୍ଣୁ ଏକ, ତେବେ ଚିତ୍ର ବିନା ସେମାନଙ୍କୁ କିଭଳି ସମ୍ବୋଧନ କରାଯାଇପାରିବ। ଏବଂ ଜଣେ ଦେବୀମାନଙ୍କୁ କିପରି ସ୍ଥାନିତ କରିହେବ? ଭଗବାନ୍, ଈଶ୍ୱର, ବ୍ରହ୍ମ ଏବଂ ଆତ୍ମା ପରି ବୈଦିକ ସିଦ୍ଧାନ୍ତଗୁଡ଼ିକ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକର ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଭାବନା ସହ ସମାନ ହୋଇପାରିବ ନାହିଁ। ଏହି ଦୁଇ ସିଦ୍ଧାନ୍ତ ମଧ୍ୟରୁ ଶେଷଟି କେବଳ ରାଜନେତାଙ୍କୁ ବୁଝାଏ, ଯେଉଁମାନେ କେବଳ ଅହଂକାର ସହ ଜଡ଼ିତ।

ଈଶ୍ୱରଙ୍କ ବିଭିନ୍ନ ଧାରଣା ମଧ୍ୟରେ ଏହି ପ୍ରକାର ଦ୍ୱନ୍ଦ୍ୱ ବିଂଶଶତାବ୍ଦୀରେ ସୃଷ୍ଟି ହୋଇଥିଲା,ଯେତେବେଳେ ଲୋକମାନେ ସମସ୍ତ ଧର୍ମ ସମାନ ବୋଲି କହିବା ସହ ପୁରାଣ ଏବଂ ସୁବିଧାବାଦୀ (ପାଶ୍ଚାତ୍ୟ) ଦର୍ଶନ ତଥା ସମାନତା, ନ୍ୟାୟ ଓ ମାନବିକ ଅଧିକାର ଭଳି ଧାରଣାକୁ ଅଣଦେଖା କରିଥିଲେ। ଏହା ସହ ପ୍ରାଚୀନ ଗ୍ରୀକ୍ ଏବଂ ବାଇବଲରେ ବର୍ଣ୍ଣିତ ଶକ୍ତି ଧାରଣାର ମୂଳକଥାକୁ ହୃଦୟଙ୍ଗମ କରି ନ ଥିଲେ, ସେତେବେଳେ ଏଭଳି ଦ୍ୱନ୍ଦ୍ୱ ସାମ୍ନାକୁ ଆସିଥିଲା।

–devduttofficial@gmail.com

## ଏଇ ଭାରତରେ

ମଧ୍ୟପ୍ରଦେଶର ଜଣେ ଶିକ୍ଷକଙ୍କ ଉଦ୍ୟମରେ ଏକ ସ୍କୁଲର କଳେବର ପୂରା ବଦଳିଯାଇଛି। ରାଜଗଡ଼ର ମୋହନପୁର କଲୋନୀରେ ଥିବା ଇଣ୍ଟିଗ୍ରେଟେଡ ମିଡିଲ ସ୍କୁଲର ଶିକ୍ଷକ ଗୋପାଳ ବାଲଓ୍ୱାଲାଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଗୋପାଳ ତାଙ୍କ ସଞ୍ଚିତ ଟଙ୍କାରୁ ଖର୍ଚ୍ଚକରି ସ୍କୁଲରେ ରଙ୍ଗ ଦେବାଠାରୁ ଆରମ୍ଭ କରି ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏହା ବ୍ୟତୀତ ସେ ଏକ ଲାଇବ୍ରେରି ଓ ବଗିଚା ମଧ୍ୟ କରିପାରିଛନ୍ତି। ଏସବୁ କାର୍ଯ୍ୟ ପାଇଁ ସେ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ମୋହନପୁର ଡ୍ୟାମ୍ ନିର୍ମାଣ ସମୟରେ ବିସ୍ଥାପିତଙ୍କ ପାଇଁ ମୋହନପୁର କଲୋନୀ କରାଯାଇ ସେଠାରେ ଏହି ସ୍କୁଲ ଖୋଲାଯାଇଥିଲା। ହେଲେ ସ୍କୁଲର ରକ୍ଷଣାବେକ୍ଷଣ ପ୍ରତି କାହାରି ଦୃଷ୍ଟି ନ ଥିଲା। ଏଠାରେ ମାତ୍ର ୨୩ ଜଣ ପିଲା ପଢୁଥିଲେ। ୨୦୧୮ରେ ଗୋପାଳ ଭାଲଓ୍ୱାଲ ସ୍କୁଲରେ ଶିକ୍ଷକ ଭାବେ ଯୋଗଦେବା ପରେ ତାହାର ଅବସ୍ଥାରେ ପରିବର୍ତ୍ତନ ହେବା ଆରମ୍ଭ କରିଥିଲା। ସ୍କୁଲକୁ ଆକର୍ଷଣୀୟ କରିବା ପରେ ଏବେ ସେଠାରେ ୧୦୦ରୁ ଅଧିକ ପିଲା ପଢୁଛନ୍ତି। ଗୋପାଳଙ୍କ ଦ୍ୱାରା କରାଯାଇଥିବା ଲାଇବ୍ରେରିରେ ୨୦୦୦ରୁ ଊର୍ଦ୍ଧ୍ୱ ବହି ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୨ ଫେବୃଆରୀ ୧୯୭୫

- ଜୟପୁରର ପୂର୍ବତନ ମହାରାଣୀଙ୍କ ପ୍ରାସାଦରୁ ୧୦ କୋଟି ଟଙ୍କା ମୂଲ୍ୟର ସୁନା ଇଟାର ସନ୍ଧାନ।
- ଶଙ୍କର ରାଓ ବି. ଚଭନଙ୍କ ନେତୃତ୍ୱରେ ମହାରାଷ୍ଟ୍ରର ନୂତନ ୨୫ ଜଣିଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ।
- ଭାରତୀୟ ସ୍କୁଲ କ୍ରୀଡ଼ା ସଂଘର ପ୍ରତିଷ୍ଠାତା ତଥା ପ୍ରଥମ ସମ୍ପାଦକ ଅନିଲ ଚନ୍ଦ୍ର ଦାସଙ୍କ ୨୪ ବର୍ଷ ବୟସରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 1 | | | | | | | 4 |
| | | 2 | | | | | | 3 |
| | 7 | | | | | | 2 | 8 |
| 7 | | 9 | | 5 | | 4 | | |
| | | | | 8 | | | 5 | |
| 8 | | | | 1 | 9 | | 3 | |
| 9 | | | | | 1 | 6 | | |
| 6 | | | | | | 8 | | |
| | 4 | 7 | 6 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 7 | 4 | 3 | 2 | 9 | 8 | 1 |
| 9 | 3 | 4 | 6 | 1 | 8 | 5 | 7 | 2 |
| 1 | 8 | 2 | 5 | 9 | 7 | 4 | 6 | 3 |
| 8 | 7 | 1 | 9 | 6 | 3 | 2 | 4 | 5 |
| 2 | 4 | 9 | 8 | 5 | 1 | 7 | 3 | 6 |
| 6 | 5 | 3 | 2 | 7 | 4 | 8 | 1 | 9 |
| 3 | 9 | 8 | 7 | 2 | 6 | 1 | 5 | 4 |
| 7 | 2 | 6 | 1 | 4 | 5 | 3 | 9 | 8 |
| 4 | 1 | 5 | 3 | 8 | 9 | 6 | 2 | 7 |

ଗତକାଲିର ଉତ୍ତର

# ଆର୍ଥିକ ସ୍ଥିତିର ବାସ୍ତବତା



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୪–୨୫ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ। ଏହା ସୀତାରାମନଙ୍କ ଷଷ୍ଠ ଏବଂ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଚୂଡ଼ାନ୍ତ ବଜେଟ। ସାଧାରଣତଃ ପୂର୍ଣ୍ଣାଙ୍ଗ ବଜେଟ, ଅନ୍ତରୀଣ ବଜେଟ ଓ ଲେଖାନୁଦାନ ମଧ୍ୟରେ ଅନେକ ତଫାତ୍ ରହିଛି। ପୂର୍ଣ୍ଣାଙ୍ଗ ବଜେଟ ଏକ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରାଯାଏ, ଯେତେବେଳେ ଗୋଟିଏ ସରକାର ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ଶେଷ କରିବାର ସମ୍ଭାବନା ଥାଏ। କିନ୍ତୁ ଯଦି କୌଣସି କାରଣରୁ ଏକ ସରକାର ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ଶେଷ କରିବାର ସମ୍ଭାବନା ନ ଥାଏ ବା ୨୦୨୪ ବର୍ଷ ପରି ମଝିରେ ନିର୍ବାଚନ ଥାଏ ବା ଏକ କାମଚଳା ସରକାର ଶାସନ କରୁଥାଏ, ତେବେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ନ କରାଯାଇ ଅନ୍ତରୀଣ ବଜେଟ ଉପସ୍ଥାପନ କରାଯାଏ। ପୂର୍ଣ୍ଣାଙ୍ଗ ବଜେଟରେ ଆୟ, ବ୍ୟୟ ଏବଂ ଟିକସ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଏ। ସାଧାରଣତଃ ଅନ୍ତରୀଣ ବଜେଟରେ ଉଭୟ ଆୟ, ବ୍ୟୟ, ଟିକସ ବ୍ୟବସ୍ଥା ଥାଏ। କିନ୍ତୁ ଟିକସରେ ସାଧାରଣ କିଛି ପରିବର୍ତ୍ତନ କରାଯାଏନାହିଁ। ଅନ୍ତରୀଣ ବଜେଟ ବୋଲି କିଛି ନାହିଁ।

ସାଧାରଣତଃ ସରକାର ବଜେଟରୁ ବା କନ୍‌ସୋଲିଡେଟେଡ୍ ପାଣ୍ଠିରୁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ହେଲେ ସଂସଦରେ ଅନୁମୋଦିତ ହେବା ଆବଶ୍ୟକ। ଉପସ୍ଥାପନ ପରେ ସଂସଦରେ ଆଲୋଚନା ହୋଇ ଗୃହୀତହେବାକୁସମୟ ଲାଗେ। ଯଦି ଆର୍ଥିକ ବର୍ଷ ଆରମ୍ଭରୁ ଅନୁମୋଦନ ନ ହୁଏ ତେବେ କୌଣସି ସରକାରୀ ବ୍ୟୟ ହୋଇପାରିବ ନାହିଁ। ଅନେକ କାର୍ଯ୍ୟ ବନ୍ଦ ହୋଇଯିବ। ଏଣୁ କିଛି ମାସ ପାଇଁ (ମନେକର ୨ରୁ ୪ମାସ) ପାଇଁ ବ୍ୟୟବରାଦ କରାଯାଇ ଆବଶ୍ୟକ 'ଲେଖାନୁଦାନ' ବା 'ଭୋଟ ଅନ୍ ଆକାଉଣ୍ଟ' ହିସାବରେ ଉପସ୍ଥାପନ କରାଯାଇ ସଂସଦରେ ଗୃହୀତ କରାଯାଏ ; ଯାହାକୁ ଦଳମତ ନିର୍ବିଶେଷରେ ସମସ୍ତେ ସଂସଦରେ ସମର୍ଥନ କରନ୍ତି। ସୂଚନାଯୋଗ୍ୟ, ଆସନ୍ତା ଏପ୍ରିଲ–ମେ'ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ନୂଆ ସରକାର ଗଠନ ପରେ ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ।

ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। କୁହାଯାଉଛି ଏହା ୨୦୪୭ର ବିକଶିତ ଭାରତର ମୂଳଦୁଆକୁ ଦୃଢ଼ କରିବ। ବିରୋଧୀମାନେ ଏହାକୁ ନୈରାଶ୍ୟଜନକ କହିଛନ୍ତି। ବଜେଟକୁ ନେଇ ଏତେ ମାତ୍ରାରେ ପ୍ରଚାର କରାଯାଉଛି ଯେପରି ଦେଶରେ କିଛି ସମସ୍ୟା ନାହିଁ ଓ ସମସ୍ତେ ଘିଅମହୁରେ ଭାସୁଛନ୍ତି। ଯଦି ଦେଶରେ ସବୁ ଠିକ୍ ଚାଲିଛି, ତେବେ ସରକାରଙ୍କୁ ୮୦ କୋଟି ଲୋକଙ୍କୁ କାହିଁକି ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବାକୁ ପଡୁଛି। ଯିଏ ସୁଖରେ ଅଛି, ତାହା କଥା ସରକାର କହିବା ଅନୁଚିତ, ବରଂ ଯିଏ ଦୁଃଖ ସମସ୍ୟାରେ ଅଛି, ତାହା କଥା କହିବା ଉଚିତ। ଯିଏ ସରକାର ଗଠନ କରୁନା କାହିଁକି, ସବୁ ସମସ୍ୟା ସମାଧାନ କରି ପାରିବନାହିଁ। କିନ୍ତୁ ଯେଉଁ ସମସ୍ୟା ଦେଖାଦେଇଛି, ତାକୁ ସ୍ୱୀକାରକରି ସମାଧାନ ପାଇଁ ପ୍ରୟାସ କରିବା ସରକାରଙ୍କ କର୍ତ୍ତବ୍ୟ।

ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁନା କାହିଁକି, ପ୍ରତ୍ୟେକ ବର୍ଷ ଆପେ ଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧିପାଇବ। ଏପରିକି ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ମୂଲ୍ୟରେ ଆପେ ଆପେ ବୃଦ୍ଧି ପାଇବ ; ଯେପରି ୧୯୫୦–୫୧ରେ ନାମାଙ୍କନ ଜିଡିପି ୧୦,୦୩୬ କୋଟି ଟଙ୍କା ଥିଲାବେଳେ ବଜେଟର ଆକାର ମାତ୍ର ୩୫୭.୪୯ କୋଟି ଟଙ୍କା ଥିଲା। ୨୦୨୩–୨୪ରେ ନୋମିନାଲ ବା ନାମାଙ୍କନ ଜିଡିପି ୨୯୬,୫୭,୭୪୫ କୋଟି ଟଙ୍କା ହୋଇଥିଲା, ଯାହା ସଂଶୋଧିତ ଅଟକଳରେ ଏହା ୪୪. ୯ ଲକ୍ଷ କୋଟି ହୋଇଛି। ଅବଶ୍ୟ ଧାର୍ଯ୍ୟ ବଜେଟ ଅଟକଳ ୪୫.୦୩ ଲକ୍ଷ କୋଟି ଟଙ୍କାରୁ ଏହା କମ୍।



ଯେହେତୁ ବଜେଟର ଆକାର ଆପେ ଆପେ ବୃଦ୍ଧି ପାଉଛି, ଯିଏ ଶାସନ କରୁନା କାହିଁକି କିଛି ନୂତନ ଯୋଜନା କରିବ, ପୁରୁଣା ଯୋଜନାକୁ ଅଧିକ ସକ୍ରିୟ କରିବ। ଏଣୁ କିଛି ଯୋଜନାକୁ ଭିତ୍ତିକରି ବଜେଟର ଭଲମନ୍ଦ ବିଚାର କରାଯାଏ ନାହିଁ। ସେହିପରି କୌଣସି ସରକାର ନିଜେ ଦେଉଛନ୍ତି ବୋଲି କେବେ କହିବା ଅନୁଚିତ। ଏକ ବଜେଟରେ ବ୍ୟୟ ବୃଦ୍ଧି ଘଟିଛି ବୋଲି କୁହାଯିବ ଯଦି ଏହା ନାମାଙ୍କନ ବୃଦ୍ଧି ସହ ତାଳଦେଇ ବୃଦ୍ଧି ପାଏ ବା ମୋଟ ଜିଡିପି ଅନୁସାରେ ବୃଦ୍ଧି ପାଏ। ୨୦୨୪–୨୫ ବର୍ଷ ପାଇଁ ବଜେଟ ବ୍ୟୟ ଅଟକଳ ୪୯.୦୬ ଲକ୍ଷ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି। ୨୦୨୩–୨୪ ନୋମିନାଲ ବା ନାମାଙ୍କନ ଅଭିବୃଦ୍ଧି ୧୦.୫% ଧାର୍ଯ୍ୟ କରାଯାଇଥିଲାବେଳେ ବାସ୍ତବରେ ଏହା ହ୍ରାସ ପାଇ ୮.୯% ହୋଇଛି। ନାମାଙ୍କନ ଜିଡିପି ୨୦୨୪–୨୫ରେ ପୂର୍ବବର୍ଷ ତୁଳନାରେ ୧୦.୫% ବୃଦ୍ଧି ପାଇ ୩୨୭, ୭୧, ୮୦୮ କୋଟି ଟଙ୍କା ହେବ। ଅର୍ଥାତ୍ ନାମାଙ୍କନ ଅଭିବୃଦ୍ଧି ୧୦.୫% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା ବେଳେ ବଜେଟ ବ୍ୟୟ ଅଟକଳ ମାତ୍ର ୬.୧% ବୃଦ୍ଧି ପାଇବ ବୋଲି ଧାର୍ଯ୍ୟ କରାଯାଇଛି। ଏହା ଦର୍ଶାଉଛି, ବ୍ୟୟ ଅଟକଳ ନାମାଙ୍କନ ଅଭିବୃଦ୍ଧି ସହ ତାଳଦେଇ ବୃଦ୍ଧିପାଇବ ନାହିଁ ଏବଂ ଏହା ଏକ ସଙ୍କୁଚିତ ବଜେଟ। ପୁନଶ୍ଚ ଏହି ବୃଦ୍ଧି ହାର ଗତ ୬ ବର୍ଷରେ ସର୍ବନିମ୍ନ। ୨୦୧୯–୨୦ରେ ୧୬%, ୨୦୨୦–୨୧ରେ କରୋନା ମହାମାରୀ ଯୋଗୁ ୩୦.୭%, ୨୦୨୧–୨୨ରେ ୮.୧%, ୨୦୨୨–୨୩ରେ ୧୦.୫% ଏବଂ ୨୦୨୩ –୨୪ରେ ୭.୧%ବୃଦ୍ଧି ପାଇଥିଲା।

ଅତ୍ୟନ୍ତ ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟବରାଦ ବହୁତ କମ୍। ୨୦୨୦–୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ ୨୦୨୧–୨୨ ରେ ୧୫.୯୩%, ୨୦୨୨–୨୩ରେ ୧୫.୩୪%, ୨୦୨୩–୨୪ରେ ଏହା ୧୫. ୧୩%କୁ ହ୍ରାସ ପାଇଥିଲାବେଳେ ୨୦୨୪–୨୫ରେ ୧୩.୭୦% ହେବ ବୋଲି ଧାର୍ଯ୍ୟ କରାଯାଇଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଏହା ଫ୍ରାନ୍ସରେ ୫୮.୩୪%, ଜାପାନ ୪୪.୦୯%, ସୁଇଡେନ୍ ୪୭.୩୨%, ଆମେରିକା ୩୬.୨୬ %, ବ୍ରିଟେନରେ ୪୪.୩%। ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା ବେଳେ ୧୯୮୬ରେ ସର୍ବାଧିକ ରେକର୍ଡ ୧୯.୪୨% ଏବଂ ୧୯୭୦ରେ ରେକର୍ଡ ସର୍ବନିମ୍ନ ୧୧.୮୧% ପହଞ୍ଚିଥିଲା।

ଯେତେବେଳେ କେନ୍ଦ୍ର ବଜେଟ ଆକାର ବୃଦ୍ଧିପାଉନାହିଁ, ସେତେବେଳେ କେତେକ କ୍ଷେତ୍ରରେ ବ୍ୟୟ ବୃଦ୍ଧି ପାଇଲାବେଳେ କିଛି କ୍ଷେତ୍ରରେ ହ୍ରାସ ପାଉଛି। ଯଦି ମୁଦ୍ରାସ୍ଫୀତିକୁ ବିଚାରକୁ ନେବା ତେବେ ହ୍ରାସ ବେଶି ଅଧିକ ହେବ। କେନ୍ଦ୍ର ସରକାରଙ୍କ ବ୍ୟୟ ଜିଡିପି ଅନୁସାରେ ସଙ୍କୁଚିତ ହେଉନି ବରଂ ରାଜ୍ୟକୁ ଦେଉଥିବା ତାଙ୍କ ଅଂଶ ମଧ୍ୟ ହ୍ରାସ ପାଉଛି, ଯାହା ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ।

ଅର୍ଥ କମିଶନ ଅନୁସାରେ ବିଭାଜିତ ପାଣ୍ଠିରୁ ରାଜ୍ୟଗୁଡ଼ିକ ୪୨% (ଜମ୍ମୁ ଓ କଶ୍ମୀରକୁ ୨ଭାଗ ଯୋଗୁ ପଞ୍ଚଦଶ ଅର୍ଥ କମିଶନ ଅନୁସାରେ ୪୧%) ପାଇବା କଥା। କିନ୍ତୁ ସରଚାର୍ଜ, ସେସ୍ ଯୋଗୁ ଏହା କମ୍ ମିଳୁଛି। କାରଣ ସରଚାର୍ଜ, ସେସ୍ ଦ୍ୱାରା ସଂଗୃହୀତ ସମ୍ବଳରେ ରାଜ୍ୟର କିଛି ଅଂଶ ନ ଥାଏ। ୨୦୧୬–୧୭ରେ ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ବିଭାଜନ ପାଣ୍ଠିରୁ ୩୫% ପାଉଥିଲା ବେଳେ ୨୦୨୨–୨୩ ରେ ୩୧.୧୭% ପାଇଥିଲେ। ୨୦୨୩–୨୪ର ସଂଶୋଧିତ ଅଟକଳରେ ଏହା ୩୦.୦%କୁ ହ୍ରାସ ପାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି କିଛି ବର୍ଷ ହେବ ଶିକ୍ଷା,ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ବଜେଟର ମୋଟ ବ୍ୟୟ ଅଟକଳ ଅନୁପାତରେ ବ୍ୟୟ ହ୍ରାସ ପାଉଛି। ବର୍ତ୍ତମାନ ଦରଦାମ ବୃଦ୍ଧି, ବେକାରି, ବୈଷମ୍ୟ, ବଞ୍ଚିବା ଅଧିକ ବ୍ୟୟ ସାପେକ୍ଷ ହେବା ସହ ସାମାଜିକ ଅସ୍ଥିରତା ସୃଷ୍ଟି କରିଛି।

ମୋ: ୯୪୩୭୨୦୮୭୬୨

# ନିଜର ବୋଲି ନ ଥିବେ କେହି



ରାକେଶ ପଣ୍ଡା

ପ୍ରାଚୀନ କାଳରୁ ଲୋକେ ଯୌଥ ପରିବାରରେ ଗୋଟିଏ ଛାତ ତଳେ ରହି ଆସୁଥିଲେ, ଯେଉଁଥିରେ ଜଣେ ଗୁରୁଜନ ପରିବାରର ମୁଖିଆ ହୋଇଥା'ନ୍ତି। ଉକ୍ତ ପରିବାର ଏକ ନୀତି, ନିୟମ ଏବଂ ଆଦର୍ଶ ସହ ଚାଲିଥାଏ। ଏକାଠି ରହିବା ଦ୍ୱାରା ପ୍ରତ୍ୟେକ ସଦସ୍ୟଙ୍କ ମାନସିକ, ଆର୍ଥିକ ଏବଂ ଶାରୀରିକ ସହଯୋଗ ପରସ୍ପର ପ୍ରତି ଅତି ନିବିଡ଼ ଭାବରେ ରହିଥାଏ। ପରିବାରର ପ୍ରତ୍ୟେକ ସଦସ୍ୟ ଘର ଖର୍ଚ୍ଚ ବହନରେ ସହାୟତା କରିଥା'ନ୍ତି ଏବଂ ଜଣଙ୍କ ଉପରେ ଆର୍ଥିକ ଭାର ବା ବୋଝ ପଡ଼ି ନ ଥାଏ। କୌଣସି ଏକ ଅସୁବିଧାକୁ ସମସ୍ତେ ଏକାଠି ହୋଇ ସାମ୍ନା କରନ୍ତି ଏବଂ ମିଳିମିଶି ତା'ର ସମାଧାନର ରାସ୍ତା ବାହାର କରିଥା'ନ୍ତି। ଜଣଙ୍କର ଉପସ୍ଥିତି ଆଉ ଜଣଙ୍କୁ ଏକ ସାହାରା ପରି କାମ ଦେଇଥାଏ। ଗୁରୁଜନମାନଙ୍କଠାରୁ ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ଏବଂ ଉଚିତ୍ ସଂସ୍କାର ମଧ୍ୟ ପ୍ରାପ୍ତି ହୁଏ। ସଦସ୍ୟଙ୍କର ବୃଦ୍ଧାବସ୍ଥା ତଥା ଅନ୍ତିମ ସମୟ ଉପଯୁକ୍ତ ସେବା ଶୁଶ୍ରୂଷା, ଶାନ୍ତି ଏବଂ ଖୁସିରେ କଟିଥାଏ।

କିଛି ଦିନ ତଳେ ଜଣେ ବାଲ୍ୟବନ୍ଧୁଙ୍କ ଘରେ ଉପସ୍ଥିତ ଥିବା ସମୟରେ ତାଙ୍କର ଧର୍ମପତ୍ନୀ ରୋଷେଇ ଘର ମଧ୍ୟରୁ ଡାକ ଛାଡିଲେ, ପୁଅକୁ ଟିକେ ନିଅ। ସେ ବହୁତ ହଇରାଣ କରୁଛି। ତାହା ଶୁଣି ବନ୍ଧୁ ଜଣଙ୍କ ସେଠାକୁ ଧାଇଁଗଲେ। ପୁଅକୁ ସାଙ୍ଗରେ ଧରି ଆଣି ଚାପୁଡାଟାଏ ତା' ଗାଲରେ କଷିଦେଲେ। ସେ ଭେଁ ଭେଁ ହୋଇ କାନ୍ଦିବାରୁ ଉଚ୍ଚ ସରରେ ତାକୁ ଗାଳି କରିବାକୁ ଲାଗିଲେ। ତାହା ଦେଖି ମୁଁ ତାଙ୍କୁ କହିଲି, ଛୋଟ ପିଲାଟାକୁ ଗାଳି କିମ୍ବା ମାଡ଼ ନ ଦେଇ ଭଲରେ ବୁଝେଇ କୁହ। ସେ କହିଲେ, ଓଃ.. ତୁମେ ଜମା ଜାଣିନ ଏ ପିଲା ଏତେ ଦୁଷ୍ଟ ଯେ, ପ୍ରତିଟି ସମୟରେ ମୁଣ୍ଡ ଖରାପ କରିଦେଉଛି। ମୁଁ କହିଲି, ମଉସା, ମାଉସୀଙ୍କୁ ଟିକେ କହୁନ ତାକୁ କିଛି ସମୟ ରଖିବେ। ତାହା ଶୁଣି ବନ୍ଧୁ ଜଣଙ୍କ କହିଲେ, ମୁଁ ଏବେ ଅଲଗା ରହୁଛି। ବାପା ଚାହୁଁଥିଲେ, ମୋ' ବଡ଼ଭାଇ ଏବଂ ଦାଦା, ଖୁଡ଼ୀଙ୍କ ସହ ମିଶି ଏକାଠି ରହିବାକୁ। ହେଲେ ଏତେ ବଡ଼ ପରିବାରରେ ମୋତେ ଅଣନିଃଶ୍ୱାସ ଲାଗିଲା। ସେଥିପାଇଁ ମୁଁ ଅଲଗା ହୋଇଗଲି। ମୁଁ କହିଲି, ସାମାନ୍ୟ ଗୋଟିଏ ଛୋଟ ପିଲାକୁ ତୁମେ ଆଜି ସମ୍ଭାଳିବାକୁ ଅକ୍ଷମ। ତେବେ ଚିନ୍ତା କର, ପାଞ୍ଚ ଜଣ ଭାଇ ଭଉଣୀଙ୍କୁ ତୁମର ବାପା, ମା' କେମିତି ଲାଳନପାଳନ କରିଥିବେ ? ତାହା କେବଳ ସମ୍ଭବ ହୋଇପାରିଥିଲା ଗୋଟିଏ ଛାତ ତଳେ ଏକାଠି ରହୁଥିବା ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଅବଦାନ ଯୋଗୁ।

ତେବେ ଆଜିର ଆଧୁନିକ ସମାଜରେ ପ୍ରତ୍ୟେକ ବ୍ୟକ୍ତି ନିଜର ବ୍ୟକ୍ତିଗତ ଜୀବନଶୈଳୀକୁ ନେଇ ଆଗକୁ ବଢ଼ିବାକୁ ଚାହାନ୍ତି। ଅପରପକ୍ଷରେ ପରିବାର ନିମନ୍ତେ ରହିଥିବା ଆର୍ଥିକ, ଶାରୀରିକ ଏବଂ ମାନସିକ ଦାୟିତ୍ୱ ମଧ୍ୟରୁ ନିଜକୁ ଦୂରେଇନେବା ଲାଗି ସେମାନେ ନିଜର ପରିବାର ସଦସ୍ୟ ଏମିତିକି ମାତାପିତାଙ୍କ ସହ ରହିବାକୁ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। ବିଶେଷକରି ଆଜିର ଯୁବବର୍ଗ ବ୍ୟକ୍ତିଗତ ସ୍ୱାର୍ଥ, ଉନ୍ନତି ଏବଂ ଲାଭକୁ ଦୃଷ୍ଟିରେ ରଖି ତଥା ସେଗୁଡ଼ିକୁ ପ୍ରାଥମିକତା ଦେଇ ନିଜ ପରିବାରଠାରୁ ଦୂରେଇ ଯାଉଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଏହିପରି ଅନେକ ଘଟଣା ନଜରକୁ ଆସେ ଯେ, ସମାଜରେ ବୃଦ୍ଧ ମା'ବାପାମାନେ ନିଜର ପ୍ରତିଷ୍ଠିତ ପୁଅ ଏବଂ ଝିଅମାନଙ୍କ ଦ୍ୱାରା ଅବହେଳିତ ତଥା ବିତାଡ଼ିତ ହୋଇ ବୃଦ୍ଧାଶ୍ରମରେ ସମୟ କାଟୁଛନ୍ତି। ଯଦ୍ୱାରା ସାମୟିକ ଖୁସି ପାଇଁ ଆଜିର ଝିଅ ପୁଅମାନେ ଅଜାଣତରେ ଏକ ଖରାପ ଉଦାହରଣ ନିଜର ପିଲା ମାନଙ୍କ ପାଇଁ ମଧ୍ୟ ସୃଷ୍ଟି କରୁଛନ୍ତି ।

ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ଉକ୍ତ ଚିନ୍ତାଧାରା ଓ କାର୍ଯ୍ୟକଳାପରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ନ ଆସିଲେ ତାହା ହୁଏତ ଆସନ୍ତା ଦିବସଗୁଡ଼ିକରେ ପରିବାରର ଆଗାମୀ ପିଢ଼ି ନିମନ୍ତେ ଏକ ଖରାପ ଉଦାହରଣ ସାଜିବ। ତାହା ଦ୍ୱାରା ସେମାନେ ନିଜର ଚିନ୍ତାଧାରାକୁ ଧର୍ମପତ୍ନୀ ଓ ଜନ୍ମିତ ଝିଅପୁଅଙ୍କ ନିକଟରେ କେନ୍ଦ୍ରୀଭୂତ କରି ରଖିବେ ଏବଂ ପିତା, ମାତା, ଭାଇ, ଭଉଣୀ ଓ ପରିବାରର ଅନ୍ୟ ସଦସ୍ୟଙ୍କଠାରୁ ଅଲଗା ହୋଇ ରହିବାକୁ ପସନ୍ଦ କରିବେ। ଧୀରେ ଧୀରେ ଗୋଟିଏ ଛାତ ତଳେ ରହିବାର ଯେଉଁ ଖୁସି, ଆନନ୍ଦ, ସହଭାଗିତା, ତ୍ୟାଗ ଓ ସୁରକ୍ଷା ସମୟର ଦିଗ୍‌ବଳୟ ମଧ୍ୟରେ ବିଲୀନ ହୋଇଯିବେ। ଦିନ ଆସିବ, ଜଣେ ବ୍ୟକ୍ତି ନିକଟରେ ନିଜର ବୋଲି ମଣିଷ କେହି ନ ଥିବେ!

ବନ୍ଧାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

## ପାଠକ ଶ୍ରେଷ୍ଠ ବିଚାରକ

### ଆପାର୍ଟମେଣ୍ଟ ପଞ୍ଜୀକରଣରେ ଶିଥିଳତା କାହିଁକି

ମହାଶୟ,

ଆମ ରାଜଧାନୀରେ ଗଢ଼ିଉଠିଥିବା ଆପାର୍ଟମେଣ୍ଟଗୁଡ଼ିକରୁ ଅଧୁନା ପ୍ରାୟ ୧୦,୦୦୦ ଆପାର୍ଟମେଣ୍ଟ ପଞ୍ଜୀକରଣ ନ ହୋଇ ପଡ଼ିରହିଛି। ଏହା ଉପଯୁକ୍ତ କ୍ରେତାମାନଙ୍କୁ ହସ୍ତାନ୍ତର ହୋଇପାରୁନାହିଁ। ଆପାର୍ଟମେଣ୍ଟ ପଞ୍ଜୀକରଣ ନ ହୋଇପାରିବାରୁ ମାତ୍ର ହାତଗଣତି କେତୋଟି ଆପାର୍ଟମେଣ୍ଟରେ କେତ୍ରାମାନଙ୍କୁ ଏହାର ପଜେଶନ ମିଳିପାରିଛି। ବିଡ଼ମ୍ବନାର ବିଷୟ, ବିଗତ ୩୮ ବର୍ଷ ହେବ ଏହି ନିୟମ ପଞ୍ଜୀକରଣ ହୋଇପାରୁନାହିଁ। ୧୯୮୨ ମସିହାରୁ ବିନା ପଞ୍ଜୀକରଣରେ କେତେକ ଆପାର୍ଟମେଣ୍ଟ କ୍ରେତାଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଯଥା ପୂର୍ବଂ ତଥା ପର ନୀତିରେ ସେଗୁଡ଼ିକ ସେହିପରି ପଡ଼ିରହିଛି। ଏପଟେ ରାଜସ୍ୱ ବିଭାଗର ଆୟ ବୃଦ୍ଧି ହେବା ପାଇଁ ଆପାର୍ଟମେଣ୍ଟଗୁଡ଼ିକ ଛତୁ ଫୁଟିଲାଭଳି ବଢ଼ି ବଢ଼ି ଚାଲିଛି। ପ୍ରଶ୍ନ ଉଠୁଛି, ଆପାର୍ଟମେଣ୍ଟଗୁଡ଼ିକର ସୁରକ୍ଷା ଯଦି ନିର୍ମାଣ ପୂର୍ବରୁ ପଞ୍ଜୀକରଣ କରାଯାଆନ୍ତା ତା'ହେଲେ ଘଟୁଥିବା ଅଗ୍ନିକାଣ୍ଡ ଓ ଅନ୍ୟାନ୍ୟ ଦୁର୍ଘଟଣାଜନିତ କ୍ଷୟକ୍ଷତିକୁ ବହୁ ପରିମାଣରେ ଏଡ଼ାଇ ଦିଆଯାଇପାରନ୍ତା। ସରକାର ଏ ଦିଗରେ ସଚେତନ ହେବା ନିହାତି ଆବଶ୍ୟକ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

## ଚିରନ୍ତନୀ

ମାସେ ହେଲେ କାହୁଁ ଦେବ
ନାହିଁ ତାର ଭାବନା ତ
ଦେଖାଯିବ ଏହିନାଗେ
ଚକେ ଗଲେ ବାରହାତ।
–(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବଲାଙ୍ଗୀର ବିକାଶର ଶ୍ରେୟ

# ପ୍ରତିଦ୍ୱନ୍ଦ୍ୱୀଙ୍କ ହୋର୍ଡିଂ ଯୁଦ୍ଧ

ବଲାଙ୍ଗୀର, ୨୧।୨
(ବୀରେନ୍ଦ୍ର କୁମାର ଝାଙ୍କର)

ସାଧାରଣ ନିର୍ବାଚନ ପୂର୍ବରୁ ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ନେତାଙ୍କ ଫଟୋ ଥିବା ହୋର୍ଡିଂ, ପୋଷ୍ଟର, ବ୍ୟାନର ଛାଇଗଲାଣି। ଏସବୁ ଲଗାଇବାରେ କଂଗ୍ରେସ ଓ ବିଜେଡି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ସହରର ମୁଖ୍ୟରାସ୍ତା କଡ଼, ଜଳଗହଳିପୂର୍ଣ୍ଣ ଛକ, ଦୋକାନ ବଜାର ସହ ଛାତ ଉପର ହୋର୍ଡିଂଷ୍ଟାଣ୍ଡରେ ଉଭୟ ଦଳର ବାର୍ତ୍ତା ଥିବା ପୋଷ୍ଟର, ହୋର୍ଡିଂ ଲାଗିଗଲାଣି। ଏଇ ପୋଷ୍ଟର ଏବଂ ହୋର୍ଡିଂୱାରରେ ବଲାଙ୍ଗୀରର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ପରିଚିତ ମିଶ୍ର ପରିବାର ଓ ରାଜପରିବାର ଆଗରେ ଅଛନ୍ତି।

୨୦୧୪ରୁ ୧୦ବର୍ଷ ହେଲା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ବଲାଙ୍ଗୀର ବିଧାୟକ ରହିଛନ୍ତି। ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ପ୍ରାୟ ୨୫ବର୍ଷ ବିଜେଡି ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂଦେଓ ବିଧାୟକ ରହିଥିଲେ। ଏହା ସହିତ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଅନଙ୍ଗ ଉଦୟଙ୍କ ବଡ଼ପୁଅ କଳିକେଶ ବଲାଙ୍ଗୀର ଲୋକ ସଭା ସଦସ୍ୟ ଥିଲେ। ୨୦୧୪ରେ ଅନଙ୍ଗଙ୍କୁ ନରସିଂହ ପରାସ୍ତ କରିଥିଲେ। ୨୦୧୯ ନିର୍ବାଚନରେ କଳିକେଶ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓଙ୍କଠାରୁ ହାରିଗଲେ। କ୍ଷମତାରୁ ଗୋଟେ ପ୍ରକାର ଦୂରରେ ରହିଛନ୍ତି। ନରସିଂହ ୨୦୧୪ ଓ ୨୦୧୯ରେ ବିଜୟୀ ହୋଇଥିଲେ ମଧ୍ୟ ୨୦୨୪ ନିର୍ବାଚନରେ ପ୍ରାର୍ଥୀ ହେବନାହିଁ ବୋଲି ଘୋଷଣା କରିଛନ୍ତି। ତାଙ୍କ ପୁଅ ସମରେନ୍ଦ୍ର ଏଥର ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଜୋର ଧରିଛି। ମିଶ୍ର ପରିବାରର ପ୍ରଭାବ ହ୍ରାସ ପାଇଁ ସିଂଦେଓ ପରିବାର ଉଦ୍ୟମ କରୁଥିବା ଜଣାପଡୁଛି। କଂଗ୍ରେସ ପକ୍ଷରୁ ଯେଉଁଠି ପୋଷ୍ଟର କି ହୋର୍ଡିଂ ଲଗାଯାଇଛି, ତା' ପାଖରେ ସେମାନେ ନିଜ ଫଟୋଥିବା ପୋଷ୍ଟର ଲଗାଉଛନ୍ତି।

କଂଗ୍ରେସ ହୋର୍ଡିଂରେ ନରସିଂହ ଓ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କ ଫଟୋ ରହିଛି। କଂଗ୍ରେସ ଦଳର ପୋଷ୍ଟର ବା ହୋର୍ଡିଂରେ ଲୋୟର ସୁକ୍‌ତେଲ ପ୍ରକଳ୍ପ, ଭୀମ ଭୋଇ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ, କିରାବାହାଲର ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ, ଭୀମପାହାଡ଼ ପର୍ଯ୍ୟଟନ ପ୍ରକଳ୍ପ, ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବସ୍ ଟର୍ମିନାଲ, ଏମ୍‌ସିଏଚ୍ କୋଠା, କୋଭିଡ ହସ୍ପିଟାଲ, ପାନୀୟ ଜଳ ପ୍ରକଳ୍ପ, ବାଇପାସ୍, ସେତୁ ଓ ଅନ୍ୟପ୍ରକଳ୍ପଗୁଡ଼ିକର ଫଟୋ ରହିଛି। ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ନରସିଂହଙ୍କ ଅବଦାନ ସମ୍ପର୍କରେ ସୂଚନା ଦିଆଯାଇଛି। ସେଇ ହୋର୍ଡିଂରେ କରିଛୁଁ, କରିମୁଁ, ୨୫ ବର୍ଷ ବନାମ ୧୦ବର୍ଷ ଲେଖା ବି ଯାଇଛି। ଠିକ୍ ଏହି ହୋର୍ଡିଂର ପାଖେ ରାଜପରିବାରର ବିଜେଡି ସଦସ୍ୟଙ୍କ ଏକ ହୋର୍ଡିଂ ଲାଗିଛି। ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନଙ୍ଗ ଏବଂ ତାଙ୍କ ଦୁଇପୁଅ ପୂର୍ବତନ ଲୋକ ସଭା ସଦସ୍ୟ ତଥା ଏବକାର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ଓ ୨୦୧୯ରେ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ଅର୍କେଶ ନାରାୟଣ ସିଂଦେଓଙ୍କ ଫଟୋ ରହିଛି। ଏହି ହୋର୍ଡିଂରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ସୁନ୍ନି ସଦର ମସଜିଦ୍, ସିଏନ୍‌ଆଇ ଚର୍ଚ୍ଚ, ଜରାସିଂହା ପାଟଖଣ୍ଡା ମନ୍ଦିର, କୋଶଳ କଳା ମଣ୍ଡଳ ପଡ଼ିଆ ଫଟୋ ଏବଂ କେତେ ଟଙ୍କା ଅନୁଦାନ ଦିଆଯାଇଛି। ଏଭଳି ହୋର୍ଡିଂ ଏବଂ ପୋଷ୍ଟର ଲଗାଇ ଭୋଟର ଏବଂ ଜନସାଧାରଣଙ୍କୁ ଦୁଇ ଦଳ ଆକୃଷ୍ଟ କରୁଛନ୍ତି। ଉଭୟ ପକ୍ଷଙ୍କ ପୋଷ୍ଟର ୱାର ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।



ବଲାଙ୍ଗୀର ସହରରେ ଲାଗିଥିବା ନରସିଂହ ମିଶ୍ର ଏବଂ ଅନଙ୍ଗଉଦୟ ସିଂଦେଓଙ୍କ ପରିବାରର ହୋର୍ଡିଂ।

## ପ୍ରତି ଜିଲା, ବ୍ଲକରେ ମହିଳାଙ୍କ ନ୍ୟାୟ ପାଇଁ ଲଢ଼େଇ କରିବ ମହିଳା କଂଗ୍ରେସ: ଅଲକା

ଭୁବନେଶ୍ୱର, ୨୧।୨ (ସୁନିତ୍ ମିଶ୍ର)



ରାଜ୍ୟରେ ଜନସଂଖ୍ୟାର ୫୦ ଭାଗ ମହିଳା ହୋଇଥିଲେ ମଧ୍ୟ ବର୍ତ୍ତମାନ ସେମାନଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ। ମହିଳାମାନେ ଏ ରାଜ୍ୟରେ ଆଦୌ ସୁରକ୍ଷିତ ନୁହନ୍ତି। ପ୍ରତିଦିନ ଓଡ଼ିଶାରେ ୭ ଜଣ ମହିଳା ବଳାତ୍କାରର ଶିକାର ହେଉଥିବା ଏନ୍‌ଏସ୍‌ଆର୍‌ବି ରିପୋର୍ଟରେ ପ୍ରକାଶ ପାଇଛି। ଖାଲି ସେତିକି ନୁହେଁ, ଏହି ୭ ଜଣ ମହିଳାଙ୍କ ମଧ୍ୟରୁ ୪ ଜଣ ନାବାଳିକା । ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ମହିଳା ନିଖୋଜରେ ଓଡ଼ିଶା ଭାରତବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ବୋଧହୁଏ ରାଜ୍ୟ ସରକାରଙ୍କ ବଡ଼ ଉପଲବ୍ଧି ବୋଲି ଅଖିଳ ଭାରତ ଜାତୀୟ କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଲକା କହିଛନ୍ତି, ଆସନ୍ତା ଦିନରେ ରାଜ୍ୟ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରତ୍ୟେକ ଜିଲା ଓ ବ୍ଲକରେ ମହିଳମାନଙ୍କ ନ୍ୟାୟ ପାଇଁ ଲଢ଼େଇ ହେବ। ରାଜ୍ୟର ମହିଳାଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ପାଇଁ ସେମାନେ ବ୍ଲକ୍‌ସ୍ତରରୁ ଲଢ଼େଇ କରିବେ। ୨୦୦୦ ମସିହା ବେଳକୁ କଂଗ୍ରେସ ସରକାର ସମୟରେ ମଦରୁ ମାତ୍ର ୧୧୪.୮୨ କୋଟି ଟଙ୍କା ଆୟ ହେଉଥିଲା, କିନ୍ତୁ ଆଜି ତାହା ୬,୪୫୫ କୋଟି ଟଙ୍କାରେ ପହଞ୍ଚିଲାଣି। ମଦରୁ ଆୟ କରି ରାଜ୍ୟ ରାଜକୋଷକୁ ଭରାଯାଉଛି। ବର୍ତ୍ତମାନ ପ୍ରତ୍ୟେକ ପରିବାରରେ ପୁଅ ଏବଂ ବାପା ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। କଂଗ୍ରେସ ସରକାର ସମୟରେ ଖାଦ୍ୟ ପଦାର୍ଥର ଦରଦାମ ଯାହା ଥିଲା ବର୍ତ୍ତମାନ ଅଟାଠାରୁ ଆରମ୍ଭକରି ବିସ୍କୁଟ ପର୍ଯ୍ୟନ୍ତ ପାଖାପାଖି ୨୦୦%ବୃଦ୍ଧି ଘଟିଛି। ଏ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କେବଳ ଭୋଟ ପାଇଁ ବ୍ୟବହାର କରୁଛନ୍ତି ବୋଲି ଅଲକା କହିଛନ୍ତି।

# ପଦ୍ମ ଧରିଲେ ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର, ୨୧।୨
(ସୁନିତ୍ ମିଶ୍ର)

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ନେଇ ଯେଉଁସବୁ ଚର୍ଚ୍ଚା ଚାଲିଥିଲା ତା'ର ଅନ୍ତ ଘଟିଛି। ବିଜେଡିରୁ ବହିଷ୍କୃତ ପ୍ରଦୀପ ବୁଧବାର ତାଙ୍କର କେତେଜଣ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଦୀର୍ଘଦିନ ହେଲା ପ୍ରଦୀପ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା। ସେହି ଚର୍ଚ୍ଚାର ବର୍ତ୍ତମାନ ପୂର୍ଣ୍ଣଚ୍ଛେଦ ପଡ଼ିଛି। ମନମୋହନ ପ୍ରଦୀପ ଏବଂ ତାଙ୍କୁ ସମର୍ଥକମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

ଏହି ଅବସରରେ ପ୍ରଦୀପ ବିଜେଡିକୁ ଟାର୍ଗେଟକରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ସାରା ବିଶ୍ୱରେ ସମ୍ମାନିତ କରିଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ମିଶିଛନ୍ତି। ଓଡ଼ିଶାରେ ଅନ୍ଧ, ମୂକ, ବଧିର, ଗର୍ବୀ, ଅହଂକାରୀ ସରକାରକୁ ହଟାଇବାର ସମୟ ଆସିଛି। ଅଟଳ ବିହାରୀ ବାଜପେୟୀଙ୍କ ଆଶୀର୍ବାଦରେ ଓଡ଼ିଶାରେ ବିଜେଡି ମୁଖ୍ୟମନ୍ତ୍ରୀ ପଦ ପାଇଥିଲା। ହେଲେ ପରେ ନିଜର ସ୍ୱାର୍ଥ ଲାଗି ଭାଜପାର ହାତ ବିଜେଡି ଛାଡ଼ିଥିଲା। ବିଜେଡିକୁ ହଟାଇବା ଓ ଭାଜପାକୁ କ୍ଷମତାକୁ ଆଣିବାର ସମୟ ଆସିଛି। ପୂର୍ଣ୍ଣ ସମର୍ଥନ ଦେଇ ଥରେ ଭାଜପାକୁ ଓଡ଼ିଶାରେ କ୍ଷମତାସୀନ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି, ଭାଜପା ଓଡ଼ିଶାରେ ସରକାର କଲେ ଲୋକଙ୍କ ପାଇଁ ସମର୍ପିତ ହେବ। ଭାଜପା ସରକାର ଆସିଲେ ରାଜ୍ୟରେ ସଚିବାଳୟଠାରୁ ମନ୍ତ୍ରଣାଳୟ ସମସ୍ତଙ୍କ ପାଇଁ ଖୋଲା ରହିବ। ଶ୍ରେଷ୍ଠ ଭାରତ, ଶ୍ରେଷ୍ଠ ଓଡ଼ିଶା ଗଠନର ପ୍ରକୃଷ୍ଟ ସମୟ ଆସିଛି। ବର୍ତ୍ତମାନ ଓଡ଼ିଶାବାସୀ ପରିବର୍ତ୍ତନ ମୁହାଁ ହୋଇଛନ୍ତି। ଓଡ଼ିଶାରେ ଏକଚ୍ଛତ୍ରବାଦୀ ସରକାର ହଟାଇ ଲୋକତନ୍ତ୍ର ସରକାର ଆଣିବା ଦରକାର। 'ଓଡ଼ିଶାରେ ଡବଲ ଇଞ୍ଜିନ' ସରକାର ଗଠନ ହେଲେ ବିକାଶ ଧାରା ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରଦୀପ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ନଭେମ୍ବର ୨୦ରେ ଜନବିରୋଧୀ କାର୍ଯ୍ୟ ପାଇଁ ପ୍ରଦୀପଙ୍କୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଥିଲା। ୨୦୦୯ରୁ ଲଗାତର ୩ଥର ସେ ଗୋପାଳପୁର ବିଧାୟକ ହୋଇଛନ୍ତି। ୨୦୧୪ରେ ନବୀନ ସରକାରରେ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ଥିଲେ। ୨୦୧୭ ଯାଏ ବିଭିନ୍ନ ବିଭାଗ ସମ୍ଭାଳିଥିଲେ। ପ୍ରଥମେ ତାଙ୍କ ଭାବୀ ସମୁଦି ଆଇଏଫ୍‌ଏସ୍ ଅଫିସର ଅଭୟ ପାଠକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ହେଲା। ଏପରିକି ଅଭୟ ଓ ତାଙ୍କ ପୁଅ ଆକାଶଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା। ଟାଟା କମ୍ପାନୀରେ ଚାକିରି କରାଇଦେବାକୁ କହି ଆକାଶ ଟଙ୍କା ନେଇଥିବା କୁହାଯାଇଥିଲା। ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଏଥିରେ ସମ୍ପୃକ୍ତ ଥିବାର ଅଭିଯୋଗକରି ତାଙ୍କ ଉପରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ୨୦୨୦ ଡିସେମ୍ବର ୩ ରେ କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ଗିରଫ କରିଥିଲା। ୨୦୨୦ରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ୨୦୨୧ ଜୁନ୍‌ରେ ପ୍ରଦୀପ ଜାମିନରେ ଆସିଥିଲେ। ୨୦୨୪ ସାଧାରଣ ନିର୍ବାଚନକୁ କମ୍ ସମୟ ଥିବାବେଳେ ସେ ଭାଜପାରେ ଯୋଗଦେଇଛନ୍ତି। ସେ ବ୍ରହ୍ମପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ନେଇ କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି।



ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟଠାରେ ବୁଧବାର ରାଜ୍ୟ ଭାଜପା ସଭାପତି ମନମୋହନଙ୍କ ଉପସ୍ଥିତିରେ ପ୍ରଦୀପ ପାଣିଗ୍ରାହୀ ଏବଂ ତାଙ୍କ ସମର୍ଥକ ଭାଜପାରେ ଯୋଗ ଦେଉଛନ୍ତି।

# ବିଜେଡିରେ ତାଲିକା ଲମ୍ବା, ଭାଜପାରେ ୨

ବାଲେଶ୍ୱର, ୨୧।୨ (ମାନସ ବିଶ୍ୱାଳ)

ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ । ତଥାପି ଏବେଠୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଲାଣି। ବିଶେଷ କରି ଦଳୀୟ ଟିକେଟ ହାତେଇବା ପାଇଁ ଆଶାୟୀମାନେ ସେମାନଙ୍କ ଲବି ଜୋରଦାର କଲେଣି। ଏହି କ୍ରମରେ ବାଲେଶ୍ୱର ଜିଲା ରେମୁଣା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଏକାଧିକ ଆଶାୟୀ ଦଳୀୟ ଟିକେଟ ପାଇଁ କସରତ ଆରମ୍ଭ କରି ଦେଇଛନ୍ତି। ବିଶେଷକରି ବିଜେଡି ଟିକେଟ ପାଇଁ ବହୁ ଆଶାୟୀ ମୁଣ୍ଡ ଟେକିଛନ୍ତି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୁଧାଂଶୁ ଶେଖର ପରିଡା ଭାଜପା ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ପରାଜିତ କରି ବିଜୟୀ ହୋଇଥିଲେ । ପରବର୍ତ୍ତୀ ସମୟରେ ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡିରୁ ବହିଷ୍କାର କରିଛନ୍ତି। ସେ ଦଳରୁ ବହିଷ୍କୃତ ହୋଇଥିବାରୁ ଆସନ୍ତା ନିର୍ବାଚନରେ ସୁଧାଂଶୁଙ୍କୁ ବିଜେଡି ଟିକେଟ ମିଳିବା ସମ୍ଭାବନା କମ୍ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତେଣୁ ବିଜେଡିରେ ଏବେ ଏକାଧିକ ଆଶାୟୀ ଟିକେଟ ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ବିଜେଡି ଟିକେଟ ଦୌଡ଼ରେ ଯେଉଁମାନଙ୍କ ନାମ ଚର୍ଚ୍ଚା ହେଉଛି ସେମାନେ ହେଲେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଯୁବନେତା ଦୀପକ ମଲ୍ଲିକ, ସମିତି ସଭ୍ୟା ଶାନ୍ତା ଦାସ, ବଂଶୀଧର ଦଳେଇ, ଯୁବନେତା ଚନ୍ଦନ ମଲ୍ଲିକ ଓ ପ୍ରଫେସର ଶତୃଘ୍ନ ମଲ୍ଲିକ। ସୁଦର୍ଶନ ୨୦୦୯ରେ ରେମୁଣା ଆସନରୁ ବିଜେଡି ବିଧାୟକ ଭାବେ ବିଜୟୀ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ଗୋବିନ୍ଦ ଦାସଙ୍କ ଠାରୁ ପରାଜିତ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ସୁଦର୍ଶନଙ୍କୁ ଟିକେଟ ନ ଦେଇ ସୁଧାଂଶୁଙ୍କୁ ପ୍ରାର୍ଥୀ କରିଥିଲା। ଏବେ ସୁଧାଂଶୁ ବିଜେଡିରୁ ବହିଷ୍କାର ହେବା ପରେ ସୁଦର୍ଶନ ପୁଣି ଥରେ ଦଳୀୟ ଟିକେଟ ରେସ୍‌ରେ ଥିବା ଜଣାପଡ଼ିଛି। ସେହିପରି ରେମୁଣା ଆସନ ପାଇଁ ଯୁବନେତା ଇଞ୍ଜିନିୟର ଦୀପକ ମଲ୍ଲିକଙ୍କ ନାମକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ଦୀପକ ଆଇଆଇଟି ଖଡ଼ଗପୁରରେ ଇଞ୍ଜିନିୟରିଂ ଶିକ୍ଷାଲାଭ କରିବା ପରେ ସେ ଭୁବନେଶ୍ୱରରେ ଏକ ଷ୍ଟାର୍ଟଅପ୍ କମ୍ପାନୀ ଖୋଲିଛନ୍ତି। ବହୁ ଯୁବକଙ୍କୁ ନିଯୁକ୍ତି ମଧ୍ୟ ଦେଇଛନ୍ତି। ସେ ରାଜନୀତିକୁ ଆସି ଲୋକଙ୍କ ସେବା କରିବାକୁ ଚାହୁଁଛନ୍ତି ବୋଲି ଦୀପକ କହିଛନ୍ତି। ୨୦୧୪ରେ ଦୀପକ ଭାଜପାରେ ସାମିଲ ହୋଇଥିଲେ । ହେଲେ ସେ ଭାଜପାକୁ ଅଳ୍ପଦିନ ପରେ ପରିତ୍ୟାଗ କରିଥିଲେ। ଦୀପକଙ୍କ ବାପା ସିମୁଳିଆ ବ୍ଲକର ଭାଜପା ସମର୍ଥିତ ବ୍ଲକ ଅଧ୍ୟକ୍ଷ ଅଛନ୍ତି। ଯଦି ଦୀପକଙ୍କୁ ବିଜେଡି ଟିକେଟ ମିଳେ, ତେବେ ତାଙ୍କ ବାପା ମଧ୍ୟ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ଆଲୋଚନା ହେଉଛି। ରେମୁଣାରେ ଦୀପକ ବିଭିନ୍ନ ସାମାଜିକ କାର୍ଯ୍ୟ ସହ ସଭାସମିତିରେ ମଧ୍ୟ ଲିପ୍ତ ରହୁଛନ୍ତି। ଜଣେ ଯୁବନେତା ଭାବରେ ତାଙ୍କର ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହ ଉତ୍ତମ ସମ୍ପର୍କ ରହିଛି। ସମିତି ସଭ୍ୟା ଶାନ୍ତା ଦାସଙ୍କ ନାମ ମଧ୍ୟରେ ଚର୍ଚ୍ଚାରେ ରହିଛି। ସେହିପରି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ମଧ୍ୟ ବିଜେଡି ଟିକେଟ ଦୌଡ଼ରେ ଅଛନ୍ତି। ଶତ୍ରୁଘ୍ନ ଏବେ ବାଲେଶ୍ୱର ବିଜେଡିର ଏସ୍‌ସିଏସଟି ମୋର୍ଚ୍ଚାର ସଭାପତି ଅଛନ୍ତି। ପ୍ରଫେସର ଶତ୍ରୁଘ୍ନ ବିଭିନ୍ନ ସରକାରୀ କଲେଜରେ ଅଧ୍ୟାପନା କରି ଅବସର ପରେ ବିଜେଡିରେ ସାମିଲ ହୋଇଥିଲେ। ସେ ୨୦୦୯ରୁ ବିଜେଡି ଟିକେଟ୍ ପାଇଁ ଆଶାୟୀ ଥିଲେ ମଧ୍ୟ ତାଙ୍କୁ ଏଥିରେ ସଫଳତା ମିଳିନାହିଁ। ଅପରପକ୍ଷରେ ତେବେ ରେମୁଣା ବିଜେଡିରେ ଏକାଧିକ ଆଶାୟୀ ଥିବାରୁ ଦଳ କାହାକୁ ଭରସା କରୁଛି ତାକୁ ଦେଖିବାକୁ ବାକି ରହିଛି। ଅପରପକ୍ଷରେ ଭାଜପା ଟିକେଟ ପାଇଁ ପୂର୍ବତନ ବିଧାୟକ ଗୋବିନ୍ଦ ଦାସ ଓ ବିଜୟ ସେଠୀ ପ୍ରମୁଖ ଦାବିଦାର ରହିଥିବାବେଳେ କଂଗ୍ରେସ ଏହି ଆସନରେ ଦୁର୍ବଳ ରହିଛି। ତେଣୁ ଏଠାରେ କଂଗ୍ରେସ ଆଶାୟୀଙ୍କ ନାମ ଚର୍ଚ୍ଚାକୁ ଆସୁନାହିଁ। ରେମୁଣା ନିର୍ବାଚନମଣ୍ଡଳୀ ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୨୦୦୯ରେ ଏହି ନିର୍ବାଚନମଣ୍ଡଳୀ ପୁନର୍ଗଠନ ହୋଇଥିଲା। ଅଦ୍ୟାବଧି ଏହି ଆସନରେ ଦୁଇ ଥର ବିଜେଡି ବାଜିମାତ୍ କରିଥିବାବେଳେ ଭାଜପା ଥରେ ବିଜୟ ଲାଭ କରିଛି। କଂଗ୍ରେସର ସ୍ଥିତି ଭଲ ନ ଥିବାରୁ ଆସନ୍ତା ନିର୍ବାଚନରେ ଏହି ଆସନରେ ବିଜେଡି ଓ ଭାଜପା ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।


ସୁଦର୍ଶନ ଜେନା


ଦୀପକ ମଲ୍ଲିକ


ଶାନ୍ତା ଦାସ

**ରେମୁଣା ନିର୍ବାଚନମଣ୍ଡଳୀ**

**ବିଜେଡି ଦୌଡ଼ରେ ସୁଦର୍ଶନ, ଦୀପକ, ଶାନ୍ତା**

**ଭାଜପାରେ ଗୋବିନ୍ଦ, ବିଜୟ**

**ଚର୍ଚ୍ଚାକୁ ଆସୁନି କଂଗ୍ରେସ**

## ପ୍ରଦୀପଙ୍କୁ କୋଳେଇ ଭାଜପା ନିଜର ଅସଲ ଚେହେରା ଦେଖାଇଲା: ବିଜେଡି

ଭୁବନେଶ୍ୱର, ୨୧।୨ (ଅନିଲ ଦାସ)

ପ୍ରଦୀପ ପାଣିଗ୍ରାହୀ ହେଉଛନ୍ତି ଏମିତି ଜଣେ ଜନ ବିରୋଧୀ ନେତା, ଯିଏ ନିଜ ଜ୍ୱାଇଁ ଆକାଶ ପାଠକ ଏବଂ ସମୁଦି ତଥା ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟ ପାଠକଙ୍କ ସହ ମିଶି ଷଡ଼ଯନ୍ତ୍ର କରି ଚାକିରି ଦେବା ନାଁରେ ନିଜ ନିର୍ବାଚନମଣ୍ଡଳୀର ଗରିବ ସାଧାରଣ ଲୋକ ଓ ବେକାର ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କାର ଠକେଇ କରିଥିଲେ। ଏଭଳି ଜଣେ ନେତାଙ୍କୁ ଭାଜପା କୋ ।ଳେଇ ନେଇ ତା'ର ଅସଲ ଚେହେରା ଦେଖାଇଛି ବୋଲି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି। ବୁଧବାର ଶଙ୍ଖଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ଭାବୀ ଜ୍ୱାଇଁକୁ ଟାଟା ମୋଟର୍ସର ଏମ୍‌ଡି ଦର୍ଶାଇ ନିଜ ନିର୍ବାଚନମଣ୍ଡଳୀର ବେକାର ଗରିବ ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ଠକିଥିଲେ। ଠକେଇ ମାମଲା ଧରା ପଡ଼ିବା ପରେ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ପାଠକ ବାପା-ପୁଅ ଗିରଫ ହୋଇଥିଲେ ଏବଂ ମାସ ମାସ ଧରି ଜେଲରେ ଥିଲେ। କୋଭିଡ୍ ସମୟରେ ଗଞ୍ଜାମକୁ ଫେରୁଥିବା ଲୋକଙ୍କୁ କିଭଳି ସୁରକ୍ଷିତ ରଖାଯିବ ଓ କିଭଳି ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ, ସେ ନେଇ ଜନ ପ୍ରତିନିଧି ଓ ପ୍ରଶାସନ ତତ୍ପରତା ଦେଖାଉଥିବାବେଳେ ଲୋକଙ୍କୁ ଠକି ସେଇ ଟଙ୍କାରେ ପ୍ରଦୀପ ପାଣିଗ୍ରାହୀ ମଉଜ କରୁଥିଲେ। ପ୍ରଦୀପଙ୍କ ଏଭଳି ଜନବିରୋଧୀ ନୀତି ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଠୋର ଏବଂ କଡ଼ା ଆଭିମୁଖ୍ୟ ଦେଖାଇ ତାଙ୍କୁ ଦଳରୁ ବହିଷ୍କୃତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଦୀପ ପାଣିଗ୍ରାହୀଙ୍କୁ ଏହି ମାମଲାରେ ଠକ ଏବଂ ଲୋକଙ୍କ ପଇସା ଲୁଟିଥିବା ଜଣେ ଲମ୍ପଟ ବୋଲି କହିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ କୁଆଡ଼େ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହେବାର ଥିଲା। ହେଲେ ପ୍ରଦୀପଙ୍କ କଳା କାରନାମା ଜାଣିବା ପରେ ରାଜନାଥ କୁଆଡ଼େ ସଫା ସଫା ମନା କରିଦେଲେ। ତେଣୁ ତରବରିଆ ଭାବେ ଏହି ମିଶ୍ରଣ ପର୍ବର ଆୟୋଜନ ଓଡ଼ିଶା ଭାଜପା କାର୍ଯ୍ୟାଳୟରେ କରାଯାଇଛି ବୋଲି ଈପ୍ସିତା କହିଛନ୍ତି ।

# କେନ୍ଦ୍ର ହାୱାରେ ଭାଜପାର କ୍ଷମତା ଆଶା

ଯାଜପୁର, ୨୧।୨ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ୨୪ ବର୍ଷ ଧରି ବିଜେଡି ସରକାରରେ ରହିଛି। ତୃଣମୂଳସ୍ତରରେ ଦଳ ବେଶ୍ ଶକ୍ତିଶାଳୀ ଥିବା ଦାବି କରୁଛି। ଯଦିଓ ୨୦୧୭ ପଞ୍ଚାୟତ ଓ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରମୁଖ ବିରୋଧୀ ଭାବେ ଉଭା ହୋଇଥିଲା, ଆଶା କରାଯାଉଥିଲା ଦଳ ମଜଭୁତ ସ୍ଥିତିକୁ ଫେରିବ। ହେଲେ ୨୦୨୨ ପଞ୍ଚାୟତ ନିର୍ବାଚନରେ ଯାଜପୁରରେ ସେଭଳି କିଛି ସୁଫଳ ଭାଜପାକୁ ମିଳିଲା ନାହିଁ। ବିଜେଡିର ବିକଳ୍ପ ଭାବେ ଭାଜପା ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିନାହିଁ। ତୃଣମୂଳସ୍ତରରେ ବିଭିନ୍ନ ଲୋକହିତକର ଯୋଜନାରେ ଅବହେଳା ଓ ଦୁର୍ନୀତି, ଖଣି ଓ ଶିଳ୍ପାଞ୍ଚଳରେ ସ୍ଥାନୀୟ ବେକାରି ସମସ୍ୟା, ପାନୀୟ ଜଳ, ଚଣ୍ଡିଖୋଲରେ ତୈଳ ଭଣ୍ଡାର ପ୍ରତିଷ୍ଠା, ପ୍ରସ୍ତାବିତ ଯାଜପୁର ରୋଡଠାରୁ ଧାମରା ରେଳପଥକୁ ଅଣଦେଖା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଲୋକଙ୍କ ଆଗକୁ ନ ଆଣି କେବଳ କେନ୍ଦ୍ର ସରକାରଙ୍କ ହାୱା ବଳରେ ଜିଲାରେ ସହଜରେ ନେତୃତ୍ୱ ନେବାର ଭାଜପା ଯେଉଁ ଆଶା କରୁଛି, ତାହା ସେଥିରେ ସଫଳ ହେବ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏପରି କି ବିନା ପରିଶ୍ରମରେ କ୍ଷମତା ମିଳିପାରେନି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

ଯାଜପୁର ଜିଲାରେ ଗତ ସାଧାରଣ ନିର୍ବାଚନର ଫଳାଫଳ ବିଜେଡି ପାଇଁ ସତର୍କ ଘଣ୍ଟି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଥିଲା। ଏମ୍‌ପି ନିର୍ବାଚନରେ ବିଜେଡି ୪୯.୮୧%, ଭାଜପା ୪୦.୫% ଓ କଂଗ୍ରେସ ପ୍ରାର୍ଥୀ ୭.୬୩% ଭୋଟ ପାଇଥିଲେ। ଭାଜପା ୨୦୧୪ ନିର୍ବାଚନରେ ୧୫.୫୩% ରୁ ୫ ବର୍ଷରେ ୪୦.୫%କୁ ଲମ୍ଫ ମାରିଥିଲା। ୨୦୧୭ରେ ଜିଲା ଭାଜପା ସଂଗଠନ ସେତେଟା ସୁଦୃଢ ନ ଥିଲେ ମଧ୍ୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ୬ଟି ଏବଂ ବିଜେଡି ୩୩ଟି ଜିଲା ପରିଷଦ ଆସନ ହାତେଇଥିଲା। ଜିଲା ପରିଷଦ ଆସନ ଦଳୀୟ ଚିହ୍ନରେ ମିଳିଥିବା ଜନାଦେଶରୁ ଭାଜପାର ଭୋଟ ହାର ୧୬ରୁ ପ୍ରାୟ ୩୧ପ୍ରତିଶତକୁ ବୃଦ୍ଧି ଘଟିଥିଲା। ଏହାର ଲାଭ ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ଭାଜପା ଜିଲାରେ ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବେ ଉଭା ହୋଇଥିଲା । ଜିଲାରେ ବଡ଼ଚଣା ଓ ବରୀ ନିର୍ବାଚନମଣ୍ଡଳୀରେ କଡ଼ା ଟକ୍କର ହୋଇଥିଲା। ବଡ଼ଚଣାରେ ଭାଜପା ପ୍ରାର୍ଥୀ ମାତ୍ର ୧,୪୮୫ ଭୋଟ ଓ ବରୀରେ ଭାଜପା ପ୍ରାର୍ଥୀ ମାତ୍ର ୪,୦୬୨ ଭୋଟ ବ୍ୟବଧାନରେ ହାରିଥିଲେ। ଏଭଳି ଫଳାଫଳକୁ ଦେଖି ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଚିନ୍ତା ପଶିଥିଲା। ପରେ ସେମାନେ ନିୟମିତ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କ ଅତି ନିକଟତର ହୋଇଥିଲେ। କିନ୍ତୁ ଭାଜପା ନେତା ଓ କର୍ମୀ ନୀରବ ବସି ରହି କେବଳ ନରେନ୍ଦ୍ର ମୋଦିଙ୍କ ହାୱା ଉପରେ ଭରସା କରିଥିଲେ। ଲୋକଙ୍କ ଆସ୍ଥାଭାଜନ ହେବା ଭଳି କୌଣସି ପଦକ୍ଷେପ ନେଇ ପାରି ନ ଥିଲେ। ଫଳରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ସମସ୍ତ ୩୯ଟି ଜିଲା ପରିଷଦ ଆସନରେ ବିଜେଡି ୨ରୁ ୩ ହଜାର ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ଭାଜପା ଓ କଂଗ୍ରେସକୁ ଗୋଟିଏ ବି ଆସନ ମିଳି ପାରି ନଥିଲା। ଏହାସହ ୧୦ଟି ପଞ୍ଚାୟତ ସମିତି ମଧ୍ୟ ବିଜେଡି ସମର୍ଥିତ ପ୍ରାର୍ଥୀ ଅକ୍ତିଆର କରିଥିଲେ। ଉକ୍ତ ଫଳାଫଳ ପରେ ଅର୍ଥବଳ, ବାହୁ ବଳ ସମେତ ପ୍ରଶାସନିକ କଳର ସହଯୋଗ ପାଇଁ ବିଜେଡି ସବୁଠି ଜିତି ପାରିଛି ବୋଲି ଅଭିଯୋଗ କରି ଭାଜପା କର୍ମୀ ଓ ନେତାମାନେ କେବଳ ସନ୍ତୁଷ୍ଟି ଲାଭ କରିଥିଲେ। ପୌର ନିର୍ବାଚନରେ ମଧ୍ୟ ଭାଜପାକୁ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଜେଡି ସରକାର ବିରୋଧରେ ରହିଥିବା ରାଶନ କାର୍ଡ, ସମାଜ ମଙ୍ଗଳ ବିଭାଗ ଦ୍ୱାରା ମିଳୁଥିବା ଭତ୍ତା ଓ ଆବାସ ଯୋଜନାରେ ଦୁର୍ନୀତି ଭଳି ବହୁ ପ୍ରସଙ୍ଗକୁ ଭାଜପା ଆନ୍ଦୋଳନର ପ୍ରସଙ୍ଗ କରି ପାରିନାହିଁ। ଭାଜପା ନେତାମାନେ କେବଳ କେନ୍ଦ୍ର ସରକାରଙ୍କ ହାୱା ଉପରେ ଭରସା ରଖି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି ବୋଲି ସବୁଠି ଆଲୋଚନା ହେଉଛି।



## ସଂକ୍ଷେପରେ

### ପୂର୍ବ ଲଦାଖ ସୀମାରେ ଶାନ୍ତିରକ୍ଷା ପାଇଁ ଭାରତ-ଚାଇନା ରାଜି

**ନୂଆଦିଲ୍ଲୀ,୨୧।୨(ପି.ଟି.):** ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ୩.୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ବିବାଦର ସମାଧାନ ପାଇଁ ଭାରତ ଓ ଚାଇନା ମଧ୍ୟରେ ଉଚ୍ଚସ୍ତରୀୟ ସାମରିକ ଆଲୋଚନା ଅନୁଷ୍ଠିତ ହୋଇଛି। ଉକ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଉଭୟ ପକ୍ଷ ରାଜି ହୋଇଥିଲେ ମଧ୍ୟ ବିବାଦ ସମାଧାନର କୌଣସି ସୂଚନା ମିଳିନାହିଁ। ସୋମବାର ଚୁଶୁଲ-ମୋଲଡୋ ସୀମାନ୍ତ ମିଟିଂ ପଏଣ୍ଟରେ ୨୧ତମ ଭାରତ-ଚାଇନା କର୍ପସ କମାଣ୍ଡରସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଡେପ୍ସାଙ୍ଗ ଏବଂ ଡେମ୍‌ଚୋକ୍‌ରେ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦର ସମାଧାନ ପାଇଁ ଭାରତୀୟ ପକ୍ଷ ଜୋର୍‌ଦାର ଚାପ ପକାଇଥିଲେ ମଧ୍ୟ ଆଲୋଚନାରେ କୌଣସି ସ୍ଥାୟୀ ଅଗ୍ରଗତି ହୋଇନାହିଁ। ସାମରିକ ଏବଂ କୂଟନୈତିକ ବ୍ୟବସ୍ଥା ଜରିଆରେ ଆଲୋଚନା ଜାରି ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି।

### ନାଥୁଲାରୁ ୫୦୦ ପର୍ଯ୍ୟଟକ ଉଦ୍ଧାର

**ଗାଙ୍ଗଟକ୍,୨୧।୨:** ପ୍ରବଳ ତୁଷାରପାତ ଯୋଗୁ ଭାରତ-ଚାଇନା ସୀମାର ସିକିମ୍ ଅନ୍ତର୍ଗତ ନାଥୁଲାରେ ଫସିରହିଥିବା ୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଭାରତୀୟ ସେନା ବୁଧବାର ଉଦ୍ଧାର କରିଛି। ପୂର୍ବ ସିକିମ୍‌ରେ ଅଚାନକ ତୁଷାରପାତ ହେବାରୁ ପର୍ଯ୍ୟଟକମାନେ ଫସିରହିଥିଲେ। ସେନାର ତ୍ରିଶକ୍ତି କର୍ପସ୍‌ର ଯବାନମାନେ ସେଠାରେ ପହଞ୍ଚି ଅଟକି ରହିଥିବା ପର୍ଯ୍ୟଟକଙ୍କୁ ସହାୟତା କରିଥିଲେ। ସେମାନଙ୍କୁ ଗରମ ଖାଦ୍ୟ ଓ ଚିକିତ୍ସା ଯୋଗାଇ ଦିଆଯିବା ସହ ନିରାପଦର ସହ ସେଠାରୁ ଉଦ୍ଧାର ବ୍ୟବସ୍ଥା କରାଯାଇଥିଲା।

### ଥରୁର୍‌ଙ୍କୁ ମିଳିଲା ଫ୍ରାନ୍ସର ସର୍ବୋଚ୍ଚ ନାଗରିକ ସମ୍ମାନ

**ନୂଆଦିଲ୍ଲୀ, ୨୧।୨:** ବିଶିଷ୍ଟ ଲେଖକ ତଥା କଂଗ୍ରେସ ସାଂସଦ ଶଶି ଥରୁର୍‌ଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀ ଠାରେ ଥିବା ଫ୍ରାନ୍ସ ଦୂତାବାସରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଫ୍ରାନ୍ସ ସିନେଟର ଅଧ୍ୟକ୍ଷ ଜେରାର୍ଡ



ଲାର୍ଚରଙ୍କଠାରୁ ଥରୁର୍ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ନାଇଟ ଅଫ ଦ ଲିଜିଅନ ଅଫ୍ ଅନର' ଗ୍ରହଣ କରିଛନ୍ତି। ଏହି ଅବସରରେ ଥିରୁଭାନନ୍ତପୁରମ୍‌ରୁ ଏମ୍‌ପି ଥିବା ଥରୁର୍‌ଙ୍କୁ ଫ୍ରାନ୍ସର ପ୍ରକୃତ ମିତ୍ର ଭାବେ ଜେରାର୍ଡ ସମ୍ବୋଧନ କରିଥିଲେ। ଏହାପୂର୍ବରୁ ଗତବର୍ଷ ଅଗଷ୍ଟ ମାସରେ ତାଙ୍କୁ ଏହି ପୁରସ୍କାର ଦିଆଯିବା ନେଇ ଘୋଷଣା କରାଯାଇଥିଲା। ଭାରତ ଓ ଫ୍ରାନ୍ସ ମଧ୍ୟରେ ଥିବା ସମ୍ପର୍କକୁ ମଜଭୁତ କରିବା, ଅନ୍ତର୍ଜାତୀୟ ଶାନ୍ତି ଓ ସହଯୋଗ ପ୍ରତି ଉଦ୍ୟମ କରିବା ଏବଂ ଲମ୍ବା ସମୟ ଧରି ଫ୍ରାନ୍ସର ବନ୍ଧୁ ଭାବେ କାର୍ଯ୍ୟ କରିଥିବାରୁ ଶଶି ଥରୁର୍‌ଙ୍କୁ ଏହି ସମ୍ମାନ ଦିଆଯାଇଥିବା ଫ୍ରାନ୍ସ ଦୂତାବାସ ପକ୍ଷରୁ କୁହାଯାଇଛି।

# ସବୁଠୁ ବ୍ୟୟବହୁଳ ହେବ ସାଧାରଣ ନିର୍ବାଚନ

ନୂଆଦିଲ୍ଲୀ,୨୧।୨

ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଦେବା ପରେ ଆଗାମୀ ସାଧାରଣ ନିର୍ବାଚନରେ ବିପୁଳ ପରିମାଣର ଅସ୍ୱଚ୍ଛ ଟଙ୍କା ଖର୍ଚ୍ଚ ହେବା ଆଶଙ୍କା ବଢ଼ିଯାଇଛି। ଏପରି ହେଲେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତର ଲୋକ ସଭା ନିର୍ବାଚନ ପୃଥିବୀର ସବୁଠୁ ବ୍ୟୟବହୁଳ ନିର୍ବାଚନ ହେବ।

ଆସନ୍ତା ଏପ୍ରିଲ ଓ ମେ'ରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ୧.୨ ଟ୍ରିଲିୟନ୍ ଟଙ୍କା (୧୪.୪ ବିଲିୟନ୍ ଡଲାର) ଖର୍ଚ୍ଚ କରିବାକୁ ଯାଉଛନ୍ତି ବୋଲି ନିର୍ବାଚନୀ ବ୍ୟୟ ଉପରେ ନଜର ରଖୁଥିବା ନୂଆଦିଲ୍ଲୀର ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ଅଧ୍ୟକ୍ଷ ଏନ୍. ଭାସ୍କର ରାଓ ସୂଚନା ଦେଇଛନ୍ତି। ପୂର୍ବରୁ କୌଣସି ନିର୍ବାଚନରେ ଏତେ ପରିମାଣର ଟଙ୍କା ଖର୍ଚ୍ଚ କରାଯାଇ ନ ଥିଲା। ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହୋଇଥିବା ବ୍ୟୟ ତୁଳନାରେ ୧୪.୪ ବିଲିୟନ୍ ଡଲାର ଢେର ଅଧିକ ବୋଲି ଓପନ୍‌ସିକ୍ରେଟ୍‌ଡଟ୍‌ଓଆର୍‌ଜି ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୦୧୮ରେ ଇଲେକ୍ଟୋରାଲ ବଣ୍ଡ ଆରମ୍ଭ କରିଥିଲେ। ଘରୋଇ ଅନୁଷ୍ଠାନ, ଶିଳ୍ପସଂସ୍ଥାଗୁଡ଼ିକରୁ ରାଜନୈତିକ ଦଳଗୁଡ଼ିକ ଚାନ୍ଦା ଗ୍ରହଣ



ନିମନ୍ତେ ଏହି ବ୍ୟବସ୍ଥା କରାଯାଇଥିଲା। ଇଲେକ୍ଟୋରାଲ ବଣ୍ଡ ଜରିଆରେ ଦୁର୍ନୀତି, ମନି ଲଣ୍ଡରିଂ ବୃଦ୍ଧି ପାଇବା ସହ ଲୋକେ ଚାନ୍ଦାର ଉତ୍ସ ଜାଣିବାକୁ ପାଇବେ ନାହିଁ ଦର୍ଶାଇ ଏହାକୁ ସିଭିଲ ସୋସାଇଟି ସଦସ୍ୟ ଓ ବିରୋଧୀ ନେତାମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ଏହି ବଣ୍ଡକୁ ଅସାମ୍ବିଧାନିକ କହି ରଦ୍ଦ କରିଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଅବ୍‌ଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନ୍‌ର ବରିଷ୍ଠ ଗବେଷକ ନିରଞ୍ଜନ ସାହୁଙ୍କ ମତରେ ଭାରତୀୟ ନିର୍ବାଚନଗୁଡ଼ିକରେ ଅର୍ଥର ବହୁଳ ପ୍ରଭାବ ରହିଛି। ହିସାବ ବହିର୍ଭୂତ ଟଙ୍କା ଭୋଟ ହାସଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଭାସ୍କର ରାଓଙ୍କ ମତରେ ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ ନିର୍ବାଚନରେ ଦୁଇଗୁଣରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ୨୦୧୯ରେ ପ୍ରାୟ ୬୦୦ ପ୍ରାର୍ଥୀ ୭.୨ ବିଲିୟନ୍ ଡଲାର ଖର୍ଚ୍ଚ କରିଥିବା ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍‌ର ଏକ ରିପୋର୍ଟରୁ ଜଣାପଡ଼ିଛି।

ଭାରତର ନିର୍ବାଚନ କମିଶନ (ଇସିଆଇ) ପ୍ରାର୍ଥୀମାନଙ୍କ ନିର୍ବାଚନୀ ଖର୍ଚ୍ଚକୁ ଜଣ ପିଛା ୭.୫ ନିୟୁତରୁ ୯.୫ ନିୟୁତ ଟଙ୍କା ମଧ୍ୟରେ ସୀମିତ ରଖିବାକୁ ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ବେଳେ ଖର୍ଚ୍ଚ ହେଉଥିବା ମୋଟ ଅର୍ଥର ୧୦% କେନ୍ଦ୍ର ସରକାର ବ୍ୟୟ କରିଥାଆନ୍ତି। ଅବଶିଷ୍ଟ ଅର୍ଥ ରାଜନୈତିକ ଦଳ ଓ ପ୍ରାର୍ଥୀ ଖର୍ଚ୍ଚ କରନ୍ତି। ୨୦୧୪ ନିର୍ବାଚନରେ ୩୮.୭୦ ବିଲିୟନ୍ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହି ହିସାବ କରାଯାଇଛି। ରିପୋର୍ଟ ଅନୁସାରେ ଅନେକ ପ୍ରାର୍ଥୀ ପ୍ରଚାର ବେଳେ ଭୋଟରମାନଙ୍କୁ ଟଙ୍କା ଓ ଫୋନ୍, ଛେଳି ଆଦି ଉପହାର ଦେଇଥାଆନ୍ତି। ନିର୍ବାଚନରେ କଳାଧନର ବ୍ୟବହାର ବଢ଼ିଚାଲିଥିବାବେଳେ ଇସିଆଇ ଧାର୍ଯ୍ୟ କରିଥିବା ସୀମା ଫଳପ୍ରଦ ନୁହେଁ। ଏହାକୁ ଉପଯୁକ୍ତ ଢଙ୍ଗରେ ଲାଗୁ ମଧ୍ୟ କରାଯାଉ ନାହିଁ ବୋଲି ନିରଞ୍ଜନ କହିଛନ୍ତି। ହିସାବ ବହିର୍ଭୂତ ଖର୍ଚ୍ଚର ପରିମାଣ ଏତେ ଅଧିକ ଯେ, ଏହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନଭିସ୍ ପ୍ରକାଶ କରିଛନ୍ତି।

## ଭାଜପାର ଆୟବ୍ୟୟ ସର୍ବାଧିକ

ଭାଜପା ଇଲେକ୍ଟୋରାଲ ବଣ୍ଡର ପ୍ରମୁଖ ହିତାଧିକାରୀ ହୋଇଥିଲେ ମଧ୍ୟ କେନ୍ଦ୍ରରେ କ୍ଷମତାସୀନ ଏହି ଦଳ ପାଖରେ ରାଜନୈତିକ ଚାନ୍ଦା ଗ୍ରହଣ ପାଇଁ ସବୁଠୁ ବଡ଼ ଉତ୍ସ ରହିଛି। ସର୍ବାଧିକ ଧନୀ ଗୈରିକ ଦଳ ୨୦୧୮ରୁ ୨୦୨୨ ମଧ୍ୟରେ ଇଲେକ୍ଟୋରାଲ ବଣ୍ଡ ବିକ୍ରି ଜରିଆରେ ସଂଗୃହୀତ ୯୨ ବିଲିୟନ୍ ଟଙ୍କା (୧.୧ ବିଲିୟନ୍ ଡଲାର)ର ୫୭% ଅର୍ଥାତ୍ ୫୨.୭ ବିଲିୟନ୍ ଟଙ୍କା ପାଇଥିଲା। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହାର ୧୦% ଅର୍ଥାତ୍ ୯.୬ ବିଲିୟନ୍ ଟଙ୍କା ଲାଭ କରିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ୧୧.୪ ବିଲିୟନ୍ ଟଙ୍କା ଖର୍ଚ୍ଚ କରିଥିଲା, ଯାହାକି କଂଗ୍ରେସର ଖର୍ଚ୍ଚ ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ ବୋଲି ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ସୂତ୍ରରୁ ଜଣାପଡ଼ିଛି। ଏଡିଆର୍ ରିପୋର୍ଟରୁ ଆହୁରି ଜଣାପଡ଼ିଛି ଯେ, ଭାଜପା ଗତ ଲୋକ ସଭା ନିର୍ବାଚନ ବେଳେ ୪୫ ବିଲିୟନ୍ ଟଙ୍କା ପାଇଥିଲା, ଯାହାକି ମୋଟ ସଂଗୃହୀତ ଚାନ୍ଦାର ୬୩.୩୪%। ଅନ୍ୟପକ୍ଷେ କଂଗ୍ରେସ ୧୬ ବିଲିୟନ୍ ଚାନ୍ଦା ପାଇଥିଲା, ଯାହାକି ମୋଟ ଅର୍ଥର ୧୮.୨୨%। ଏହି ତାରତମ୍ୟକୁ ଦେଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୁପ୍ରିମକୋର୍ଟଙ୍କ ରାୟ ପରେ କହିଥିଲେ, ଇଲେକ୍ଟୋରାଲ ବଣ୍ଡକୁ ଭାଜପା ଲାଞ୍ଚ ବା କମିଶନ ନେବାର ଏକ ମାଧ୍ୟମ କରିଦେଇଥିଲା।

## କଂଗ୍ରେସକୁ ୧୭ ଆସନ ଛାଡ଼ିଲେ ଅଖିଳେଶ

ନୂଆଦିଲ୍ଲୀ,୨୧।୨

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ହସ୍ତକ୍ଷେପ ପରେ ଉତ୍ତରପ୍ରଦେଶରେ ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି(ଏସ୍‌ପି) ମଧ୍ୟରେ ଆସନ ବୁଝାମଣା ବୁଧବାର ଚୂଡ଼ାନ୍ତ ହୋଇଛି। ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନ ମଧ୍ୟରୁ କଂଗ୍ରେସ ୧୭ ଆସନରେ ଲଢ଼ିବାକୁ ଥିବାବେଳେ ଏସ୍‌ପି ଏବଂ ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ଦଳ ୬୩ ଆସନରେ ଲଢ଼ିବେ। ପ୍ରିୟଙ୍କା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ଫୋନ୍ ଯୋଗେ କଥା ହେବା ପରେ ଆସନ ବୁଝାମଣାରେ କଂଗ୍ରେସ ସହ କୌଣସି ବିବାଦ ନ ଥିବା ଏସ୍‌ପି ଅଧ୍ୟକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ଆସନ ବୁଝାମଣା ସମ୍ପର୍କରେ କଂଗ୍ରେସ ନିଜ ନିଷ୍ପତ୍ତି ନ ଜଣାଇବା ପର୍ଯ୍ୟନ୍ତ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଯୋଗ ଦେବେନାହିଁ ବୋଲି ପୂର୍ବରୁ ଅଖିଳେଶ କହିଥିଲେ। ବୁଧବାର ସକାଳେ ପ୍ରିୟଙ୍କା ଅଖିଳେଶଙ୍କୁ ଫୋନ୍ କରିବା ପରେ ଦୁଇ ଦଳ ମଧ୍ୟରେ ଆସନ ବୁଝାମଣା ନେଇ କଥାବାର୍ତ୍ତାରେ ସଫଳତା ମିଳିଛି। ବୁଝାମଣା ଚୂଡ଼ାନ୍ତ ହୋଇଥିବାରୁ ଉଭୟ ଦଳର ନେତାମାନେ ଅଖିଳେଶ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଶ୍ରେୟ ଦେଇଛନ୍ତି।



ଗ୍ରୀସ୍ ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍‌ସୋଟାକିସ୍ ଓ ତାଙ୍କ ସ୍ତ୍ରୀ ମରେଭା ଗ୍ରବୋସ୍କି ବୁଧବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଭବନରେ ଉଭୟଙ୍କୁ ରାଜକୀୟ ଅଭ୍ୟର୍ଥନା ଦିଆଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଟ୍‌ସୋଟାକିସ୍ ଦମ୍ପତି ଉପସ୍ଥିତ।

## ଭାରତ-ଗ୍ରୀସ୍ ସହଯୋଗ ବଢ଼ିବ

ନୂଆଦିଲ୍ଲୀ,୨୧।୨

ସାମରିକ ଉପକରଣର ମିଳିତ ବିକାଶ ଓ ଉତ୍ପାଦନ ପାଇଁ ଭାରତ ଓ ଗ୍ରୀସ୍ ରାଜି ହୋଇଛନ୍ତି। ଏହା ବ୍ୟତୀତ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ଏବଂ ପ୍ରବାସନ ସନ୍ଧିକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାରତ ଗସ୍ତରେ ଆସିଥିବା ଗ୍ରୀସ୍ ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍‌ସୋଟାକିସ୍ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ବୁଧବାର ଆଲୋଚନା କରିଥିଲେ। ଆତଙ୍କବାଦ ବିରୋଧରେ ଲଢ଼େଇକୁ ଉଭୟ ଦେଶ ପ୍ରାଥମିକତା ଦେଉଛନ୍ତି। ଏକ୍ଷେତ୍ରରେ ସହଯୋଗ ବଢ଼ାଇବା ଉପରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ବିଭିନ୍ନ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ଆଲୋଚନା ଓ କୂଟନୈତିକ ପର୍ଯ୍ୟାୟରେ ସମସ୍ତ ବିବାଦର ସମାଧାନ ପାଇଁ ଉଭୟ ପକ୍ଷ ରାଜି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଖ୍ୟାତନାମା ଆଇନଜୀବୀ ନରିମାନଙ୍କ ପରଲୋକ

ନୂଆଦିଲ୍ଲୀ,୨୧।୨



ପ୍ରଖ୍ୟାତ ନ୍ୟାୟବିଦ୍ ତଥା ବର୍ଷୀୟାନ ଆଇନଜୀବୀ ଫଲି ଏସ୍. ନରିମାନଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ସେ ହୃଦ୍‌ରୋଗ ସମେତ ଏକାଧିକ ରୋଗରେ ପୀଡ଼ିତ ଥିଲେ। ଏହି ଖ୍ୟାତନାମା ସାମ୍ବିଧାନିକ ଆଇନଜୀବୀ ୧୯୫୦ ନଭେମ୍ବରରେ ବମ୍ବେ ହାଇକୋର୍ଟରେ ନିଜକୁ ଜଣେ ଆଡଭୋକେଟ ଭାବେ ପଞ୍ଜୀକୃତ କରିଥିଲେ। ସେ ୭୫ ବର୍ଷ ଧରି ଆଇନ ବ୍ୟବସାୟ କରିବା ସହ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ଭାବେ ୫୦ ବର୍ଷ କାମ କରିଛନ୍ତି ଏବଂ ୧୩,୫୬୫ରୁ ଅଧିକ ମାମଲା ପରିଚାଳନା କରିଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସେ ଆଇନ ଓ ପେସାରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ସେଥିମଧ୍ୟରେ ରହିଛି ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ ମାମଲା, ଭୋପାଳ ଗ୍ୟାସ୍ ଦୁର୍ଘଟଣା ମାମଲା, ଟିଏମ୍ଏ ପାଇ ମାମଲା ଏବଂ ଜୟଲଳିତାଙ୍କ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା। ୧୯୨୯ ଜାନୁଆରୀ ୧୦ରେ ରାଙ୍ଗୁନ୍ (ବର୍ତ୍ତମାନର ୟାଙ୍ଗୁନ୍)ରେ ଜନ୍ମିତ ନରିମାନ ୧୯୫୦ରେ ମୁମ୍ବାଇର ସରକାରୀ ଆଇନ ମହାବିଦ୍ୟାଳୟରୁ ଏଲ୍ଏଲ୍‌ବି କରିବା ପରେ ବମ୍ବେ ହାଇକୋର୍ଟରେ ଆଇନଜୀବୀ ଭାବେ ନିଜକୁ ପଞ୍ଜୀକୃତ କରିଥିଲେ। ୧୯୭୧ରେ ସେ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ଭାବେ ନିଯୁକ୍ତ ହେବା ସହ ୧୯୭୨ରେ ଅତିରିକ୍ତ ସଲିସିଟର ଜେନେରାଲ ନିଯୁକ୍ତ ହୋଇଥିଲେ। ଜରୁରୀ ପରିସ୍ଥିତି ବେଳେ ଇସ୍ତଫା ଦେଇଥିଲେ। ନରିମାନ ୧୯୯୧ରେ ପଦ୍ମଭୂଷଣ ଏବଂ ୨୦୦୭ରେ ପଦ୍ମବିଭୂଷଣ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୦୨ରେ ସେ ନ୍ୟାୟ ପାଇଁ ଗ୍ରୁବର ପ୍ରାଇଜ୍ ପାଇଥିଲେ। ୧୯୯୯ରେ ସେ ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ।

## ସନ୍ଦେଶଖାଲି ଯିବ ଏନ୍ଏଚ୍ଆର୍‌ସି ଟିମ୍

ନୂଆଦିଲ୍ଲୀ,୨୧।୨

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ କେତେଜଣ ମହିଳା ତୃଣମୂଳ କଂଗ୍ରେସ ନେତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବାବେଳେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) ନିଜଆଡ଼ୁ ଉକ୍ତ ମାମଲାକୁ ଗ୍ରହଣ କରିବା ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମୁଖ୍ୟଙ୍କୁ ନୋଟିସ୍ ଜାରି କରିଛି। ଘଟଣାସ୍ଥଳର ତଦନ୍ତ ପାଇଁ କମିଶନ ସନ୍ଦେଶଖାଲିକୁ ଏକ ଟିମ୍ ପଠାଇବେ। ବଳାତ୍କାରୀ ତୃଣମୂଳ କଂଗ୍ରେସ ନେତା ଶେଖ୍ ଶାହଜାହାନଙ୍କ ବିରୋଧରେ ସ୍ଥାନୀୟ ଲୋକେ ବିକ୍ଷୋଭ ଜାରି ରଖିଥିବାବେଳେ ତାଙ୍କର ୨ ସହଯୋଗୀ ଉତ୍ତମ ସର୍ଦ୍ଦାର ଏବଂ ଶିବୁ ହାଜରାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ମାନବାଧିକାରର ଉଲ୍ଲଂଘନ ହୋଇଥିବାର ସୂଚନା ମିଳୁଛି, ଯାହା ବିବେକକୁ ଆଘାତ ଦେଇଛି ବୋଲି କମିଶନ କହିଛନ୍ତି। ମହିଳା, ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ବହୁ ମହିଳା ସେମାନଙ୍କ ଘରଦ୍ୱାର ଛାଡ଼ି ପଳାଇଗଲେଣି। ମାନବାଧିକାର ସୁରକ୍ଷା ଆଇନ, ୧୯୯୩ର କ୍ଷମତା ବଳରେ କମିଶନ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ନୋଟିସ ଜାରି କରି କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ୪ ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଦେଶଖାଲି ସ୍ଥିତିକୁ ନେଇ କାଲ୍‌କାଟା ହାଇକୋର୍ଟ ମଙ୍ଗଳବାର ମମତା ବାନାର୍ଜୀ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଅଭିଯୁକ୍ତ ଶାହଜାହାନଙ୍କୁ ରାଜ୍ୟ ସହାୟତା କରିପାରିବ ନାହିଁ ବୋଲି ଅଦାଲତ କହିଥିଲେ।

ସନ୍ଦେଶଖାଲି ନିକଟରେ ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ଘଟଣାରେ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଶିଖ୍ ଆଇପିଏସ୍ ଅଫିସରଙ୍କୁ 'ଖଲିସ୍ତାନୀ' କହିଥିବା ଅଭିଯୋଗ ହୋଇଛି। ଶୁଭେନ୍ଦୁଙ୍କୁ ସନ୍ଦେଶଖାଲି ଯିବା ଲାଗି ହାଇକୋର୍ଟ ଅନୁମତି ଦେଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ ଅଧିକାରୀ ଜଶପ୍ରୀତ୍ ସିଂ ତାଙ୍କୁ ଘଟଣାସ୍ଥଳକୁ ଛାଡ଼ି ନ ଥିଲେ। ପୋଲିସ ଅଧିକାରୀ ହାଇକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରିଥିବା ଭାଜପା ଅଭିଯୋଗ କରିଛି। ପଶ୍ଚିମବଙ୍ଗ ପୋଲିସ ନିଜ କର୍ତ୍ତବ୍ୟ କରିବା ପରିବର୍ତ୍ତେ ରାଜନୈତିକ ହାତବାରିସି ସାଜିଛି। ସନ୍ଦେହଖାଲି ଉପରୁ ଲୋକଙ୍କ ଦୃଷ୍ଟି ହଟାଇବାକୁ ଯାଇ ତୃଣମୂଳ କଂଗ୍ରେସ ଘଟଣାକୁ ଭିନ୍ନ ରୂପ ଦେବାକୁ ଉଦ୍ୟମ କରୁଥିବା ଶୁଭେନ୍ଦୁ କହିଛନ୍ତି।

## ରାଷ୍ଟ୍ର ପାଇଁ ଚିନ୍ତା କରୁଥିବା ମେଣ୍ଟ ସହ ରହିବୁ: କମଲ ହାସନ

ଚେନ୍ନାଇ,୨୧।୨

ଅଭିନେତାରୁ ରାଜନେତା କମଲ ହାସନ ନିଜ ଦଳ ଏମ୍ଏନ୍ଏମ୍ (ମକ୍କଲ ନିଧି ମୈଅମ)ର ରାଜନୈତିକ ମେଣ୍ଟ ସମ୍ପର୍କରେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି। ରାଷ୍ଟ୍ର ପାଇଁ ନିଃସ୍ୱାର୍ଥପର ଭାବେ ଚିନ୍ତା କରୁଥିବା ଯେକୌଣସି ମେଣ୍ଟକୁ ସମର୍ଥନ ଦିଆଯିବ ବୋଲି ହାସନ କହିଛନ୍ତି। ତେବେ ସାମନ୍ତବାଦୀ ରାଜନୀତିରେ ତାଙ୍କ ଦଳ ସାମିଲ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ସେ ଇଣ୍ଡିଆ ମେଣ୍ଟରେ ଯୋଗ ଦେଇଛନ୍ତି କି ବୋଲି ପ୍ରଶ୍ନ ହେବାରୁ ହାସନ କହିଥିଲେ, ମେଣ୍ଟ ସମ୍ପର୍କିତ ନିଷ୍ପତ୍ତି ନେଲେ ଗଣମାଧ୍ୟମକୁ ଜଣାଇବେ।

## ରେଡିଓ ଉପସ୍ଥାପକ ଅମିନ ସୟାନିଙ୍କ ଦେହାନ୍ତ

ମୁମ୍ବାଇ, ୨୧।୨

ଦୀର୍ଘ ୬୦ ବର୍ଷ ଧରି ରେଡିଓ ଶ୍ରୋତାଙ୍କ ହୃଦୟରେ ରାଜ୍ କରୁଥିବା ଅମିନ ସୟାନିଙ୍କ ୯୧ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି। ମୁମ୍ବାଇରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ପୁଅ ରାଜୀଲ ସୟାନି ସୂଚନା ଦେଇଛନ୍ତି। ୧୯୩୨ରେ ମୁମ୍ବାଇରେ ଜନ୍ମ ଗ୍ରହଣ କରିଥିବା ଅମିନ ପ୍ରାୟ ୫୪ ହଜାରରୁ ଅଧିକ ରେଡିଓ ପ୍ରୋଗ୍ରାମର ପ୍ରଡ୍ୟୁସର ଓ ଉପସ୍ଥାପକ ଥିଲେ। ଏହା ସହ ସେ ପ୍ରାୟ ୧୯ ହଜାର ଜିଙ୍ଗଲ୍ ଓ ବିଜ୍ଞାପନରେ ସ୍ୱର ଦେଇଥିଲେ। ୬୦ ଦଶକରେ 'ବିନାକା ଗୀତମାଳା' କାର୍ଯ୍ୟକ୍ରମ ତାଙ୍କୁ ବେଶ ଲୋକପ୍ରିୟ କରାଇଥିଲା। ଏହି



କାର୍ଯ୍ୟକ୍ରମରେ ତାଙ୍କ ନିଆରା ଉପସ୍ଥାପନା ଶୈଳୀକୁ ସମସ୍ତେ ଭୂରି ଭୂରି ପ୍ରଶଂସା କରୁଥିଲେ। ଏହି କାର୍ଯ୍ୟକ୍ରମ ୧୯୫୨ରୁ ୧୯୯୪ ଯାଏଁ ପ୍ରସାରିତ ହୋଇଥିଲା। ଜଣେ ରେଡିଓ ପ୍ରେଜେଣ୍ଟର ଭାବେ ଅଲ ଇଣ୍ଡିଆ ରେଡିଓ ମୁମ୍ବାଇରୁ ନିଜ କ୍ୟାରିଅର ଆରମ୍ଭ କରିଥିବା ଅମିନ ଦଶନ୍ଧି ଦଶନ୍ଧି ଧରି ଶ୍ରୋତାଙ୍କ ହୃଦୟରେ ରହିବାକୁ ସକ୍ଷମ ହୋଇଥିଲେ।

## ପାକିସ୍ତାନରେ କ୍ଷମତା ଭାଗବଣ୍ଟା ଛିଣ୍ଡିଲା

### ଶେହବାଜ ପ୍ରଧାନମନ୍ତ୍ରୀ, ଜର୍ଦ୍ଦାରୀ ରାଷ୍ଟ୍ରପତି ହେବେ

ଇସ୍‌ଲାମାବାଦ, ୨୧।୨(ପି.ଟି.)

ପାକିସ୍ତାନରେ ମେଣ୍ଟ ସରକାର ଗଢ଼ିବା ଲାଗି ପିଏମ୍ଏଲ୍-ଏନ୍ ଏବଂ ପିପିପି ମଧ୍ୟରେ କ୍ଷମତା ଭାଗବଣ୍ଟା ବୁଝାମଣା ଚୂଡ଼ାନ୍ତ ହୋଇଛି। ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍) ଅଧ୍ୟକ୍ଷ ଶେହବାଜ ଶରିଫ୍ ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ ବୋଲି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଏକ ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେହିପରି ପିପିପି ସହଅଧ୍ୟକ୍ଷ ଅସିଫ ଅଲି ଜର୍ଦ୍ଦାରୀ ରାଷ୍ଟ୍ରପତି ହେବେ। ଗତ ୮ ତାରିଖରେ ଅନୁଷ୍ଠିତ ପାକିସ୍ତାନ ସାଧାରଣ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ



ଶେହବାଜ ଶରିଫ୍



ଅସିଫ ଅଲି ଜର୍ଦ୍ଦାରୀ

ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ଅଧିକ ଆସନରେ ଜିତିଥିଲେ ମଧ୍ୟ ତାଙ୍କୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ପିଏମ୍ଏଲ୍-ଏନ୍ ଏବଂ ପିପିପି ଉଦ୍ୟମ ଜାରି ରଖିଥିଲେ। ନ୍ୟାଶନାଲ ଆସେମ୍ବ୍ଲିର ୨୬୬ ଆସନ ମଧ୍ୟରୁ ୨୬୫ ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସରକାର ଗଢ଼ିବା ପାଇଁ ୧୩୩ ଏମ୍‌ପିଙ୍କ ସମର୍ଥନ ଆବଶ୍ୟକ। ପିଏମ୍ଏଲ୍-ଏନ୍ ୭୫ ଆସନରେ ଜିତିଥିବାବେଳେ ପିପିପି ୫୪ ଏବଂ ମୁତ୍ତାହିଦା କ୍ୱାମି ମୁଭ୍‌ମେଣ୍ଟ ପାକିସ୍ତାନ (ଏମ୍‌କ୍ୟୁଏମ୍-ପି) ୧୭ ଆସନ ଜିତିଛି। ସାନି ନିର୍ବାଚନ ପାଇଁ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ତେଣୁ ଦେଶରେ ରାଜନୈତିକ ଅନିଶ୍ଚିତତା ଦୂର କରି ମେଣ୍ଟ ସରକାର ଗଠନ ଲାଗି ବାଟ ସଫା ହୋଇଯାଇଛି।

## ଆଇନ ସଂଶୋଧନ ଫିଟାଇଲା ମୁକ୍ତିର ବାଟ

### ୧୮ ବର୍ଷ ପରେ ସ୍ୱଦେଶ ଫେରିଲେ ୫ ଭାରତୀୟ

ହାଇଦ୍ରାବାଦ୍, ୨୧।୨

୧୮ ବର୍ଷ ଧରି ଦୁବାଇରେ ବନ୍ଦୀ ଥିବା ୫ ଭାରତୀୟ ଶ୍ରମିକ ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦରରେ ଏହି ଶ୍ରମିକମାନଙ୍କୁ ସେମାନଙ୍କ ପରିବାର ପକ୍ଷରୁ ସ୍ୱାଗତ କରାଯାଇଛି। ଦୀର୍ଘ ବର୍ଷ ପରେ ଏହି ଶ୍ରମିକମାନଙ୍କୁ ନିଜ ଗହଣରେ ପାଇ ପରିବାର ଲୋକେ ଖୁସିରେ ବିଭୋର ହୋଇ ଉଠିଥିଲେ। ତେଲଙ୍ଗାନାର ରାଜନ୍ନା ସିରସିଲ୍ଲା ଜିଲାର ଏହି ୫ ଶ୍ରମିକ ସଂଯୁକ୍ତ ଆରବ ଏମିରେଟସ(ୟୁଏଇ)ରେ କାମ କରୁଥିବା ବେଳେ ଜଣେ ନେପାଳୀ ନାଗରିକଙ୍କ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ମାମଲାରେ



ରାଜୀବ ଗାନ୍ଧୀ ଏୟାରପୋର୍ଟରେ ଦୁବାଇରୁ ଫେରିଥିବା ସମ୍ପର୍କୀୟଙ୍କୁ ଭେଟି ଭାବବିହ୍ୱଳ ପରିବାର ଲୋକେ।

ଦୁବାଇର ଏକ କୋର୍ଟ ସମସ୍ତ ୫ ଶ୍ରମିକଙ୍କୁ ୨୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ୟୁଏଇରେ ପ୍ରଚଳିତ ଥିବା ଏହି ମାମଲା ସମ୍ପର୍କୀତ ଆଇନର ସଂଶୋଧନ ହେବା ଦ୍ୱାରା ଏହି ୫ ଭାରତୀୟଙ୍କ ମୁକ୍ତିର ମାର୍ଗ ସୁଗମ ହୋଇଥିଲା। ତେଲଙ୍ଗାନାର ପୂର୍ବତନ ମନ୍ତ୍ରୀ କେ.ଟି. ରାମାରାଓ(କେଟିଆର୍)ପୂର୍ବରୁ ନିଜ ନେପାଳ ଗସ୍ତରେ ଏହି ମାମଲାରେ ମୃତ୍ୟୁବରଣ କରିଥିବା ନେପାଳୀ ନାଗରିକଙ୍କ ପରିବାରକୁ ଭେଟି ତାଙ୍କୁ ୧୫ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିଥିଲେ। ସମ୍ପୃକ୍ତ ପରିବାରର ଅନୁମତି ସହ ସେ ଗତବର୍ଷ ସେପ୍ଟେମ୍ବର ମାସରେ ୟୁଏଇ ଗସ୍ତ କରି ସମସ୍ତ ୫ ଶ୍ରମିକଙ୍କୁ କ୍ଷମା ପ୍ରାର୍ଥନା ଦେବା ପାଇଁ ନିବେଦନ କରିଥିଲେ। କେଟିଆରଙ୍କ ଏହି ନିବେଦନକୁ ଗ୍ରହଣ କରି ସମସ୍ତ ୫ ଶ୍ରମିକଙ୍କ କ୍ଷମା ପ୍ରାର୍ଥନାକୁ ୟୁଏଇ ସରକାର ମଞ୍ଜୁର କରିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଲୋଇସିଂହା, (ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଶିବପ୍ରସାଦ ବାରିକ ସଭାରେ ଅଧ୍ୟକ୍ଷତା କରିଥିଲେ। ମାତୃଭାଷା ଦିବସ ସମ୍ପର୍କରେ ଗୁରୁମା ସଙ୍ଗୀତା ସାହୁ, କୁମୁଦିନୀସାହୁ, ଶ୍ରୀମାଞ୍ଜଳିସାହୁ, ସହପ୍ରଧାନଅଚାର୍ଯ୍ୟପ୍ରେମାନନ୍ଦମିଶ୍ର, ଶତ୍ରୁଘ୍ନବିଶ୍ୱାଳ, କୁନାବହେରା, ବିଜୟକୁମାରସରାଫବକ୍ତବ୍ୟରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଅମୃତ କଳସ, କବିତା ପଠନ, ପ୍ରବନ୍ଧ ଏବଂ ଲଘୁ ନାଟିକା ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ମାଟ୍ରିକ୍ ପରୀକ୍ଷା ଦେଇ ପାରିଲେନି ୫ଛାତ୍ର

**ଦାଦନ ଖଟିବାକୁ ଯାଇଛନ୍ତି**

ଲାଠୋର,୨୧।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଥିବା ୫ଟି ସରକାରୀ ଉଚ୍ଚ ବିଦ୍ୟାଳୟର ୪୨୯ ପିଲା ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିଲେ। ହେଲେ ମଙ୍ଗଳବାର ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୪୨୨ଜଣ ପରୀକ୍ଷା ଦେଇଥିବା ବେଳେ ୭ ଜଣ ପରୀକ୍ଷା ଦେଇନାହାନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଦାଦନ ଖଟିବାକୁ ଯାଇଥିବା ଜଣାପଡ଼ିଛି। ଲାଠୋର ବିଦ୍ୟାଳୟରୁ ୧୧୦ ପିଲାଙ୍କ ମଧ୍ୟରୁ ୧୦୭ ଜଣ ପରୀକ୍ଷା ଦେଉଛନ୍ତି। ସରେଇବାହାଲ ବିଦ୍ୟାଳୟରେ ୧୦୮ରୁ ୧୦୮, କରୁଆଁଝର ବିଦ୍ୟାଳୟରୁ ୬୩ରୁ ୬୧, ବେନ୍ଦେର ବିଦ୍ୟାଳୟରୁ ୩୨ରୁ ୩୨, ମାଳପଡ଼ା ବିଦ୍ୟାଳୟରୁ ୧୧୬ରୁ ୧୧୪ ପିଲା ପରୀକ୍ଷା ଦେଇଛନ୍ତି। ଦାଦନ ଖଟିବାକୁ ଯାଇଥିବା ମା'ବାପାଙ୍କ ସହ ଥିବାରୁ ଲାଠୋର ବିଦ୍ୟାଳୟର ୩ ଜଣ, କରୁଆଁଝର ବିଦ୍ୟାଳୟରୁ ଜଣେ ଏବଂ ମାଳପଡ଼ା ବିଦ୍ୟାଳୟରୁ ଜଣେ ପିଲା ପରୀକ୍ଷାରୁ ବଞ୍ଚିତ ରହିଛନ୍ତି। ଅବଶିଷ୍ଟ ୨ଜଣ ପିଲା ନିଜ ଗାଁରେ ରହିଥିଲେ ମଧ ପରୀକ୍ଷାରେ ଅନୁପସ୍ଥିତ ରହିଥିବା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ କହିଛନ୍ତି। ପ୍ରତି ବର୍ଷ ପିଲାମାନେ ଦାଦନ ଖଟି ଯାଉଥିବା ଯୋଗୁ ପରୀକ୍ଷାରୁ ବଞ୍ଚିତ ରହୁଥିଲେ ମଧ ସେଦିଗରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଶିକ୍ଷା ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ରାଶନ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ

ଲୋଇସିଂହା,୨୧।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସଲେଭଟାରେ ରାଶନ ହିତାଧିକାରୀଙ୍କୁ ୧ ହାଜର ଟଙ୍କା ସହାୟତା ବଣ୍ଟନର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା ପରିଷଦ ଅଧକ୍ଷା ଏହାର ଶୁଭାରମ୍ଭ କରିଥିଲେ। ଏହି ସହାୟତା ହିତାଧିକାରୀଙ୍କୁ ସହାୟକ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଗୀତାଞ୍ଜଳି ଦାସ, ଜିଲା ପରିଷଦ ସଭ୍ୟା ବୀଣାପାଣି ଦାସ, ପିଡି ସୁଶାନ୍ତ ସିଂ, ଏପିଡି, ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଭାକର ପାତ୍ର, ସିଏସଓ ଅଜୟ ମଲ୍ଲିକ ଏସିଏସଓ ହେଡକ୍ୱାର୍ଟର୍ସ ପୀତବାସ ମଲ୍ଲିକ, ଏସିଏସ୍ଓ ସଦର ଶରତ ରାଉତ, ବ୍ଲକ ଯୋଗାଣ ନିରୀକ୍ଷକ ସୌମରଞ୍ଜନ ମହାନନ୍ଦଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

### ଜାତୀୟ ଶିକ୍ଷାନୀତି -୨୦ ପ୍ରଶିକ୍ଷଣ ଶିବିର

ଟିଟିଲାଗଡ଼, ୨୧।୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ଚାରଭଟାସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓମଭେଲି ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। କେନ୍ଦ୍ରୀୟ ମାଧ୍ୟମିକ ପରିଷଦ ଅଧୀନ ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକରୁ ପ୍ରାୟ ଏକ ଶହରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ପରିଷଦ ପକ୍ଷରୁ ପ୍ରଶିକ୍ଷକ ଆଲୋକ ମହାନ୍ତି ଯୋଗଦେଇଥିବା ବେଳେ ବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପ୍ରସାଦ ମିଶ୍ର ପ୍ରଶିକ୍ଷଣର ଗୁରୁତ୍ୱ ବୁଝାଇଥିଲେ। ନୂତନ ଶିକ୍ଷା ପଦ୍ଧତିର ବ୍ୟବସ୍ଥା, ବାଲ୍ୟ ଶିକ୍ଷାରେ ମାତୃଭାଷାର ଗୁରୁତ୍ୱ, ମାଧ୍ୟମିକସ୍ତରରେ ସର୍ବନିମ୍ନ ତିନୋଟି ଭାଷା ଓ ଉଚ୍ଚ ମାଧ୍ୟମିକ ସ୍ତରରେ ସର୍ବନିମ୍ନ ଦୁଇଟି ଭାଷାର ପ୍ରୟୋଗର ଉପାଦେୟତା ସମ୍ପର୍କରେ ଶିବିରରେ ଆଲୋଚନା ହୋଇଥିଲା। ବାଲ୍ୟଶିକ୍ଷାରେ କ୍ରୀଡା ସହିତ ପଠନର ଆବଶ୍ୟକତା ଏବଂ ବିଭିନ୍ନ ପ୍ରତ୍ୟକ୍ଷଦର୍ଶୀ କ୍ରିୟାକଳାପର ଉପାଦେୟତା ସମ୍ପର୍କରେ ପ୍ରଶିକ୍ଷକ ବ୍ୟାଖ୍ୟା କରିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ଖେଳ ସହିତ ପଠନ ସମ୍ପର୍କରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରାଇ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଶିକ୍ଷାର୍ଥୀମାନେ ନିଜ ଅଭିଜ୍ଞତା ବ୍ୟାଖ୍ୟା କରିଥିଲେ।

# ଅନୁକମ୍ପା ନୁହେଁ, ସ୍ୱାବଲମ୍ବନ ପାଇଁ ସୁଯୋଗ ଲୋଡ଼ା

ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)

- ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ସମରେନ୍ଦ୍ର ମିଶ୍ରଙ୍କ ବକ୍ତବ୍ୟ
- ସରକାର ସମାଜକୁ ଦୁଇ ଭାଗ କରିବାର ଷଡଯନ୍ତ୍ର କରିଛନ୍ତି
- ଶିକ୍ଷିତ, କର୍ମଠ ଯୁବକଙ୍କୁ ସ୍ଥାନୀୟ ନିଯୁକ୍ତି ସମୃଦ୍ଧିର ବାଟ
- ୨୫ ବର୍ଷର ସରକାର ୫ ଟଙ୍କିଆ ସ୍କିମ୍‌ରେ ସୀମିତ



ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ଯୁବନେତା ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖୁଛନ୍ତି।

କୌଣସି ଅଞ୍ଚଳର ଶିକ୍ଷିତ ଏବଂ କର୍ମଠ ଯୁବବର୍ଗ ନିଜ ଅଞ୍ଚଳରୁ ଜୀବିକା ଅନ୍ୱେଷଣରେ ଅନ୍ୟସ୍ଥାନକୁ ପଳାୟନ କରିବାକୁ ବାଧହେଲେ ସେଇ ଅଞ୍ଚଳର ବିକାଶସ୍ରୋତରୁ ଦୂରେଇ ଯାଏ। ବଲାଙ୍ଗୀର ଜିଲା ଏହାର ଏକ ପ୍ରମୁଖ ଉଦାହାଣ। ବଲାଙ୍ଗୀରରେ ନିଯୁକ୍ତି, ରୋଜଗାର ସୁଯୋଗ ନଥିବାରୁ ପ୍ରତିବର୍ଷ ଲକ୍ଷାଧିକ ଯୁବତୀ, ଯୁବକ ଅନ୍ୟସ୍ଥାନକୁ ପଳାୟନ କରୁଛନ୍ତି। ଏଭଳିକି ପାଠ ପଢ଼ିବା ପାଇଁ ଭଲ ଶିକ୍ଷାନୁଷ୍ଠାନ ନ ଥିବାରୁ ଅନ୍ୟସ୍ଥାନକୁ ପାଠ ପଢ଼ିବା ପାଇଁ ଯାଉଛନ୍ତି। ୫ କେଜି ଚାଉଳ, ୫ ଟଙ୍କାର ଭାତ, ୫ ଟଙ୍କାର ଲକ୍ଷ୍ମୀବସ ଟିକଟ ଯୋଜନା ହେଉଛି ଏଇ ସରକାରର ୨୫ ତମ ବର୍ଷରେ ନିର୍ବାଚନୀ ଆକର୍ଷଣ।

ଅନୁକମ୍ପାର ମାଳ ମାଳ ଯୋଜନା। ଆଗାମୀ ନିର୍ବାଚନ ଜିତିବାକୁ ଭୋଟର ଭାଇଭଉଣୀଙ୍କୁ ଭକୁଆ ବନାଇବାର ଏଇ ଯୋଜନା ଯୁବବର୍ଗ, ଛାତ୍ର ସମାଜ ଏବଂ ଜନସାଧାରଣଙ୍କୁ ସର୍ବସ୍ୱାନ୍ତ କରିବାର ଏହା ଏକ ସରକାରୀ ଷଡଯନ୍ତ୍ର। ତେବେ ଯୁବକ ଭିତରେ ସାମର୍ଥ୍ୟ ଅଛି। ତାଙ୍କୁ ଅନୁକମ୍ପା ନୁହେଁ, ସ୍ୱାବଲମ୍ବନର ସୁଯୋଗ ଲୋଡ଼ା ବୋଲି ଏଆଇସିସି ସଦସ୍ୟ ତଥା ଯୁବନେତା ସମରେନ୍ଦ୍ର ମିଶ୍ର ମଙ୍ଗଳବାର ସନ୍ଧ୍ୟାରେ ଆଇନ ମହାବିଦ୍ୟାଳୟଠାରେ ଆୟୋଜିତ ଯୁବ ସମ୍ବାଦ ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀର ସହସ୍ରାଧିକ ଯୁବତୀ ଓ ଯୁବକ ଯୋଗ ଦେଇଥିଲେ।

ସମରେନ୍ଦ୍ର ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ସ୍କୁଲରେ ଶିକ୍ଷକ ଓ କଲେଜରେ ଅଧ୍ୟାପକ ନାହାନ୍ତି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଚାଷଜମିକୁ ଜଳସେଚନ ସୁବିଧା ନାହିଁ। ନିଯୁକ୍ତି ସୁଯୋଗ ନାହିଁ। ସରକାର ଗଲା ୨୫ ବର୍ଷ ଭିତରେ ଶିକ୍ଷାକୁ ବି ଦୁଇ ଭାଗରେ ବିଭକ୍ତ କରିଦେଇଛନ୍ତି। ଗରିବ ଲୋକଙ୍କ ପାଇଁ ଶିକ୍ଷକବିହୀନ ସରକାରୀ ସ୍କୁଲ ଓ ଧନୀ ଲୋକଙ୍କ ପାଇଁ ବିଭିନ୍ନ ସୁବିଧା ଥିବା ବେସରକାରୀ ସ୍କୁଲ। ସରକାର ତୀର୍ଥଯାତ୍ରା ନାଁରେ ଲୋକଙ୍କୁ ବୁଲାଇ ବାହା ବା ନେଇଛନ୍ତି। ତେବେ ଯୁବକମାନେ ସ୍ୱାବଲମ୍ବୀ ହୋଇ ଉପାର୍ଜନକ୍ଷମ ହେଲେ ନିଜ ପିତାମାତାଙ୍କୁ ନିଜେ ତୀର୍ଥ କରାଇବେ। ଏଣୁ ସରକାର ଯୁବତୀ, ଯୁବକଙ୍କୁ ସ୍ୱାବଲମ୍ବୀ କରିବାର ସୁଯୋଗ ଦିଅନ୍ତୁ ବୋଲି ସେ କହିଥିଲେ। ଯେଉଁମାନେ ଏଠାରେ ମନ୍ତ୍ରୀ, ବିଧାୟକ ଥିଲେ ସେମାନେ କିଛି ଏଠାରେ କଲେନାହିଁ। ସେମାନଙ୍କ ପୁଅମାନଙ୍କ ପାଇଁ ଏଇ ସ୍ଥାନକୁ କେବଳ ନିର୍ବାଚନ ମଇଦାନ ଭାବେ ବ୍ୟବହାର କରିଆସିଛନ୍ତି। ସେମାନେ ଏଠାରେ ରହନ୍ତି ନାହିଁ। ନିର୍ବାଚନ ଆସିଲେ ଆସନ୍ତି। ସେମାନେ ଏଠାକାର ରାସ୍ତାଘାଟ କୁଆଡେ ବି ଜାଣନ୍ତି ନାହିଁ। ବାସ୍ତବରେ ସେମାନେ ବଲାଙ୍ଗିରିଆ ନୁହନ୍ତି ବୋଲି ପ୍ରତିପକ୍ଷଙ୍କୁ ସମାଲୋଚନା କଡା କରିଥିଲେ। ଏଭଳି ସୁବିଧାବାଦୀଙ୍କୁ ଏଠାକାର ଯୁବତୀ, ଯୁବକ ମାନେ ପକ୍କା ବଲାଙ୍ଗୀରିଆ ଭାବେ ଆଗାମୀ ନିର୍ବାଚନରେ ଉଚିତ୍ ଜବାବ ଦେବେ ବୋଲି ଆହ୍ୱାନ ଦେଇଥିଲେ। ଏହା ସହିତ ଉପସ୍ଥିତ ଯୁବତୀ, ଯୁବକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି କାର୍ଯ୍ୟକ୍ରମ ସିନେ ଅଭିନେତାରୁ ରାଜନେତା ହୋଇଥିବା ଚର୍ଚ୍ଚିତ ଅଭିନେତା ମନୋଜ ମିଶ୍ର ଯୋଗଦାନ କରି ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜେଡିର ପରିବାର ସମ୍ପର୍କ ଅଭିଯାନ



ପରିବାର ସମ୍ପର୍କ ଅଭିଯାନରେ ବିଜେଡି ନେତା ଓ କର୍ମୀ।

ଲୋଇସିଂହା,୨୧।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି, କଦଳୀପାଲି ଏବଂ କନ୍ଦାଜୁରୀ ପଞ୍ଚାୟତ ସଦର ଗାଁ କନ୍ଦାଜୁରୀ ଗ୍ରାମରେ ବିଜେଡି ପକ୍ଷରୁ ପରିବାର ସମ୍ପର୍କ ଅଭିଯାନ ତଥା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବନେତା ନହାର ରଞ୍ଜନ ବେହେରା ନେତୃତ୍ୱ ନେଇଥିଲେ। ବାଦିବାହାଲ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସମିତି ସଭ୍ୟ ଅଜିତ ବେହେରା, ଦଣ୍ଡଧାରୀ ବେହେରା ଓ ସ୍ଥାନୀୟ ବିଜେଡି କର୍ମୀ ସାମିଲ ହୋଇଥିଲେ। ସେହିପରି କନ୍ଦାଜୁରୀରେ ମନୋଜ ପୋଢ, ଶଶୀରଞ୍ଜନ ବ୍ରହ୍ମା, କାଳା ଖମାରୀ, ସଞ୍ଜୀବ ବେହେରା, ମୋହନ ମେର୍ଲି, ଭାନୁପ୍ରତାପ ସିଂଦେଓ ଏବଂ ବିଜେଡିର ପଦାଧିକାରୀ ସାମିଲ ହୋଇ ଘରକୁ ଘର ବୁଲି ଶଙ୍ଖ ଚିହ୍ନ ଷ୍ଟିକର ବଣ୍ଟନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଲୋକକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

# ଓବିସି ବର୍ଗରେ ତାଲିକାଭୁକ୍ତ କରିବାକୁ ଦାବି ଜଣାଇଲେ

ଲୋଇସିଂହା,୨୧।୨(ସୁଶାନ୍ତ ବାରିକ)

**ଓବିସି କମିଶନରଙ୍କୁ ଭେଟିଲେ ଗନ୍ଧମାଳି ସମାଜ ପ୍ରତିନିଧି**


କେନ୍ଦ୍ର ଓବିସି କମିଶନରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଉଛି।

କେନ୍ଦ୍ର ଓବିସି କମିଶନର ହଂସରାଜ ଗଙ୍ଗାରାମ ଅହିରଙ୍କୁ ତାଙ୍କ ଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟରେ ଭେଟିଛନ୍ତି ପଶ୍ଚିମ ଓଡ଼ିଶା ଗନ୍ଧମାଳି(ଥନାପତି) ସମାଜର ଏକ ପତିନିଧି ଦଳ। ଗନ୍ଧମାଳି (ଥନାପତି) ସମାଜକୁ ଓବିସି ବର୍ଗରେ ତାଲିକାଭୁକ୍ତ କରିବା ପାଇଁ ଉକ୍ତ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ର ଓବିସି କମିଶନର ଅହିର କହିଥିଲେ, ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଣୁ ଅବଶ୍ୟକ କାଗଜପତ୍ର ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର କମିଟି ସଭାପତି ଜଗଦୀଶ ଥନାପତି, ମୁଖ୍ୟ ପରାମର୍ଶଦାତା ଲିଙ୍ଗରାଜ ଥନାପତି, ନୀଳକଣ୍ଠ ଥନାପତି, କେଦାର ଥନାପତି, ଗୌରୀଶଙ୍କର ଥନାପତି, ରୂପଧର ଥନାପତି, ହରିହର ଥନାପତି ପ୍ରମୁଖ ପ୍ରତିନିଧି ଦିଲ୍ଲୀ ଗସ୍ତ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପଧାନ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ସହାୟତାରେ କେନ୍ଦ୍ର ଓବିସି କମିଶନର ଅହିରଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ,୧ ଜାନୁୟାରୀ ୨୦୨୪ରେ ରାଜ୍ୟ ଓବସି କମିଶନର ଗନ୍ଧମାଳି/ଥନାପତି ଜାତି ସମେତ ୫ ଜାତିକୁ ଓବିସିରେ ଅନ୍ତର୍ଭୁକ୍ତ ପାଇଁ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପତ୍ରାଳାପ କରିଛନ୍ତି।

### ଗଙ୍ଗାଧର ସାରସ୍ୱତ ସମିତିର ବିଶ୍ୱ ମାତୃଭାଷା ଦିବସ

ସିନାପାଲି,୨୧।୨(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲିର ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ବୁଧବାର ବିଶ୍ୱ ମାତୃଭାଷା ଦିବସ ପାଳନ କରାଯାଇଛି। ସ୍ଥାନୀୟ ସ୍ୱର ସଙ୍ଗମ କଳା ପରିଷଦଠାରେ ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମାତଭାଷାର ମିଠାପଣ ସହିତ ଏହି ଦିବସ ପାଳନର ମହତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ସାଧାରଣରେ ମାତୃଭାଷାର ବହୁଳ ବ୍ୟବହାର ଦିଗରେ ସଚେତନତା ସୃଷ୍ଟି କଲେ ଭାଷାର ସୁରକ୍ଷା ହେବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ରବୀନ୍ଦ୍ରନାଥ ଯୋଷୀ, ସତ୍ୟବ୍ରତ ଗହିର, ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା, ଗୌତମ ମେହେର, ଭ୍ରମର ବାଗ, ଶିବ ପ୍ରସାଦ ମେହେର, ଲୋଚନ ମେହେର, ବିଜୟ କୁମାର ଯୋଷୀ, ତସ୍ମିନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗୌତମ ମେହେର ଧନ୍ୟବାଦ ଦେଇଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ଦାବିରେ ଧାରଣା

ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ଦାବି କରି ଷ୍ଟେଟ ୟୁନିୟନ୍ ଅଫ୍ ଜର୍ନାଲିଷ୍ଟ (ଏସ୍‌ୟୁଜେ) ବଲାଙ୍ଗୀର ଜିଲା ଶାଖାର ଗଣମାଧ୍ୟମ ପ୍ରତିନିଧିମାନେ ଗଣଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଏସ୍‌ୟୁଜେ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳ ଡ଼. ବିଜୟାନନ୍ଦ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, କାର୍ଯ୍ୟରତ ସାମ୍ବାଦିକଙ୍କୁ ମାସିକ ୨୦ ହଜାର ଟଙ୍କା ଦରମା ପ୍ରଦାନ ଓ ଅବସର ଗ୍ରହଣ କରିଥିବା ସାମ୍ବାଦିକଙ୍କୁ ମାସିକ ୨୫ ହଜାର ଟଙ୍କା ପେନସନ୍ ପ୍ରଦାନ କରିବା ସହ ଭୁବନେଶ୍ୱରକୁ ଯିବା ଆସିବା କରୁଥିବା ଗଣମାଧମ ପ୍ରତିନିଧିଙ୍କ ରହଣି ପାଇଁ ସାମ୍ବାଦିକ ଅତିଥି ଭବନ ନିର୍ମାଣ କରିବା ଆଦି ଦାବି କରିଛନ୍ତି। ଏହା ସହିତ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ପାଇଁ ପ୍ରତିବର୍ଷ ପଞ୍ଜୀକରଣ ନବୀକରଣ ପ୍ରକ୍ରିୟାକୁ ବନ୍ଦ କରି ସାମ୍ବାଦିକ ବୀମା ରାଶିକୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ସଂଘ ପକ୍ଷରୁ ନିରବିଛିନ୍ନ ଭାବେ ରାଜ୍ୟ ସରକାରଙ୍କଠାରେ ଦାବି କରାଯାଇ ଆସୁଥିବା କୁହାଯାଇଛି। ଏସ୍‌ୟୁଜେ ବଲାଙ୍ଗୀର ଜିଲା ଶାଖା ସଭାପତି ଗୋପବନ୍ଧୁ ଶତପଥୀଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଶରତ କୁମାର ମହାକୁର, ରାଜ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଦର୍ଜୀ, ଜିଲା ସମ୍ପାଦକ ରଘୁନନ୍ଦନ ସିଂ, ସଭ୍ୟ ନିରଜ କୁମାର ମିଶ୍ର, ରାଧାକ୍ରୀଷ୍ଣ ମିଶ୍ର, ପବନ ବଂଶଲ, ମହେନ୍ଦ୍ର ପଧାନ, ଚିତ୍ରସେନ ବେହେରା, ଯୁଗଳ କିଶୋର ଶବର, ତୁଳସୀ ରାମ ଜଗତ, ମୀନକେତନ୍ ନିଆଲ ଏବଂ ରାକେଶ ସରାଫ ଅତିରିକ୍ତ ଜିଲାପାଳ ସେଠୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ।

# କନ୍ୟା ସନ୍ତାନଙ୍କ ସମାନତା, ଶିକ୍ଷା କର୍ମଶାଳା

ପାଟଣାଗଡ,୨୧।୨(ସଚ୍ଚିଦାନନ୍ଦ ମହାକୁର)


କର୍ମଶାଳାରେ ମଞ୍ଚାସୀନ ଅତିଥି, ଅଧିକାରୀ।

ବଲାଙ୍ଗୀର ଜିଲା ପାଟଣାଗଡ ଉପଜିଲାପାଳଙ୍କ ହରିଶଙ୍କର ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ କନ୍ୟା ସନ୍ତାନମାନଙ୍କ ସମାନତା ଓ ଶିକ୍ଷା ନିମନ୍ତେ ନିରନ୍ତର ଗତିଶୀଳତା ଜାରି ରଖିବା ପାଇଁ ଏକଦିବସୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାଜରେ କନ୍ୟା ସନ୍ତାନମାନଙ୍କ ସମାନତା, ଉଚ୍ଚଶିକ୍ଷା ଓ ବାଲ୍ୟ ବିବାହ, ଯୌନ ନିର୍ଯାତନା, ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ ଉପରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ, ନିର୍ବାଚିତ ପ୍ରତିନିଧି, ସିଡିପିଓ ଓ ଆଇସିଡିଏସ ସୁପରଭାଇଜରମାନ ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ଡକ୍ଟର ଗୋଦାବରୀଶ ରଥ, ଜିଲା ସଂଯୋଜକ ସନ୍ଧ୍ୟାରାଣୀ ପତି ବାଲ୍ୟ ବିବାହ ବନ୍ଦ କରିବାକୁ ପିପିଟି ମାଧ୍ୟମରେ ଜଣାଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲା ପରାମର୍ଶଦାତା ପ୍ରମୋଦ ବରର୍ଡ଼ି ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ସୁଦକ୍ଷା ଯୋଜନା ଓ ବିଭିନ୍ନ ଆଇନଗତଦିଗ ଉପରେ ବୁଝାଇଥିଲେ। ସାମାଜିକ କର୍ମୀ ଖୁଆସ ସମସ୍ତ ଶିଶୁକନ୍ୟାଙ୍କୁ ସମାନ ଅଧିକାର ଦେଇ ବାଲ୍ୟବିବାହ, ଲିଙ୍ଗଗତ ବୈଷ୍ୟମ୍ୟତାକୁ ଦୂର କରିବାକୁ ବୁଝାଇଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଟିଟିଲାଗଡ଼, ୨୧।୨(ଶରତ ମିଶ୍ର)

ଟିଟିଲାଗଡ ବ୍ଲକ ସିହିନି ପଞ୍ଚାୟତରେ ସରପଞ୍ଚ ବୀରବର ସାହୁଙ୍କ ଅଧକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟା ଗୀତା ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିକାଶ କାର୍ଯ୍ୟକ୍ରମର ଅବତାରଣା କରିଥିଲେ। ଦ୍ୱିତୀୟ ଥର ପାଇଁ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଚାମ୍ପିୟନ ସହ ରାଜ୍ୟସ୍ତରରେ ପ୍ରତିନିଧିତ୍ୱ କରିଥିବା ସିହିନି ମହିଳା ଫୁଟବଲ ଦଳ ତଥା ରାଜ୍ୟ ସ୍ତରରେ ଫୁଟବଲ ଖେଳରେ ଅଂଶ ଗ୍ରହଣ କରିଥିବା ଶକ୍ତି ବାଗ ସମ୍ବର୍ଦ୍ଧିତ ହୋଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବାନି ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଧିରେନ୍ଦ୍ର ସାହୁ, ସମିତି ସଭ୍ୟା ପ୍ରମିଳା ବାଗ, ନାଏବ ସରପଞ୍ଚ ସାବିତ୍ରୀ କୁମ୍ଭାର, ପୂର୍ବତନ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ସରପଞ୍ଚ ହୃଷୀକେଶ ବାଗ ମଞ୍ଚାସୀନ ଥିଲେ। ମନିଗାଁ ପଞ୍ଚାୟତରେ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ମୁଖ୍ୟଅତିଥି, ସରପଞ୍ଚ ମାଦ୍ରୀ ଖର୍ସେଲ, ନାଏବ ସରପଞ୍ଚ ତୁଳସିରାମ ବାଗ ଯୋଜନା ନେଇ ସଚେତନ କରିଥିଲେ। ଇଓ ଲୋକନାଥ ରଣା, ସହଯୋଗ କରିଥିଲେ। ମାର୍ଲାଡ ପଞ୍ଚାୟତରେ ବ୍ଲକ ଅଧକ୍ଷା ନାଏକ, ସରପଞ୍ଚ କେଶରି ହାତୀ, ସମିତି ସଭ୍ୟ ଶଙ୍କର ଛୁରା, ପିଇଓ ଚତୁର୍ଭୁଜ ପ୍ରଧାନ ସାମିଲ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,୨୧।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଟିଁଖୋଇ ସେନ୍ଦ୍ରିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ନିରୂପମା ପଟେଲ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ସମିତି ସଭ୍ୟା ସୁଶୀଳା ଭୋଇ, ପବିତ୍ର ପଟେଲ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ସାହୁ, ସତ୍ୟାନନ୍ଦ ସେନ୍ଦ୍ରିଆ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦାରା ଖପ୍ରାଖୋଲ ପଞ୍ଚାୟତର ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଅତି ମାନେ ରାଜ୍ୟ ସରକାରଙ୍କ ବିଭିନ୍ନଜନହିତକର ଯୋଜନା ଉପରେ ଆଲୋକପାତ କରିଥଲେ। ଏହା ସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଆରଏସ ସରୋଜ ଭୋଇ, ପରମାନନ୍ଦ ବରିହା, ଅକ୍ରୁର ବରିହା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ଉପଜିଲାପାଳଙ୍କୁ ଫେରାଦ ହିତାଧିକାରୀ

ପାଟଣାଗଡ,୨୧।୨(ସଚ୍ଚିଦାନନ୍ଦ ମହାକୁର)

**ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଟଙ୍କା ଆତ୍ମସାତ୍**


ସହକାରୀ ଜିଲାପାଳ ନିରୂପମା ଟେଟେଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଲାଙ୍ଗୀର ଜିଲା ଲାଠୋର ଥାନା ଜାମଟୁଆଁ ଗାଁର ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ଜଣେ ଯୁବକ ଉକ୍ତ ଗାଁର ଶତାଧିକ ମହିଳାଙ୍କଠାରୁ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଛନ୍ତି। ଏହିଭଳି ଅଭିଯୋଗ କରି ବୁଧବାର ଉକ୍ତ ଗାଁର ମହିଳାମାନେ ଏଲଡିଏ ସଙ୍ଗଠନର ମୁଖ୍ୟ ଲବ ସୁନାଙ୍କ ନେତୃତ୍ୱରେ ପାଟଣାଗଡ ଉପଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ମାଇକ୍ରୋ ଫାଇନାନ୍ସ କମ୍ପାନୀରେ ଏଜେଣ୍ଟ ଭାବେ କାର୍ଯ୍ୟରତ ଜାମଟୁଆଁର ଜଣେ ଯୁବକ ଜଣକ ଉକ୍ତ ଗାଁର ୧୦୫ ଗରିବ, ଖଟିଖିଆ ମହିଳାଙ୍କଠାରୁ ବିଭିନ୍ନ ଆଳଦେଖାଇ ଟଙ୍କା ନେଇଥିଲେ। ମହିଳାମାନେ ଠକେଇର ଶିକାର ହେବା ଜାଣିବା ପରେ ଗତ ୭ ତାରିଖ ଏ ସଂକ୍ରାନ୍ତରେ ଲାଠୋର ଥାନାକୁ ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ଥାନା ଅଧିକାରୀ ତାଙ୍କ ଅଭିଯୋଗ ପତ୍ର ରଖି ନ ଥିବାନେଇ ଏଲଡିଏର ମୁଖ୍ୟ ସୁନା କହିଛନ୍ତି। ଏହାପରେ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଦ୍ୱାରା ଲୋନର ଶିକାର ହୋଇଥିବା ଶତାଧିକ ମହିଳା ବୁଧବାର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିଲେ। ଏସ୍‌ଡିପିଓ ଅନୁପସ୍ଥିତରେ ସେମାନେ ସୁନାଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଯାଇଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତରେ ସହକାରୀ ଜିଲାପାଳ ନିରୂପମା ଟେଟେଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ସମ୍ପୃକ୍ତ ମାଇକ୍ରୋ ଫାଇନାନ୍ସ କର୍ମଚାରୀ ଜଣକ ମହିଳାମାନଙ୍କଠାରୁ ୧ କୋଟିରୁ ଉର୍ଦ୍ଧ ଟଙ୍କା ଲୋନ ଠକେଇ କରିଥିବାବେଳେ ଏବେ ସେ ତାଙ୍କ ଜମିବାଡ଼ି ବିକ୍ରିକରି ଗାଁ ଛାଡିବାକୁ ଯୋଜନା କରୁଛନ୍ତି। ଏପରିକି ବର୍ତ୍ତମାନ ଜମି ବିକ୍ରି ସମ୍ପର୍କିତ କାଗଜପତ୍ରର ପ୍ରକ୍ରିୟା ତହସିଲ ଅଫିସରେ ଜାରି ରହିଥିବାରୁ ତାକୁ ମଧ ବାତିଲ କରିବାକୁ ଅଭିଯୋଗକାରୀ ରେଜିଷ୍ଟ୍ରେଶନ ଦାୟିତ୍ୱରେ ଥିବା ପାଟଣାଗଡ ଅତିରିକ୍ତ ତହସିଲଦାର ଅର୍ଜୁନ ମାଝିଙ୍କୁ ମଧ ଲିଖିତ ଅଭିଯୋଗ କରିଛନ୍ତି।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଲୋଇସିଂହା, (ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଶିବପ୍ରସାଦ ବାରିକ ସଭାରେ ଅଧ୍ୟକ୍ଷତା କରିଥିଲେ। ମାତୃଭାଷା ଦିବସ ସମ୍ପର୍କରେ ଗୁରୁମା ସଙ୍ଗୀତା ସାହୁ, କୁମୁଦିନୀସାହୁ, ଶ୍ରୀମାଞ୍ଜଳିସାହୁ, ସହପ୍ରଧାନଅଚାର୍ଯ୍ୟପ୍ରେମାନନ୍ଦମିଶ୍ର, ଶତ୍ରୁଘ୍ନବିଶ୍ୱାଳ, କୁନାବହେରା, ବିଜୟକୁମାରସରାଫବକ୍ତବ୍ୟରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଅମୃତ କଳସ, କବିତା ପଠନ, ପ୍ରବନ୍ଧ ଏବଂ ଲଘୁ ନାଟିକା ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଅନିୟମିତତା ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ପଞ୍ଚାୟତରେ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏ)ରେ ହୋଇଥିବା କେନାଲ ଉନ୍ନତିକରଣ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ କରି ବୁଧବାର ଭାଜପା ଯୁବମୋର୍ଚ୍ଚା ଜିଲାପାଳ ଏବଂ ଭିଜିଲାନ୍ସ ଡିଏସପିଙ୍କୁ ଫେରାଦ ହୋଇଛି । ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଭିଜିଲାନ୍ସ ଅତିରିକ୍ତ ଏସପି ସତ୍ୟବାନ ମହାନନ୍ଦଙ୍କୁ ପୃଥକଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ପଞ୍ଚାୟତର ବାଉଶେନପାଲିରେ ହୋଇଥିବା କେନାଲ କାମ ମଷ୍ଟର ରୋଲରେ କବିତା ମେହେରଙ୍କ ନାମ ଉଲ୍ଲେଖ କରାଯାଇ ଟଙ୍କା ଉଠାଣ ହୋଇଛି। ସେହିପରି ଗଣ୍ଡପାଲି କେନାଲ ଉନ୍ନତିକରଣ କାମରେ ବବିତା ମେହେରଙ୍କ ନାମ ଉଲ୍ଲେଖ ସହିତ ଟଙ୍କା ଉଠାଯାଇଛି । ତେବେ ଉଭୟ କବିତା ଏବଂ ବବିତା ଦୃଷ୍ଟିହୀନ ହୋଇଥିବାବେଳେ ତାଙ୍କ ନାମ ଏବଂ ଜବକାର୍ଡ଼କୁ ଚଞ୍ଚକତା କରି ଟଙ୍କା ଉଠାଣ ହୋଇଥିବା ଭାଜପା ଯୁବମୋର୍ଚ୍ଚା ଅଭିଯୋଗ କରି ଏହାର ତଦନ୍ତ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ତେବେ ଏ ସମ୍ପର୍କରେ କୁରୁଆଁ ସରପଞ୍ଚ ପୁଷ୍ପାଞ୍ଜଳି କଲତାଙ୍କୁ ପଚାରିବାରୁ ସେଭଳି କିଛି ଅନିୟମିତତା ହୋଇ ନାହିଁ। ଉଭୟ କବିତା ଏବଂ ବବିତା କାମ ଦେବା ପାଇଁ ପଞ୍ଚାୟତରେ ଆବେଦନ କରିଥିଲେ। ତାଙ୍କ ଆବେଦନକୁ ଭିତ୍ତି କରି ଉଭୟଙ୍କୁ କାମ ଦିଆଯାଇଥିଲା ଏବଂ ସେମାନେ ପାଣି ଦେବା କାଯର୍ୟରେ ନିୟୋଜିତ ଥିଲେ। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ତାଙ୍କ ପ୍ରାପ୍ୟରାଶି ପ୍ରଦାନ କରାଯାଇଛି ବୋଲି ସରପଞ୍ଚ କଲତା କହିଛନ୍ତି। ଭାଜପା ଯୁବମୋର୍ଚ୍ଚାର ଜିଲା ସଭାପତି ଯୁଧିଷ୍ଠିର ମେହେରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଏବଂ ଭିଜିଲାନ୍ସ ଅଫିସକୁ ଯାଇଥିଲେ ।

### ଗୋଟିଏ ମାମଲାରୁ ଦୋଷମୁକ୍ତ ହେଲେ ଶ୍ରମିକ ନେତା ଅବକାଶ ସାହୁ

ବୌଦ୍ଧ,୨୧।୨(ଅଜିତ କୁମାର ବାରିକ)

ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ପ୍ରୀତିଶ କୁମାର ସାମଲ ବୁଧବାର ଦିନ ଏକ ମାମଲାର ବିଚାର କରି ଶ୍ରମିକ ନେତା ଅବକାଶ ସାହୁଙ୍କୁ ଦୋଷମୁକ୍ତ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୁଇଁଠାରେ ଥିବା ଏଆରଏସଏସ ଠିକାସଂସ୍ଥାର ପିଚୁ ପ୍ଲାଣ୍ଟ ଚାଲିଥିଲା । ଗତ ୨୩।୧୧।୨୦୨୧ ରେ ଶ୍ରମିକ ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ ଓ ଖରଭୁଇଁ ଗ୍ରାମର ହୃଦାନନ୍ଦ ଦେହୁରୀ ପ୍ଲାଣ୍ଟ ଭିତରକୁ ଆସି ପିଚୁ ପ୍ଲାଣ୍ଟ ଇନଚାର୍ଜ ଗଣେଶ ଚନ୍ଦ୍ର ବାରିକଙ୍କୁ ଗାଳି କରିବା ସହ ମ୍ୟାନେଜରଙ୍କୁ କହିବ ଆମକୁ ୩ ଲକ୍ଷ ଟଙ୍କା ଦେବେ ନଚେତ ପ୍ଲାଣ୍ଟରେ ନିଆଁ ଲଗାଇ ଦେବୁ ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଥିଲା । ଭୟଭିତ ହୋଇ ଗତ ୫।୧୨।୨୦୨୧ରେ ୧ ଲକ୍ଷ ଟଙ୍କା ଦେଇଥିବା ନେଇ ଗତ ୬।୧୨।୨୦୨୨ରେ ହରଭଙ୍ଗା ଥାନାରେ ଗଣେଶ ଚନ୍ଦ୍ର ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପରେ ହରଭଙ୍ଗା ଥାନା ପକ୍ଷରୁ କେସ ନଂ ୧୨୪/୨୨ ରେ ଏକ ମାମଲା ରୁଜୁ କରାଯାଇ ବିଚାର ପାଇଁ କୋର୍ଟକୁ ପଠାଯାଇଥିଲା । ଉକ୍ତ ମାମଲା ଥାନାରେ ଦିଆଯିବା ସମୟରେ ଶ୍ରମିକ ନେତା ସାହୁ ଉକ୍ତ କମ୍ପାନୀର ମ୍ୟାନେଜର ଅଭିଷେକ ଅଗ୍ରୱାଲାଙ୍କୁ ଧମକ ଚମକ ଦେଇ ଟଙ୍କା ମାଗୁଥିବା ନେଇ ଗତ ୨।୧୦।୨୨ରେ ହରଭଙ୍ଗା ଥାନାରେ ଅଭିଯୋଗ କରିବା ପରେ କେସ ନଂ ୯୨/୨୨ରେ ମାମଲା ରୁଜୁ କରି ଗତ ୧୫।୧୧।୨୨ରେ ଶ୍ରମିକ ନେତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଅବକାଶ ଜେଲରେ ଥିଲେ। ଜେଲରେ ଥିବା ବେଳେ ପୋଲିସ ଶ୍ରମିକ ନେତାଙ୍କ ନାମରେ ହରଭଙ୍ଗା ଥାନାରେ ୬ ଗୋଟି ମାମଲା ରୁଜୁ କରିଥିଲା । ବୁଧବାର ଦିନ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ସାମଲ ସିଟି କେସ ନଂ ୨୯୯/୨୨କୁ ବିଚାର କରି ଅଭିଯୁକ୍ତ ଶ୍ରମିକ ନେତାଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ବୁଧବାର ଦିନ ଗୋଟିଏ ମାମଲାରୁ ଦୋଷମୁକ୍ତ ହୋଇଥିବା ବେଳେ ଆହୁରି ୩ ଗୋଟି ମାମଲା ଏବେ ଚାଲୁ ରହିଛି। ଠିକା ସଂସ୍ଥାର କ୍ରସର ବନ୍ଦ ଆନ୍ଦୋଳନ ଯୋଗୁ ପୋଲିସ ଶ୍ରମିକ ନେତା ଓ ଗ୍ରାମବାସୀଙ୍କ ନାମରେ ବହୁ ମାମଲା ରୁଜୁ କରିଥିଲା ।

# ଅନୁକମ୍ପା ନୁହେଁ, ସ୍ୱାବଲମ୍ବନ ପାଇଁ ସୁଯୋଗ ଲୋଡ଼ା

ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)



ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ଯୁବନେତା ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖୁଛନ୍ତି।

- ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ସମରେନ୍ଦ୍ର ମିଶ୍ରଙ୍କ ବକ୍ତବ୍ୟ
- ସରକାର ସମାଜକୁ ଦୁଇ ଭାଗ କରିବାର ଷଡଯନ୍ତ୍ର କରିଛନ୍ତି
- ଶିକ୍ଷିତ, କର୍ମଠ ଯୁବକଙ୍କୁ ସ୍ଥାନୀୟ ନିଯୁକ୍ତି ସମୃଦ୍ଧିର ବାଟ
- ୨୫ ବର୍ଷର ସରକାର ୫ ଟଙ୍କିଆ ସ୍କିମ୍‌ରେ ସୀମିତ

କୌଣସି ଅଞ୍ଚଳର ଶିକ୍ଷିତ ଏବଂ କର୍ମଠ ଯୁବବର୍ଗ ନିଜ ଅଞ୍ଚଳରୁ ଜୀବିକା ଅନ୍ୱେଷଣରେ ଅନ୍ୟସ୍ଥାନକୁ ପଳାୟନ କରିବାକୁ ବାଧହେଲେ ସେଇ ଅଞ୍ଚଳର ବିକାଶସ୍ରୋତରୁ ଦୂରେଇ ଯାଏ। ବଲାଙ୍ଗୀର ଜିଲା ଏହାର ଏକ ପ୍ରମୁଖ ଉଦାହାଣ। ବଲାଙ୍ଗୀରରେ ନିଯୁକ୍ତି, ରୋଜଗାର ସୁଯୋଗ ନଥିବାରୁ ପ୍ରତିବର୍ଷ ଲକ୍ଷାଧିକ ଯୁବତୀ, ଯୁବକ ଅନ୍ୟସ୍ଥାନକୁ ପଳାୟନ କରୁଛନ୍ତି। ଏଭଳିକି ପାଠ ପଢ଼ିବା ପାଇଁ ଭଲ ଶିକ୍ଷାନୁଷ୍ଠାନ ନ ଥିବାରୁ ଅନ୍ୟସ୍ଥାନକୁ ପାଠ ପଢ଼ିବା ପାଇଁ ଯାଉଛନ୍ତି। ୫ କେଜି ଚାଉଳ, ୫ ଟଙ୍କାର ଭାତ, ୫ ଟଙ୍କାର ଲକ୍ଷ୍ମୀବସ ଟିକଟ ଯୋଜନା ହେଉଛି ଏଇ ସରକାରର ୨୫ ତମ ବର୍ଷରେ ନିର୍ବାଚନୀ ଆକର୍ଷଣ।

ଅନୁକମ୍ପାର ମାଳ ମାଳ ଯୋଜନା। ଆଗାମୀ ନିର୍ବାଚନ ଜିତିବାକୁ ଭୋଟର ଭାଇଭଉଣୀଙ୍କୁ ଭକୁଆ ବନାଇବାର ଏଇ ଯୋଜନା ଯୁବବର୍ଗ, ଛାତ୍ର ସମାଜ ଏବଂ ଜନସାଧାରଣଙ୍କୁ ସର୍ବସ୍ୱାନ୍ତ କରିବାର ଏହା ଏକ ସରକାରୀ ଷଡଯନ୍ତ୍ର। ତେବେ ଯୁବକ ଭିତରେ ସାମର୍ଥ୍ୟ ଅଛି। ତାଙ୍କୁ ଅନୁକମ୍ପା ନୁହେଁ, ସ୍ୱାବଲମ୍ବନର ସୁଯୋଗ ଲୋଡା ବୋଲି ଏଆଇସିସି ସଦସ୍ୟ ତଥା ଯୁବନେତା ସମରେନ୍ଦ୍ର ମିଶ୍ର ମଙ୍ଗଳବାର ସନ୍ଧ୍ୟାରେ ଆଇନ ମହାବିଦ୍ୟାଳୟଠାରେ ଆୟୋଜିତ ଯୁବ ସମ୍ବାଦ ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀର ସହସ୍ରାଧିକ ଯୁବତୀ ଓ ଯୁବକ ଯୋଗ ଦେଇଥିଲେ।

ସମରେନ୍ଦ୍ର ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ସ୍କୁଲରେ ଶିକ୍ଷକ ଓ କଲେଜରେ ଅଧ୍ୟାପକ ନାହାନ୍ତି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଚାଷଜମିକୁ ଜଳସେଚନ ସୁବିଧା ନାହିଁ। ନିଯୁକ୍ତି ସୁଯୋଗ ନାହିଁ। ସରକାର ଗଲା ୨୫ ବର୍ଷ ଭିତରେ ଶିକ୍ଷାକୁ ବି ଦୁଇ ଭାଗରେ ବିଭକ୍ତ କରିଦେଇଛନ୍ତି। ଗରିବ ଲୋକଙ୍କ ପାଇଁ ଶିକ୍ଷକବିହୀନ ସରକାରୀ ସ୍କୁଲ ଓ ଧନୀ ଲୋକଙ୍କ ପାଇଁ ବିଭିନ୍ନ ସୁବିଧା ଥିବା ବେସରକାରୀ ସ୍କୁଲ। ସରକାର ତୀର୍ଥଯାତ୍ରା ନାଁରେ ଲୋକଙ୍କୁ ବୁଲାଇ ବାହା ବା ନେଇଛନ୍ତି। ତେବେ ଯୁବକମାନେ ସ୍ୱାବଲମ୍ବୀ ହୋଇ ଉପାର୍ଜନକ୍ଷମ ହେଲେ ନିଜ ପିତାମାତାଙ୍କୁ ନିଜେ ତୀର୍ଥ କରାଇବେ। ଏଣୁ ସରକାର ଯୁବତୀ, ଯୁବକଙ୍କୁ ସ୍ୱାବଲମ୍ବୀ କରିବାର ସୁଯୋଗ ଦିଅନ୍ତୁ ବୋଲି ସେ କହିଥିଲେ। ଯେଉଁମାନେ ଏଠାରେ ମନ୍ତ୍ରୀ, ବିଧାୟକ ଥିଲେ ସେମାନେ କିଛି ଏଠାରେ କଲେନାହିଁ। ସେମାନଙ୍କ ପୁଅମାନଙ୍କ ପାଇଁ ଏଇ ସ୍ଥାନକୁ କେବଳ ନିର୍ବାଚନ ମଇଦାନ ଭାବେ ବ୍ୟବହାର କରିଆସିଛନ୍ତି। ସେମାନେ ଏଠାରେ ରହନ୍ତି ନାହିଁ। ନିର୍ବାଚନ ଆସିଲେ ଆସନ୍ତି। ସେମାନେ ଏଠାକାର ରାସ୍ତାଘାଟ କୁଆଡେ ବି ଜାଣନ୍ତି ନାହିଁ। ବାସ୍ତବରେ ସେମାନେ ବଲାଙ୍ଗିରିଆ ନୁହନ୍ତି ବୋଲି ପ୍ରତିପକ୍ଷଙ୍କୁ ସମାଲୋଚନା କଡା କରିଥିଲେ। ଏଭଳି ସୁବିଧାବାଦୀଙ୍କୁ ଏଠାକାର ଯୁବତୀ, ଯୁବକ ମାନେ ପକ୍କା ବଲାଙ୍ଗୀରିଆ ଭାବେ ଆଗାମୀ ନିର୍ବାଚନରେ ଉଚିତ୍ ଜବାବ ଦେବେ ବୋଲି ଆହ୍ୱାନ ଦେଇଥିଲେ। ଏହା ସହିତ ଉପସ୍ଥିତ ଯୁବତୀ, ଯୁବକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି କାର୍ଯ୍ୟକ୍ରମ ସିନେ ଅଭିନେତାରୁ ରାଜନେତା ହୋଇଥିବା ଚର୍ଚ୍ଚିତ ଅଭିନେତା ମନୋଜ ମିଶ୍ର ଯୋଗଦାନ କରି ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀ ସଭାଗୃହ ଉଦ୍‌ଘାଟିତ

ଡୁଙ୍ଗୁରିପାଲି,୨୧।୨(ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଟାଙ୍ଗରକର୍ଲେ ପଞ୍ଚାୟତ ପରିସରରେ ମୁଖ୍ୟମନ୍ତ୍ରୀ ସଭାଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ସରପଞ୍ଚ ସୁନିତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଭାବେ ନିର୍ମାଣ ହୋଇଥିବା ସଭାଗୃହକୁ ଉଦଘାଟନ କରିବା ସହ ୧୦ ଜଣ ହିତାଧିକାରୀଙ୍କୁ ନୂତନ ବର୍ଦ୍ଧିତ ଭତ୍ତା ୧୦୦୦ ଟଙ୍କା ଲେଖାଏ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଅହଲ୍ୟା ସାହୁ, ବିଡ଼ିଓ ରୋହିତ ଭୋଇ, ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ଶ୍ରୀରାମ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମେଶ ଚନ୍ଦ୍ର ପୂଜାରୀ,ରାମପୁର ଜିଲା ପରିଷଦ ସଭ୍ୟ ଗଣେଶ ଭୋଇ, ଏଇ ସୁବନାଥ ମାଝୀ, ଯନ୍ତ୍ରୀ ଦିଲିପ କୁମାର ମହାପାତ୍ର ଯୋଗ ଦେଇଥିଲେ। ମନ୍ତ୍ରୀ ପୂଜାରୀ କହିଥିଲେ, ପଞ୍ଚାୟତ ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ମୁଖ୍ୟମନ୍ତ୍ରୀ ସଭାଗୃହ ଦ୍ୱାରା ଏଠାରେ ପଞ୍ଚାୟତର ସଭା ସମିତି, ବିଭିନ୍ନ କାର୍ଯ୍ୟକ୍ରମ ହୋଇପାରିବ। ଏଥିସହ ଗ୍ରାମବାସୀ ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟବହାର କରିପାରିବେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବଳରାମ ଥାନାପତି ଓ ଦୁର୍ଲ୍ଲଭ ପଧାନ ପରିଚାଳନା କରିଥିଲେ। ସେହିପରି ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତରେ ମଧ ସରପଞ୍ଚ ଦିଲୀପ କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୂତନ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି । ବିଡ଼ିଓ ରୋହିତ ଭୋଇ,ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଚେରୁପାଲି ପଞ୍ଚାୟତ ସମିତି ସଭ୍ୟା ମିଥିଳା ସାହୁଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇଥିଲେ ।

## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ସୋନପୁର,୨୧।୨(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ସଂଘ ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲାରେ ଅଗ୍ନିଶମ କର୍ମଚାରୀମାନେ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଜିଲାର ମୋଟ ୭୦ କର୍ମଚାରୀ ସମୂହ ଛୁଟି ନେଇଛନ୍ତି। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି କ୍ରମରେ ଜିଲାର ସୋନପୁର, ତରଭା, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ବୀରମହାରାଜପୁର ଅଗ୍ନିଶମ ସେବା କେନ୍ଦ୍ର ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ, ଆଗ୍ନିକ ଗାଡିଚାଳକ ଓ ହାବିଲଦାରଙ୍କ ପୂର୍ବ ଭଳି ଓଡିଶା ପୋଲିସ ସିପାହୀ ଓ ହାବିଲଦାରଙ୍କ ଦରମା ଲେବଲ୍ ଓ ଭତ୍ତା ସହ ସମାନ କରିବା, ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ ଭଳି ୨ ଦଫା ଦାବି ନେଇ ଏହି ଆନ୍ଦୋଳନ କରାଯାଉଛି । ଦାବି ପୂରଣ ନ ହେଲେ ଏହି ଆନ୍ଦୋଳନ ଜାରି ରହିବ ଓ ଧନଜୀବନ ହାନି ହେଲେ ସରକାର ଦାୟୀ ରହିବେ ବୋଲି ସୋନପୁର ଅଗ୍ନିଶମ ସେବାକେନ୍ଦ୍ରର କର୍ମଚାରୀ ଗୋପବନ୍ଧୁ ନାଏକ, ଉଜଳ ବେହେରା, ମନୋଜ ସା, ଶିବ ପଧାନ, ଜ୍ୟୋତି କୁମ୍ଭାର ଓ ସୁସେନା ଭୋଇ ପ୍ରମୁଖ କହିଛନ୍ତି।

## ଜାତୀୟ ଶିକ୍ଷାନୀତି-୨୦ ପ୍ରଶିକ୍ଷଣ ଶିବିର

ଟିଟିଲାଗଡ଼, ୨୧।୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ଚାରଭଟାସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓମଭେଲି ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି। କେନ୍ଦ୍ରୀୟ ମାଧମିକ ପରିଷଦ ଅଧୀନ ବିଭିନ୍ନ ଇଂରାଜୀ ମାଧମ ବିଦ୍ୟାଳୟଗୁଡ଼ିକରୁ ପ୍ରାୟ ଏକ ଶହରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ପରିଷଦ ପକ୍ଷରୁ ପ୍ରଶିକ୍ଷକ ଆଲୋକ ମହାନ୍ତି ଯୋଗଦେଇଥିବା ବେଳେ ବିଦ୍ୟାଳୟ ଅଧକ୍ଷ ମହେଶ୍ୱର ପ୍ରସାଦ ମିଶ୍ର ପ୍ରଶିକ୍ଷଣର ଗୁରୁତ୍ୱ ବୁଝାଇଥିଲେ। ନୂତନ ଶିକ୍ଷା ପଦ୍ଧତିର ବ୍ୟବସ୍ଥା, ବାଲ୍ୟ ଶିକ୍ଷାରେ ମାତୃଭାଷାର ଗୁରୁତ୍ୱ, ମାଧମିକସ୍ତରରେ ସର୍ବନିମ୍ନ ତିନୋଟି ଭାଷା ଓ ଉଚ୍ଚ ମାଧମିକ ସ୍ତରରେ ସର୍ବନିମ୍ନ ଦୁଇଟି ଭାଷାର ପ୍ରୟୋଗର ଉପାଦେୟତା ସମ୍ପର୍କରେ ଶିବିରରେ ଆଲୋଚନା ହୋଇଥିଲା। ବାଲ୍ୟଶିକ୍ଷାରେ କ୍ରୀଡା ସହିତ ପଠନର ଆବଶ୍ୟକତା ଏବଂ ବିଭିନ୍ନ ପ୍ରତ୍ୟକ୍ଷଦର୍ଶୀ କ୍ରିୟାକଳାପର ଉପାଦେୟତା ସମ୍ପର୍କରେ ପ୍ରଶିକ୍ଷକ ବ୍ୟାଖ୍ୟା କରିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ଖେଳ ସହିତ ପଠନ ସମ୍ପର୍କରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରାଇ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଶିକ୍ଷାର୍ଥୀମାନେ ନିଜ ଅଭିଜ୍ଞତା ବ୍ୟାଖ୍ୟା କରିଥିଲେ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ବାଉଁଶୁଣୀ,୨୧।୧(ଦେବାଶିଷ ନେପାକ)

### ସୁବଳ ମେହେର ହତ୍ୟାକାଣ୍ଡ

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ମହୁଲି ଗ୍ରାମର ସୁବଳ ମେହେର ହତ୍ୟାକାଣ୍ଡର ବର୍ଷେ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନାହିଁ। ଅଭିଯୁକ୍ତମାନେ ବାହାରେ ବୁଲିବା ସହିତ ତାଙ୍କ ପରିବାର ଲୋକଙ୍କୁ ମାରିଦେବାକୁ ଧମକ ଚମକ ଦେଉଛନ୍ତି। ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଜୀବନ ପ୍ରତି ବିପଦ ଥିବାରୁ ଏନେଇ ମଙ୍ଗଳବାର ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମହୁଲି ଗ୍ରାମର ସାବିତ୍ରୀ ମେହେର ଓ ତାଙ୍କ ପରିବାର ଲୋକେ। ଅଭିଯୋଗ ଅନୁଯାୟୀ, ମହୁଲି ଗ୍ରାମର ସାବିତ୍ରୀ ମେହେରଙ୍କ ସ୍ୱାମୀ ସୁବଳଙ୍କୁ ସେହି ଗ୍ରାମର ବାଳକୃଷ୍ଣ ମେହେର, ନବଘନ ମେହେରଙ୍କ ସମେତ ୫ ଜଣ ମିଶି ଗତବର୍ଷ ଫେବୃଆରୀ ୯ ତାରିଖରେ ସଂଘବଦ୍ଧ ଭାବେ ହତ୍ୟା କରିଥିଲେ। ଏନେଇ ମନମୁଣ୍ଡା ଥାନାରେ ୬ ମାର୍ଚ୍ଚ ୨୦୨୩ରେ ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାରେ ପୋଲିସ ବାଳକୃଷ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଏବଂ ପ୍ରାୟ ୮ ମାସ ପରେ ନବଘନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଅନ୍ୟ ୩ ଜଣ ଅଭିଯୁକ୍ତ ବାରମ୍ବାର ଘରକୁ ଆସି ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ସାବିତ୍ରୀ। ଏସ୍‌ପିଙ୍କୁ ମଧ ପୂର୍ବରୁ ପରିବାର ଲୋକେ ଅଭିଯୋଗ କରିଛନ୍ତି । ହେଲେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ବେଳେ ପୁଣି ପରିବାର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଯଦି ୧୦ ଦିନ ମଧ୍ୟରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ପରିବାର ଲୋକେ ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଅଭିଯୁକ୍ତମାନେ ଖୋଲାଖୋଲି ଭାବେ ବୁଲୁଥିବା ବେଳେ ପୋଲିସ କାହିଁକି ନୀରବଦ୍ରଷ୍ଟା ସାଜିଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କଇରାଝୁଲି ୟୁପି ସ୍କୁଲ ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ ।

ଉଲୁଣ୍ଡା,୨୧।୨(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଇରାଝୁଲି ୟୁପି ସ୍କୁଲରେ ମଙ୍ଗଳବାର ୬୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଅନିରୁଦ୍ଧ କୁରକୁରିଆ ଯୋଗଦେଇ ପିଲାମାନଙ୍କୁ ଶିକ୍ଷାର ସଦ୍ ଉପଯୋଗ ଉପରେ ବୁଝାଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ଉଲୁଣ୍ଡା ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର, ଜାଲୋଏ ସରପଞ୍ଚ ନିବେଦିତା ମିଶ୍ର, ସାମାଜିକ କର୍ମୀ କୁର୍ତ୍ତିବାସ ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ବଘାର, ଯୋଗେନ୍ଦ୍ର ପ୍ରସାଦ ପଣ୍ଡା ଏବଂ ଯୁବକବି ଶୁଭେନ୍ଦୁ ମେହେରଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ସ୍କୁଲରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାଗୁଡିକର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁମାରକେଲି ୟୁପି ସ୍କୁଲର ପ୍ରଧାନଶିକ୍ଷକ ହୃଷୀକେଶ ଚାନ୍ଦ ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରିକ୍ ପରୀକ୍ଷା ଦେଇ ପାରିଲେନି ୫ଛାତ୍ର

ଲାଠୋର,୨୧।୨(ଭୁବନେଶ୍ୱର ବାରିକ)

### ଦାଦନ ଖଟିବାକୁ ଯାଇଛନ୍ତି

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଥିବା ୫ଟି ସରକାରୀ ଉଚ୍ଚ ବିଦ୍ୟାଳୟର ୪୨୯ ପିଲା ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିଲେ। ହେଲେ ମଙ୍ଗଳବାର ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୪୨୨ଜଣ ପରୀକ୍ଷା ଦେଇଥିବା ବେଳେ ୭ ଜଣ ପରୀକ୍ଷା ଦେଇନାହାନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ ଦାଦନ ଖଟିବାକୁ ଯାଇଥିବା ଜଣାପଡ଼ିଛି। ଦାଦନ ଖଟିବାକୁ ଯାଇଥିବା ମା’ବାପାଙ୍କ ସହ ଥିବାରୁ ଲାଠୋର ବିଦ୍ୟାଳୟର ୩ ଜଣ, କରୁଆଁଝର ବିଦ୍ୟାଳୟରୁ ଜଣେ ଏବଂ ମାଲପଡ଼ା ବିଦ୍ୟାଳୟରୁ ଜଣେ ପିଲା ପରୀକ୍ଷାରୁ ବଞ୍ଚିତ ରହିଛନ୍ତି। ଅବଶିଷ୍ଟ ୨ଜଣ ପିଲା ନିଜ ଗାଁରେ ରହିଥିଲେ ମଧ ପରୀକ୍ଷାରେ ଅନୁପସ୍ଥିତ ଥିବା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ କହିଛନ୍ତି । ପ୍ରତି ବର୍ଷ ପିଲାମାନେ ଦାଦନ ଖଟି ଯାଉଥିବା ଯୋଗୁ ପରୀକ୍ଷାରୁ ବଞ୍ଚିତ ରହୁଥିଲେ ମଧ ସେଦିଗରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,୨୧।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଟେଁଖାଇ ସେନ୍ଦ୍ରୀଆ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ନିରୂପମା ପଟେଲ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ସମିତି ସଭ୍ୟା ସୁଶୀଳା ଭୋଇ, ପବିତ୍ର ପଟେଲ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ସାହୁ, ସତ୍ୟାନନ୍ଦ ସେନ୍ଦ୍ରିଆ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦାରା ଖପ୍ରାଖୋଲ ପଞ୍ଚାୟତର ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଅତି ମାନେ ରାଜ୍ୟ ସରକାରଙ୍କ ବିଭିନ୍ନଜନହିତକର ଯୋଜନା ଉପରେ ଆଲୋକପାତ କରିଥଲେ । ଏହା ସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଆରଏସ ସରୋଜ ଭୋଇ, ପରମାନନ୍ଦ ବରିହା, ଅକ୍ରୁର ବରିହା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ଉପଜିଲାପାଳଙ୍କୁ ଫେରାଦ ହିତାଧିକାରୀ

ପାଟଣାଗଡ,୨୧।୨(ସଚ୍ଚିଦାନନ୍ଦ ମହାକୁର)


ସହକାରୀ ଜିଲାପାଳ ନିରୂପମା ଟେଟେଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଟଙ୍କା ଆତ୍ମସାତ୍

ବଲାଙ୍ଗୀର ଜିଲା ଲାଠୋର ଥାନା ଜାମଟୁଆଁ ଗାଁର ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ଜଣେ ଯୁବକ ଉକ୍ତ ଗାଁର ଶତାଧିକ ମହିଳାଙ୍କଠାରୁ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଛନ୍ତି। ଏହିଭଳି ଅଭିଯୋଗ କରି ବୁଧବାର ଉକ୍ତ ଗାଁର ମହିଳାମାନେ ଏଲଡିଏ ସଙ୍ଗଠନର ମୁଖ୍ୟ ଲବ ସୁନାଙ୍କ ନେତୃତ୍ୱରେ ପାଟଣାଗଡ ଉପଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ମାଇକ୍ରୋ ଫାଇନାନ୍ସ କମ୍ପାନୀରେ ଏଜେଣ୍ଟ ଭାବେ କାର୍ଯ୍ୟରତ ଜାମଟୁଆଁର ଜଣେ ଯୁବକ ଜଣକ ଉକ୍ତ ଗାଁର ୧୦୫ ଗରିବ, ଖଟିଖିଆ ମହିଳାଙ୍କଠାରୁ ବିଭିନ୍ନ ଆଳଦେଖାଇ ଟଙ୍କା ନେଇଥିଲେ। ମହିଳାମାନେ ଠକେଇର ଶିକାର ହେବା ଜାଣିବା ପରେ ଗତ ୭ ତାରିଖ ଏ ସଂକ୍ରାନ୍ତରେ ଲାଠୋର ଥାନାକୁ ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ଥାନା ଅଧିକାରୀ ତାଙ୍କ ଅଭିଯୋଗ ପତ୍ର ରଖି ନ ଥିବାନେଇ ଏଲଡିଏର ମୁଖ୍ୟ ସୁନା କହିଛନ୍ତି। ଏହାପରେ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଦ୍ୱାରା ଲୋନର ଶିକାର ହୋଇଥିବା ଶତାଧିକ ମହିଳା ବୁଧବାର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିଲେ। ଏସ୍‌ଡିପିଓ ଅନୁପସ୍ଥିତରେ ସେମାନେ ସୁନାଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଯାଇଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତରେ ସହକାରୀ ଜିଲାପାଳ ନିରୂପମା ଟେଟେଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ସମ୍ପୃକ୍ତ ମାଇକ୍ରୋ ଫାଇନାନ୍ସ କର୍ମଚାରୀ ଜଣକ ମହିଳାମାନଙ୍କଠାରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୋନ ଠକେଇ କରିଥିବାବେଳେ ଏବେ ସେ ତାଙ୍କ ଜମିବାଡ଼ି ବିକ୍ରିକରି ଗାଁ ଛାଡିବାକୁ ଯୋଜନା କରୁଛନ୍ତି। ଏପରିକି ବର୍ତ୍ତମାନ ଜମି ବିକ୍ରି ସମ୍ପର୍କିତ କାଗଜପତ୍ରର ପ୍ରକ୍ରିୟା ତହସିଲ ଅଫିସରେ ଜାରି ରହିଥିବାରୁ ତାକୁ ମଧ ବାତିଲ କରିବାକୁ ଅଭିଯୋଗକାରୀ ରେଜିଷ୍ଟ୍ରେଶନ ଦାୟିତ୍ୱରେ ଥିବା ପାଟଣାଗଡ ଅତିରିକ୍ତ ତହସିଲଦାର ଅର୍ଜୁନ ମାଝିଙ୍କୁ ମଧ ଲିଖିତ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

## ମନ୍ଦାକିନୀ ବାଣୁଆ କନ୍ଧମାଳର ଯୁବ କଂଗ୍ରେସ ପ୍ରଭାରୀ

ଭବାନୀପାଟଣା, ୨୧।୨ (ଉତ୍ତମ କୁମାର ଦାଶ)

ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦିକା ଦାୟିତ୍ୱରେ ଥିବା କଳାହାଣ୍ଡି ଜିଲା ଭବାନୀପାଟଣାର ମନ୍ଦାକିନୀ ବାଣୁଆଙ୍କୁ କନ୍ଧମାଳ ଜିଲା ଯୁବ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ମନ୍ଦାକିନୀ କଳାହାଣ୍ଡି ଜିଲା କଂଗ୍ରେସରେ ଜଣେ ସକ୍ରିୟ ନାରୀ ନେତ୍ରୀ ରହିଥିବାବେଳେ ବିଭିନ୍ନ ସାମାଜିକ କାର୍ଯ୍ୟ କରିବା ସହ ଗରିବଙ୍କ ନ୍ୟାୟ ପାଇଁ ସବୁବେଳେ ଲଢେଇ କରିଥାନ୍ତି। ଏପରି କି ଦଳରେ ଯୁବ କର୍ମକର୍ତ୍ତାଙ୍କୁ ସଙ୍ଗଠିତ କରିବାରେ ତାଙ୍କ ପ୍ରମୁଖ ଭୂମିକା ରହିଛି। କନ୍ଧମାଳ ଜିଲା ଯୁବ କଂଗ୍ରେସ ପ୍ରଭାରୀ ଭାବେ ଦାୟିତ୍ୱ ମିଳିବା ପରେ ସେ ଆଗାମୀ ଦିନରେ ଓଡ଼ିଶାର ଯୁବକଙ୍କ ହକ ଅଧିକାର ନ୍ୟାର୍ଯ୍ୟ ଦାବି ପାଇଁ ଲଢେଇ ଜୋରଦାର ଜାରି ରଖିବା ସହ ଯୁବକମାନଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରାଇ ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବେ ବୋଲି କହିଛନ୍ତି।


ମନ୍ଦାକିନୀ ବାଣୁଆ।

## ବର୍ଦ୍ଧିତ ଭତ୍ତା ବଣ୍ଟନ କଲେ ବିଧାୟକ

କୋକସରା, ୨୧।୨ (ଦୁଷ୍ମନ୍ତ କୁମାର ପାଢଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ନୂତନ ବର୍ଦ୍ଧିତ ପେନସନ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଧର୍ମଗଡ଼ ବିଧାୟକ ମୋଷଧି ବାଗ ମାଝିଗୁଡା ପଞ୍ଚାୟତଠାରେ ହିତାଧିକାରୀଙ୍କୁ ନୂତନ ବର୍ଦ୍ଧିତ ଟଙ୍କା ପ୍ରଦାନ କରିଛନ୍ତି। ପୂର୍ବରୁ ୫ ଶହ ପାଉଥିବା ହିତାଧିକାରୀଙ୍କୁ ୧ ହଜାର, ୮୦ ବର୍ଷରୁ ଉର୍ଦ୍ଧ୍ୱ ୭ଶହ ପାଉଥିବା ହିତାଧିକାରୀଙ୍କୁ ୧୨ ଶହ ଓ ୬୦ରୁ ଅଧିକ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୯ ଶହରୁ ୧୪ ଶହ ଟଙ୍କା ପ୍ରଦାନ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କ ସୂଚନା ଅନୁସାରେ ବ୍ଲକର ୨୨ ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ୧୧,୧୩୫ଜଣ ଓ ଏନଏସଏପି ଯୋଜନାରେ ୬୮୪୩ଜଣ ହିତାଧିକାରୀ ଏହି ଯୋଜନାରେ ବର୍ଦ୍ଧିତ ପେନସନ ପାଇବେ।

## ରାଜସ୍ୱ ନିରୀକ୍ଷକଙ୍କ ୬ ଦଫା ଦାବି ନେଇ ଆନ୍ଦୋଳନ

ଖଡ଼ିଆଳ, ୨୧।୨ (ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରାଜସ୍ୱ ନିରୀକ୍ଷକଙ୍କ ୬ ଦଫା ଦାବି ନେଇ ଧର୍ମଘଟ ହେଉଥିବାରୁ ରାଜସ୍ୱ କାର୍ଯ୍ୟ ଠପ ହୋଇ ପଡ଼ିରହିଛି। ରାଜସ୍ୱ ନୀରିକ୍ଷକ ପଦୋନ୍ନତି, ଓଡିଆରଏସ କ୍ୟାଡର ପୁନଃ ସଂରଚନା, ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି, ଆରଏସ ପଦବୀରୁ ଓଏଏସ ନିଯୁକ୍ତି, ରାଜସ୍ୱ ମଣ୍ଡଳରେ ଗ୍ରୁପ ଡି ପଦବୀ ନାହିଁ। ଫଳରେ ଲୋକଙ୍କୁ ସେବା ଯୋଗାଣରେ ବିଫଳ ହେବାକୁ ପଡୁଛି। ଗୋଟିଏ ରାଜସ୍ୱ ନିରୀକ୍ଷକ ଏକା ସାଙ୍ଗରେ କୃଷି ବୀମା, ଫସଲ କ୍ଷୟକ୍ଷତି ଆକଳନ କରିବା ସହ ଜମି ଖଜଣା ରାଜସ୍ୱ ଆଦାୟ କରିବାକୁ ପଡ଼ିଥାଏ। ସେହିପରି ମିଉଟେଶନ କେଶ, ଡିମାର୍କେଶନ ଭଳି ଅନେକ କାର୍ଯ୍ୟ କରୁଛନ୍ତି। କିନ୍ତୁ ପାଖରେ କୌଣସି ଜଣେ ମାତ୍ର ଚତୁର୍ଥ ଶ୍ରେଣୀ କର୍ମଚାରୀ ନ ଥିବା ଯୋଗୁ ଉପଯୁକ୍ତ ସେବା ପ୍ରଦାନରୁ ଲୋକେ ବଞ୍ଚିତ ହେଉଛନ୍ତି। ରାଜ୍ୟ ରାଜସ୍ୱ ସଂଘ ଆହ୍ୱାନକ୍ରମେ ଜିଲାର ୫ଟି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଖଡିଆଳଠାରେ ଭେକ ଲାଲ ଚନ୍ଦ୍ରକାର, ରାଜସ୍ୱ ନୀରିକ୍ଷକ ଦିଲୀପ ମାଝି, ମୁକେଶ ମାଝି, ଉମାକାନ୍ତ ଭଢ, ଗୋପୀନାଥ ମଲ୍ଲିକ, ନିରୁପମା ଚଲାନ, ଶେଫାଳୀ ତାଣ୍ଡି, ପ୍ରମୁଖ ସାମିଲ ହୋଇଛନ୍ତି।

# ଭିମା ଦେବତାଙ୍କ ବାଲିଯାତ୍ରା ଉଦ୍‌ଯାପିତ

କୋକସରା, ୨୧।୨ (ଦୁଷ୍ମନ୍ତ କୁମାର ପାଢଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଗ୍ରାମରେ ଦୀର୍ଘ ୩୦ ବର୍ଷ ପରେ ହରିବୋଲ ଭିମାଙ୍କ ବାଲିଯାତ୍ରା ଗତ ୩ ମାସ ପୂର୍ବରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ବାଲିଗଜା ବିସର୍ଜନ ପରେ ମହୋତ୍ସବ ଉଦଯାପିତ ହୋଇଯାଇଛି। ବାଲିଯାତ୍ରା ପାଳନ ପାଇଁ ବଙ୍ଗୋମୁଣ୍ଡା ଗ୍ରାମବାସୀ ଏକ କମିଟି ଗଠନ କରି ବାଲିଯାତ୍ରାର ମୁଖ୍ୟ ପୁରୋଧା ରାୟଗଡା ଜିଲା କାଶୀପୁର ବ୍ଲକ ମନିଷ ଗାଁର ଅର୍ଦ୍ଧନାରୀଶ୍ୱର ଗୁରୁମେ ଲକ୍ଷିଧର ମାଝିଙ୍କୁ ସ୍ୱାଗତ କରି ଗାଁରେ ଶୁଭଖମ୍ବ ସ୍ଥାପନ ପରେ ବାଲିଯାତ୍ରା ଆରମ୍ଭ ହୋଇଥିଲା। ଦୀର୍ଘ ୩ ମାସ ଧରି ପ୍ରତିଦିନ ସନ୍ଧ୍ୟାରେ ବାଲିଯାତ୍ରାର ଅସ୍ଥାୟୀ ପୂଜା ଘରେ ଗୁରୁମେ ଗ୍ରାମ୍ୟ ଦେବଦେବୀଙ୍କୁ ଆବାହନ କରିବା ପରେ କୁଆଁରୀ କନ୍ୟା ଓ ଶିରାଙ୍କଠାରେ କାଳିସି ଲାଗି ହୋଇ ବାଲିଯାତ୍ରା ପଡ଼ିଆରେ ନାଙ୍ଗରା ବାଜାରେ ନାଚିଗାଇ ଲୁହାର କଣ୍ଟା ଦୋଳି କାଳିଶିଙ୍କ ଝୁଲିବା ଦୃଶ୍ୟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଗୁରୁମେ ଭିମା ଜନ୍ମରୁ ବିବାହ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ବିଧି ମୁତାବକ ପୂଜାର୍ଚ୍ଚନା କରିଥିଲେ। ଭିମା ଦେବତାଙ୍କ ପାଇଁ କନ୍ୟା ଖୋଜା ହୋଇଥିଲା। ଭିମା ଦେବତାଙ୍କ ବିବାହ ପ୍ରସ୍ତାବ କନ୍ଧେନ ଦେବୀଙ୍କ ସହ ହେବା ସହ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିଲା। ହରିବୋଲ ଭିମା ଓ କନ୍ଧେନ ଦେବୀଙ୍କ ବିବାହ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଦେବଦେବୀ ସହ ପୂଜକ ଓ କାଳିଶି ଲାଗିଥିବା ଝିଅମାନେ ଭିମା ଖୁଣ୍ଟକୁ ନେଇ ଗ୍ରାମ ନିକଟସ୍ଥ ଏକ ପୋଖରୀରେ ଲୁଚାଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ଦେବଦେବୀଙ୍କ ଲାଠି କୁର୍ଚ୍ଛି, ପୂଜକ, କାଳିଶି ଓ ଶତାଧିକ ଗ୍ରାମବାସୀ ଲୁଚା ଯାଇଥିବା ଖୁଣ୍ଟକୁ ପୋଖରୀରୁ ବାହାର କରିଥିଲେ। ବାଲିଯାତ୍ରା ପୀଠରେ ଥିବା ଦେବୀ ଖୁଣ୍ଟ ସମ୍ମୁଖରେ ଭିମା ଓ କନ୍ଧୁଣି କନ୍ୟାଙ୍କୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ସନ୍ଧ୍ୟାରେ ପଶୁ ବଳି ଦିଆଯାଇଥିଲା। ବାଲିଯାତ୍ରାରେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇଥିଲେ। ପୂଜକ ଜିତେନ୍ଦ୍ର ପୁଝାରୀ, ହର ପ୍ରସାଦ ପୁଝାରୀ, ମଧୁସୂଦନ ପୁଝାରୀ ଦେବଦେବୀଙ୍କ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା କମିଟି ସଭାପତି କ୍ଷୀରସିନ୍ଧୁ ମାଝି, ସମ୍ପାଦକ ଜଗଦୀଶ ଗହୀର, ସହ ସମ୍ପାଦକ ଝଜନେଶ୍ୱର ନାଏକ, କୋଷାଧ୍ୟକ୍ଷ କବିରାଜ ଦଳପତି, ଦେବରାଜ ଦଳପତି, ଗ୍ରାମ ଗୌନ୍ତିଆ ଡବଲ ମାଝି, ପୁରୁଷୋତ୍ତମ ନାଏକ, ଭଗବାନ ପୁଝାରୀ, ମଣିରାମ ଛତ୍ରିଆ ଓ ବଙ୍ଗୋମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।



## ଓଡ଼ିଶା ଅଗ୍ନିଶମ, ଜରୁରି କାଳୀନସେବା ସଂସ୍ଥାର କାର୍ଯ୍ୟବନ୍ଦ ଆନ୍ଦୋଳନ



ଅଗ୍ନିଶମ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

ଭବାନୀପାଟଣା, ୨୧।୨ (ଉତ୍ତମ କୁମାର ଦାଶ)

ଓଡ଼ିଶା ଅଗ୍ନିଶମ ଓ ଜରୁରୀ କାଳୀନ ସେବା ସଂସ୍ଥା ପକ୍ଷରୁ ବୁଧବାର ୨ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଏପରିସ୍ଥଳେ କଳାହାଣ୍ଡି ଜିଲାରେ ମଧ ଅଗ୍ନିଶମ ଓ ଜରୁରି କାଳୀନ ସେବା ସଂସ୍ଥା ପକ୍ଷରୁ ନିଜ କେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରାଯାଇଛି। ଏହି ୨ଦଫା ଦାବିରେ ଅଗ୍ନିସେବା ସଂସ୍ଥାର ଆଗ୍ନିକ, ଆଗ୍ନିକ ଗାଡିଚାଳକ ଓ ହାବିଲଦାର ପୂର୍ବପରି ଓଡ଼ିଶା ପୋଲିସ ସିପାହୀ ଓ ହାବିଲଦାରଙ୍କ ଦରମା ଲେବଲ ଓ ଭର୍ତ୍ତା ସହ ସମାନ କରିବା ଓ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘ ସରକାରୀ ପଞ୍ଜୀକରଣ ଆଦି ଦାବି କରାଯାଇଛି। ସରକାର ଉପରୋକ୍ତ ୨ ଦଫା ଦାବି ପୂରଣ ନ କଲା ଯାଏ ଏହି ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ଶିବିର

ନୂଆପଡ଼ା/କୋମନା, ୨୧।୨ (ମକାରୁ ବେମାଲ/ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ଓ କାଣ୍ଡେତାରା ପଚାୟତ କାର୍ଯ୍ୟାଳୟଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋନାବିରା ସରପଞ୍ଚ ମିଥିଳା ନାଏକଙ୍କ ଅଧକ୍ଷତାରେ ସହକାରୀ ଯନ୍ତ୍ରୀ ଦିନବନ୍ଧୁ ଶବର ମୁଖ୍ୟଅତିଥି, କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ରଜନା ସରପଞ୍ଚ କ୍ଷିରସିନ୍ଧୁ ଭୋଇ, ପୋଏର ସରପଞ୍ଚ ପୁଷ୍ପାଞ୍ଜଳି ନାଗ, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ଲଖନା ସରପଞ୍ଚ ଜିତେନ୍ଦ୍ର ଠାକୁର, ଆଗ୍ରେନ ସରପଞ୍ଚ ନିଲାଦ୍ରି ଆଡବଙ୍ଗ, ଟିକ୍ରାପଡା ସରପଞ୍ଚ ଯମୁନା ହରିଜନ, ପେଣ୍ଡରାବନ ସମିତି ସଭ୍ଯ ହରିଶ୍ଚନ୍ଦ୍ର ମାଝି, ମହିଳା ସଭାନେତ୍ରୀ ଯଶୋବନ୍ତି ମେହେର, ପିଇଓ ବେଣୁଧର ମାଝି, ଦେବାଶିଷ ନାଏକ, ଗୋକୁଳ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ଲୁଚାୟତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତ ଉନ୍ନୟନ କାର୍ଯ୍ୟର ଫଟୋ ମୁଦ୍ରିତ ହୋଇଥିବା ପୁସ୍ତିକା ଅତିଥିମାନେ ଉନ୍ମୋଚନ କରିଥିଲେ। ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଘନଶ୍ୟାମ କୁମ୍ଭାର ମଞ୍ଚ ପରିଚାଳନା କରିଥିଲେ। ସେହିପରି କାଣ୍ଡେତରା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କଲ୍ୟାଣୀ ଦାସଙ୍କ ଅଧକ୍ଷତାରେ ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ ମୁଖ୍ୟଅତିଥି, କୋମନା ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଭକ୍ତବନ୍ଧୁ ବୁଡେକ, ସମିତି ସଭ୍ୟା ରାମବତି ଶବର, ସୁରେଶ କୁମାର ଦଣ୍ଡସେନା, ମୁସ୍ତାଫା ଖାନ, ପଙ୍କଜନି ସୁନାନୀ, ମଦନ ସୁନ୍ଦର ହୋତ, ଜୀବନାନନ୍ଦ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପିଇଓ କାର୍ତ୍ତିକ ରଥ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ୱାର୍ଡମେମ୍ବର ଓ ଗ୍ରାମବାସୀ ସହଯୋଗ କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ରାଜସ୍ୱ ନିରୀକ୍ଷକଙ୍କ ଧାରଣା

ନୂଆପଡ଼ା, ୨୧।୨ (ମକାରୁ ବେମାଲ)

ନୂଆପଡା ସଦର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରାଜସ୍ୱ ନିରୀକ୍ଷକମାନେ କାର୍ଯ୍ୟ ବନ୍ଦ ଡାକରା ଦେଇ ଧାରଣାରେ ବସିଛନ୍ତି। ସୋମବାରଠାରୁ ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ରାଜ୍ୟରେ କାର୍ଯ୍ୟବନ୍ଦ ଡାକରା ଦେଇ ଧାରଣାରେ ବସିଥିବା ବେଳେ ନୂଆପଡା ଜିଲାରେ ମଧ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାଜସ୍ୱ ନିରୀକ୍ଷକମାନେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଏବଂ ଉନ୍ନୟନ ମୂଳକ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ସଫଳ ରୂପାୟନ ଓ ପ୍ରତି ଜନସାଧାରଣଙ୍କ ନିକଟରେ ନିର୍ଦ୍ଦିଷ୍ଟ ସମୟ ସୀମାରେ ସେବା ଯୋଗାଇବା ନିମନ୍ତେ ଦିନ ରାତି କାର୍ଯ୍ୟ କରୁଛନ୍ତି। କିନ୍ତୁ ରାଜ୍ୟ ସରକାର ସଂଘର ଆଇନ ସଙ୍ଗତ, ଅଣଆର୍ଥିକ ଓ ନ୍ୟାର୍ଯ୍ୟଦାବିଗୁଡିକ ପ୍ରତି ବୈମାତୃକ ମନୋଭାବ କରିବା ସହ ଅହେତୁକ ଅବହେଳା ଯୋଗୁ ସଂଘର ସଦସ୍ୟମାନଙ୍କ ଆରଏସ, ଆରଆଇ ଓ ଏଆରଆଇ ମାନଙ୍କ ଭାଗ୍ୟ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇ ଯାଉଛି ଅଭିଯୋଗ କରିଛନ୍ତି। ଏଥି ନିମନ୍ତେ ସରକାରଙ୍କ ସହିତ୍ ବିଭିନ୍ନ ସମୟରେ ଆଲୋଚନା ଓ ବିଚାର ବିମର୍ଷ କରି ଆସୁଥିଲେ ମଧ ରାଜସ୍ୱ ନିରୀକ୍ଷକମାନଙ୍କ କ୍ୟାଡର ୧୯୮୩ଠାରୁ ପୁନଃ ଗଠନ ହୋଇ ପାରି ନାହିଁ। କିନ୍ତୁ ଅନ୍ୟ ବିଭାଗ ଜିଲାସ୍ତରୀୟ କର୍ମଚାରୀମାନଙ୍କ କ୍ୟାଡର ପୁନଃ ଗଠନ ହୋଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି। କ୍ୟାଡର ପୁନଃ ସଂରଚନା କରି ବିଜ୍ଞପ୍ତି ପ୍ରକାଶ କରା ନ ଯାଇଛି, ସେହି ଦିନ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୧୭ ଟି ତହସିଲରେ କାର୍ଯ୍ୟରତ ଆରଏସ, ଆରଆଇ, ଏଆରଆଇ ସମୁହ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିବୁ ବୋଲି ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ସୂଚନା ମିଳିଛି।

## ବନ୍ଦ ନିର୍ଦ୍ଦେଶ ଦେଲେ ଦେବୋତ୍ତର କମିଶନର

ଭବାନୀପାଟଣା, ୨୧।୨ (ଉତ୍ତମ କୁମାର ଦାଶ)

**ବାଲାଜୀ ମନ୍ଦିର ସାମ୍ନା ପୌରପାଳିକାର ଡ୍ରେନ୍ କାମ ଅବୈଧ**

ଭବାନୀପାଟଣାସ୍ଥିତ ଦେବୋତ୍ତର ବିଭାଗ ଅଧୀନ ବାଲାଜୀ ମନ୍ଦିର ସାମନାରେ ଭବାନୀପାଟଣା ପୌରପାଳିକା ପକ୍ଷରୁ ଆରମ୍ଭ ହୋଇଥିବା ଡ୍ରେନ ନିର୍ମାଣ କାମକୁ ବନ୍ଦ ନିର୍ଦ୍ଦେଶ ହୋଇଛି। ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ଏହି ଡ୍ରେନ ନିର୍ମାଣ ଅବୈଧ ବୋଲି ସୂଚିତ କରି ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖି କାର୍ଯ୍ୟାନୁଷ୍ଠାନ ନିମନ୍ତେ କହିଛନ୍ତି। ଏହି ସ୍ଥାନରେ ରଥ ଖଳା ହୁଏ, ରଥ ନିର୍ମାଣ କରାଯାଏ। ଡ୍ରେନ ନିର୍ମାଣ ହେଲେ ରଥ ଯାତ୍ରାରେ ଅନେକ ଅସୁବିଧା ହେବ। ଏହା ବ୍ୟତୀତ ବର୍ଷ ତମାମ ମନ୍ଦିର ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେବେ। ବର୍ଷା ଋତୁରେ ଡ୍ରେନର ମଇଳା ପାଣି ମନ୍ଦିର ଭିତରକୁ ପଶିଯିବ ବୋଲି କୁହାଯାଇଛି। ପୌରପାଳିକା ତୁରନ୍ତ ଏହି ବେଆଇନ ଡ୍ରେନ ନିର୍ମାଣ କାର୍ଯ୍ୟ ବନ୍ଦ କରି ମନ୍ଦିର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଯୋଜନା ପ୍ରସ୍ତୁତ କରିବାକୁ କଳାହାଣ୍ଡି ବ୍ରାହ୍ମଣ ସମାଜ ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଅନ୍ୟପକ୍ଷେ ପୌରପାଳିକା ଏହାକୁ ଖାତିର ନ କରି ଡ୍ରେନ ନିର୍ମାଣ କରି ଚାଲିଥିବା ଦେଖିବାକୁ ମିଳିଛି।

# ସମାପ୍ତ ହେଲା ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଥୁଆମୂଳ ରାମପୁର, ୨୧।୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ୨୪ଟି ପଞ୍ଚାୟତରେ ସମାପ୍ତ ହୋଇଯାଇଛି ଆମ ଓଡିଶା ନବୀନ ଓଡିଶାର ପଞ୍ଚାୟତସ୍ତରୀୟ ସଚେତନ ଶିବିର। ଏହି ପରିପ୍ରେକ୍ଷୀରେ ବ୍ଲକ ଶେଷ ଆମ ଓଡ଼ିଶା ନବୀନ ଓଡ଼ିଶା ଜନସଚେତନତା ଶିବିର ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କର୍ଲାପାଟ ଗ୍ରାମ ପଞ୍ଚାୟତଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଶନାଥ ମାଝି ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି, ମୁଖ୍ୟବକ୍ତା ଭାବେ ବିଧାୟକଙ୍କ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଏଇଇ ଦିଲୀପ କୁମାର ପଟେଲ, କନିଷ୍ଠ ଯନ୍ତ୍ରୀ ମଳୟ ଶତପଥୀ, ସ୍ଥାନୀୟ ସମିତି ସଭ୍ୟ ଶିବ ମଝି, ଗୁଣୁପୁର ସରପଞ୍ଚ ସୁଜାତା ମାଝି, କିଆପଦର ସରପଞ୍ଚ ଲଖିରାମ ମାଝି, ସରପଞ୍ଚ ସଂଘ ବ୍ଲକ ସଭାପତି ବଳଭଦ୍ର ଜାନୀ, ପୂର୍ବତନ ବ୍ଲକ ଅଧକ୍ଷ ଗୋବିନ୍ଦ ପ୍ରଧାନୀ, ବିଜେଡ଼ି ବ୍ଲକ ସଭାପତି କପିଳାସ ନାଏକଙ୍କ ସମେତ ପଞ୍ଚାୟତ ସମସ୍ତ ୱାର୍ଡମେମ୍ବର ଯୋଗଦେଇଥିଲେ। ସରକାରଙ୍କ ଲୋକଭି ମୁଖି ଯୋଜନା କେମିତି ଜନସାଧାରଣ ପାଖକୁ ପହଞ୍ଚପରିବ ଏବଂ ଆଗାମୀ ଦିନରେ ଯାହାବି ସରକାରଙ୍କ ଯୋଜନା ଅଛି କେମିତି ଜନସାଧାରଣ ଲାଭ ନେଇପାରିବେ ସେ ନେଇ ଉପସ୍ଥିତ ଅତିଥି ଲୋକଙ୍କୁ ସଚେତନ କରିଥିଲେ। ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ଶାହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମ ଜିଆର୍‌ଏସ ବ୍ରହ୍ମା ଦୁରୀୟା ଏବଂ ଜିଆର୍‌ଏସ ଅର୍ମି ହରିଜନ ଓ ପଞ୍ଚାୟତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ଲୋକଙ୍କୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଶିବିରରେ ପଞ୍ଚାୟତ ବିଭିନ୍ନ ଗ୍ରାମରୁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ସୋରାଜ କୁମାର ମୁଣ୍ଡଛିନା ମଞ୍ଚ ପରିଚାଳନା କରିଥିଲେ।



# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ


କାଣ୍ଡେଲ ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମ୍ର ଉପସ୍ଥିତ ଅତିଥି।

କେସିଙ୍ଗା, ୨୧।୨ (ତୁମେଶ୍ୱର ସାହୁ)

କଳାହାଣ୍ଡି କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସକୁ ଲୋକଲୋଚନ ଆଣିବା ପାଇଁ ଅତିଥିଗଣ ଆଲୋକପାତ କରିଥିଲେ। କାଣ୍ଡେଲ ସରପଞ୍ଚ ପାର୍ବତୀ ଶର୍ମା ସଭାପତି ଭାବେ ମଞ୍ଚାସୀନ ଥିବା ବେଳେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ବିଜୁ ମହିଳା ସଭାନେତ୍ରୀ ଲଳିତା ନାଏକ, ରାଜ୍ୟ ବରିଷ୍ଠ ଉପସଭାପତି ଯୁବ ଜନତା ଦଳ ମଣ୍ଟୁ ନାଏକ ସମ୍ମାନିତ ଅତିଥି, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନରୋତ୍ତମ ଭାଟି, ବ୍ଲକ ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର, ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଲମ୍ଫୁ ଶିଖା, ପିଇଓ ଝସକେତନ ସାହୁ, ପ୍ୟାକ୍ସ ସଭାପତି ତ୍ରିପୁର ନାୟକ, ସମିତି ସଭ୍ୟା ପୂର୍ଣ୍ଣିମୀ କହଁର, ନାଏବ ସରପଞ୍ଚ ବ୍ରଜବନ୍ଧୁ ନାୟକ ପ୍ରମୁଖ ମଞ୍ଚସୀନ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କହିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସଚେତନତା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପଞ୍ଚାୟତ ସମସ୍ତ ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅଞ୍ଚଳର ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଦିଲେଶର ମିଶ୍ର ପରିଚାଳନା କରିଥିଲେ।

## ଗଜବାହାଲ କପ୍ ଫୁଟବଲ: ଫାଇନାଲରେ ଟକର୍ଲା ପ୍ରବେଶ

ରିଷିଡ଼ା, ୨୧।୨ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଜବାହାଲ ଗ୍ରାମ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ମା' ମାହେଶରୀ ଫୁଟବଲ ଆନୁକୁଲ୍ୟରେ ଗଜବାହାଲ କପ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ସେମିଫାଇନାଲ ମ୍ୟାଚ ଟକର୍ଲା ବନାମ ରଜାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ଟାଇବ୍ରେକର ସହାୟତାରେ ଟକର୍ଲା ଦଳ ବିଜୟୀ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏମ୍. ରାମପୁର ରଜା ପରିବାରର ନୀଳମାଧବ ସିଂଦେଓ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ସାଧୁରାମ ସାହୁ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ଦାମୋଦର ପଧାନ ଓ ସମ୍ପାଦକ ଜ୍ୟୋତିରଞ୍ଜନ ପଧାନଙ୍କ ନେତୃତ୍ୱରେ କମିଟି ସଦସ୍ୟ ପ୍ରମୋଦ ଭୋଇ, କେଦାର ମାଝି, ଚିତେଶର ମାଝି, ଆକାଶ ପଧାନ, ସାଗତ ଦାସ, ରିଲୁ ଭୋଇ, ସିବୁ ବାଣ୍ଡିଆ ତଥା ରାକେଶ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ। ମ୍ୟାଚ ପିଙ୍କୁ ଚନ୍ଦନ ମୁଖ୍ୟ ରେଫରି ଭାବେ ପରିଚାଳନା କରିଥିବା ବେଳେ ବିନୋଦ ହେର୍ଣ୍ଣା ଓ ମନୋଜ ଧରୁଆ ସହଯୋଗ କରିଥିଲେ। ସୌଭାଗ୍ୟ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।



# ନୂଆପଡ଼ା ଜିଲାରେ ଲକ୍ଷ୍ମୀ ବସ୍ ସେବା

ନୂଆପଡ଼ା, ୨୧।୨ (ମକାରୁ ବେମାଲ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାଷୀ ମାଧ୍ୟମରେ ନୂଆପଡ଼ା ଜିଲାରେ ଲକ୍ଷ୍ମୀ ବସ ସେବା ବୁଧବାର ଶୁଭାରମ୍ଭ କରିଛନ୍ତି। ଏହି ଉପଲକ୍ଷ ସ୍ଥାନୀୟ ପୋଲିସ ପଡିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଭଗତରାମ ମାଝି, ଜିଲା ପରିଷଦ ଅଧକ୍ଷା ଡଲି ମାଝି, ଜିଲାପାଳ ହେମକାନ୍ତ ସାଏ ପ୍ରମୁଖ ଉପସ୍ଥିତଥିଲେ। ଆଭାଷି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପରିବହନ ବିଭାଗ ମୁଖ୍ୟ ସଚିବ ଉଷା ପାଢୀ ପ୍ରମୁଖ ଯୋଡି ହୋଇଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ସମ୍ବୋଧିତ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସରେ ମହିଳା ଓ ଛାତ୍ରୀଛାତ୍ର ମାନଙ୍କ ପାଇଁ ଯାତ୍ରା ମୂଲ୍ୟ ୫ ଟଙ୍କା ରଖାଯାଇଛି ବୋଲି କହିବା ସହ ଓଡିଶାକୁ ଏକ ସମୃଦ୍ଧ ରାଜ୍ୟ ଭାବରେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ବୋଲି କହିଥିଲେ। ମନ୍ତ୍ରୀ ଢୋଲକିଆ, ଜିଲା ପରିଷଦ ଅଧକ୍ଷା ମାଝି ଜନସାଧାରଣଙ୍କୁ ସମ୍ବୋଧିତ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ନୂଆପଡା ଜିଲାକୁ ୩୧ଟି ଲକ୍ଷ୍ମୀ ବସ ମଞ୍ଜୁର କରାଯାଇଛି। ପ୍ରଥମ ଦଫାରେ ୧୧ଟି ବସ ପଠାଯାଇଛି ବୋଲି ଆଞ୍ଚଳିକ ପରିବନ ଅଧିକାରୀ ପ୍ରକାଶ କରିଛନ୍ତି। ଗୁରୁବାରଠାରୁ ଜିଲାର ୨୯ଟି ରୁଟରେ ବସ ଚଳାଚଳ କରିବ। ସେଥି ମଧ୍ୟରୁ ୫ଟି ରୁଟ ବ୍ଲକ କାର୍ଯ୍ୟାଳୟରୁ ଜିଲା ମୁଖ୍ୟାଳୟ ଓ ୨୪ଟି ରୁଟ ଖଡିଆଳରେ ୪ ଟି, ନୂଆପଡାରେ ୬ଟି, ବୋଡେନରେ ୪ଟି, କୋମନାରେ ୬ଟି ଓ ସିନାପାଲି ରୁଟରେ ୪ଟି ବସ ଚଳାଚଳ କରିବ ବୋଲି ସୂଚନା ଦେଇଛନ୍ତି। ରୁଟ ଗୁଡିକର ବିଶେଷ ବିବରଣୀ ପରେ ପ୍ରକାଶ ପାଇବ ବୋଲି ଜଣାଇଛନ୍ତ।


ଶୁଭାରମ୍ଭ କରାଯାଇଥିବା ଲକ୍ଷ୍ମୀ ବସ୍।

# ମଦଭାଟି ଉଚ୍ଛେଦ ଦାବି, ତାତିଲେ ମହିଳା

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଚୋରାମଦ କାରବାର ବଢ଼ି ଚାଲିଛି। ଜିଲାର ଗାଁଠୁ ସହର ସବୁଆଡ଼େ ଗଳିକନ୍ଦିରେ ଅବାଧରେ ମଦ ବିକ୍ରି ଚାଲିଛି। ଏଥିପ୍ରତି ଅବକାରୀ ଏବଂ ପୋଲିସ କର୍ମଚାରୀମାନେ ଆଖିବୁଜି ଦେଇଛନ୍ତି। ଅନ୍ୟପଟେ ଜିଲାରେ ମଦଜନିତ ଅପରାଧ ବଢ଼ି ଚାଲିଛି। ସାଧାରଣ ମାଡ଼ପିଟ୍‌ଠାରୁ ଆରମ୍ଭ କରି ହତ୍ୟାକାଣ୍ଡ ଭଳି ହିଂସା ଘଟୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ଜିଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମଦ ବିରୋଧରେ ବାହାରିଛନ୍ତି। ଏହି କ୍ରମରେ ବୁଧବାର ଜିଲାର ବିଜେପୁର ବ୍ଲକ ସୁରୁବାଲି ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲି ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଏବଂ ସଭ୍ୟାବୃନ୍ଦ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏ ନେଇ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୁରୁବାଲି ଗ୍ରାମରେ ଚାଲିଥିବା ମଦଭାଟିକୁ ଉଚ୍ଛେଦ କରିବାକୁ ସ୍ମାରକପତ୍ରରେ ସେମାନେ ଦାବି କରିଛନ୍ତି। ମଦଭାଟି ଉଚ୍ଛେଦ କରା ନ ଗଲେ ଆଗକୁ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାବୃନ୍ଦ ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ସୁରୁବାଲି ଗ୍ରାମରେ ଦୀର୍ଘଦିନ ହେଲା ଏକ ମଦଭାଟି ରହିଛି। ସେଠାରେ ଅବାଧରେ ମଦ ବିକ୍ରି ଚାଲିଛି। ଅଞ୍ଚଳର ଲୋକେ ମଦ ପିଇ ନାନା ଅତ୍ୟାଚାର କରୁଥିବା ଅଭିଯୋଗ ହୋଇଛି। ଏପରିକି ମଦ୍ୟପଙ୍କ ଯୋଗୁ ରାସ୍ତାଘାଟରେ ଯାତାୟାତ କରିବାକୁ ସ୍ଥାନୀୟ ମହିଳା, ଛାତ୍ରୀଛାତ୍ର ଅସୁରକ୍ଷିତ ମଣୁଥିବାବେଳେ ମଦଜନିତ ଅପରାଧ ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ଏ ନେଇ ସ୍ଥାନୀୟ ପୋଲିସ ଏବଂ ଅବକାରୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସତ୍ତ୍ୱେ ମଦଭାଟି ବନ୍ଦ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଉକ୍ତ ମଦଭାଟିରେ ଚାଲିଥିବା ମଦ କାରବାରର କୁପ୍ରଭାବ ସ୍ଥାନୀୟ ଯୁବପିଢ଼ିଙ୍କ ଉପରେ ପଡୁଥିବାବେଳେ ଲୋକେ ମଦଜନିତ ରୋଗରେ ଆକ୍ରାନ୍ତ ହେଉଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କହିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଗ୍ରାମର ୱାର୍ଡ଼ସଭ୍ୟା ବିଳାସିନୀ ସାହୁଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ସଂଯୁକ୍ତା ସାହୁ, ଗୋଲାପୀ ବରିହା, ପଦ୍ମିନୀ ସାହୁ, ସୁମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ମଦଭାଟି ଉଚ୍ଛେଦ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳାମାନେ।

## ସଂକ୍ଷେପରେ

### ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ହାଲୁପାଲି ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରୀଛାତ୍ରଙ୍କୁ ସେ ବିଭିନ୍ନ ପରାମର୍ଶ ଦେଇଥିଲେ। ଜିଲା ମଙ୍ଗଳ ବିଭାଗର ନିରୀକ୍ଷକ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ କଠିନ ଅଧ୍ୟବସାୟ ବଳରେ ଲକ୍ଷ୍ୟ ପୂରଣ ହୋଇଥାଏ ବୋଲି କହିଥିଲେ। ବରଗଡ଼ ସଦର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଇପସିତା ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜାମିଲ ମାଝି, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜାରା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ମୀନକେତନ କର୍ମୀ ସଭା ପରିଚାଳନା କରିଥିଲେ। ସେବକ କ୍ଷୀରେଶ୍ୱର ତାଣ୍ଡି ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ସେବିକା ଦିପ୍ତିମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ହାଲୁପାଲି ସେବାଶ୍ରମର ପ୍ରଧାନ ଶିକ୍ଷକ ଦିଲ୍ଲୀପ ଭୁଏଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଏହି ଅବସରରେ ସେବାଶ୍ରମର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଡିଆଇଇଟିରେ ଯୋଗଦେଲେ ନୂତନ ଅଧକ୍ଷ



ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ (ଡିଆଇଇଟି) ପ୍ରତିଷ୍ଠାନରେ ବୁଧବାର ନୂତନ ଅଧ୍ୟକ୍ଷଭାବେ ରଜନୀକାନ୍ତ ଦାଶ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ସମ୍ବଲପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବରିଷ୍ଠ ଶିକ୍ଷା ପ୍ରଶିକ୍ଷକଭାବେ କାର୍ଯ୍ୟରତ ଥିଲେ। ଏଠାରେ ଯୋଗଦାନ ପରେ ତାଙ୍କୁ ବରଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଏବଂ ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ସେହିପରି ଅଧ୍ୟକ୍ଷ ଦାଶ ଉକ୍ତ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ଏକ ବୈଠକ କରିଥିଲେ। ବୈଠକରେ ପ୍ରତିଷ୍ଠାନର ପାଠ୍ୟଦାନ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ।

# ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ମାନ ଯାଞ୍ଚ

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଚାଲିଥିବା ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ ଆରମ୍ଭ ହୋଇଛି। ଏଥିପାଇଁ ଜିଲାସ୍ତରୀୟ ଏକ କମିଟିର ସଦସ୍ୟମାନେ ବିଭିନ୍ନ ବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି। ବୁଧବାର ସେମାନେ ବରଗଡ଼ ସହରସ୍ଥିତ ରାଣାପ୍ରତାପ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ମଧ୍ୟାହ୍ନଭୋଜନ ପାଇଁ ରହିଥିବା ଭାତ, ଅଣ୍ଡା, ତରକାରୀ ଆଦିର ନମୁନା କମିଟିର ପ୍ରତିନିଧିମାନେ ସଂଗ୍ରହ କରିଥିଲେ। ଉକ୍ତ କମିଟିରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ସ୍ୱାସ୍ଥ୍ୟ ପରିଦର୍ଶକ ତେଜଭାନୁ ସାହୁ, ଭୁବନେଶ୍ୱର ଦାଶ, ସିଆରସିସି ଭବାନୀ ଶଙ୍କର ପ୍ରଧାନ ପ୍ରମୁଖ ରହିଥିଲେ। ଛାତ୍ରୀଛାତ୍ରଙ୍କ ସହିତ ମଧ୍ୟାହ୍ନଭୋଜନ ଉପରେ ପଚାରି ବୁଝିବା ସହିତ ଭାବ ବିନିମୟ କରିଥିଲେ। ସେହିପରି ସେ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ସମେତ ପାଚିକା ଓ ସହାୟିକା ଅନିତା ଥପା, ସବିତା ସାହୁ, ରୁକ୍ମଣୀ ମାଝି ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟାଳୟରୁ ସଂଗୃହୀତ ମଧ୍ୟାହ୍ନଭୋଜନର ନମୁନା ଭୁବନେଶ୍ୱରସ୍ଥିତ ରାଜ୍ୟ ଖାଦ୍ୟ ସୁରକ୍ଷା ବିଭାଗକୁ ପଠାଯିବ ବୋଲି ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ନାଏକ ସୂଚନା ଦେଇଛନ୍ତି।


ବରଗଡ଼ ରାଣାପ୍ରତାପ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯାଞ୍ଚ କମିଟିର ସଦସ୍ୟମାନେ।

# କାର୍ଯ୍ୟବନ୍ଦ ଆନ୍ଦୋଳନରେ ଅଗ୍ନିଶମ କର୍ମଚାରୀ



ବରଗଡ଼ ଅଗ୍ନିଶମ କେନ୍ଦ୍ର ଆଗରେ ଅଗ୍ନିଶମ କର୍ମଚାରୀମାନେ ଧାରଣା ଦେଇଛନ୍ତି।

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀଙ୍କ ଦାବି ସମୂହକୁ ସରକାର ଅଣଦେଖା କରି ଆସୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ବୁଧବାରରୁ ବରଗଡ଼ରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀ (ଆଗ୍ନିକ, ଗାଡ଼ିଚାଳକ, ଲିଡିଂ ଫାୟାରମ୍ୟାନ)ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କାର୍ଯ୍ୟବନ୍ଦ କରି ବରଗଡ଼ ଅଗ୍ନିଶମ କେନ୍ଦ୍ର ସମ୍ମୁଖରେ ସେମାନେ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଧାରଣାରତ ଅଗ୍ନିଶମ କର୍ମଚାରୀମାନେ କହିଛନ୍ତି।

ପ୍ରକାଶ ଯେ, ଓଡ଼ିଶା ଅଗ୍ନିଶମ ସେବାସଂସ୍ଥାର ୧୩ଗୋଟି ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ ୧୧ଗୋଟି ପଦବୀରେ ଥିବା କର୍ମଚାରୀମାନେ ପୋଲିସ କର୍ମଚାରୀଙ୍କ ଭଳି ସମାନ ସ୍ତରରେ ଦରମା ପାଇ ଆସୁଛନ୍ତି। ମାତ୍ର ତଳସ୍ତରରେ ଅଧିକ କାର୍ଯ୍ୟଦକ୍ଷ ହାବିଲଦାର (ମୁଖ୍ୟ ଆଗ୍ନିକ), ଆଗ୍ନିକ କର୍ମଚାରୀମାନଙ୍କ କ୍ଷେତ୍ରରେ ୨୦୧୬ ମସିହା ସପ୍ତମ ବେତନ କମିଶନଠାରୁ ଦରମାରେ ତାରତମ୍ୟ ଦେଖାଯାଉଛି ଅର୍ଥାତ୍ ସେମାନେ କମ୍ ଦରମା ପାଉଛନ୍ତି। ଏ ନେଇ ୨୦୧୮ରୁ ସମ୍ପୃକ୍ତ ଅଗ୍ନିଶମ କର୍ମଚାରୀମାନେ ନିଜର ହକ୍ ଦାବିରେ ଅନ୍ଦୋଳନ, ଆଲୋଚନା ମାଧ୍ୟମରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେତେବେଳେ ସେ ନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ଅଗ୍ନିଶମ ମହାନିର୍ଦ୍ଦେଶକ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ହେଁ ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବା ଅଗ୍ନିଶମ କର୍ମଚାରୀମାନେ ଅଭିଯୋଗ କରିଛନ୍ତି।

ସେମାନଙ୍କ ପ୍ରତି ଏଭଳି ଅଣଦେଖା ମନୋଭାବ ପ୍ରତିବାଦରେ ଅଗ୍ନିଶମ କର୍ମଚାରୀମାନେ ଗତବର୍ଷ ଡିସେମ୍ବର ୧୧ରୁ କଳାବ୍ୟାଜ ପରିଧାନ କରି ଆସୁଛନ୍ତି। ଏହାସତ୍ତ୍ୱେ ସେମାନଙ୍କ ଦାବି ପୂରଣ ନେଇ କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହିତ ଅଗ୍ନିଶମ କେନ୍ଦ୍ରରେ ଧାରଣା ଦେଇଥିବା ଅଗ୍ନିଶମ କର୍ମଚାରୀମାନେ କହିଛନ୍ତି। ବରଗଡ଼ ଅଗ୍ନିଶମ କେନ୍ଦ୍ରରେ ୧୪ଜଣ ଆଗ୍ନିକ, ଜଣେ ଗାଡ଼ି ଚାଳକ ଏବଂ ୨ଜଣ ଲିଡିଂ ଫାୟାର ମ୍ୟାନ (ଏଲ୍‌ଏଫ୍‌ଏମ୍) ଧାରଣାରେ ସାମିଲ ଥିଲେ।

# ନୃସିଂହନାଥରେ ବିଜେଡିର ପୁରୁଣା କର୍ମୀଙ୍କ ସମ୍ମିଳନୀ

ପାଇକମାଳ, ୨୧।୨(ବଢ଼ ଶତପଥି)

ବରଗଡ ଜିଲା ନୃସିଂହନାଥ ଆୟୋସିଏଲ ଅତିଥି ଭବନରେ ପଦ୍ମପୁର ନିର୍ବାଚନ ମଣ୍ଡଳୀ ବିଜେଡି ପୁରୁଣା ଅସନ୍ତୋଷ କର୍ମୀମାନଙ୍କ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜେଡିର ବରିଷ୍ଠ ସଦସ୍ୟ ଧବଳେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡା. ନରେନ୍ଦ୍ର ପ୍ରଧାନ, ଜୟନ୍ତ ପାଣିଗ୍ରାହୀ, ବସନ୍ତ ନନ୍ଦ, ଦିଲୀପ ରଣା, ଅରକ୍ଷିତ ପ୍ରଧାନ, ମାନସ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଗଣେଶ ପ୍ରଧାନ, ରବିନାରାୟଣ ସାହୁ, ରତ୍ନାକର ବାରିକ, ଅଲତାବ ମହମ୍ମଦ ସହ ବହୁ ପୁରୁଖା ବିଜେଡି କର୍ମୀ ଯୋଗ ଦାନ କରିଥିଲେ। ମଞ୍ଚାସୀନ ଅତିଥିମାନେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ପୁରୁଖା କର୍ମୀମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ଗଣେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଆସୋସିଏଶନ ଅଫ୍ ଜର୍ଣ୍ଣାଲିଷ୍ଟ(ବାଜ୍) ପକ୍ଷରୁ ବୁଧବାର ୫ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ। ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା, ଖବରଦାତାଙ୍କ ରହଣୀ ପାଇଁ ଭୁବନେଶ୍ୱରରେ ଅତିଥି ଭବନ ନିର୍ମାଣ, ମାସିକ ୨୫ହଜାର ଟଙ୍କା ଲେଖାଏଁ ଭତ୍ତା ବ୍ୟବସ୍ଥା କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ବାଜ୍‌ର ସଭାପତି ବିଜୟ ସାହୁ, ସାଧାରଣ ସମ୍ପାଦକ ମାଧବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର ଚନ୍ଦ୍ର ପାଢ଼ୀ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ଲୁ' ନାଟ୍ୟ ଆଶ୍ରମରେ ଭାରତ ଜନ ରଙ୍ଗ ମହୋତ୍ସବ

ପଦ୍ମପୁର, ୨୧।୨ (ପ୍ରଦୀପ୍ତ ଦାଶ )

ନୂଆଦିଲ୍ଲୀ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଆନୁକୂଲ୍ୟରେ ୨୫ତମ ଭାରତ ରଙ୍ଗ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଦ୍ମପୁର ଲୁ' ନାଟ୍ୟ ଆଶ୍ରମ ମହୁଲପାଲି ତରଫରୁ ବସୁଧୈବ କୁଟୁମ୍ବକମ୍ ପରିବେଶିତ ହୋଇଥିଲା। ସମ୍ବଲପୁରୀ କୋସଲି ଅନୁସୃଜନ ପରମେଶ୍ୱର ବିଶି ଓ ଦୟାସାଗର ଧରୁଆ କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ରମେଶ ଗୁର୍ଲା ଓ ଗଜାନନ ନାଗ। ନୃତ୍ୟାଂଶେ ଅଞ୍ଜଳୀ ପରିଡ଼ା, ନାଟ୍ୟକାର କେଶ ରଞ୍ଜନ ପ୍ରଧାନ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ। ସୁବ୍ରତ, ଉଦ୍ଧବ, ମାଧବ, ଡଲି, ସୋନାଲିକା, ରୁକ୍ମଣ, ସୁଧିର, ଜୀବନ,ପରମେଶ୍ୱର ଓ ଦୟା ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ। ନାଟ୍ୟକାର ଅଶୋକ ବହିଦାର, ଅଧ୍ୟାପକ ସୁଶାନ୍ତ ମିଶ୍ର, ଗୋପବନ୍ଧୁ ଶିକା ଏବଂ ସାମାଜିକ କର୍ମୀ ଚନ୍ଦ୍ରହାସ୍ୟ ଜାଲ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ।



ନାଟ୍ୟ ଉତ୍ସବରେ କଳାକାରଗଣ।

# ପଞ୍ଚାୟତ କଲେଜରେ ଆଇନ ସଚେତନତା ଶିବିର

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ କଲେଜ ପରିସରରେ ବୁଧବାର ମୋଟର ଭେଇକିଲ ଆଇନ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ମାଗଣା ଆଇନ ସେବା ଏବଂ ବିଭିନ୍ନ ଯୋଜନା ଉପରେ ସେ ଆଲୋକପାତ କରିଥିଲେ। ଅତିରିକ୍ତ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର ସଡ଼କ ଦୁର୍ଘଟଣା ଉପରେ ବିବରଣୀ ପ୍ରଦାନ କରିଥିଲେ। ଆଡ଼ଭୋକେଟ୍ ସୁଜିତ କୁମାର ଦାଶ ସଡ଼କ ଦୁର୍ଘଟଣା ଜନିତ ବୀମା ଏବଂ ସେ ସମ୍ପର୍କୀତ ଆର୍ଥିକ ସହାୟତା ଉପରେ ଅବଗତ କରାଇଥିଲେ। ପ୍ୟାନେଲ ଓକିଲ କିରଣ କୁମାର ମିଶ୍ର ଶିବିର ପରିଚାଳନା କରିଥିଲେ। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ କୁମାର ପାଣିଗ୍ରାହୀ, ଅତିରିକ୍ତ ପୋଲିସ ଅଧିକାରୀ ରୀନା ବେହେରା, କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଶିବିରରେ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼-ଭଟଲି ରୋଡ଼ ଟାଙ୍ଗରପଡ଼ାରେ ନବନିର୍ମିତ ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା ହୋଇଥିଲା। ସ୍ଥାନୀୟ ଜୀରାନଦୀରୁ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଧରି ପୂଜାସ୍ଥଳୀକୁ ଆସିଥିଲେ। ଜିତ ଭୋଇ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକ, ବରଗଡ଼ ପୌର ପରିଷଦର ଉପ ନଗରପାଳ ରାଜେଶ ଅଗ୍ରୱାଲ, ବରଗଡ଼ ଲୋକସଭା ସାଂସଦଙ୍କ ପ୍ରତିନିଧି ଲିପସିତ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଭୂତମୁଣ୍ଡା ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟ

# କାଂସଡ଼, ଦର୍ଲିମୁଣ୍ଡା ବିଜୟୀ

ପାଇକମାଳ, ୨୧।୨(ବଢ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡା ଗ୍ରାମରେ ସ୍ପୋର୍ଟସ କ୍ଲବ ଓ ଗ୍ରାମ୍ୟ କମିଟି ପକ୍ଷରୁ ଆୟୋଜିତ ଚତୁର୍ଥତମ ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ପାଇକମାଳ ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଗୌତମ ସିଂ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ମାଣ୍ଡୋସିଲ ସମିତି ସଭ୍ୟ ଗୁଲାମ ରସୁଲ ରଙ୍ଗରେଜ, ଗ୍ରାମ୍ୟ କମିଟି ସଭାପତି ଜଗଦୀଶ ନାୟକ, ସମ୍ପାଦକ ଲବ ପଟେଲ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଭୂତମୁଣ୍ଡା ଲିଜେଣ୍ଡ ଓ କାଂସଡା ଦଳ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ କାଂସଡ ଦଳ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି କାଂସଡା ନିର୍ଦ୍ଧାରିତ ୧୦ ଓଭରରେ ୧୦୦ରନ କରିଥିଲା। ଜବାବରେ ଭୂତମୁଣ୍ଡା ସମସ୍ତ ଉଇକେଟ ହରାଇ ୪୪ରନ ହିଁ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ କାଂସଡ ଓ ଦର୍ଲିମୁଣ୍ଡା ମଧ୍ୟରେ ହୋଇଥିଲା। କାଂଡା ପ୍ରଥମେ ବ୍ୟାଟିଂ କରି ୮୭ରନ କରିଥିଲା। ଜବାବରେ ଦର୍ଲିମୁଣ୍ଡା ନିର୍ଦ୍ଧାରିତ ଓଭରରେ ୭ଉଇକେଟ ହରାଇ ୮୮ରନ କରି ବିଜୟୀ ହୋଇଥିଲା। ଯଦୁମଣି ମାଝି, ଶଶିକାନ୍ତ ସାହୁ, ଆଶିଷ ପ୍ରଧାନ ଓ କ୍ରିସ ମହାନ୍ତି ଖେଳ ପରିଚାଳନା କରିଥିଲେ। ଶଶି ପଟେଲ ସ୍କୋର, ସନ୍ତୋଷ ପଣ୍ଡା, ଅଜିତ ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍ପୋର୍ଟସ କ୍ଲବ ସଭ୍ୟ ଓ ଗ୍ରାମ୍ୟ କମିଟି ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ। ଆସନ୍ତା ୨୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ସହ କାଂସଡ଼ ଓ ଦର୍ଲିପଡ଼ାର ଖେଳାଳିମାନେ।

# କୃଷିକ୍ଷେତ୍ରରେ ବିଜୁଳି ବିଲ୍ ଛାଡ଼ କର

- ଜୟ କିଶାନ ଆନ୍ଦୋଳନର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ
- କୃଷି ସମସ୍ୟାକୁ ଗୁରୁତ୍ୱ ନ ଦେଲେ ରାଜନେତାଙ୍କୁ ବିରୋଧ ହେବ

ସୋହେଲା, ୨୧।୨ (ଅଶ୍ୱିନୀ କୁମାର ପାତ୍ର)

କୃଷିକ୍ଷେତ୍ରରେ ବ୍ୟବହୃତ ବିଜୁଳି ସମ୍ପୂର୍ଣ୍ଣ ଛାଡ, ଧାନଦର ବୃଦ୍ଧି, କୃଷିଋଣ ଛାଡ କରିବାକୁ ଦାବି କରିଛି ଜୟ କିସାନ ଆନ୍ଦୋଳନ। ସଙ୍ଗଠନର ସୋହେଲା ବ୍ଲକ ଶାଖା ତରଫରୁ ଏ ନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।

ସୋହେଲା ବ୍ଲକର ବିଭିନ୍ନ ଗାଁରୁ ହଜାର ହଜାର କୃଷକ ସୋହେଲା ଥାନା ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ତହସିଲ ଅଫିସ ଅଭିମୁଖେ ବାହାରିଥିଲେ। ଏହି ସମୟରେ ସେମାନେ କୃଷିକ୍ଷେତ୍ରରେ ବ୍ୟବହୃତ ବିଜୁଳି ସମ୍ପୂର୍ଣ୍ଣ ଛାଡ, ପରିବାର ପିଛା ୩୦୦ ୟୁନିଟ ବିଜୁଳି ବିଲ୍ ଛାଡ, ଧାନ କୁଇଣ୍ଟାଲ ପ୍ରତି ୧୦୦୦ ଟଙ୍କା ବୋନସ ଆଦି ସ୍ଲୋଗାନମାନ ଦେଇଥିଲେ। ସେଠାରେ ଜୟ କିସାନ ଆନ୍ଦୋଳନ ଜିଲା ସଭାପତି ସୁଶୀଲ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଜୟ କିସାନ ଆନ୍ଦୋଳନ ଜିଲା ସମ୍ପାଦକ ହର ବଣିଆ। ଏହି ବିକ୍ଷୋଭ ସମାବେଶରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ଯୋଗଦେଇଥିଲେ। ଓଡ଼ିଶାର କୃଷକ ମାନେ ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ଦର ପାଇପାରୁ ନାହାନ୍ତି। ହେଲେ ପଡୋଶୀ ରାଜ୍ୟ ଛତିଶଗଡ଼ରେ ଧାନ କୁଇଣ୍ଟାଲ ୩୧୦୦ଟଙ୍କା ଦରରେ ଚାଷୀମାନେ ବିକ୍ରି କରିପାରୁଛନ୍ତି। ଏହି ପରିସ୍ଥିତିରେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ରାଜନୈତିକ ଦଳମାନେ ଯଦି ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ସ୍ୱାମୀନାଥନ କମିଶନ ଅନୁସାରେ ଧାନ ଦର ବୃଦ୍ଧି, କୃଷିକ୍ଷେତ୍ରରେ ବ୍ୟବହୃତ ବିଜୁଳି ସମ୍ପୂର୍ଣ୍ଣ ଛାଡ, ଋଣଛାଡ ଏବଂ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଆଦି ପ୍ରସଙ୍ଗ ନ ରଖନ୍ତି ତେବେ ଗାଁକୁ ପ୍ରବେଶ କରି ନ ଦେବାକୁ ଚାଷୀମାନେ ମତ ଦେଇଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜୟ କିସାନ ଆନ୍ଦୋଳନର ବରିଷ୍ଠ ନେତା ଶିବ ପ୍ରସାଦ ପ୍ରଧାନ, ବୃନ୍ଦାବନ ନାୟକ, ତପୋବନ୍ତ ନାୟକ, ସୌମ୍ୟରଞ୍ଜନ ପଧାନ, ବରଗଡ ବ୍ଲକର ଅରୁଣ କୁମାର ସାହୁ, ବରପାଲି ବ୍ଲକର ଚଞ୍ଚଳ ପ୍ରଧାନ, ଭଟଲି ବ୍ଲକର ଅକ୍ଷୟ ପ୍ରଧାନ, ଅତାବିରା ବ୍ଲକର ଅରୁଣ ପ୍ରଧାନ ଯୋଗଦେଇଥିଲେ।


ଚାଷୀମାନେ ଶୋଭାଯାତ୍ରାରେ ତହସିଲ ଅଫିସ ଅଭିମୁଖେ ଯାଉଛନ୍ତି।

## ସଂକ୍ଷେପରେ

### ଘରୁ ୭.୫ ଲକ୍ଷ ଟଙ୍କା ଚୋରି ଅଭିଯୋଗ: ମହିଳା ଗିରଫ

ରାଉରକେଲା,୨୧।୨(ସଙ୍ଗୀତା ଜେନା)

ଉଦିତନଗର ଥାନା ଅନ୍ତର୍ଗତ ନାରାୟଣୀ ଆପାର୍ଟମେଣ୍ଟରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରୁ ସାଢ଼େ ୭ ଲକ୍ଷ ଟଙ୍କା ଓ ଗହଣା ଚୋରି ଅଭିଯୋଗ ହୋଇଥିଲା। ଥାନାରେ ଅଭିଯୋଗ ହେବାପରେ ପୋଲିସ ତଦନ୍ତ କରି ଉକ୍ତ ଘରେ କାମ କରୁଥିବା ମହିଳାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତା ହେଉଛନ୍ତି ଓରାମପଡ଼ାର ପିଙ୍କି ସିଂହ (୩୮)। ତାଙ୍କ ଠାରୁ ୫ଲକ୍ଷ ୭୫ ହଜାର ନଗଦ ଟଙ୍କା ଓ ସୁନାମୁଦି ଜବତ ହୋଇଛି। ଏ ନେଇ ବୁଧବାର ପୋଲିସ ମାମଲା(ନଂ. ୧୪୦/୨୪) ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ବ୍ୟବସାୟୀ ସୁନୀଲ ଶ୍ୟାମପୁରିଆ ତାଙ୍କ ଘରେ କାମ କରୁଥିବା ପିଙ୍କି ନଗଦ ଗତ ୯ରୁ ୧୬ ତାରିଖ ପର୍ଯ୍ୟନ୍ତ ସାଢ଼େ ୭ ଲକ୍ଷ ଟଙ୍କା ସହ ୨ଟି ସୁନାମୁଦି ଓ ୧୦ଟି ରୂପା କଏନ୍ ଚୋରି କରିଥିବା ଏତଲା ଦେଇଥିଲେ।

### ପଞ୍ଚାୟତ କଲେଜରେ ଆଇନ ସଚେତନତା ଶିବିର

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ କଲେଜ ପରିସରରେ ବୁଧବାର ମୋଟର ଭେଇକିଲ ଆଇନ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ମାଗଣା ଆଇନ ସେବା ଏବଂ ବିଭିନ୍ନ ଯୋଜନା ଉପରେ ସେ ଆଲୋକପାତ କରିଥିଲେ। ଅତିରିକ୍ତ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର ସଡ଼କ ଦୁର୍ଘଟଣା ଉପରେ ବିବରଣୀ ପ୍ରଦାନ କରିଥିଲେ। ଆଡ଼ଭୋକେଟ୍ ସୁଜିତ କୁମାର ଦାଶ ସଡ଼କ ଦୁର୍ଘଟଣା ଜନିତ ବୀମା ଏବଂ ସେ ସମ୍ପର୍କୀତ ଆର୍ଥିକ ସହାୟତା ଉପରେ ଅବଗତ କରାଇଥିଲେ। ପ୍ୟାନେଲ ଓକିଲ କିରଣ କୁମାର ମିଶ୍ର ଶିବିର ପରିଚାଳନା କରିଥିଲେ। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ କୁମାର ପାଣିଗ୍ରାହୀ, ଅତିରିକ୍ତ ପୋଲିସ ଅଧିକାରୀ ରୀନା ବେହେରା, କଲେଜର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଶିବିରରେ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼-ଭଟଲି ରୋଡ଼ ଟାଙ୍ଗରପଡ଼ାରେ ନବନିର୍ମିତ ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା ହୋଇଥିଲା। ସ୍ଥାନୀୟ ଜୀରାନଦୀରୁ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଧରି ପୂଜାସ୍ଥଳୀକୁ ଆସିଥିଲେ। ଜିତ ଭୋଇ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକ, ବରଗଡ଼ ପୌର ପରିଷଦର ଉପ ନଗରପାଳ ରାଜେଶ ଅଗ୍ରୱାଲ, ବରଗଡ଼ ଲୋକସଭା ସାଂସଦଙ୍କ ପ୍ରତିନିଧି ଲିପସିତ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ।

# ଓଡ଼ିଶା ହିନ୍ଦ୍ ମଜଦୁର ସଭାର ବିକ୍ଷୋଭ

- ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହେଲେ ଗୃହଶ୍ରମିକ
- ସାଧାରଣ ନିର୍ବାଚନ ପୂର୍ବରୁ ଦାବିପୂରଣ ନ ହେଲେ ଭୋଟବର୍ଜନ
- ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଲେ ସ୍ମାରକପତ୍ର



ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ଆଗରେ ନିଖିଳ ଓଡିଶା ଗୃହ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା,୨୧।୨(ବିପ୍ଳବରଞ୍ଜନ ଦାଶ)

ନିଖିଳ ଓଡ଼ିଶା ହିନ୍ଦ ମଜଦୁର ସଭା ରାଉରକେଲା ଶାଖା ପକ୍ଷରୁ ବୁଧବାର ସ୍ଥାନୀୟ ଯୁଗ୍ମ ଶ୍ରମ ସଂସ୍ଥାପକଙ୍କର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ନିଖିଳ ଓଡ଼ିଶା ହିନ୍ଦ ମଜଦୁର ସଭା ପକ୍ଷରୁ ଗୃହ ଶ୍ରମିକମାନଙ୍କର ବିଭିନ୍ନ ହକ୍ ଦାବି ପୂରଣ ପାଇଁ ସ୍ଲୋଗାନ ଦେଇଥିଲେ। ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ତଥା ନିଖିଳ ଓଡ଼ିଶା ଗୃହ ମଜଦୁର ସଭାର ସାଧାରଣ ସମ୍ପାଦକ ଦିଗାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଏବଂ ନିଖିଳ ଓଡ଼ିଶା ମଜଦୁର ସଭାର ସଭାପତି ଚନ୍ଦ୍ରା ରାଓଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା। ବିକ୍ଷୋଭ ପ୍ରଦର୍ଶନରେ ସେକ୍ଟର-୨୦, ସେକ୍ଟର-୨, ସେକ୍ଟର-୩, ସେକ୍ଟର-୧୮, ଝିରପାଣି, ବାସନ୍ତୀ, ବିରଜାପାଲି ସମେତ ଟାଉନଶିପ ଅଞ୍ଚଳର ଶତାଧିକ ମହିଳା ଗୃହଶ୍ରମିକ ସାମିଲ ହୋଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜୀ କରିଥିଲେ। ରାଉରକେଲା ସହରରେ ଅନେକ ଗୃହ ଶ୍ରମିକ ଅଛନ୍ତି। ସବୁଠୁ ବେଶୀ ମହିଳା ବର୍ଗର ଗୃହଶ୍ରମିକ ଅଛନ୍ତି। ସେମାନେ ସକାଳୁ ସନ୍ଧ୍ୟା ଯାଏଁ କର୍ତ୍ତବ୍ୟ ପରାୟଣ ଭାବେ ରୋଷେଇରୁ ଆରମ୍ଭ କରି ଗୃହଜନିତ ସମସ୍ତ କାର୍ଯ୍ୟ ସୂଚାରୁ ଭାବେ ତୁଲାଉଛନ୍ତି।

ଏଣୁ କରି ଅନ୍ୟ ଶ୍ରମିକମାନଙ୍କ ଭଳି ଗୃହ ଶ୍ରମିକମାନଙ୍କୁ ସହରୀ ଆବାସ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ପ୍ରଦାନ, ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ, ସାମାଜିକ, ଅର୍ଥନୈତିକ ବିକାଶ ନେଇ ସରକାରୀ ସ୍ତରରେ ସଚେତନତା କରାଇବା, ଶ୍ରମିକ ପ୍ରମାଣପତ୍ର ପାଇଁ ନିଶୁଳ୍କ ପଞ୍ଜିକରଣ ବ୍ୟବସ୍ଥା, ସରକାରୀ ନିଯୁକ୍ତିଦାତା ଓ ଶ୍ରମିକମାନଙ୍କର ୫୦ପ୍ରତିଶତ ପ୍ରତିନିଧିଙ୍କ ସହ ତ୍ରିପାକ୍ଷିକ ବୋର୍ଡ ଗଠନ ହେବା, ଇଏସ୍ଆଇ ଓ ପିଏଫ୍‌ରେ ଘରୋଇ ଶ୍ରମିକ ଅନ୍ତର୍ଭୁକ୍ତ ହେବା ଏବଂ ଗୃହ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବା ଦାବି ଉଠାଇଥିଲେ। ଏଥିସହ ଉପରୋକ୍ତ ଦାବିମାନ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ପୂରଣ କରା ନ ଗଲେ ସହରର ପାଖାପାଖି ୬ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଭୋଟବର୍ଜନ କରିବା ସୁନିଶ୍ଚିତ ବୋଲି ଚେତାବନୀ ଦେଇଥିଲେ। ଏହାପରେ ରାଜ୍ୟ, କେନ୍ଦ୍ର ଏବଂ ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଯୁଗ୍ମ ସଂସ୍ଥାପକ ଅଧିକାରୀଙ୍କୁ ଗୃହ ଶ୍ରମିକମାନଙ୍କ ହକ ଦାବି ଲିଖିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନରେ ଗୃହ ମଜଦୁର ସଭାର ସୁରବାଲୀ ବାଗ, ଜ୍ୟୋସ୍ନା ପାଲ, ମୁକ୍ତା ବାଗେ, ବୃନ୍ଦି ବାରିକ, ପ୍ରମିଳା କିନ୍ଦୋ, ଲକ୍ଷ୍ମୀ ମେଦାକ, ହିମାଦ୍ରୀ ପ୍ରଧାନ, ସୁନୀତା ବେହେରା ପ୍ରମୁଖ ସମ୍ମିଳିତ ରହିଥିଲେ।

## ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ମାନ ଯାଞ୍ଚ

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଚାଲିଥିବା ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ ଆରମ୍ଭ ହୋଇଛି। ଏଥିପାଇଁ ଜିଲାସ୍ତରୀୟ ଏକ କମିଟିର ସଦସ୍ୟମାନେ ବିଭିନ୍ନ ବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି। ବୁଧବାର ସେମାନେ ବରଗଡ଼ ସହରସ୍ଥିତ ରାଣାପ୍ରତାପ ବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ମଧ୍ୟାହ୍ନଭୋଜନ ପାଇଁ ରହିଥିବା ଭାତ, ଅଣ୍ଡା, ତରକାରୀ ଆଦିର ନମୁନା କମିଟିର ପ୍ରତିନିଧିମାନେ ସଂଗ୍ରହ କରିଥିଲେ। ଉକ୍ତ କମିଟିରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ସ୍ୱାସ୍ଥ୍ୟ ପରିଦର୍ଶକ ତେଜଭାନୁ ସାହୁ, ଭୁବନେଶ୍ୱର ଦାଶ, ସିଆରସିସି ଭବାନୀ ଶଙ୍କର ପ୍ରଧାନ ପ୍ରମୁଖ ରହିଥିଲେ। ଛାତ୍ରୀଛାତ୍ରଙ୍କ ସହିତ ମଧ୍ୟାହ୍ନଭୋଜନ ଉପରେ ପଚାରି ବୁଝିବା ସହିତ ଭାବ ବିନିମୟ କରିଥିଲେ। ସେହିପରି ସେ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ସମେତ ପାଚିକା ଓ ସହାୟିକା ଅନିତା ଥପା, ସବିତା ସାହୁ, ରୁକ୍ମଣୀ ମାଝି ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟାଳୟରୁ ସଂଗୃହୀତ ମଧ୍ୟାହ୍ନଭୋଜନର ନମୁନା ଭୁବନେଶ୍ୱରସ୍ଥିତ ରାଜ୍ୟ ଖାଦ୍ୟ ସୁରକ୍ଷା ବିଭାଗକୁ ପଠାଯିବ ବୋଲି ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ନାଏକ ସୂଚନା ଦେଇଛନ୍ତି।

## ଆର୍‌ଏମ୍‌ସି ଉପାୟୁକ୍ତଙ୍କୁ ଭେଟିଲେ ଆର୍‌ଏମ୍‌ସି ମାର୍କେଟ ଦୋକାନୀ


ଆର୍‌ଏମ୍‌ସି କାର୍ଯ୍ୟାଳୟରେ ଭେଟିବା ଅବସରରେ।

ରାଉରକେଲା,୨୧।୨(ସଙ୍ଗୀତା ଜେନା)

ପାନପୋଷ ଆର୍‌ଏମ୍‌ସି ମାର୍କେଟର ଦୋକାନୀମାନେ ବୁଧବାର ଅପରାହ୍ନରେ ଆର୍‌ଏମସି ଉପାୟୁକ୍ତ ଅନୀତା ନାୟକଙ୍କୁ ଭେଟିଛନ୍ତି। ଦୋକାନଗୁଡ଼ିକରେ ସେମାନେ ଅସ୍ଥାୟୀ ଭାବେ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି। ସୁଲଭ ଦରରେ ଏହି ଦୋକାନ ଗୁଡ଼ିକ ସେମାନଙ୍କ ନାମରେ ଆବଣ୍ଟନ କରିବାକୁ ଅନୁରୋଧ କରାଯାଇଥିଲା। ଜଗଦୀଶ ପ୍ରସାଦ ଜେସୱାଲଙ୍କ ନେତୃତ୍ୱରେ ଦମୟନ୍ତି ଶାହା, କ୍ରିଷ୍ଣା ସାହୁ, ଦୀପକ ସାହୁ, ନିଶାନ୍ତ ସାହୁ, ଅମରନାଥ ସାହୁ, ବିପିନ ସାହୁଙ୍କ ସମେତ ଅନ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ଦୋକାନଗୁଡ଼ିକ ସୁଲଭ ଦରରେ ଆବଣ୍ଟନ ପାଇଁ ଶ୍ରମମନ୍ତ୍ରୀ ସାରଦା ନାୟକ ମଧ୍ୟ ସହମତି ପ୍ରକାଶ କରି ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଥିଲେ ଗତ ଡିସେମ୍ବର ମାସରେ। ଏହାର ପ୍ରତିକାରରେ ବିଳମ୍ବ ହେଉଥିବା ଦର୍ଶାଇ ଦୋକାନୀମାନେ ବୁଧବାର ଆର୍‌ଏମସି କାର୍ଯ୍ୟାଳୟ ଯାଇଥିଲେ।

## ଡିଆଇସିଙ୍କୁ ଭେଟିଲେ ଆରଆଇକେକେଏସ୍ ମାଇନ୍ସ ଗ୍ରୁପ ସଦସ୍ୟ


କର୍ମକର୍ତ୍ତାମାନେ ଆର୍‌ଏସପି ଡିଆଇସିଙ୍କ ସହ ଆଲୋଚନା କରୁଛନ୍ତି।

ରାଉରକେଲା,୨୧।୨(ସଙ୍ଗୀତା ଜେନା)

ବିଏମ୍‌ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ୍) ମାଇନ୍ସ ଗ୍ରୁପର ଏକ ପ୍ରତିନିଧି ମଣ୍ଡଳୀ ହିମାଂଶୁ ବଳଙ୍କ ନେତୃତ୍ୱରେ ଆର୍‌ଏସ୍‌ପି ଡିଆଇସି ଅତନୁ ଭୌମିକଙ୍କ ସହିତ ମାଇନ୍ସର ବିଭିନ୍ନ ସମସ୍ୟାକୁ ନେଇ ବୁଧବାର ଆଲୋଚନା କରିଥିଲେ। ଓଡ଼ିଶା ଗ୍ରୁପ ମାଇନ୍ସର ହେଲ୍‌ଥ ଆଲାଉନ୍ସ ଲାଗୁ ହେବା ନେଇ ଡିଆଇସିଙ୍କୁ କୃତଜ୍ଞତା ଅର୍ପଣ କରାଯାଇଥିଲା। ବଲାଣି ମାଇନ୍ସର ମାଇନିଂ ମେଟମାନଙ୍କୁ ମାଇନିଂ ଫୋରମ୍ୟାନ ପ୍ରମୋଶନ, ଭାରିଯାନ ଚଲାଉଥିବା ଅପରେଟର୍‌ମାନଙ୍କୁ ଡାଉନଗ୍ରେଡ଼ ପ୍ରମୋଶନ ଏବଂ ତିନି ବର୍ଷିଆ କ୍ଲଷ୍ଟର ପ୍ରମୋଶନ ଲାଗୁ ପାଇଁ ଏକ କମିଟି ତୁରନ୍ତ ଏହା ଉପରେ ପଦକ୍ଷେପ ନେବା ପାଇଁ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଥିଲେ। ସେହିପରି ବରସୁଆଁ ମାଇନ୍ସର ଟେନସାଠାରେ ଖେଳ ପଡ଼ିଆର ଆଧୁନିକୀକରଣ ଏବଂ ବରସୁଆଁରେ ନୂତନ କ୍ୱାର୍ଟର୍ସ ନିର୍ମାଣ ଦାବିକୁ କର୍ତ୍ତୃପକ୍ଷ ଗ୍ରହଣ କରିବା ସହିତ ଏହା ଉପରେ ତ୍ୱରିତ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ଅବସରରେ ମାଇନ୍ସରେ ୟୁନିଅନ୍ ନିର୍ବାଚନ ହେଉନାହିଁ। ତେଣୁ ତାହାର କୁପରିଣାମ ଶ୍ରମିକମାନଙ୍କୁ ଭୋଗିବାକୁ ପଡ଼ୁଛି। ଆର୍‌ଏସ୍‌ପି ସହ ଏହି ମାଇନ୍ସର ନିର୍ବାଚନ ଏକାଠି କରାଯିବ ବୋଲି ଆଲୋଚନା କରାଯାଇଥିଲା। ଇଡ଼ି ମାଇନ୍ସ ଆଲୋକ ବର୍ମା, ଇଡ଼ି(ପିଏ) ତରୁଣ ମିଶ୍ର, ଇଡ଼ି ମେଡିକାଲ ଡା. ବିରଞ୍ଚି ହୋତା, ୟୁନିଅନ୍ ପକ୍ଷରୁ ସଭାପତି ବଳଙ୍କ ସହିତ ରାଜେନ୍ଦ୍ର ମହାନ୍ତ, ବଲାଣୀ ମାଇନ୍ସର ପରମଜ୍ୟୋତି ସିଂ, ଶ୍ୟାମସୁନ୍ଦର ମୁଣ୍ଡା, ସୁଜିତ ମିଶ୍ର, ମଳୟ ସାହୁ, ମାନସ ପ୍ରଧାନ, ଟେନସା ମାଇନ୍ସର କ୍ରିଷ୍ଣା ଦୁବେ, ପ୍ରଫୁଲ୍ଲ ପାତ୍ର, ପବିତ୍ର ପାଇକ, ରାମପ୍ରସାଦ, ଆଲୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ହାଲୁପାଲି ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରୀଛାତ୍ରଙ୍କୁ ସେ ବିଭିନ୍ନ ପରାମର୍ଶ ଦେଇଥିଲେ। ଜିଲା ମଙ୍ଗଳ ବିଭାଗର ନିରୀକ୍ଷକ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ କଠିନ ଅଧ୍ୟବସାୟ ବଳରେ ଲକ୍ଷ୍ୟ ପୂରଣ ହୋଇଥାଏ ବୋଲି କହିଥିଲେ। ବରଗଡ଼ ସଦର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଇପସିତା ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜାମ୍ବିଲ ମାଝି, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜାରା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ମୀନକେତନ କର୍ମୀ ସଭା ପରିଚାଳନା କରିଥିଲେ। ସେବକ କ୍ଷୀରେଶ୍ୱର ତାଣ୍ଡି ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ସେବିକା ଦିପ୍ତିମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ହାଲୁପାଲି ସେବାଶ୍ରମର ପ୍ରଧାନ ଶିକ୍ଷକ ଦିଲ୍ଲୀପ ଭୁଏଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଏହି ଅବସରରେ ସେବାଶ୍ରମର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ହନୁମାନ ବାଟିକାର ପ୍ରତିଷ୍ଠା ଦିବସ ପାଳିତ


ହୋମଯଜ୍ଞ କରାଯାଉଛି।

ରାଉରକେଲା,୨୧।୨
(ଦିନେଶ ମିଶ୍ର/ସଙ୍ଗୀତା ଜେନା)

ରାଉରକେଲା ସ୍ଥିତ ହନୁମାନ ବାଟିକାର ୩୦ତମ ପ୍ରତିଷ୍ଠା ଦିବସ ହନୁମାନ ବାଟିକା ପରିଚାଳନା ଟ୍ରଷ୍ଟର ଅଧ୍ୟକ୍ଷ ଦିଲୀପ ରାୟଙ୍କ ଅଧ୍ୟକ୍ଷତାରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ୩ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନରେ ପ୍ରାତଃ ସମୟରେ ପଣ୍ଡିତ ଅଜୟ ଶତପଥୀଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ଗୋପୂଜା ଓ ବିଶ୍ୱଶାନ୍ତି ପାଇଁ ହୋମଯଜ୍ଞ କରାଯାଇଥିଲା। ହୋମଯଜ୍ଞକୁ ପଣ୍ଡିତ ଅଜୟ ମିଶ୍ର ଓ ଜୟଦେବ ମିଶ୍ରଙ୍କ ସହ ହନୁମାନ ବାଟିକାର ସମସ୍ତ ପଣ୍ଡିତ ଯୋଗଦେଇ ନାରିକେଳ, ଘୃତ ସମର୍ପଣ କରି ଯଜ୍ଞ ଆରମ୍ଭ କରିଥିଲେ। ଏଥିରେ ସମାଜସେବୀ ଶୁଭ ପଟ୍ଟନାୟକ କର୍ତ୍ତାଭାବେ ଯୋଗଦେଇ ହୋମକାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ନୈତୁଲ୍ୟ, ମ୍ୟାନେଜର ରାମଶ୍ରୟ ପାଣ୍ଡେ, ବରୁଣ ମାଝି, ଲକ୍ଷ୍ମଣଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଆଇସିଏସ୍‌ଇ ବୋର୍ଡ ପରୀକ୍ଷା ଆରମ୍ଭ

ରାଉରକେଲା,୨୧।୨(ସଙ୍ଗୀତା ଜେନା)

ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରୀ ଏଜୁକେସନ୍(ଆଇସିଏସ୍‌ଇ) ବୋର୍ଡପରୀକ୍ଷା ଆରମ୍ଭ ହୋଇଛି। ରାଉରକେଲାରେ ଥିବା ଏହି ବୋର୍ଡ ସ୍କୁଲମାନଙ୍କରେ ଶାନ୍ତିଶୃଙ୍ଖଳାର ପରୀକ୍ଷା ସମାପନ ହୋଇଛି। ପ୍ରଥମ ଦିନରେ ଇଂରାଜୀ ବିଷୟ ରହିଥିଲା। ସକାଳ ୧୧ଟାରୁ ୧ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଅନୁଷ୍ଠିତ ହୋଇଥିଲା। ହମିରପୁର ସ୍ଥିତ କାର୍ମେଲ ଇଂଲିଶ ସ୍କୁଲରେ ୧୫୦ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ସେହିପରି ବିଶ୍ରା ଡାହାର ସ୍ଥିତ ଇଣ୍ଡୋ ଇଂଲିଶ ସ୍କୁଲରେ ୭୬ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ। ଅନୁରୂପ ଭାବେ ଜଗଦା ସ୍ଥିତ ଏମଜିଏମ୍ ସ୍କୁଲ, ସେକ୍ଟର-୨ ଡିସୌଜା ସ୍କୁଲ, ହମିରପୁର ସ୍ଥିତ ସେଂଟ ପଲ୍ସ , ଛେଣ୍ଡ ଚିନ୍ମୟ ସ୍କୁଲ ସମେତ ୧୦ ରୁ ଉର୍ଦ୍ଧ୍ୱ ସ୍କୁଲରେ ଏହି ପରୀକ୍ଷା କଡ଼ା ସୁରକ୍ଷା ବଳୟରେ ସ୍କୁଲ ପରିଚାଳନା କମିଟି ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଉତ୍ତମ ନାଗରିକ ପାଇଁ ସଂସ୍କାରୀ ହେବା ଆବଶ୍ୟକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଉରକେଲା,୨୧।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର--୬ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ,ବିଦ୍ୟାନଗରୀର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସମାରୋହ ବୁଧବାର ସ୍କୁଲ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ବେଣୁଧର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉତ୍ତମ ନାଗରିକ ହେବା ପାଇଁ ପ୍ରତ୍ୟେକ ବିଦ୍ୟାର୍ଥି ଉତ୍ତମ ଚରିତ୍ର ଗଠନ ଓ ସଂସ୍କାରୀ ହେବା ନିହାତି ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିବାଳା ମହାପାତ୍ରଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ କବି କୁଞ୍ଜବିହାରୀ ରାଉତ ଏବଂ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ପ୍ରବୀର କୁମାର ଦୁବେ, ରଶ୍ମିତ କୁମାର ସାହାଣୀ, ସଂଯୁକ୍ତା ରାଜଗୁରୁ ମହାପାତ୍ର, ଭାସ୍କର ନନ୍ଦ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ପାର୍ବତୀ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ନାଗରିକ ହେବାର ମାର୍ଗ ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପଠନ କରିବା ପରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ରାଉରକେଲାରେ ବିଶ୍ୱ ମାତୃଭାଷା ଦିବସ

ରାଉରକେଲା,୨୧।୨(ବିପ୍ଳବରଞ୍ଜନ ଦାଶ)

ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ ଆମ୍ବାଗାନସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କର ପ୍ରତିମୂର୍ତ୍ତି ପାଦଦେଶରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିକାଶ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଏବଂ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧକ୍ଷତାରେ ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡିଶାର ସୁନାମଧନ୍ୟ ସ୍ତମ୍ଭକାର ତଥା ଗାଳ୍ପିକ ଲେଖକ ଭୂପେନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଦିବସର ପ୍ରାରମ୍ଭିକ ଅଧିବେଶନ ସଭାରେ ଆର୍ତ୍ତତ୍ରାଣ ମହାପାତ୍ର ବିଶ୍ୱ ପ୍ରେକ୍ଷାପଟରେ ଭାରତୀୟ ଭାଷା ସାହିତ୍ୟର ଉତ୍‌ଥାନ, ପତ୍ତନ ଓ ମୃତ୍ୟୁର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରି ଭାଷା ଭିତ୍ତିକ ଆନ୍ଦୋଳନଠାରୁ ରାଜ୍ୟ ଗଠନ ପର୍ଯ୍ୟନ୍ତ ଏକ ରେଖାଚିତ୍ର ପ୍ରଦାନ କରିଥିଲେ। ପରେ ମୁଖ୍ୟଅତିଥି ଭୂପେନ ମହାପାତ୍ର ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ସ୍ମୃତିଚାରଣ ପୂର୍ବକ ଭାଷା ମହାପର୍ବରେ ଜନସାଧାରଣଙ୍କ ଠାରୁ ସରକାରଙ୍କ ଦାୟିତ୍ୱ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ପରେ ସଭାପତି ବ୍ରଜେନ୍ଦ୍ର ଦାଶ,ସମ୍ପାଦକ ନୃସିଂହ ବିଶ୍ୱାଳ ଓଡିଆ ଭାଷାତତ୍ତ୍ୱର କ୍ରମଧାରା ଏବଂ ଭାଷା ପ୍ରତି ଜନ ଅନୁରାଗ ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ଡକ୍ଟର ସୁବାଷ ଚନ୍ଦ୍ର ଲେଙ୍କା ଓଡିଆ ବିଶ୍ୱ ସମ୍ମିଳନୀ ଅଷ୍ଟାଦଶ ଶତାବ୍ଦି ପରେ ଆଉଥରେ ପୁନର୍ଜାଗରଣ ପାଇଁ ଏବଂ ଓଡିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ଦିଗଦର୍ଶନ ପ୍ରଦାନ କରିଥିଲେ। ପରେ ଦିବସର ଉଦଯାପନୀ ଅଭିଭାଷଣରେ ସଭାପତି ପ୍ରଶାନ୍ତ କୁମାର ପତି ସମସ୍ତ ପ୍ରବୀଣ ବ୍ୟକ୍ତିତ୍ୱଙ୍କର ବକ୍ତବ୍ୟାଦିର ନିର୍ଯ୍ୟାସ ଉପସ୍ଥାପନା କରି ଓଡିଶାର ମୁଖ୍ୟମନ୍ତ୍ରୀଙ୍କ କ୍ରାନ୍ତୀକାରୀ ପଦକ୍ଷେପକୁ ସ୍ୱାଗତ କରିଥିଲେ। ଅନୁଷ୍ଠିତ ବିଶ୍ୱ ଭାଷା ଦିବସ ପାଳନ ସମାରୋହରେ ରାଉରକେଲାର ସମସ୍ତ ସାହିତ୍ୟ ପ୍ରତିଷ୍ଠାନ, ସାଂସ୍କୃତିକ ସେବା ପ୍ରତିଷ୍ଠାନ, ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ରଙ୍କ ସହ ବହୁ ସାହିତ୍ୟିକ, ବରିଷ୍ଠ ଶିକ୍ଷାବିତ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ।



ଆମ୍ବାଗାନ ଛକରେ ମାତୃଭାଷା ପ୍ରଚାର ପ୍ରସାର ନେଇ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି।

# ପୋଲିସ ନିୟନ୍ତ୍ରଣ ବାହାରେ ଆପରାଧିକ କାର୍ଯ୍ୟକଳାପ

## ସମ୍ବଲପୁର ସହରରେ ସୁରକ୍ଷା ବ୍ୟବସ୍ଥା

ସମ୍ବଲପୁର,୨୧।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ଅଞ୍ଚଳରେ ଦିନକୁ ଦିନ ଗୋଷ୍ଠୀ ସଂଘର୍ଷ, ଲୁଟ୍, ହତ୍ୟାକାଣ୍ଡ ଭଳି ଘଟଣା ବଢ଼ିବାରେ ଲାଗିଛି। ହେଲେ ପୋଲିସ କେବଳ ତଦନ୍ତରେ ସୀମିତ ରହୁଛି। ପୋଲିସ ପ୍ରତି ଅପରାଧୀଙ୍କ ଆଦୌ ଭୟ ନ ଥିବା ଭଳି ମନେହେଉଛି। ବିଗତ କିଛି ଦିନର ଘଟଣାକ୍ରମକୁ ଦେଖିଲେ ଏକଥା ସ୍ପଷ୍ଟ ପ୍ରମାଣିତ ହେଉଛି। ଫେବୃଆରୀ ୧୦ରେ ହୀରାକୁଦର ଜଣେ ମହିଳାଙ୍କୁ ବଳବସପୁରଠାରେ ପୋଡ଼ି ମାରିବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏ ଘଟଣାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଟେର ପାଇପାରି ନାହିଁ। ମାତ୍ର ତିନୋଟି ଟିମ ଗଠନ କରି ତଦନ୍ତ ଜାରି ରଖିଛି। ସେହିପରି ଫେବୃଆରୀ ୧୭ରେ କ୍ଷେତରାଜପୁର ଥାନା ଅନ୍ତର୍ଗତ କୁସୁମପଡାର ଆକୁଳ ବନଛୋର ନାମକ ଅଭିଯୁକ୍ତ ରିଙ୍କୁ ନନ୍ଦଙ୍କୁ କାଠଫାଳିଆରେ ଆକ୍ରମଣ କରି ହତ୍ୟା କରିଥିଲେ। ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ପୋଲିସ ବହୁ କଷ୍ଟରେ ତାଙ୍କୁ ଧରିଥିଲା। ତାଙ୍କ ନାମରେ ଆଗରୁ ମଧ୍ୟ ଅଭିଯୋଗ ରହିଥିଲା। ହେଲେ ଆକୁଳଙ୍କୁ ଅପରାଧ ଘଟାଇବାରେ ପୋଲିସର ଭୟ କୌଣସି ପ୍ରକାର ବାଧକ ହୋଇପାରି ନ ଥିଲା। ଦଲଦଲିପଡାରେ ଗତ ଜାନୁଆରୀ ୧୯ରେ ବାଦଲ ସିଂହ ଓ ଗଣେଶ ରାଓ ମିଳିତ ଭାବେ ପଡାର ସୁରୁ ସୁରଜାଲଙ୍କୁ ଗୋଡାଇ ଗୋଡାଇ ହତ୍ୟା କରିଥିଲେ। ପରେ ପୋଲିସ ଦୁଇ ହତ୍ୟାକାରୀଙ୍କୁ ଗିରଫ କରିଥିଲା। ବାଦଲ ପୂର୍ବରୁ ଅପରାଧ କରି ଜେଲରୁ ଫେରିବା ପରେ ଏଭଳି ହତ୍ୟାକାଣ୍ଡ କରିଥିବାରୁ ପୋଲିସ ପ୍ରତି ତାଙ୍କର ଭୟ ନ ଥିବା ମନେ ହେଉଛି।

ସହରରେ କେବଳ ହତ୍ୟାକାଣ୍ଡ ନୁହେଁ, ଲୁଟ ରାହାଜାନି ଘଟଣା ମଧ୍ୟ ବୃଦ୍ଧି ପାଉଛି। ତଥ୍ୟ ଅନୁସାରେ ଗତ ସେପ୍ଟେମ୍ବର ୨୪ରେ ମାନେଶ୍ୱରର ଏକ ଗହଣା ଦୋକାନରୁ ଲୁଟ୍ ହୋଇଥିଲା। ଏହି ଘଟଣାରେ ଆଜିପର୍ଯ୍ୟନ୍ତ ଅଭିଯୁକ୍ତମାନେ ଧରା ପଡିନାହାନ୍ତି। ଏହାପରେ ନଭେମ୍ବର ୨୩ରେ ଅମ୍ବିରା ନଗରରେ ବରିଷ୍ଠ ନାଗରିକଙ୍କ ଘରୁ ସୁନାଚେନ ଲୁଟ ହୋଇଥିଲା। ଏଥିରେ ମଧ୍ୟ ପୋଲିସ ହାତ ଖାଲି। ଡିସେମ୍ବର ୧୮ରେ କ୍ଷେତରାଜପୁର ଥାନା ଅଞ୍ଚଳରେ ଗୁଳିଚାଳନା ଘଟଣାରେ ଅଭିଯୁକ୍ତ ଧରାପଡି ନାହାନ୍ତି। ଡିସେମ୍ବର ୨୧ରେ ହସ୍ପିଟାଲ ରୋଡରେ ବାଇକରେ ଆସି ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟିନେଲେ। ସିସିଟିଭି ଫୁଟେଜରେ ଘଟଣା ସ୍ପଷ୍ଟ ଜଣାପଡିବା ସତ୍ତ୍ୱେ ପୋଲିସ ଅଭିଯୁକ୍ତମାନଙ୍କ ଟେର ପାଇପାରି ନାହିଁ। ଗତ ୧୫ରେ ଜଗନ୍ନାଥ କଲୋନିରୁ ୩ ଜଣ ଯୁବକ ବନ୍ଧୁକ ଦେଖାଇ ସୁନା ଚେନ ଲୁଟିନେଲେ। ଅପରାଧୀମାନେ ପୋଲିସକୁ ଚ୍ୟାଲେଞ୍ଜ କରି ଗତ ୧୬ ତାରିଖରେ ଧନୁପାଲିର ଏକ ସୁନା ଦୋକାନୀଙ୍କୁ ଗୁଳିଚାଳନା କରି ଫେରାର ହୋଇଗଲେ।

ସମ୍ବଲପୁରରେ ଅପରାଧୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଛକରେ ପୋଲିସ ବିଭାଗ ପକ୍ଷରୁ ସିସିଟିଭି କ୍ୟାମେରା ଲଗାଯାଇଥିଲା। ବର୍ତ୍ତମାନ ଏହା କେଉଁଠି ଚାଲିଛି ତ ଆଉ କେଉଁଠି ବନ୍ଦ ହୋଇ ପଡିରହିଛି। ସାଧାରଣ ଲୋକଙ୍କ ମନରେ ସୁରକ୍ଷା ଭାବନା ଆଣିବା ପାଇଁ ସହରରେ ବାଇକ୍ ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। କେଉଁଠି ଅଘଟଣ ଘଟିଲେ ବାଇକ୍‌ରେ ସୁବିଧାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରୁଥିଲା। ହେଲେ କିଛିମାସ ହେବ ଏହି ବ୍ୟବସ୍ଥା ଦେଖିବାକୁ ମିଳୁନାହିଁ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଥନାରେ ସିନିଅର ସିଟିଜେନ ସିକ୍ୟୁରିଟି ସେଲ ବ୍ୟବସ୍ଥା ରହିଥିଲା। ତାହା ମଧ୍ୟ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହେଉଛି। ସହରରେ ଅନିୟନ୍ତ୍ରିତ ଭାବେ ଅପରାଧିକ କାର୍ଯ୍ୟକଳାପ ବଢିଚାଲିଥିବା ବେଳେ ପୋଲିସ ସହରବାସୀଙ୍କ ବିଶ୍ୱାସ ହରାଇ ବସୁଛି। ବିଗତ ଦିନରେ ସମ୍ବଲପୁରରେ ଜନସାଧାରଣ ଓ ପୋଲିସ ମଧ୍ୟରେ ବିଶ୍ୱାସର ବାତାବରଣ ସୃଷ୍ଟି କରିବା ପାଇଁ ଖୋଦ ଏସ୍‌ପି ଓ ଅତିରିକ୍ତ ଏସ୍‌ପି ଲୋକଙ୍କ ସହ ସିଧାସଳଖ ଯୋଗାଯୋଗରେ ରହୁଥିଲେ। ହେଲେ ଏବେ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ସାଧାରଣ ଲୋକଙ୍କ ସହ କଥା ହେବା ସମ୍ମାନ ହାନି ଭଳି ଏଥିରୁ ବିରତ ରହୁଥିବା ମନେହୁଏ। ପୋଲିସ ଯଦି ଲୋକଙ୍କ ସହ ଯୋଗାଯୋଗ ରଖିବାକୁ କୁଣ୍ଠାବୋଧ କରିବ ତେବେ ଅପରାଧୀମାନଙ୍କୁ ଧରିବା ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ସୂଚନା କେଉଁଠୁ ପାଇବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ମତାମତ ପାଇଁ ସମ୍ବଲପୁର ଏସ୍‌ପି ମୁକେଶ ଭାମୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଅତିରିକ୍ତ ଏସ୍‌ପି ହରେଶଚନ୍ଦ୍ର ପାଣ୍ଡେଙ୍କୁ ପଚାରିବାରୁ ସେ କହିଛନ୍ତି, ଅପରାଧ ନିୟନ୍ତ୍ରଣ ପାଇଁ ସହରରେ ମୁଖ୍ୟ ରାସ୍ତାଗୁଡିକରେ ୮ଟି ଚେକ୍‌ପୋଷ୍ଟ ସ୍ଥାପନ କରାଯାଇଛି। ବିଗତ ଦିନରେ ଘଟିଥିବା ବିଭିନ୍ନ ଅପରାଧର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ପୁରୁଣା ଅପରାଧିମାନଙ୍କ ଉପରେ ପୋଲିସ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ଅତିରିକ୍ତ ଏସ୍‌ପି କହିଛନ୍ତି।

## ସଂକ୍ଷେପରେ

### ହାତୀଛୁଆର ଗଳିତ ମୃତଦେହ ଜବତ

କୁଚିଣ୍ଡା,୨୧।୨(ବିରଞ୍ଚି ଦର୍ଣ୍ଣା): ବାମରା ବନ୍ୟପ୍ରାଣୀ ଡିଭିଜନ ଜମନକିରା ରେଞ୍ଜ ଅଧୀନସ୍ଥ ଜମନକିରା ସେକ୍ସନର ସର୍ଡା ଭାଦେଲବସା ଜଙ୍ଗଲରୁ ବନବିଭାଗ ମଙ୍ଗଳବାର ଏକ ଦନ୍ତା ହାତୀଛୁଆର ଗଳିତ ମୃତଦେହ ଉଦ୍ଧାର କରିଛି। ବୁଧବାର ଘଟଣାସ୍ଥଳରେ ଆର୍‌ସିସିଏଫ୍ ଟି. ଅଶୋକ କୁମାର, ବାମରା ଡିଏଫ୍‌ଓ ସମୀର କୁମାର ସାହୁ, ଜମନକିରା ରେଞ୍ଜର ଲକ୍ଷ୍ମୀକାନ୍ତ ନାୟକ, ଫରେଷ୍ଟର ଶିଶିର ସାମଲ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପରେ ଜମନକିରା ଗୋଷ୍ଠୀ ପ୍ରାଣୀଧନ ଅଧିକାରୀ ଦୀପିକା ଚାନ୍ଦଙ୍କ ଦ୍ୱାରା ମୃତ ହାତୀଛୁଆର ବ୍ୟବଚ୍ଛେଦ କରାଯାଇଛି। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଯାଞ୍ଚ ପାଇଁ ଲ୍ୟାବକୁ ନମୁନା ପଠାଯାଇଥିବା ରେଞ୍ଜର ନାୟକ କହିଛନ୍ତି। ସର୍ଡା ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ହାତୀ ଛୁଆଟି ଅସୁସ୍ଥ ଅବସ୍ଥାରେ ବିଚରଣ କରୁଥିଲା। ବନ ବିଭାଗ କର୍ମଚାରୀ ଖୋଜାଖୋଜି କରିଥିଲେ ହେଁ ତାହାକୁ ଠାବ କରିପାରି ନ ଥିଲେ। ଭାଦେଲବସା ଜଙ୍ଗଲରେ ଦୁର୍ଗନ୍ଧ ହେବାରୁ ସେହିବାଟ ଦେଇ ଯାଉଥିବା ଲୋକେ ଏକ ହାତୀଛୁଆ ମରିପଡିଥିବା ଦେଖି ବନବିଭାଗକୁ ଖବର ଦେଇଥିଲେ। ହାତୀ ଛୁଆଟି ୭/୮ ବର୍ଷର ହୋଇଥିବା ବେଳେ ଛୋଟଛୋଟ ଦାନ୍ତ ବାହାରିଥିବା ଦେଖିବାକୁ ମିଳିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ରେଞ୍ଜର ନାଏକ କହିଛନ୍ତି।

### ୫ଦିନ ପରେ ପଞ୍ଚାୟତ ଅଫିସରୁ ତାଲା ଖୋଲିଲା

ନାକଟିଦେଉଳ, ୨୧।୨(ବୈକୁଣ୍ଠ ନାଥ ସାହୁ)- ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଘୋଷରାମାଳ ପଞ୍ଚାୟତ କାର୍ଯ୍ୟାଳୟରେ ୫ଦିନ ପରେ ବୁଧବାର ପ୍ରଶାସନ ଉପସ୍ଥିତିରେ ତାଲା ଖୋଲା ଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗତ ୧୭ରେ ଘୋଷରାମାଳ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାବେଳେ ଅନିୟମିତତା ଅଭିଯୋଗ କରି ନାଏବ ସରପଞ୍ଚଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଗତ ୧୯ରେ ସରପଞ୍ଚ ପ୍ରେମଶୀଳା ପ୍ରଧାନ ବ୍ଲକ ଅଫିସ ଆସି ପୋଲିସ ଉପସ୍ଥିତିରେ ସମସ୍ତେ ଉପସ୍ଥିତ ରହି ଆଇନ ଅନୁସାରେ ତାଲା ଖୋଲିବା ଦିଗରେ ପଦକ୍ଷେପ ନେବାକୁ ବିଡ଼ିଓଙ୍କୁ ଲିଖିତକାରେ ଜଣାଇଥିଲେ। ତେବେ ବୁଧବାର ଏବିଡିଓ ବିଦ୍ୟାଧର ରାଉତରାୟ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ଘୋଷରାମାଳ ଯାଇ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ପଞ୍ଚାୟତ ଅଫିସରୁ ତାଲା ଖୋଲିବା ପାଇଁ ସମ୍ପୃକ୍ତ ଲୋକ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଏ ନେଇ ପ୍ରଶାସନ ସରପଞ୍ଚଙ୍କୁ ସୂଚନା ଦେଇଥିଲେ ମଧ୍ୟ ସେ ଅନୁପସ୍ଥିତ ରହିବାରୁ ପ୍ରଶାସନିକ ଅଧିକାରୀଙ୍କ ଅନୁରୋଧ କ୍ରମେ ନାଏବ ସରପଞ୍ଚ ଗିରିଧାରୀ ପ୍ରଧାନ ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ। ଏହି ସମୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ନାଥ ସାହୁ, ୱାର୍ଡ ସଭ୍ୟ ମଦନ ମୋହନ ପ୍ରଧାନ, ଜିତେନ୍ଦ୍ରିୟ ସାହୁ, ପ୍ରଦୀପ ଡୁଙ୍ଗଡୁଙ୍ଗ, ସଭ୍ୟା ସୁଭଦ୍ରା ସାମଲ, ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ହୀରାକୁଦ ଗ୍ରାମାଞ୍ଚଳ କ୍ରିକେଟ: ଚାନ୍ଦମୁଣ୍ଡା ଚାମ୍ପିୟନ

ସମ୍ବଲପୁର,୨୧।୨(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବୁଢ଼ାକଟା ଖେଳ ପଡିଆଠାରେ ଦ୍ୱିତୀୟ ହୀରକୁଦ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ବୁଢ଼ାକଟା ମା' ସମଲେଶ୍ୱରୀ ୟୁଥ୍ କ୍ଲବ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କିଲାସମା ବନାମ ଚାନ୍ଦମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ କିଲାସମାକୁ ପରାଜିତ କରି ଚାନ୍ଦମୁଣ୍ଡା ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି । କିଲାସମା ଦଳ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଜବାବରେ ଚାନ୍ଦମୁଣ୍ଡା ଦଳ ୯ ଓଭରରେ ୫ ଉଇକେଟ ହରାଇ ୧୦୧ ରନ କରି ବିଜୟୀ ହୋଇଥିଲା। ମ୍ୟାଚକୁ ଅମ୍ପାୟାର ଭୁପେଶ ସାହୁ ଓ ବିଷ୍ଣୁ କିଷାନ ପରିଚାଳନା କରିଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି, ହୀରାକୁଦ ହିଣ୍ଡାଲ୍‌କୋ ସିଏସ୍‌ଆର୍ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତି ଓ ସରୋଜ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

## ଗମ୍ଭାରୀପଙ୍କରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୨୧।୨(ଭବାନୀ ଶଙ୍କର ଭୋଇ)

ଝୁଝୁମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିପଙ୍କରେ ବୁଧବାର ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଁରେ ପୂଜା ପାଉଥିବା ହନୁମାନଙ୍କ ବିଗ୍ରହ କିଛିବର୍ଷ ହେବ ଭାଙ୍ଗିଯିବା ପରେ ଗ୍ରାମବାସୀ ନୂତନ ବିଗ୍ରହ ସ୍ଥାପନ କରିଥିଲେ। ପରେ ଗତ ୧୯ରେ କଳସ ଯାତ୍ର କରାଯାଇ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମଙ୍ଗଳବାର ହୋମ ଯଜ୍ଞ କରାଯାଇଥିବା ବେଳେ ବୁଧବାର ବିଗ୍ରହ ପ୍ରତିଷ୍ଠା ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ଶତାଧିକ ଭକ୍ତ ଯୋଗ ଦେଇଥିଲେ। ପ୍ରତିଷ୍ଠା ଉତ୍ସବରେ ଗ୍ରାମର ଜୟ ପ୍ରକାଶ ମେହେର ଓ ଓଜସ୍ୱିନୀ ମେହେର କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଚଣ୍ଡି ପ୍ରସାଦ ଷଡ଼ଙ୍ଗୀ ପୂଜକ ଭାବରେ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ କୃଷ୍ଣଗୁରୁ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କିଶୋରୀ କିଶୋର ସଶକ୍ତୀକରଣ କର୍ମଶାଳା

ସମ୍ବଲପୁର,୨୧।୨(ପ୍ରମୋଦ ବହିଦାର):



କର୍ମଶାଳାରେ ଉପସ୍ଥିତ ଅତିଥିଙ୍କ ଗହଣରେ କିଶୋରୀ କିଶୋରମାନେ।

ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଏଡ୍‌ଏଟ୍ ଆକ୍ସନର ମିଳିତ ଆନୁକୂଲ୍ୟରେ ଧନକଉଡ଼ାରେ କିଶୋରୀ କିଶୋର ସଶକ୍ତୀକରଣ ଅଭିଯାନ ଅନ୍ତର୍ଗତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଧନକଉଡ଼ା ବ୍ଲକ ପରିସର ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ଅତିଥିଭାବେ ଯୋଗଦେଇ କିଶୋର ସୁରକ୍ଷା ଆଇନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଡା. ଶାନ୍ତନୁ ମହାପାତ୍ର କିଶୋରୀକିଶୋରଙ୍କ ସ୍ୱାସ୍ଥ୍ୟ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ସେହିପରି ଏଡ୍‌ଏଟ୍ ଆକ୍ସନର ଜିଲା ସଂଯୋଜିକା ସୁନୀତା ତ୍ରିପାଠୀ କିଶୋରୀ କିଶୋରଙ୍କ ସୁରକ୍ଷା କକ୍ଷେ ରହିଥିବା ପୋକ୍ସୋ ଆଇନର ବିଭିନ୍ନ ଧାରା ସମ୍ପର୍କରେ ଅବଗତ କରିଥିଲେ। ଆଦର୍ଶ ଅନୁଷ୍ଠାନର ଜ୍ୟୋତି ଶତପଥୀ ବାଲ୍ୟବିବାହର କୁପ୍ରଭାବ ଓ ଏହାର ନିରାକରଣ ଏବଂ ଶିଶୁ ସୁରକ୍ଷା ୟୁନିଟ୍‌ର ବିଶ୍ୱଜିତ ସାହୁ ଶିଶୁଙ୍କ କଲ୍ୟାଣ ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କର୍ମଶାଳାରେ ଧନକଉଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କିଶୋରୀ, କିଶୋର ଓ ନାବାଳିକା ଅଂଶଗ୍ରହଣ କରିଥିଲେ। ଏଥିରେ ଧନକଉଡ଼ା ବ୍ଲକର ସୁପରଭାଇଜର ନିରୂପମା ଦାଶ, ବିଳାସିନୀ ନାଥଶର୍ମା, ରୁଦ୍ରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସୟନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍-ବୋଲେରୋ ଧକ୍କା, ଜଣେ ମୃତ

ରେଙ୍ଗାଲି,୨୧।୨(ଦେବବ୍ରତ ପଣ୍ଡା):

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ପଧାନପାଲି ଏଲ୍‌ଏନ୍‌ଟି ଟୋଲ ପ୍ଲାଜା ନିକଟରେ ବୁଧବାର ଏକ ଟ୍ରକ୍ ଓ ବୋଲେରୋ ଧକ୍କା ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ଜଣକ ସୁନ୍ଦରଗଡ ଲେଫ୍ରିପଡ଼ା ଗମ୍ଭାରିଡ଼ିହିର ମନୀଷ ପୂଜାରୀ (୧୭) ଓ ଆହତ ଦ୍ୱୟ ସେହି ଗ୍ରାମର ସୀମଲ ବହିଗା ଓ ମଙ୍ଗଲୁ ପରଡ଼ିଆ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ସୂଚନାକ୍ରମେ ସୁନ୍ଦରଗଡରୁ ସମ୍ବଲପୁର ପଟକୁ ଯାଉଥିବା ଓଡି୧୬ଇ-୫୪୫୦ ନଂ. ବିଶିଷ୍ଟ ବୋଲେରୋ ଭୋର ୫ଟା ସମୟରେ ପଧାନପାଲି ଏଲ୍‌ଏନ୍‌ଟି ଟୋଲ ପ୍ଲାଜା ନିକଟରେ ଛିଡା ହୋଇଥିବା ଓଡି୧୫ଏକ୍ସ୍‌୩୩୭୭କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମନୀଷଙ୍କ ମୃତ୍ୟୁ ହୋଇଥିଲା। ଶାସନ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ମାଟି ଅତଡ଼ା ଖସି ଶ୍ରମିକ ମୃତ

କୁଚିଣ୍ଡା,୨୧।୨(ବିରଞ୍ଚି ଦର୍ଣ୍ଣା)- ମହୁଲପାଲି ଥାନା ମହୁଲପାଲି ନଦୀପଠାରେ ମାଟି ଅତଡ଼ା ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହୁଲପାଲି ଗ୍ରାମର ଅନାମ ରୋହିଦାସ (୨୫)। ମଙ୍ଗଳବାର ଅପରାହ୍ନରେ ଏକ ଟ୍ରାକ୍ଟରରେ ଅନାମଙ୍କ ସହ ନୀଳମଣି ରୋହିଦାସ ଓ ଅଜୁ ରୋହିଦାସ ମାଟି ବୋଝେଇ କରୁଥିଲେ। ମାଟି ଖୋଳାହେବା ଦ୍ୱାରା ସେଠାରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ଗର୍ତ୍ତରୁ ମାଟି ଆଣୁଥିବାବେଳେ ହଠାତ୍ ଉପର ମାଟି ଅତଡ଼ା ଧସିପଡ଼ିଥିଲା। ଏଥିରେ ୨ଜଣ ଶ୍ରମିକ ବର୍ତ୍ତିଯାଇଥିବା ବେଳେ ଅନାମଙ୍କ ଉପରେ ମାଟି ଧସିପଡ଼ିବାରୁ ସେ ଗୁରୁତର ହୋଇଥିଲେ। ସାଥୀ ଶ୍ରମିକମାନେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନା ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ମହୁଲପାଲି ଥାନାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ବୁଧବାର ଅନାମଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି।

## ଏପ୍ରିଲ ୭ରୁ ଯୁବ ପ୍ରଶିକ୍ଷଣ ଶିବିର



ପବ୍ଲିକ ଲାଇବ୍ରେରୀ ସଭାକକ୍ଷଠାରେ ଆୟୋଜିତ ପ୍ରସ୍ତୁତି ବୈଠକ।

ସମ୍ବଲପୁର,୨୧।୨(ବି.ଶଙ୍କର)

ଆସନ୍ତା ଏପ୍ରିଲ ୭ରୁ ଯୁବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ବୁଧବାର ଆୟୋଜିତ ସମ୍ପାଦକୀୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହା ସ୍ଥିର ହୋଇଛି। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ସମ୍ବଲପୁର ଜିଲାର ବିଦ୍ୟାଳୟ ଦ୍ୱାରା ମନୋନୀତ ନବମ ଓ ଆଗ୍ରହୀ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମରେ ବହୁ ଅଭିଜ୍ଞ ଶିକ୍ଷକ, ଶିକ୍ଷୟିତ୍ରୀ, ଡାକ୍ତର, ଇଞ୍ଜିନିୟର ଓ ସାମାଜିକ କର୍ମୀ ବିଭିନ୍ନ ବିଷୟରେ ପିଲାଙ୍କୁ ଶିକ୍ଷାଦାନ କରିବେ। ପ୍ରସ୍ତୁତି ପାଇଁ ଆସନ୍ତା ମାସ ୧୨ ତାରିଖରେ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସଭା କରିବାକୁ ସ୍ଥିର ହୋଇଛି । ପରବର୍ତ୍ତୀ ସମୟରେ ଅଭିଭାବକମାନଙ୍କ ସମ୍ମିଳନୀରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦିଆଯିବ ବୋଲି ବୈଠକରେ ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲାଇବ୍ରେରି ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ପ୍ରଫେସର କାମଦେବ ସାହୁ, ପ୍ରଫେସର ରବି ନାରାୟଣ ମିଶ୍ର, ପ୍ରାକ୍ତନ ମଣ୍ଡଳାଧିଶ ଡ. ଗିରିଧାରୀ ହୋତା, ଶିକ୍ଷାବିତ୍ ଶିବଶଙ୍କର ଷଡଙ୍ଗୀ, ପୃଥ୍ୱୀରାଜ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ: ରାସ୍ତାରୋକୋ

ରେଢ଼ାଖୋଲ,୨୧।୨(ଅଚ୍ୟୁତାନନ୍ଦ ପୁରୋହିତ)



ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ରେଢ଼ାଖୋଲ ସହର ଉପକଣ୍ଠ ୫୫ନଂ ଜାତୀୟ ରାଜପଥର ପୁରୁଣା ମଦଭାଟି ନିକଟରେ ବୁଧବାର ଏକ ଅଜଣା ଗାଡି ଧକ୍କାରେ ବାଇକ୍‌ରେ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାରମାଳ ଗ୍ରାମର ପ୍ରତାପ ରଞ୍ଜନ ଦାଶ (୪୪)। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ପ୍ରାୟ ୩ଘଣ୍ଟା ଧରି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ପୋଲିସ ପହଞ୍ଚି ମୃତଦେହକୁ ରେଢାଖୋଲ ଡାକ୍ତରଖାନା ଆଣିଥିଲା। ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ଏସ୍‌ଡିପିଓ ପ୍ରଶାନ୍ତ ମେହେର, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀମାନେ ଫେରାର ଗାଡିକୁ ଧରିବା ସହ ରେଡକ୍ରସରୁ ୨୦ ହଜାର ଟଙ୍କା ଓ ବ୍ଲକ ପ୍ରଶାସନ ପରିବାର ମଙ୍ଗଳ ଯୋଜନାର ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାମତେ ପ୍ରତାପ ରେଢାଖୋଲ ସହରକୁ କୌଣସି କାମରେ ଆସି ବାଇକ୍‌ଯୋଗେ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କର ସ୍ତ୍ରୀ ସହ ଗୋଟିଏ ପୁଅ ଓ ଝିଅ ଥିବା ଜଣାପଡିଛି। ଏ ନେଇ ରେଢାଖୋଲ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

## ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ

ସମ୍ବଲପୁର,୨୧।୨(ପ୍ରମୋଦ ବହିଦାର): ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରିପାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମାତୃଭୂମି ଓ ମାତୃଭାଷାର ମହତ୍ତ୍ୱ ସମ୍ପର୍କରେ ଅବଗତ କରିଥିଲେ। ଓଡ଼ିଆ ବିଭାଗର ମୋଞ୍ଜା ପୂର୍ତ୍ତି, ରଶ୍ମିତା ରାଉତରାୟ ଓଡ଼ିଆ ଭାଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ବିଭାଗ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଓଡ଼ିଆ ଭାଷା ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ର ପ୍ରଦୀପ ରୋହିଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌ୟୁଜେ ସମ୍ବଲପୁର ଶାଖାର ପ୍ରତୀକ ଧାରଣା

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ଦଫା ଦାବିପତ୍ର

ଜମନକିରା,୨୧।୨(ରବୀନ୍ଦ୍ର ପ୍ରସାଦ ଦାନି)

ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ସମ୍ବଲପୁର ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସମ୍ବିତ ଗଡ଼ନାଏକଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏସ୍‌ୟୁଜେ ଜିଲା ଶାଖା ସଭାପତି ରବୀନ୍ଦ୍ର ପ୍ରସାଦ ଦାନିଙ୍କ ନେତୃତ୍ୱରେ ଜିଲା ସଦର ମହକୁମା ନାରୀସେବା ସଦନଠାରୁ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଗଣଧାରଣା ଦେଇଥିଲେ। ଅତିରିକ୍ତ ଜିଲାପାଳ ଗଡ଼ନାଏକ ଧାରଣାସ୍ଥଳକୁ ଆସି ଖବରଦାତାଙ୍କ ସହ ଆଲୋଚନାକରି ଦାବିପତ୍ର ଗ୍ରହଣ କରିଥିଲେ। ଖବରଦାତାମାନେ ଦର୍ଶାଇଥିଲେ, ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଜନା ପ୍ରଣୟନକରି ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ସରକାରଙ୍କ ଜନକଲ୍ୟାଣ ଯୋଜନା ବା କାର୍ଯ୍ୟକ୍ରମକୁ ଖବରଦାତାମାନେ ଗଣମାଧ୍ୟମରେ ପ୍ରସାରିତ କରିଚାଲିଛନ୍ତି। ହେଲେ ଭତ୍ତା ଓ ଅବସର ନେଇଥିବା ଖବରଦାତାଙ୍କୁ ପେନ୍‌ସନ ପ୍ରଦାନ କରିବାରେ ସରକାର ହେଳା କରିଚାଲିଛନ୍ତି। ଅନେକ ସମୟରେ ସେମାନେ ଆକ୍ରୋଶର ମଧ୍ୟ ଶିକାର ହେଉଛନ୍ତି। ସେହିପରି ଭୁବନେଶ୍ୱରରେ ସେମାନଙ୍କ ସାମୟିକ ରହଣି ନିମନ୍ତେ ଗୋଟିଏ ଅତିଥି ଭବନ ମଧ୍ୟ ନାହିଁ। ତେଣୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, କାର୍ଯ୍ୟରତ ଖବରଦାତାଙ୍କୁ ମାସିକ ୨୫ ହଜାର ଟଙ୍କା ଭତ୍ତା ପ୍ରଦାନ, ଅବସର ନେଇଥିବା ଖବରଦାତାଙ୍କୁ ମାସିକ ୨୦ ହଜାର ଟଙ୍କା ପେନ୍‌ସନ ପ୍ରଦାନ, ଭୁବନେଶ୍ୱରଠାରେ ସାମ୍ବାଦିକ ଭବନ ନିର୍ମାଣ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ଦାନିଙ୍କ ସମେତ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ବହିଦାର, କୋଷାଧ୍ୟକ୍ଷ ଜିତେନ୍ଦ୍ର ମୁଦୁଲି, ସହସମ୍ପାଦକ ଇ. ସଞ୍ଜୀବ ସାହୁ, ହେମନ୍ତ ଭଇଁସା, ଲିପନ ନାଏକ, ପ୍ରଦ୍ୟୁମ୍ନ ସାହୁ, ପ୍ରଦୀପ ଜୋଷୀ, ନରେନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ପାଇଁ ପଦକ୍ଷେପ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ
### ୧୪୫୭ଟି ପୁରସ୍କାର ପ୍ରଦାନ

ସମ୍ବଲପୁର,୨୧।୨(ବି.ଶଙ୍କର)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ମନ୍ଦଲିଆ ପଡିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମୋ ସ୍କୁଲ ଅଭିଯାନ ଓ ୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମର ପ୍ରୋତ୍ସାହନରେ ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ତଥା ମେଧାବୀ ଛାତ୍ରୀଛାତ୍ରଙ୍କ ପ୍ରୋତ୍ସାହନ ପାଇଁ ପୁରସ୍କାର ବିତରଣ ଉତ୍ସବ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ମାଧ୍ୟମିକ ଶିକ୍ଷା) ବିକାଶ ଚନ୍ଦ୍ର ପ୍ରଧାନ ବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ତମ ପଠନ ସହ ଜଣେ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ରବି ନାରାୟଣ ବଘାର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ପୁରସ୍କାର ଭବିଷ୍ୟତ ଗଠନ ଲାଗି ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରୀୟ ମେଧାବୀ ଛାତ୍ର ପୁରସ୍କାର ୭୨ ଜଣ, ବ୍ଲକସ୍ତରୀୟ ମେଧାବୀ ଛାତ୍ର ପୁରସ୍କାର ୯୨୧ଜଣ, ଛାତ୍ର ନେତୃତ୍ୱ ପୁରସ୍କାର ୩୬୪ଜଣ, ଜିଲାସ୍ତରୀୟ ମାଧ୍ୟମିକ ସ୍କୁଲ ପୁରସ୍କାର ୩୦ଟି ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ବର୍ଗରେ ୨୯ଟି ବିଦ୍ୟାଳୟ, ଗ୍ରାମ ପଞ୍ଚାୟତ ପୁରସ୍କାର ବର୍ଗରେ ୮ଟି, ୯ଟି ପୁରାତନ ଛାତ୍ରସଂସଦ ପୁରସ୍କାର, ୧୦ଟି ବିଦ୍ୟାଳୟ ପରିଚାଳନା ସମିତି ପୁରସ୍କାର, ୪ଜଣଙ୍କୁ ମାଧ୍ୟମିକ ପ୍ରଧାନଶିକ୍ଷକ ଓ ୧୦ଜଣଙ୍କୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁରସ୍କାର ଏପରି ମୋଟ ୧୪୫୭ଟି ପୁରସ୍କାର ବିତରଣ କରାଯାଇଥିଲା। ସିଆର୍‌ସିସି ଅସୀମ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ରାକ୍ଷୀ ମହାପାତ୍ର ଓ ଜେଣ୍ଡର କୋଅର୍ଡିନେଟର ଅବିନାଶ ସାହୁ ଉତ୍ସବ ସଂଯୋଜନା କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା, ଲେଡିଲୁଇସ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜିତ ଲୁହା, ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କରଣ ଶର୍ମା, ପ୍ରଧାନଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ, ଶିକ୍ଷୟିତ୍ରୀ ମାଧୁରିମା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରେ ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ, ଶ୍ରୀମତୀ ଦୁତିକା ସାହୁ ବାଳିକା ଉଚ୍ଚ ବିଦ୍ୟାଳୟ, ମହମ୍ମଦପୁର ହାଇସ୍କୁଲ ଓ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷିତ ହୋଇଥିଲା।

## ସଂକ୍ଷେପରେ

### ଡୁମାଲ ସମାଜ ଭବନ ଉଦ୍‌ଘାଟିତ

ଦେଓଗାଁ,୨୧।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ବୁଢାବାହାଲଠାରେ ଡୁମାଲ ସମାଜ ନୂତନ ଭବନ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ଭବନକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ବିଜେଡି ବ୍ଲକ ସଭାପତି ଶୁଶିଲ କୁମାର ଚାନ୍ଦ ଏହି ଅବସରରେ ଯୋଗଦେଇଥିଲେ। ପରେ ଦେଓଗାଁର ବରିଷ୍ଠ ନାଗରିକଙ୍କ ସହ ପୂର୍ବତନ ମନ୍ତ୍ରୀ ସିଂଦେଓ ଆଲୋଚନା କରିଥିଲେ।

### ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯାତନା ଓ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଅଭିଯାନ

ଭବାନୀପାଟଣା,୨୦।୨(ଉତ୍ତମ କୁମାର ଦାଶ)

ଓଡିଶାରେ ଶିଶୁ ଯୌନ ନିର୍ଯାତନା, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଅଭିଯାନ ଆରମ୍ଭ କରିଛି ସ୍ୱେଚ୍ଛାସେବୀ ସଂସ୍ଥା ଶକ୍ତି ଅନୁଷ୍ଠାନ। ଅନୁଷ୍ଠାନ ରାୟଗଡାସ୍ଥିତ ମୁଖ୍ୟାଳୟ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୨୩ ଜୁନରୁ କଳାହାଣ୍ଡି ଜିଲାର ସଦର ବ୍ଲକର ୩୬ ପଞ୍ଚାୟତର ୧୫୦ଟି ଗାଁରେ ଶକ୍ତି ଅନୁଷ୍ଠାନ ଏହି ସମସ୍ୟାର ଉନ୍ମୂଳନ ପାଇଁ ସାମାଜିକ ସଚେତନତା କାର୍ଯ୍ୟ ଜାରି ରଖିଛି। ସେହିପରି ଜିଲାର ୧୩ଟି ବ୍ଲକ ଓ ସହରାଞ୍ଚଳର ବିଭିନ୍ନ ସ୍କୁଲ, ବିଭିନ୍ନ ଗାଁରେ ଛାତ୍ରଛାତ୍ରୀ ଓ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ନେଇ ସଚେତନତା ସଭାର ଆୟୋଜନ କରିବା ସହିତ ଏହି ଅପରାଧ ଓ କୁପ୍ରଥା ରୋକିବା, ସାହସର ସହିତ ମୁକାବିଲା କରିବାକୁ ସାମୁହିକ ଶପଥ ପାଠ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଷ୍ଠାନର ପ୍ରଚ୍ଛନ୍ନ ଉଦ୍ୟମରେ ଜିଲାର ୨ ଲକ୍ଷ ୨୫ ହଜାରରୁ ଛାତ୍ରଛାତ୍ରୀ, ବିଭିନ୍ନ ବର୍ଗର ଜନସାଧାରଣ ଏହି ଶପଥପାଠ କରିବା ସହିତ ସାମାଜିକ ଦାୟିତ୍ୱ ନିର୍ବାହ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଜିଲା ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ଜିଲା ଶ୍ରମ ବିଭାଗ, ଜିଲା ସମାଜ କଲ୍ୟାଣ ବିଭାଗ ସହିତ ବରାବର ସମନ୍ୱୟ ରକ୍ଷା କରି ଏ ଦିଗରେ ସରକାରୀ ବିଧି ବ୍ୟବସ୍ଥା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ପ୍ରଦାନ ବାବଦରେ କାର୍ଯ୍ୟ କରିଆସୁଛି ଅନୁଷ୍ଠାନ। ଆଗାମୀ ଦିନରେ କଳାହାଣ୍ଡି ଜିଲାରେ ଶିଶୁ ସୁରକ୍ଷା ଦିଗରେ ଏକ ମାଇଲଖୁଣ୍ଟ ତିଆରି କରିବାକୁ ଅନୁଷ୍ଠାନ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲା ସଂଯୋଜକ ସୁଜିତ ସେନ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭବାନୀପାଟଣାସ୍ଥିତ ହୋଟେଲ ରୟାଲ ମିଡଟାଉନ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଜିଲା ସଂଯୋଜକ ସେନ, ସଂଯୋଜିକା ଏସ. ସୁଜାତାଙ୍କ ସମେତ ସ୍ୱାଧୀନ ପାତ୍ର, ସନ୍ତୋଷ ସିଂହଦେଓ, ମନମୋହନ ପ୍ରଧାନ, ବିକାଶ ଷଡ଼ଙ୍ଗୀ, ଆଇନଜୀବୀ ଋଷିସୂଦନ ଛତ୍ରପାଲ, ତଳବେଲଗାଁ ସମିତିସଭ୍ୟ ସରୋଜ ନାଏକ, ଚାଞ୍ଚେର ସମିତି ସଭ୍ୟ ଶୁକ୍ରୁ ମାଝି, ସାମାଜିକ କର୍ମୀ ସୁନିତା ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବାଳକୃଷ୍ଣ ମଲ୍ଲିକ, ନିରାକାର ଦୁର୍ଗା, ଶରତ ବେନୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଥାନା ଘେରିଲେ ଗ୍ରାମବାସୀ

### ସ୍କୁଲ ସଂଲଗ୍ନ ସରକାରୀ ଜମିରେ ଗୃହ ନିର୍ମାଣକୁ ବିରୋଧ

ବେଲପଡ଼ା,୨୨।୨(ମନୋଜ କୁମାର ମିଶ୍ର)



ଥାନା ସମ୍ମୁଖରେ ଗ୍ରାମବାସୀ।

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ପାଲେଶିରା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ସଂଲଗ୍ନ ସରକାରୀ ଜମିକୁ ଜନୈକ ବ୍ୟକ୍ତି ଅକ୍ତିଆର କରି ଆବାସ ଗୃହ ନିର୍ମାଣ କରୁଛନ୍ତି। ଏହାକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏ ନେଇ କାର୍ଯ୍ୟାନୁଷ୍ଠାନ ଦାବି କରି ବୁଧବାର ସେମାନେ ଥାନା ଘେରାଉ କରିଥିଲେ। ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗମତେ ପାଲେଶୀରା ଗ୍ରାମର ଜଣେ ବ୍ୟକ୍ତିଙ୍କ ଜ୍ୱାଇଁ ଗତ ୧୦ ବର୍ଷ ହେଲା ଗ୍ରାମ ସ୍କୁଲପଡ଼ା ପାଖ ଗୋଚର ଜମିରେ ଗୃହ ନିର୍ମାଣ କରି ରହୁଛନ୍ତି। ଗତ ୨୩-୨୪ ଆର୍ଥିକ ବର୍ଷରେ ସେ ସେଠାରେ ଏକ ଆବାସ ଗୃହ ପାଇଁ କାର୍ଯ୍ୟାଦେଶ ପାଇ ନିର୍ମାଣ କରୁଛନ୍ତି। ଏହାକୁ ନେଇ ପୂର୍ବରୁ ଗ୍ରାମବାସୀ ବିଡ଼ିଓ, ତହସିଲଦାର, ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ସମୟରେ ଗ୍ରାମରେ ସଭା କରି ଗ୍ରାମବାସୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସ୍କୁଲ ପରିସରକୁ ଲାଗି ନିର୍ମାଣ ବନ୍ଦ କରିବା ପାଇଁ କୁହାଯାଇଥିଲା। ଗ୍ରାମ ସଭାରେ ରାଜି ହୋଇ ସେ କାମ ବନ୍ଦ ରଖିଥିଲେ। କିନ୍ତୁ ମଙ୍ଗଳବାର ପୁନଃ ଗୃହ ନିର୍ମାଣ କରିବାରୁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡକାଇ ସମାଧାନ କରାଯିବ ବୋଲି କହିଥିଲା। ହେଲେ ବୁଧବାର ପୁଣି ଗୃହ ନିର୍ମାଣ ଚାଲୁଥିବା ଦେଖି ଗ୍ରାମର କେତେଜଣ ବାରଣ କରିବାରୁ ଗୃହ ନିର୍ମାଣକାରୀ ଗଣ୍ଡଗୋଳ କରିଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗର ସମାଧାନ ନ ହେବା ଯାଏ ଥାନାରେ ବସି ରହିବେ ବୋଲି ଗ୍ରାମବାସୀ ଅଡି ବସିଥିଲେ । ସନ୍ଧ୍ୟା ହୋଇ ଯାଇଥିବାରୁ ପୋଲିସ ଆସନ୍ତା ୨୩ ତାରିଖ ତହସିଲଦାରଙ୍କୁ ନେଇ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଥାନାରୁ ଫେରିଥିଲେ। ବେଲପଡ଼ା ଏବିଡ଼ିଓ ସୁରଥ ସାହୁଙ୍କୁ ପଚାରିବାରୁ ଜମିର ପଟ୍ଟାକୁ ଭିତ୍ତି କରି କାର୍ଯ୍ୟାଦେଶ ଦିଆଯାଇଛି। ଯଦି ଠି ଜାଗାରେ ଆବାସ ଗୃହ ହୋଇ ନ ଥିବ ତେବେ ପ୍ରାପ୍ୟ ଦିଆଯିବ ନାହିଁ ବୋଲି କହିଥିଲେ। ସୁବାସ ନିଆଲ, ଶାନ୍ତନୁ ଖର୍ସେଲ, ନିଲବତି ଭୁଏ, ଯଶୋବନ୍ତି ପୁଟେଲ, ନବୀନ ଖର୍ସେଲ, ଗୌତମ ଖର୍ସେଲଙ୍କ ନେତୃତ୍ୱରେ ଗ୍ରାମବାସୀ ଥାନା ଘେରାଉରେ ସାମିଲ ହୋଇଥିଲେ।

# ମାତୃଭାଷା ପ୍ରତି ମମତା ରଖନ୍ତୁ ଛାତ୍ରୀଛାତ୍ର



ଦେଓଗାଁ ଡିଗ୍ରୀ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

### ବିଶ୍ୱ ମାତୃଭାଷା ଦିବସ ପାଳିତ

ଦେଓଗାଁ,୨୧।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଡିଗ୍ରୀ କଲେଜରେ ବିଶ୍ୱ ମାତୃଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ଜିଲା ହୋମିଓପାଥି ଚିକିତ୍ସାଳୟର ଡ. ଅଶୋକ କୁମାର ସେଟ୍ଠୀ ଓ ଅଧ୍ୟାପକ ସନତ କୁମାର ରଥ, ମଞ୍ଜରୀ ପୋଢ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ମାତୃଭାଷା ପ୍ରତି ମମତା ରଖିବା ସହିତ ଏହାର ଉନ୍ନତି ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେରଙ୍କ ପରି ମହାମନିଷୀଙ୍କ ଅବଦାନକୁ ଅନୁସରଣ କରି ଭାଷା ସାହିତ୍ୟ ଓ ଉନ୍ନତି ଦିଗରେ ସମସ୍ତେ ଉଦ୍ୟମ ଜାରି ରଖିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁରେଶ ପ୍ରସାଦ ଷଡଙ୍ଗୀ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଅଶିଷ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଧ୍ୟାପକ ମଳୟ ରଣା, ଯୁଧିଷ୍ଠିର ମେହେର, ରିଙ୍କି ସେଠ, ସରୋଜ ସାହୁ, ରିତେଶ ମେହେର, ଅଲେଖ ପ୍ରସାଦ ସାହୁ, ସରୋଜ କୁମାର ମହାନ୍ତି ସହଯୋଗ କରିଥିଲେ ।

# ଉତ୍ତମ ଶିକ୍ଷା ହିଁ ଆତ୍ମଚେତନାକୁ ପରିପୁଷ୍ଟ କରାଇଥାଏ



ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ନଙ୍ଗଲବୋର୍ଡ ସେବାଶ୍ରମର ବାର୍ଷିକ ଉତ୍ସବ

ସିନାପାଲି,୨୧।୨(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ନଙ୍ଗଲବୋର୍ଡ ସେବାଶ୍ରମର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସେବାଶ୍ରମ ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ ଓ ମୁଖ୍ୟବକ୍ତା ଭାବେ ଭଟ୍ଟାପାଣି ଉଚ୍ଚ ବିଦ୍ୟାଳୟପ୍ରଧାନ ଶିକ୍ଷକ ନିରାକାର ସାହୁ, ସମ୍ମାନିତ ଅତିଥି ଭାବେ ସିନାପାଲି ମଙ୍ଗଳ ଅଧିକାରୀ ସୁନୀଲ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ଜଗଦିଶ ମାଝି, ସମିତି ସଭ୍ୟ ଡିଙ୍ଗର ମାଝି, ବରିଷ୍ଠ ପ୍ରଧାନ ଶିକ୍ଷକ ପୁରୁତ୍ତମ ନାଏକ, ଅନ୍ୟତମ ପ୍ରଧାନ ଶିକ୍ଷକ ଗଙ୍ଗାରାମ ବାଗ, ଯୁବକବୀ ପ୍ରଦ୍ୟୁମ୍ନ ସିଂ ଚିନ୍ଦା, ବିଦ୍ୟାଳୟ ପରିଚାଳନା ସଭାପତି ହଳଧର ମାଝି ମଞ୍ଚାସୀନ ରହିଥିଲେ। ଉତ୍ତମ ଶିକ୍ଷା ଦ୍ୱାରା ହିଁ ଆତ୍ମ ଚେତନାକୁ ପରିପୁଷ୍ଟ କରିବା ସହ ସୁସ୍ଥ ସମାଜ ଗଠନ କରିବାରେ ବେଶ ସହାୟକ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ସେବାଶ୍ରମ ଉପାନ୍ତ ଅଞ୍ଚଳରେ ଆଲୋକବର୍ତ୍ତି ସାଜିଥିବା ବେଳେ ଅଞ୍ଚଳରେ ଶିକ୍ଷାର ବିକାଶ ଘଟାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନେଇ ମତ ପ୍ରକାଶ କରିଥିଲେ। ସେବାଶ୍ରମ ଅହଲ୍ୟା ମାଝି, ଭବାନୀ ହରିଜନ, ଚନ୍ଦ୍ରିକା ପୂଝାରୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ସହକାରୀ ଶିକ୍ଷକ ସୁନୀଲ କୁମାର ହେର୍ଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଅଭିଭାବକ ବୁଧୁରାମ ମାଝି, ଶ୍ରେଷ୍ଠ ରୋଷେଇୟା ଧନେଶର ନାଗ, ଶ୍ରେଷ୍ଠ ମେଟ୍ରନ ଭାବେ ପାଦୁକା ଜଗତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବେ ରଣଜିତ ସିଂ ମାଝି, ଚନ୍ଦ୍ରିକା ପୂଝାରୀ, ବୀରେନ୍ଦ୍ର ମାଝି, ପଦ୍ମିନି ତାଣ୍ଡି ପ୍ରମୁଖଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଡିଙ୍ଗର ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷ କରିଥିଲେ। ଶିକ୍ଷକ ଡିଗ୍ରେରାଜ ସା, ସହଦେବ ମାଝି, ଖିତିଶ ମାଝି, ଶୋଭା ମାଝି, ମୁକ୍ତା ମାଝି, ଦୁର୍ମିଳା ମାଝି ସହଯୋଗ କରିଥିଲେ।

# ବିଜେଡିରେ ଯୋଗ ଦେଲେ ସୁକାନ୍ତ ପାଣିଗ୍ରାହୀ

ଭୁବନେଶ୍ୱର,୨୧।୨(ଅନିଲ ଦାସ)

ବଲାଙ୍ଗୀର ନିର୍ବାଚନମଣ୍ଡଳୀ ତଥା ସ୍ୱେଚ୍ଛାକୃତ ଅବସରପ୍ରାପ୍ତ ବରିଷ୍ଠ ଆକାଉଣ୍ଟସ୍ ଅଫିସର ତଥା ପୂର୍ବତନ ଭାରତୀୟ ଭଲିବଲ ଓ ସନ୍ତୋଷ ଟ୍ରଫି ଖେଳାଳି ସୁକାନ୍ତ କୁମାର ପାଣିଗ୍ରାହୀ ବିଜେଡିରେ ଯୋଗ ଦେଇଛନ୍ତି। ବୁଧବାର ଶଙ୍ଖଭବନଠାରେ ରାଜ୍ୟ ହାଉସିଂ ବୋର୍ଡ କର୍ପୋରେଶନର ଅଧ୍ୟକ୍ଷ ତଥା ବଲାଙ୍ଗୀରର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂହଦେଓଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ସିଂହଦେଓ ତାଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ଦଳକୁ କୌଣସି ପଦପଦବୀ କିମ୍ବା ଉଦ୍ଦେଶ୍ୟ ନେଇ ସେ ଆସିନାହାନ୍ତି। ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି କହିଛନ୍ତି । ଦଳରେ ତାଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ, ପୂର୍ବତନ ଏମ୍‌ପି କଳିକେଶ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ବଲାଙ୍ଗୀର ଅଞ୍ଚଳର କଂଗ୍ରେସ ନେତା ବୈଶାଖୁଗଡ଼ତିଆ, ତୁଷାରକାନ୍ତ ଗଡ଼ତିଆ, ଆନନ୍ଦ କୁମାର ପ୍ରଧାନ, ରୋଶନ କୁମାର ପ୍ରଧାନ, ସୁଶୀଲ ବାଗ୍ ଏବଂ ଭାଜପାର ଆଶିଷ କୁମାର ଦୋରା,ଗଙ୍ଗାଧର ମାଝି, ଜନ୍ମେଜୟ ଶତପଥୀ, ମଧୁ ପଡ଼ା, ରାଧାଶ୍ୟାମ ବିଶି, ଧ୍ରୁବ ବାଗ୍, ଏନ୍. ପାଣିଗ୍ରାହୀ ଏବଂ ରାଜେଶ ପ୍ରଧାନଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ଶେଷରେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ବଦଳିଲେ କର୍ଲାମୁଣ୍ଡା ମାଟ୍ରିକ୍ ନୋଡାଲ ସେଣ୍ଟର ଅଧୀକ୍ଷକ

କର୍ଲାମୁଣ୍ଡା,୨୧।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ସଦର ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ ପରୀକ୍ଷା ସେଣ୍ଟର ଇନଚାର୍ଜଙ୍କୁ ମାଟ୍ରିକ ପରୀକ୍ଷା ପ୍ରଥମ ପରେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରୁ ହଟାଇ ଦିଆଯାଇଥିବା ଜଣାପଡ଼ିଛି। ବିଭିନ୍ନ ଅଭିଯୋଗ ଆଧାର କରି ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୌପଦାର ତାଙ୍କୁ ପରୀକ୍ଷା ଅଧୀକ୍ଷକ ତଥା ନୋଡାଲ ସେଣ୍ଟର ଅଧୀକ୍ଷକ ଦାୟିତ୍ୱରୁ ହଟେଇ ସେହି ସ୍ଥାନରେ ବାଞ୍ଜିପଦର ଉନ୍ନୀତ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ରୁପା ଚନ୍ଦ୍ର ସାହୁଙ୍କୁ ନିୟୋଜିତ କରିଛନ୍ତି। ଏନେଇ ପତ୍ର ସଂଖ୍ୟା ୧୧୬୩ ତାରିଖ ୨୦/୨/୨୦୨୪ରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥି ସହିତ ନବନିଯୁକ୍ତ ଅଧୀକ୍ଷକଙ୍କୁ ତୁରନ୍ତ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ରାଉତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସିଆରସିସି ଟୁକୁନୁ କୁମାରଙ୍କୁ ଜୋରାଡବରା ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ଅବଜରର୍ଭର ଭାବେ ଦାୟିତ୍ୱ ଦିଆଯାଇଛି। ପ୍ରକାଶ ଥାଉ କି, ମଙ୍ଗଳବାର ପ୍ରଥମ ଦିନ ପରୀକ୍ଷାରେ ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୩ ଜଣ ଛାତ୍ରୀଛାତ୍ର ଏକ୍ସପେଲ ହୋଇଥିଲେ।

# ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦେଓଗାଁ,୨୧।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଚନ୍ଦ୍ରପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ସମନ୍ୱେତା ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଡିଓ କ୍ଷମାନିଧି ଭୋଇ, ମୁଖ୍ୟବକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ସମ୍ମାନୀତ ଅତିଥି ତହସିଲଦାର ବିକ୍ରମ କେଶରୀ ନାୟକ, ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମ୍ବରୀଶ ଭୋଇ, ଭିଏମଡିସି ସଦସ୍ୟ ବିଭୂତି ଭୂଷଣ ବେହେରା, ଏବିଇଓ ଅଜିତ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଚ, ଗୀତ ଓ ଡ୍ରାମା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ମୁରଲୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ତରୁଣ ଭୁଏ, ବଂଶୀଧର ପୂଝାରୀ, ଆଲୋକ ରଞ୍ଜନ ମହାଲିଙ୍ଗ, ଦେବସ୍ମିତା ମହାପାତ୍ର, ନିତମ୍ପିନି ସାହୁ, ଓଙ୍କାର ସେଠ, ଶ୍ୟାମ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# ବେଦାନ୍ତ ପକ୍ଷରୁ ସବୁଜ ଇନ୍ଧନ ବିକଳ୍ପ ଭାବେ ବାୟୋ ଡିଜେଲ ସଫଳ

ଲାଞ୍ଜିଗଡ଼,୨୧।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡର ଆଲୁମିନିୟମ ନିର୍ମାତା ବାୟୋ ଡିଜେଲ ପ୍ରୟୋଗ ଅନୁସନ୍ଧାନ ଆରମ୍ଭ କରିଛି। କମ୍ପାନୀ ଏହାର ବ୍ୟବସାୟିକ ଯାନଗୁଡ଼ିକୁ ସବୁଜ ଇନ୍ଧନ ଭାବେ ବାୟୋ ଡିଜେଲକୁ ଉପଯୋଗ କରିବ। ୨୦୫୦ ସୁଦ୍ଧା ଶୂନ୍ୟ କାର୍ବନ ହାସଲ କରିବାରେ କମ୍ପାନୀର ଏହି ଯାତ୍ରା ଏକ ରଣନୀତିକ ପଦକ୍ଷେପ। ଛତିଶଗଡ଼ ବାଲକୋଠାରେ ମଧ୍ୟ କମ୍ପାନୀ ପକ୍ଷରୁ ଏହିପରି ପଦକ୍ଷେପ ଏକ ଗ୍ରହଣ କରାଯାଉଛି। ବାୟୋ ଡିଜେଲ ହେଉଛି ବାୟୋମାସରୁ ଉତ୍ପନ୍ନ ଏକ ସବୁଜ ଇନ୍ଧନର ରୂପ ଓ ପେଟ୍ରୋଲିୟମ ଉତ୍ପାଦିତ ଡିଜେଲ ପାଇଁ ଏକ ନବୀକରଣ ଯୋଗ୍ୟ ବିକଳ୍ପ ଯାହା ଜଳିଲେ କମ ଗ୍ରୀନ ହାଉସ ଗ୍ୟାସ ନିର୍ଗମନ କରିଥାଏ। ଏହାକୁ ବ୍ୟବହାର କରିବା ଦ୍ୱାରା ଯାନ ବାହନର କାର୍ଯ୍ୟଦକ୍ଷତା ବୃଦ୍ଧି ପାଏ ଓ ଇନ୍ଧନ ଖର୍ଚ୍ଚ ହ୍ରାସପାଏ। ବେଦାନ୍ତ ଆଲୁମିନିୟମ ୨୦୩୦ ସୁଦ୍ଧା ଏହାର ୧୦୦% ହାଲୁକା ମୋଟର ଯାନ ଓ ୨୦୩୫ ସୁଦ୍ଧା ଏହାର ଖଣି ଫ୍ଲିଟ ପାଇଁ ୭୫% ଡିକାର୍ବନାଇଜେସନ କରିବାକୁ ପ୍ରତିଶ୍ରୁତି ଦେଇଛି। ବେଦାନ୍ତ ଲାଞ୍ଜିଗଡ଼ କ୍ଲାଇମେଟ ଆକ୍ସନ ପ୍ରୟାସ ବିଷୟରେ ବେଦାନ୍ତ ଲିମିଟେଡ ସିଇଓ-ଆଲୁମିନା ବିଜିନେସ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ବେଦାନ୍ତରେ ଆମେ ଜଳବାୟୁ କାର୍ଯ୍ୟ ଉପରେ ଏକ ଦ୍ୱିପାକ୍ଷିକ ଅବଲମ୍ବନ ପନ୍ଥା ଗ୍ରହଣ କରିଛୁ, ଯେଉଁଥିରେ ଆମର କାର୍ବନ ପଦ ଚିହ୍ନ ହ୍ରାସ ହେବ ଓ ନିର୍ଗମନ ବନ୍ଦ ହୋଇପାରିବ। ସବୁଜ ଇନ୍ଧନକୁ ସ୍ଥାନାନ୍ତରଣ ହେଉଛି ଆମର ଏହି ପ୍ରୟାସ। ବ୍ୟବହାର କରାଯାଉଥିବା ଡିଜେଲର ଅନୁପାତକୁ କମ କରି ବେଦାନ୍ତ ଲାଞ୍ଜିଗଡ଼ ଏହାର ପ୍ରତ୍ୟେକ କାର୍ଯ୍ୟକୁ ଡିକାର୍ବନାଇଜେସନ ପାଇଁ ଉନ୍ନତ ପ୍ରଯୁକ୍ତି ସହାୟତା ନେଉଛି। ସମ୍ପ୍ରତି ଏହାର ଶକ୍ତି ସଂରକ୍ଷଣ ପଦକ୍ଷେପ ପାଇଁ ଓ ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୩ରେ ସମ୍ମାନିତ କରାଯାଇଛି। ଏହାର ଜଳବାୟୁ କାର୍ଯ୍ୟ ପଦକ୍ଷେପ ପାଇଁ ବେଦାନ୍ତ ଲାଞ୍ଜିଗଡ଼ ବିଭିନ୍ନ ପ୍ଲାଟଫର୍ମରୁ ସ୍ୱୀକୃତି ଦିଆଯାଇଛି ।

# ପ୍ରଥମ ଗଣ୍ଡୱାନା କପ୍ କ୍ରିକେଟ ଉଦ୍‌ଯାପିତ

ନୂଆପଡ଼ା,୨୧।୨(ମକାରୁ ବେମାଲ)




ଚାମ୍ପିୟନ ଦଳକୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଲିଖମାର ଖେଳ ପଡିଆରେ ପ୍ରଥମ ଗଣ୍ଡୱାନା କପ କ୍ରିକେଟ ଉଦଯାପିତ ହୋଇଯାଇଛି। ବାଲିଖମାର ମାଧବ ଷ୍ଟାର ଓ ଏନକାଉଣ୍ଟର ସ୍ପେସାଲିଷ୍ଟ ସାଲେଭଟା ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଏନକାଉଣ୍ଟରକୁ ହରାଇ ବାଲିଖମାର ଚାମ୍ପିୟନ ହୋଇଛି। ଉଦଯାପନୀରେ ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝି ମୁଖ୍ୟଅତିଥି, ଜିଲା ଆଦିବାସୀ କଲ୍ୟାଣ ସଂଘ ଉପସଭାପତି କମଲେଶ ସିଂ ଠାକୁର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନେପାଳ ମାଝି, ସିଆଲଲଟି ପୂର୍ବତନ ସରପଞ୍ଚ ରୁଦ୍ର ସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିମ ଚାମ୍ପିୟନ ଓ ରନର ଅପ୍ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଆକାଶ ଚନ୍ଦନ ଓ ମ୍ୟାନ ଅଫ ଦି ସିରିଜ ମଣ୍ଟୁଙ୍କୁ ପ୍ରଦାନ କରାଯାଇଥିଲା। ଯୋଗିନ ମାଝି, ହେମନ୍ତ ମାଝି, ହେମରାଜ ମାଝି, ଉଦିତ ନାରାୟଣ ସିଂ ମାଝି ପ୍ରମୁଖ ଖେଳ ପରିଚାଳନା କରୁଥିବା ବେଳେ ଦିଗ ବିଜୟ ମାଝି ସ୍କୋର ଦାୟିତ୍ୱରେ ଥିଲେ। ଜ୍ଞାନେଶ୍ୱର ମାଝି ଓ ଦୁଷ୍ମନ୍ତ ମାଝି ଧାରା ବିବରଣୀ ପ୍ରଦାନ କରିଥିଲେ। ଆଦିବାସୀ ଯୁବ ମଞ୍ଚ ନୂଆପଡା ଆୟୋଜନ କରିଥିବା ବେଳେ ସଭାପତି ଯମୁନାଲାଲ ଧରୁଆ, ସମ୍ପାଦକ ମନସାଏ ମରକାମ, ଉଜଳ ସିଂ ମାଝି, ଅରୁଣ ମାଝି, ଅଜିତ ସିଂ ମାଝି, ସୁକାନ୍ତ ମାଝି, ପ୍ରମେଶ୍ୱର ମାଝି, ବିଶ୍ୱନାଥ ମାଝି, କପାଟ ସିଂ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଭୋଟଦାନ କେନ୍ଦ୍ର ନ ହେଲେ ଭୋଟ ବର୍ଜନ

କୋକସରା,୨୧।୨(ଦୁଷ୍ମନ୍ତ କୁମାର ପାଟଯୋଶୀ)



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ରାଜସ୍ୱ ଗ୍ରାମ ହୋଇଥିବା ବେଳେ ଏହି ଗ୍ରାମର ନାଗରିକମାନେ ମୌଳିକ ଅଧିକାରରୁ ବଞ୍ଚିତ ରହିଛନ୍ତି। ନାଗରିକଙ୍କ ମତଦାନ ହେଉଛି ମୌଳିକ ଅଧିକାର। ହେଲେ ସିର୍ଲିଗୁଡା ଭୋଟରମାନେ ନିଜ ଗ୍ରାମରେ ମତଦାନ କେନ୍ଦ୍ର ଖୋଲିବାକୁ ଜିଲା ପ୍ରଶାସନ ନିକଟରେ ଦାବି ଜଣାଇ ଆସୁଛନ୍ତି। ହେଲେ କୌଣସି ସମାଧାନ ହେଉନାହିଁ। ଆଗକୁ ନିର୍ବାଚନ ଆସୁଥିବା ବେଳେ ବଙ୍ଗୋମୁଣ୍ଡା ମତଦାନ କେନ୍ଦ୍ରକୁ ସିର୍ଲିଗୁଡା ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରିବା ପାଇଁ ବୁଧବାର ସିର୍ଲିଗୁଡା ଗ୍ରାମବାସୀ କୋକସରା ବିଡିଓଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ସିର୍ଲିଗୁଡା ଗ୍ରାମର ଭୋଟର ପ୍ରତିଥର ନିର୍ବାଚନ ସମୟରେ ଗାଁଠାରୁ ୫ କିମି ଦୂରରେ ଥିବା ବଙ୍ଗୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ମତଦାନ କେନ୍ଦ୍ରକୁ ଭୋଟ ଦେବାକୁ ଯାଉଛନ୍ତି। ଏଣୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗାଁରେ ଥିବା ବୃଦ୍ଧ ବୃଦ୍ଧା, ବୟସ୍କ, ଭିନ୍ନକ୍ଷମ ନାଗରିକମାନେ ମତଦାନରୁ ବଞ୍ଚିତ ରହୁଥିବା ଅଭିଯୋଗ କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଗ୍ରାମର ପୁରୁଷୋତ୍ତମ ସୁନାନୀ, ଜିତେନ୍ଦ୍ର କୁମାର ଦୁର୍ଗା, ଭୂଷଣ ମହାନନ୍ଦ, ଧନୁରାମ ନାଗ, ଅଭୟ ବାଗ, ବୃନ୍ଦାବନ ଦୁର୍ଗା, ସତ୍ୟରାମ ନାଗ, ଦେବ ନାଗ, ଗୟାଧର ନାଏକ, ପବିତ୍ର ବାଗ, ଡମ୍ବରୁଧର ଭାଟି, ଧନେଶ୍ୱର ମହାନନ୍ଦ, ମହେନ୍ଦ୍ର ଦୁରିଆ ଓ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ କୋକସରା ବିଡିଓ ସ୍ନେହାପ୍ରଭା ମାଝିଙ୍କ ପ୍ରତିକ୍ରିୟା ନେବାରୁ ଅଭିଯୋଗ ମିଳିଛି, ଆମେ ଜିଲା ପ୍ରଶାସନକୁ ଜଣାଇବୁ, କେମିତି ମତଦାନ କେନ୍ଦ୍ର ହେବ ସେନେଇ ଜିଲା ପ୍ରଶାସନ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି।

# ବୌଦ୍ଧ ଜିଲାରେ ଗଡ଼ିଲା ଲକ୍ଷ୍ମୀ ବସ



ସଭାରେ ଯୋଗ ଦେଇଥିବା ଅତିଥି ।


ଷ୍ଟାଡିୟମ ପରିସରରେ ଲକ୍ଷ୍ମୀ ବସ୍ ।

ବୌଦ୍ଧ,୨୧।୨( ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ବୁଧବାର ଦିନ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ ହୋଇଛି। ଏନେଇ ଜିଲା ଷ୍ଟାଡିୟମଠାରେ ଏକ ସଭା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ଜରିଆରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଜିଲାରେ ପ୍ରଥମ ପର୍ଯ୍ୟାୟରେ ୬ ଗୋଟି ବସ୍ ସେବାର ଶୁଭାରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇ ଗାଁକୁ ଗାଁ ସୁବିଧାରେ ଓ କମ ଖର୍ଚ୍ଚରେ ଯିବା ପାଇଁ ଲକ୍ଷ୍ମୀ ବସ୍ ପହଞ୍ଚିବ। ଲକ୍ଷ୍ମୀ ବସ ଲୋକଙ୍କୁ ଲୋକଙ୍କ ସହିତ ଯୋଡିବାରେ ସହାୟକ ହେବ ବୋଲି କହିଥିଲେ। ପିଲାମାନଙ୍କୁ ସ୍କୁଲ , କଲେଜ ଓ ରୋଗୀଙ୍କୁ ଡାକ୍ତରଖାନା ନେବାରେ ସହାୟକ ହେବା ସହ ମା'ମାନଙ୍କ ପାଇଁ ବସ୍ ଭଡା ପାଞ୍ଚ ଟଙ୍କା ରହିଥିବା କହିଥିଲେ। ଆମର ମୂଳ ଲକ୍ଷ୍ୟ ପଞ୍ଚାୟତର ବିକାଶ କରିବା ଓ ଅର୍ଥନୀତିକୁ ମଜବୁତ କରିବା ଦିଗରେ ଲକ୍ଷ୍ମୀବସ୍ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ଓଡିଶା ନବୀନ ଓଡିଶା ଓ ୫- ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କହିଥିଲେ, ଲକ୍ଷ୍ମୀ ବସ୍‌ରେ ମହିଳାମାନଙ୍କ ପାଇଁ ଟିକେଟର ମୂଲ୍ୟ ୫ଟଙ୍କା ରହିଛି। ମିଶନଶକ୍ତି ମହିଳାଙ୍କ ୟୁନିଫର୍ମ ପାଇଁ ମୁଖ୍ୟମନ୍ତ୍ରୀ ଏକ ହଜାର ଟଙ୍କା ଦେଇଛନ୍ତି ଓ ଅତିଶୀଘ୍ର ସେମାନଙ୍କ ପାଖରେ ପହଞ୍ଚିବ । ମମତା ଯୋଜନାରେ

**ଲକ୍ଷ୍ମୀ ଯୋଜନା ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ପଦକ୍ଷେପ : ପରିବହନ ମନ୍ତ୍ରୀ**

ଆଗରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଥିବା ବେଳେ ଏବେ ତାହା ୧୦ ହଜାର ଟଙ୍କା କରାଯାଇଥିବା କହିଥିଲେ। ଯୁକ୍ତ ତିନିରେ ପଢୁଥିବା ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କା ଦିଆଯିବ ଓ ଛାତ୍ରମାନଙ୍କୁ ୯ ହଜାର ଟଙ୍କା ଦିଆଯିବ ବୋଲି ଏହି ଅବସରରେ ସେ କହିଥିଲେ। ଷ୍ଟାଡିୟମଠାରେ ଅନୁଷ୍ଠିତ ସଭାରେ ଜଙ୍ଗଲ ଓ ପରିବେଶ,ପଞ୍ଚାୟତିରାଜ, ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ,ପାନୀୟଜଳ, ବିଦ୍ୟୁତକରଣ ଆଦି ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ ଅଞ୍ଚଳ ବିକାଶର ଧାରାରେ ଚାଲିଛି। ଅନ୍ୟରାଜ୍ୟ ତୁଳନାରେ ଓଡିଶା ହେଉଛି ଗମନାଗମନରେ ପ୍ରଥମ ରାଜ୍ୟ ଓ ରାଜ୍ୟରେ ରାସ୍ତାଘାଟର ଉନ୍ନତି ହୋଇଛି। ଆଜି ଯାହା ବିକାଶ ହୋଇଛି ତାହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ବାଣିଜ୍ୟ ଓ ପରିବହନ, ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ଲକ୍ଷ୍ମୀ ବସ ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ପଦକ୍ଷେପ ଓ ଏହାଦ୍ୱାରା ଲୋକମାନେ ଘରେ ଘରେ ଯୋଜନାର ସୁଫଳ ପାଇ ପାରିବେ ବୋଲି କହିଥିଲେ । କଣ୍ଟାମାଳ ବିଧାୟକ ମହିଧର ରଣା ଯୋଗଦେଇ ଲକ୍ଷ୍ମୀ ଯୋଜନା ଏକ ମହତକାଂକ୍ଷୀ ଯୋଜନା ହୋଇଥିବା ବେଳେ ମହିଳା, ଛାତ୍ରୀଛାତ୍ର, ଦିବ୍ୟାଙ୍ଗମାନେ ସୁବିଧାରେ ସରକାରୀ କାର୍ଯ୍ୟାଳୟକୁ ଯାଇ ପାରିବା ସହ ଗମନାଗମନ କ୍ଷେତ୍ରରେ ସୁବିଧା ପାଇ ପାରିବେ ବୋଲି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ଅଧ୍ୟକ୍ଷା ପ୍ରଭାସିନୀ ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭଗବାନ କହଁର, ଜିଲାପାଳ ଜେ.ସୋନାଲ, ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ।

# ସୋନପୁରରୁ ବଲାଙ୍ଗୀର, ଭୁବନେଶ୍ୱର ଚାଲିବ ଟ୍ରେନ୍

ସୋନପୁର,୨୧।୨(ମୃତ୍ୟୁଞ୍ଜୟ ଶତପଥୀ)

**ରେଳ ମନ୍ତ୍ରଣାଳୟର ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନ**

ରେଳ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ଜିଲାବାସୀଙ୍କ ପାଇଁ ପୁଣି ଏକ ଖୁସି ଖବର ଆସିଛି। ଖୁବ୍‌ଶୀଘ୍ର ସୋନପୁରରୁ ବଲାଙ୍ଗୀର ପାସେଞ୍ଜର ଟ୍ରେନ୍ ଓ ସୋନପୁରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ଏକ୍ସପ୍ରେସ୍ ଟ୍ରେନ୍ ଚାଲିବ। ରେଳ ମନ୍ତ୍ରଣାଳୟର ଏ ସମ୍ପର୍କିତ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଅନୁମୋଦନ କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟହ ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ସେହିପରି ବଲାଙ୍ଗୀର-ବିଛୁପାଲି ମଧ୍ୟରେ ଚାଲୁଥିବା ୨ଟି ପାସେଞ୍ଜର ଟ୍ରେନ୍ ସୋନପୁର ଷ୍ଟେଶନ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଓ ସୁବର୍ଣ୍ଣପୁର ଜିଲା ନାଗରିକ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନ ପରେ ବଲାଙ୍ଗୀର ଏମ୍‌ପି ସିଂହଦେଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଯେ, ଗତ ୯ ତାରିଖ ଠାରୁ ସୁବର୍ଣ୍ଣପୁର-ପୁରୀ ମଧ୍ୟରେ ଏକ ସାପ୍ତାହିକ ଏକ୍ସପ୍ରେସ ଟ୍ରେନ୍ ଚାଲୁଛି। ଫେବୃୟାରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବଲପୁରରୁ ଭିଡିଓ କନ୍‌ଫରେନ୍ସିଂ ଯୋଗେ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସୁବର୍ଣ୍ଣପୁର ଜିଲା ଖମ୍ବେଶ୍ୱରୀପାଲିରୁ ସୁବର୍ଣ୍ଣପୁର ଷ୍ଟେଶନ ମଧ୍ୟରେ ନୂଆ ରେଳ ଲାଇନ୍ ଓ ସୁବର୍ଣ୍ଣପୁର ରେଳ ଷ୍ଟେଶନର ଲୋକାର୍ପଣ କରିଥିଲେ। ସେହିପରି ସୁବର୍ଣ୍ଣପୁରରୁ ଟ୍ରେନ୍ ସେବାକୁ ମଧ୍ୟ ଶୁଭାରମ୍ଭ କରିଥିଲେ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର


ଶିବିରରେ ଉପସ୍ଥିତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ବୃନ୍ଦ ।

ଡୁଙ୍ଗୁରିପାଲି,୨୧।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ୨୦୨୨-୨୩ ବର୍ଷର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ରୋହିତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୨୩-୨୪ ଆର୍ଥିକ ବର୍ଷରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା। ଏପିଓ ପ୍ରଦ୍ୟୁମ୍ନ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ୨୦୨୩-୨୪ ଆର୍ଥିକ ବର୍ଷର କାର୍ଯ୍ୟ ଖସଡ଼ା ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା ନୋଡାଲ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର ସନତ କୁମାର ନାଇକ,ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା , ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ସୋସିଆଲ ଅଡିଟର ହୃଷୀକେଶ ମହାକୁର, ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଏଇ ସୁବନାଥ ମାଝୀ, ସିଡିପିଓ ଜୟନ୍ତୀ ଗଡତିଆ, ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ ପାଣି ଶିବିରରେ ମଞ୍ଚାସୀନ ଥିଲେ । ବ୍ଲକ କମିଟିର ନିତେଇ ପାଲ,ସୁବାଷ ଭୋଇ ଉପସ୍ଥିତ ଥିଲେ । ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ସଞ୍ଜୟ କୁମାର ବଡମାଲି ପ୍ରକଳ୍ପର ଉପସ୍ଥାପନା କରିଥିଲେ। ପିଇଓ, ଭିଆରପି, ଜିଆରଏସ, ନିର୍ବାହୀ ଅଧିକାରୀ, ବ୍ଲକସ୍ତରୀୟ ସମସ୍ତ ଅଧିକାରୀ, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ସ୍ୱେଚ୍ଛାସେବୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଗଣମାଧ୍ୟମ ପ୍ରତିନିଧି, ଶ୍ରମିକ ଯୋଗ ଦେଇଥିଲେ । ୨୦୨୩-୨୪ ବର୍ଷରେ ଡୁଙ୍ଗୁରିପାଲି ବ୍ଲକର ୨୬ଟି ପଞ୍ଚାୟତରେ ୨୧ ହଜାର ୪୦୨ ପରିବାରଙ୍କ ନାମ ଏହି ଯୋଜନାରେ ପଞ୍ଜୀକରଣ କରିଥିବା ବେଳେ ସମସ୍ତ ପରବାରଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା । ବ୍ଲକର ୮୩୧୭ ଶ୍ରମିକ କାମ କରିବା ପାଇଁ ଆବେଦନ କରିଥିଲେ। ୮୩୧୭ ଜଣ କାମରେ ଯୋଗଦେଇ ୧୧୧୯୪୫ ଦିନ ଶ୍ରମ ଦିବସ ସୃଷ୍ଟି ହୋଇଥିଲା । ୪୨୪ ଗୋଟି ପ୍ରକଳ୍ପ ସମ୍ପୂର୍ଣ ହୋଇଥିବା ବେଳେ ୫୮ ପରିବାର ୧୦୦ ଦିନ କାମ କରି ଶ୍ରମଦିବସ ସୃଷ୍ଟି କରିଥିଲେ। ବ୍ଲକରେ ୨ କୋଟି ୫୬ ଲକ୍ଷ ୬୨ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ଲକରେ ୫୯୭୩,୯୦ କୁଇଣ୍ଟାଲ ସାଧାରଣ ବଣ୍ଟନ ପ୍ରତି ମାସରେ ହିତାଧିକାରୀଙ୍କୁ ଦିଆଯାଇଛି। ନୋଡାଲ ଅଧିକାରୀ ସନତ କୁମାର ନାଇକ ପ୍ରକଳ୍ପ ଗୁଡିକର ସମୀକ୍ଷା କରିଥିଲେ। ଶେଷରେ ଏପିଓ ପ୍ରଦ୍ୟୁମ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଅମରପାଲି,୨୧।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ୨ ଦଫା ଦାବି ନେଇ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିଛନ୍ତି । ପୂର୍ବାହ୍ନରୁ ବୀରମହାରାଜପୁର ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଆଗ୍ନିକ, ମୁଖ୍ୟ ଆଗ୍ନିକ, ଗାଡି ଚାଳକ, ହାବିଲଦାରମାନେ ଏକତ୍ରିତ ହୋଇ ଆନ୍ଦୋଳନ କରିଛନ୍ତି। ଓଡ଼ିଶା ପୋଲିସ ସିପାହୀ ଓ ହାବିଲଦାରଙ୍କ ସହିତ ଦରମା ଓ ଭତ୍ତା ଲେବଲ ସମାନ କରିବା ଏବଂ ଅଗ୍ନିଶମ କର୍ମଚାରୀ ସଂଘକୁ ସରକାରୀ ପଞ୍ଜୀକରଣ କରିବା ଦାବି କରିଛନ୍ତି। ଜରୁରୀ ସେବା ପ୍ରଦାନ କରୁଥିବା କର୍ମଚାରୀଙ୍କ ଦାବି ଯଥାଶୀଘ୍ର ପୂରଣ କରିବାକୁ ଦାବି ହେଉଛି।

### ଅବସରପ୍ରାପ୍ତ ପ୍ରାଣୀଧନ ପ୍ରାଯୁକ୍ତିକ ଦୁଃଶାସନ ସାହୁଙ୍କ ପରଲୋକ



ଅମରପାଲି,୨୧।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଗ୍ରାମର ଅବସରପ୍ରାପ୍ତ ପ୍ରାଣୀଧନ ପ୍ରାଯୁକ୍ତିକ ଦୁଃଶାସନ ସାହୁ (୬୨)ଙ୍କ ମଙ୍ଗଳବାର ଭୋର ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଦେହ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ତାଙ୍କର ପୈତୃକ ଘର ଢେଙ୍କାନାଳ( ମାଣ୍ଡପାସାହି)କୁ ନିଆଯାଉଥିଲା। ମାତ୍ର ବାଟରେ ଗୁରୁତର ହେବାରୁ ତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପୈତୃକ ଘରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଗିମନ ସାହୁ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସାହୁ ଅମରପାଲି ଫ୍ରେଣ୍ଡସ କ୍ଲବ ଓ ଅମରପାଲି କ୍ରିକେଟ କପ୍‌ର ପ୍ରମୁଖ ଉପଦେଷ୍ଟା ଥିଲେ। ସେ ଜଣେ ମେଳାପି ବ୍ୟକ୍ତି ଥିଲେ। ଜଣେ ପ୍ରାଣୀଧନ ନିରୀକ୍ଷକ ଭାବେ ଅମରପାଲିରୁ ଚାକିରି ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଏଠାରେ ରହି ଦୁଇ ବର୍ଷ ପୂର୍ବେ ପ୍ରାଣୀଧନ ପ୍ରାଯୁକ୍ତିକ ଭାବେ ଅବସର ନେଇଥିଲେ।

# ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଅବଦାନ ଅତୁଳନୀୟ



ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ ।

ବୌଦ୍ଧ,୨୧।୨(ଅଜିତ କୁମାର ବାରିକ)

ବୌଦ୍ଧ ଟାଉନହଲଠାରେ ମଙ୍ଗଳବାର ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଜେ. ସୋନାଲ, ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଡା. ମଦନ ମୋହନ ପ୍ରଧାନ, ଡା. ଅନ୍ତର୍ଯ୍ୟାମୀ ବେହେରା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଜିଲାପାଳ ସୋନାଲ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଆଜିର ଦିନରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଉନ୍ନତିରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଡା. ସଂଘମିତ୍ରା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲା ଆଶା ପରିଚାଳକ ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ତିନି ଜଣ ଆଶା କର୍ମୀ ଓ ତିନି ଜଣ ଗାଁ କଲ୍ୟାଣ ସମିତି ସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା।

# ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ

ବାଉଁଶୁଣି, ୨୧।୨(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡ଼ିଶା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ମା' ମାହେଶ୍ୱରୀ ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ ଗତ ୧୬,୧୮,୨୦ ତାରିଖ ୩ ଦିନ ଧରି ମାଳିପଡ଼ା, ମାଉଲିମୁଣ୍ଡା, ଟିକିରାପଡା, ବଡଝାରକଟା, ବହିରା, ବାଉରିଝାରକଟା,ହରିଡ଼ାପାଲି, ଜଟିପାଲି ଆଦି ଗ୍ରାମରେ ସଂକୀର୍ତ୍ତନ୍ୟ ମାଧ୍ୟମରେ ସଚେତନ କରିଥିଲେ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଫସଲ ବୀମା, ୫ଟି ହାଇସ୍କୁଲ ରୂପାନ୍ତରଣ, ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ ଆଦି ବିଭିନ୍ନ ଯୋଜନା ବିଷୟରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏହି ସଂକୀର୍ତ୍ତନ୍ୟ ମଣ୍ଡଳୀରେ ଗାୟିକା ଅନୁଜା ବେହେରା, ବାହକ ପବିତ୍ର ପୋଢ଼ଙ୍କ ସମେତ ଉସତ ଆଡ଼ଯୁଆଲି, ରଞ୍ଜିତ ଲଉରିଆ, ଶେଷ ଦେହୁରୀ, କରୁଣା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଚୋରି ରୋକିବାକୁ ବୈଠକ ଡାକିଲା ବୌଦ୍ଧ ପୋଲିସ

ବୌଦ୍ଧ,୨୧।୨(ଅଜିତ କୁମାର ବାରିକ)

ବୌଦ୍ଧରେ ଚୋରମାନେ ଗୋଟିଏ ପରେ ଗୋଟିଏ ମନ୍ଦିରକୁ ଟାର୍ଗେଟ କରି ମନ୍ଦିରରୁ ଚୋରି କରି ଫେରାର ହୋଇଯାଉଛନ୍ତି। ପୋଲିସ ଚୋରଙ୍କ ଟେର ପାଇ ପାରୁନାହିଁ। ଗତ ୧୯ ତାରିଖରେ ବୌଦ୍ଧ ସହରର ଭୈରବୀ ମନ୍ଦିର ଓ ଗାୟତ୍ରୀ ମନ୍ଦିରରୁ ଚୋରି ହେବାର ଦିନକ ପରେ ହରଭଙ୍ଗା ବ୍ଲକ ବନ୍ଧାପଥର ଗ୍ରାମର ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଚୋରମାନେ ପଶି ଚୋରି କରିଥିବା ଜଣାପଡିଛି। ଚୋରମାନେ ମନ୍ଦିରର ଦାନବାକ୍ସ ଭାଙ୍ଗି ସମସ୍ତ ଟଙ୍କାପଇସା ନେଇଯିବା ସହିତ ମନ୍ଦିର ଭିତରୁ ୬ ଗୋଟି ଗରା, ଦୁଇଟି ମୋଟର,ପରାତ ଥାଳିଆଦି ନେଇଯାଇଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ମାନସ କୁମାର ପୁରୋହିତଙ୍କ ପକ୍ଷରୁ ବୌଦ୍ଧ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ବାରମ୍ବାର ମନ୍ଦିରଗୁଡିକରୁ ଚୋରି ହେଉଥିବାରୁ ବୌଦ୍ଧ ଥାନା ପକ୍ଷରୁ ବୁଧବାର ଅପରାହ୍ନରେ ସମସ୍ତ ମନ୍ଦିର ପରିଚାଳନା କମିଟି ଓ ପୂଜକମାନଙ୍କ ଏକ ବୈଠକ ଡକାଯାଇ ଦେବାଦେବୀଙ୍କ ସମ୍ପତ୍ତିର ସୁରକ୍ଷା ନେଇ ଆଲୋଚନା କରାଯାଇଛି। ଯେଉଁ ମନ୍ଦିରଗୁଡିକୁ ଅଧିକ ସଂଖ୍ୟାରେ ଦର୍ଶନାର୍ଥୀ ଆସୁଛନ୍ତି ଓ ଦାନ ସଂଗ୍ରହ ପାଇଁ ହୁଣ୍ଡି ସ୍ଥାପନ କରାଯାଇଛି ସେଠାରେ ସିସିଟିଭି ଲଗାଇବାକୁ ପୋଲିସ ପକ୍ଷରୁ ମନ୍ଦିର ପରିଚାଳନା କମିଟିଗୁଡିକୁ ପରାମର୍ଶ ଦିଆଯାଇଛି। ଏହା ସହିତ ପୋଲିସ ପାଟ୍ରୋଲିଂକୁ କଡାକଡି କରାଯିବା ସହିତ ମନ୍ଦିର ନିକଟରେ ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଦେଖିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ବୌଦ୍ଧ ସହର ତଥା ଆଖପାଖ ଅଞ୍ଚଳର ସମସ୍ତ ମନ୍ଦିରର ପୂଜକ ଓ ପରିଚାଳନା କମିଟି ସଦସ୍ୟମାନେ ଯୋଗଦେଇ ଚୋରି ରୋକିବାକୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ବୈଠକରେ ଅଧ୍ୟକ୍ଷତା କରି ମନ୍ଦିର ଚୋରି ରୋକିବାକୁ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଅଧିବାସୀ ପୋଲିସକୁ ସହଯୋଗ କରିବାକୁ ନିବେଦନ କରିଥିଲେ।


ଚୋରି ରୋକିବାକୁ ପୋଲିସ ପକ୍ଷରୁ ଅନୁଷ୍ଠିତ ବୈଠକ।

# ବନ୍ୟା ସୁରକ୍ଷା ଆଡ଼ିବନ୍ଧ ପାଇଁ ଶିଳାନ୍ୟାସ

ସୋନପୁର/ତରଭା,୨୧।୨
(ମୃତ୍ୟୁଞ୍ଜୟ ଶତପଥୀ/ମାନଭଞ୍ଜନ ମିଶ୍ର)


ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ।

- ତରଭା ବ୍ଲକର ୧୪ ଗାଁ ଓ ଚାଷ ଜମିକୁ ସୁରକ୍ଷା
- କର୍ଲାମୁହାଣରୁ ମରାଡୁଗୁଛା ତେଲ ନଦୀ ବାମ ପାର୍ଶ୍ୱରେ ନିର୍ମାଣ ହେବ
- ୧୭ ହଜାର ହେକ୍ଟର ଚାଷଜମି, ୧୬ ହଜାର ଲୋକଙ୍କୁ ବନ୍ୟା ଦାଉରୁ ସୁରକ୍ଷା ମିଳିବ

ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ବ୍ରାହ୍ମଣୀ ଠାରେ ବନ୍ୟା ସୁରକ୍ଷା ଆଡିବନ୍ଧ ନିର୍ମାଣ ପାଇଁ ବୁଧବାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ପଡିଆରେ ଆୟୋଜିତ ସଭାରେ ମନ୍ତ୍ରୀ ପୂଜାରୀ କହିଥିଲେ ଯେ, କର୍ଲାଖମନ ଠାରୁ ମରାଡୁଗୁଛା ପର୍ଯ୍ୟନ୍ତ ତେଲ ନଦୀ ବାମ ପାର୍ଶ୍ୱରେ ୧୮ କିଲୋମିଟର ଲମ୍ବ ଏହି ଆଡିବନ୍ଧ ନିର୍ମାଣ କରାଯିବ। ପଶ୍ଚିମ ଓଡିଶାରେ ଏତେ ବଡ ଆଡିବନ୍ଧ ନିର୍ମାଣ କରାଯିବା ପ୍ରଥମ। ଏହାଦ୍ୱାରା ବର୍ଷା ଋତୁରେ ତେଲ ନଦୀ ବାମ ପାର୍ଶ୍ୱରେ ଥିବା ତରଭା ବ୍ଲକର କର୍ଲାମୁହାଣ, ସିଣ୍ଢୋଲ, ଶୁଖିଲାସର, ଝାରବନ୍ଧାଲି, ବାସଶଙ୍କର, ବନ୍ଧପାଲି, ଭୁରାଡ, ବ୍ରାହ୍ମଣୀ, କିରାସିରା, ଗୋହିରାହାଟ, ଗୁଞ୍ଜିମୁଣ୍ଡା, ବନ୍ଧକେତା, ଖଇରଟିକ୍ରା ଓ ମରାଡୁଗୁଛା ଭଳି ୧୪ଟି ଗ୍ରାମର ଅଧିବାସୀଙ୍କୁ ବନ୍ୟା ଦାଉରୁ ସୁରକ୍ଷା ମିଳିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଦ୍ୱାରା ଅଞ୍ଚଳର ୧୬ହଜାର ଜନସାଧାରଣ ଓ ୧୭ହଜାର ହେକ୍ଟର ଚାଷ ଜମି ବନ୍ୟା ଦାଉରୁ ସୁରକ୍ଷା ପାଇବ। ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଜିତେନ୍ଦ୍ର ପାଢୀ ସଭାରେ ଅଧ୍ୟକ୍ଷତା କରି କହିଥିଲେ ଯେ ନାବାର୍ଡ ସହାୟତାରେ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ଯୋଜନା(ଆରଆଇଡିଏଫ)- ବନ୍ୟା ନିୟନ୍ତ୍ରଣ ଯୋଜନାରେ ୪୮କୋଟି ୧୭ଲକ୍ଷ ଟଙ୍କା ବ୍ୟୟରେ ତେଲ ନଦୀର ବାମ ପାର୍ଶ୍ୱରେ ବନ୍ୟା ସୁରକ୍ଷା ଆଡିବନ୍ଧ ନିର୍ମାଣ କରାଯିବ। ଅଞ୍ଚଳବାସୀ ଏଥିରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ଯୋଗଦେଇ ଏହି ଆଡିବନ୍ଧ ନଦୀକୂଳିଆ ଗ୍ରାମବାସୀଙ୍କ ପାଇଁ ବରଦାନ ସଦୃଶ। ଲୋକେ ଭବିଷ୍ୟତରେ ଏହାକୁ ରାସ୍ତା ଭାବେ ବ୍ୟବହାର କରିପାରିବେ ବୋଲି କହିଥିଲେ। ତରଭା ପଞ୍ଚାୟତ ସମିତିର ଅଧ୍ୟକ୍ଷ ସରୋଜ କମ୍ପ ଯୋଗଦାନ କରି ବ୍ରାହ୍ମଣୀ ଓ ଅନ୍ୟ ଗାଁଗୁଡିକ ବନ୍ୟା ସମୟରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଥିଲେ। କାଦୁଅ ପଚ ପଚ ରାସ୍ତାରେ ପୂର୍ବରୁ ଲୋକମାନେ ଯାତାୟତ କରୁଥିଲେ। ନିରଞ୍ଜନ ପୂଜାରୀ ବିଧାୟକ ହେବା ପରେ ରାସ୍ତାଘାଟ ଓ ଜଳସେଚନର ବିକାଶ ହୋଇଛି। ବନ୍ୟା ସୁରକ୍ଷା ଆଡିବନ୍ଧ ଅଞ୍ଚଳବାସୀଙ୍କ ବହୁ ଦିନର ସ୍ୱପ୍ନ ଥିଲା। ଯାହା ଏବେ ପୂରଣ ହେବାକୁ ଯାଉଛି। ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶତୃଘ୍ନ ପୃଷ୍ଟି, ବ୍ରାହ୍ମଣୀ ସରପଞ୍ଚ କୁଶଳେଶ୍ୱର ପାଣ୍ଡେ, ସମିତି ସଭ୍ୟ ରାମ ସାହୁ ପ୍ରମୁଖ ଯୋଗଦେଇ ଏହି ପ୍ରକଳ୍ପଗୁଡିକର ଆବଶ୍ୟକତା ଓ ଉପକାର ସମ୍ପର୍କରେ ଆଲୋଚନା କରିଥିଲେ। ଶିଳାନାସ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ସଂଯୋଜନା କରିଥିଲେ । ଇଂ ଖଗେଶ୍ୱର ରାଉତ, ଇଂ ସଚ୍ଚିଦାନନ୍ଦ ପ୍ରଧାନ ଓ ଇଂ ଅନନ୍ତ କୁମାର ନାୟକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

ବଡ଼ଗାଁ,୨୧।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲ୍ଲା ବଡ଼ଗାଁ ବ୍ଲକ ଅଫିସ ପରିସରରେ ବ୍ଲକ ସ୍ତରୀୟ ପରାମର୍ଶ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ଓ ବିଡିଓ ସୁମତି ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ନିଯୁକ୍ତି ଅଧିକାରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରକ୍ରିୟା ଉପରେ ବୁଝାଇବା ସହିତ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଅଫିସର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସର୍ବଭାରତୀୟ କ୍ରିକେଟ: ଛତିଶଗଡ଼ ବିଜୟୀ

ବ୍ରଜରାଜନଗର,୨୧।୨(ବିଜୟ ବରାଡ଼)

ବ୍ରଜରାଜନଗର ସହରାଞ୍ଚଳର ବ୍ରଜରାଜନଗର ଓ ଆମ୍ବିସନ କ୍ଲବ ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ କ୍ରିକେଟ ପ୍ରତିଯୋଗିତା ଚାଲୁରହିଛି। ବୁଧବାର ମ୍ୟାଚ୍‌ରେ ଝାରସୁଗୁଡ଼ାକୁ ସୁପର ଓଭରରେ ହରାଇ ଛତିଶଗଡର ଓ ପି ଜିନ୍ଦଲ ବିଜୟୀ ହୋଇଛି। ଓପି ଜିନ୍ଦଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ଓଭରରେ ୧୯୬ରନ କରିଥିଲା। ଜବାବରେ ଝାରସୁଗୁଡା ସମାନ ରନ କରିବାରୁ ମ୍ୟାଚ୍ ଟାଏ ରହିଥିଲା। ପରେ ଅମ୍ପାୟାର ରବୀନ ସରଙ୍ଗୀ ଓ ଦୀପକ ପଟେଲଙ୍କ ନିଷ୍ପତ୍ତିକ୍ରମେ ସୁପର ଓଭର ଖେଳା ଯାଇଥିଲା। ସେଥିରେ ଓପି ଜିନ୍ଦଲ ବିଜୟୀ ହୋଇଥିଲା। ଖେଳ ପରିଚାଳନାରେ ରବୀନ୍ଦ୍ର ସିଂ, ଅନିରୁଦ୍ଧ କ୍ଷେତ୍ର, ଅଶୋକ ପ୍ରଧାନ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

### ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଅମରପାଲି,୨୧।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ୨ ଦଫା ଦାବି ନେଇ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ବୁଧବାରଠାରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ରାଜ୍ୟ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିଛନ୍ତି । ଆଗ୍ନିକ, ମୁଖ୍ୟ ଆଗ୍ନିକ, ଗାଡି ଚାଳକ, ହାବିଲଦାର ସାମିଲ ହୋଇଛନ୍ତି।

# କୋରମକୁ ନେଇ ମତଭେଦ

## ପୌର ପରିଷଦରେ କାଉନସିଲ ବୈଠକ

ବ୍ରଜରାଜନଗର,୨୧।୨(ବିଜୟ ବରାଡ଼)

ବ୍ରଜରାଜନଗର ପୌର ପରିଷଦରେ ଦୀର୍ଘ ଦୁଇମାସପରେ ବୁଧବାର କାଉନସିଲ ବୈଠକ ଡକାଯାଇଥିଲା। କିନ୍ତୁ କୋରମ ଅଭାବରୁ ବୈଠକ ବାତିଲ ହୋଇଥିବା କୁହାଯାଉଛି। ସୂଚନା ଅନୁସାରେ ୧୯୫୦ ମ୍ୟୁନିସିପାଲିଟି ଆକ୍ଟ ମୁତାବକ ବୈଠକରେ ଦିଆଯାଇଥିବା ସମୟର ଅଧାଘଣ୍ଟା ପର୍ଯ୍ୟନ୍ତ ସମସ୍ତ କାଉନସିଲରଙ୍କ ମଧ୍ୟରୁ ଏକ ତୃତୀୟାଂଶ କାଉନସିଲର ଉପସ୍ଥିତ ରହିଲେ ବୈଠକ ହେବାର ନିୟମ ରହିଛି। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏକ ତୃତୀୟାଂଶ କାଉନସିଲର ଉପସ୍ଥିତ ନ ଥିଲେ। ଫଳରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ବୈଠକକୁ ବାତିଲ ଘୋଷଣା କରିଥିଲେ। ଉପସ୍ଥିତ କାଉନସିଲରଙ୍କ ମଧ୍ୟରୁ ୨ ଜଣ ଭାଜପା ସମର୍ଥିତ ଓ ୫ଜଣ ବିଜେଡ଼ି ସମର୍ଥିତ ଉପସ୍ଥିତ ଥିଲେ। ବୈଠକ ବାତିଲ ପରେ ଆଉ ଜଣେ ବିଜେଡି କାଉନସିଲର ଆସିଥିବା ବେଳେ ବୈଠକ କରାଯାଇଛି ବୋଲି ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ ଗଣମାଧ୍ୟମକୁ କହିଛନ୍ତି। ଥରେ ବୈଠକ ବାତିଲ ହେବା ପରେ ପୁଣି ଥରେ କିଭଳି ବୈଠକ ହେଲା ବୋଲି ଅନୁପସ୍ଥିତ ଥିବା କାଉନସିଲରମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ବୈଠକରେ ଅନୁପସ୍ଥିତ ଥିବା ଉପନଗରପାଳ ଗୋପାଳ ସିତାନୀଙ୍କୁ ପଚାରିବାରୁ ସେ କହିଥିଲେ, ପୌରାଧ୍ୟକ୍ଷା କୌଣସି କାଉନସିଲରଙ୍କ କଥା ଶୁଣୁ ନ ଥିବାବେଳେ ଠିକାଦାରଙ୍କ ବିଲ୍ ଫାଇଲକୁ ଦୁଇ ତିନି ମାସ ପର୍ଯ୍ୟନ୍ତ ତାଙ୍କ ଅଫିସ ଟେବୁଲରେ ପକାଇ ରଖୁଛନ୍ତି।

ବିଲ ବକେୟା ପ୍ରାପ୍ୟ ପାଇବାକୁ ଥିବା ଠିକାଦାର ଓ ଏସ୍‌ଡିଏ ଗ୍ରୁପ ମହିଳା ଠିକାଦାର ବିଭିନ୍ନ ୱାର୍ଡର କାଉନସିଲରଙ୍କ ପାଖକୁ ଯାଇ ଏ ନେଇ ଅଭିଯୋଗ କରୁଛନ୍ତି। ସେଥିଯୋଗୁ ସମସ୍ତ ୨୩ କାଉନସିଲରଙ୍କ ମଧ୍ୟରୁ ୧୬ ଜଣ ଅନୁପସ୍ଥିତ ଥିଲୁ ବୋଲି ଗଣମାଧ୍ୟମକୁ ଉପନଗରପାଳ ସିତାନୀ ଜଣାଇଛନ୍ତି। ଅନ୍ୟପକ୍ଷରେ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ପୌର ପରିଷଦ ପକ୍ଷରୁ ଆହୁତ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଆସିଥିବା ବେଳେ କାଉନସିଲ ବୈଠକରେ ଯୋଗ ଦେଇଥିଲେ। କାଉନସିଲ ବୈଠକ ବାତିଲ ହୋଇଥିବାରୁ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିବା ସୂଚନା ମିଳିଛି। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପର୍କରେ ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମଙ୍କୁ ପଚାରିବାରୁ ସେ କହିଥିଲେ, ଉପନଗରପାଳ ଯେଉଁସବୁ ଅଭିଯୋଗ କରୁଛନ୍ତି ସେଥିରେ କୌଣସି ସତ୍ୟତା ନାହିଁ। ବିଭିନ୍ନ ୱାର୍ଡରେ ଯେଉଁ କାମ କରାଯାଉଛି ସେ ବାବଦରେ ସେ ଅବଗତ ନାହାନ୍ତି। କେଉଁ ୱାର୍ଡରେ କ'ଣ କାମ ହେଉଛି ତାଙ୍କୁ ଜଣାଯାଉ ନାହିଁ। କେବଳ ପେମେଣ୍ଟ ପାଇଁ ବିଲ୍ ଦସ୍ତଖତ କରିବାକୁ ପଠାଯାଉଛି। ବିଲ ଦେଖି ବାସ୍ତବରେ କାମ ହୋଇଛି କି ନାହିଁ ସେହି ହିସାବରେ ବିଲ ଦସ୍ତଖତ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ବସ୍ - ଟ୍ରକ୍ ଧକ୍କା: ୮ରୁ ଊର୍ଦ୍ଧ୍ୱ ଆହତ



ବଣାଇଁ, ୨୧।୨(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଟିକାୟତପାଲି ଥାନା ୧୪୩ ନଂ. ଜାତୀୟ ରାଜପଥ ଯାତ୍ରାଖମଣ ନିକଟରେ ବୁଧବାର ସକାଳେ ଘରୋଇ ଯାତ୍ରୀବାହୀ ବସ୍ ଓ ଟ୍ରକ ମୁହାଁମୁହିଁ ଧକ୍କାରେ ୮ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଅଳ୍ପକେ ୪୦ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ଘରୋଇ ବସ୍ ଭୁବନେଶ୍ୱରରୁ ରାଉରକେଲା ଆସୁଥିବା ବେଳେ ଯାତ୍ରାଖମଣ ନିକଟରେ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବଣାଇଁ କନ୍ତସରା ଗ୍ରାମର ଦିବ୍ୟ ଶଙ୍କର ସାହୁ ଓ ସ୍ତ୍ରୀ କବିତାଙ୍କ ସମେତ ୮ ଜଣ ଆହତ ହୋଇଥିଲେ। ଦିବ୍ୟ ଶଙ୍କର ଓ ତାଙ୍କ ସ୍ତ୍ରୀଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟମାନେ ରାଉରକେଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ଡାକଘର ଉଦ୍‌ଘାଟିତ, ସ୍ମାରକୀ ଡାକ ଟିକେଟ ଉନ୍ମୋଚିତ



ଭିସି ମାଧ୍ୟମରେ କେନ୍ଦ୍ର ମନ୍ତ୍ରୀ ଶାଖା ଡାକଘର ଉଦ୍‌ଘାଟନ କରୁଛନ୍ତି।

ବଡ଼ଗା,୨୧।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ଉପ ଡାକ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ବାଦୁଲପାନି ଶାଖା ଡାକଘର ସମେତ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଦେବଗଡ଼ ଜିଲାରେ ୪୨ଟି ନୂତନ ଶାଖା ଡାକ ଘର ସହିତ ସ୍ମାରକୀ ଡାକ ଟିକେଟ ଉନ୍ମୋଚିତ ହୋଇଯାଇଛି। ଭିସି ମାଧ୍ୟମରେ କେନ୍ଦ୍ର ଯୋଗାଯୋଗ ତଥା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାସହ ପଶ୍ଚିମ ଓଡ଼ିଶାର ସନ୍ଥକବି ଭୀମ ଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମାରକୀ ଡାକ ଟିକେଟ ଉନ୍ମୋଚନ କରାଯାଇଥିଲା। ଓଡ଼ିଆ ଡାକ ପରିମଣ୍ଡଳ ଅଧ୍ୟକ୍ଷ ଶୁଭେନ୍ଦୁ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଡ଼ଗାଁରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଡାକ ନିରୀକ୍ଷକ ସଞ୍ଜୟ କୁମାର ବେହେରା ପରିଚାଳନା କରିଥିଲେ। ଉପ ଡାକ କାର୍ଯ୍ୟାଳୟର ଉପ ଡାକପାଳ ଜୟନ୍ତ କୁମାର ଶରଣ, ଡାକ ସହାୟକ ଅମୂଲ୍ୟ କୁମାର ଭଇସାଲ ସହଯୋଗ କରିଥିଲେ। ବଡ଼ଗାଁ ଉପ ଡାକ କାର୍ଯ୍ୟାଳୟ ଅଧୀନ ସମସ୍ତ ଶାଖା ଡାକ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଲହୁଣୀପଡ଼ାରେ ୬ ନୂତନ ଡାକଘର ଉଦ୍‌ଘାଟିତ

**ଲହୁଣୀପଡ଼ା,୨୧।୨(ଦାଶରଥି ପଣ୍ଡା):** ଲହୁଣୀପଡ଼ା ଉପ ଡାକଘର ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ୬ଟି ନୂତନ ଡାକଘର ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସି ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ସନ୍ଥକବି ଭୀମ ଭୋଇ, ଗଙ୍ଗାଧର ମେହେରଙ୍କ ସମେତ ପଶ୍ଚିମ ଓଡ଼ିଶାର ଐତିହ୍ୟ ଉପରେ ୬ଟି ଡାକ ଟିକେଟକୁ ଉନ୍ମୋଚନ କରିଥିଲେ। ଲହୁଣୀପଡ଼ା ଉପ ଡାକଘର ଅନ୍ତର୍ଗତ ସ୍ୱୟଂବାର ବାଙ୍କ,ଗୋପନାର ଛିଡାକୁଦର, ରକ୍ସିର ସିଲକୁଟା,ବରସୁଆଁର ଉସକଳା,ଖୁଣ୍ଟଗାଁର ବୁଢାଭୁଇଁ ଓ ସାନଜୋଲ ସ୍ଥାନରେ ନୂତନ ଡାକଘର ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ମଣ୍ଡଳ ଅଧୀକ୍ଷକ ସର୍ବେଶ୍ୱର ବଳିଆର ସିଂ, ମେଘାରାମ ମୀନା, ବିଶ୍ୱରଞ୍ଜନ ବେହେରା, ତାପସ କୁମାର ବିଶ୍ୱାଳ, ରାକେଶ କୁମାର ଭୋଇ, ମନୋଜ ସିଂ, ଯୁଗଳ କିଶୋର ମହାନ୍ତ, ଗିରିଧାରୀ ବେହେରା, ହାସିନୀ ପାତ୍ର, ରୁକ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ଡାକ କର୍ମଚାରୀ ଉପସ୍ଥିତ ଥିଲେ।

# ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ

ବାଉଁଶୁଣି, ୨୧।୨(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡ଼ିଶା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ମା' ମାହେଶ୍ୱରୀ ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ ଗତ ୧୬,୧୮,୨୦ ତାରିଖ ୩ ଦିନ ଧରି ମାଳିପଡ଼ା, ମାଉଲିମୁଣ୍ଡା, ଟିକିରାପଡା, ବଡଝାରକଟା, ବହିରା, ବାଉରିଝାରକଟା,ହରିଡ଼ାପାଲି, ଜଟିପାଲି ଆଦି ଗ୍ରାମରେ ସଂକୀର୍ତ୍ତନ୍ୟ ମାଧ୍ୟମରେ ସଚେତନ କରିଥିଲେ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଫସଲ ବୀମା, ୫ଟି ହାଇସ୍କୁଲ ରୂପାନ୍ତରଣ, ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ ଆଦି ବିଭିନ୍ନ ଯୋଜନା ବିଷୟରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏହି ସଂକୀର୍ତ୍ତନ୍ୟ ମଣ୍ଡଳୀରେ ଗାୟିକା ଅନୁଜା ବେହେରା, ବାହକ ପବିତ୍ର ପୋଢ଼ଙ୍କ ସମେତ ଉସତ ଆଡ଼ୟୁଆଳି, ରଞ୍ଜିତ ଲଉରିଆ, ଶେଷ ଦେହୁରୀ, କରୁଣା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର




ପୁସ୍ତିକା ଉନ୍ମୋଚନ କରାଯାଉଛି।

ଲହୁଣୀପଡ଼ା,୨୧।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କୁଡେଇକଳା ପଞ୍ଚାୟତ ଚାନ୍ଦିଲ ଖେଳ ପଡ଼ିଆଠାରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଡେଇକଳା ସରପଞ୍ଚ ଶିବଶଙ୍କର ନାଏକ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ଲହୁଣୀପଡ଼ା ବ୍ଲକ ଏବିଡିଓ ଚୁକା ଓରାମ, ଏପିଓ ବିଷ୍ଣୁ ଚରଣ ନାୟକ, କୃଷି ଅଧିକାରୀ ଶ୍ରୀକାନ୍ତ ପତି, ବ୍ଲକ ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା, ମହିଳା ଶିଶୁ ବିକାଶ ବିଭାଗର ସୁପରଭାଇଜର ଭାଲେରିଆ ବାଗେ, ସମିତି ସଭ୍ୟ ଆକାଶ ମାହାନ୍ତ, କାର୍ଯ୍ୟନିର୍ବାହୀ ଅଧିକାରୀ କିରଣମୟୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀଗୁଡିକର ରୂପାନ୍ତରୀକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମି ବିକାଶ, ବ୍ୟାଙ୍କ ଭିତ୍ତିଭୂମି ବିକାଶ, ପ୍ରାଥମିକ ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ, ଐତିହ୍ୟ ଭିତ୍ତିଭୂମି ବିକାଶ କିଭଳି ପଞ୍ଚାୟତ ସ୍ତରରେ ହୋଇପାରିବ ଏହାରି ଉପରେ ଆଲୋଚନା କରିଥିଲେ। ପରେ ଓଡ଼ିଶା ସରକାରଙ୍କ ଯୋଜନାରେ ପଞ୍ଚାୟତ ଲୋକେ କିଭଳି ସଫଳତା ପାଇଛନ୍ତି ତାହାକୁ ଯୋଜନାରେ ଲାଭ ଉଠାଇଥିବା ଲୋକମାନେ ଉପସ୍ଥିତ ଲୋକଙ୍କୁ କହିଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଉପସ୍ଥିତ ଲୋକଙ୍କୁ ଓଡ଼ିଶା ସରକାରଙ୍କ ପୁସ୍ତିକା ବଣ୍ଟନ କରାଯାଇଥିଲା। ନୂତନ ୩ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା,୩ ଜଣ ରାଶନ କାର୍ଡଧାରୀଙ୍କୁ ଝୋଟ ବ୍ୟାଗ୍ ସହ ୧୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ପିଇଓ କିରଣମୟୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତ କର୍ମଚାରୀମାନେ ଏହି ସଚେତନତା ଶିବିରକୁ ପରିଚାଳନା କରିଥିଲେ। ଶେଷରେ ଜିଆର୍‌ଏସ୍ ଅଶୋକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଞ୍ଚ ମାମଲା: ପୂର୍ବତନ ଅତିରିକ୍ତ ତହସିଲଦାରଙ୍କୁ ୨ ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ,୨୧।୨ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ ରାଜଲକ୍ଷ୍ମୀ ପଟ୍ଟନାୟକ ବୁଧବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଅଭିଯୁକ୍ତ କୁଆରମୁଣ୍ଡା ତହସିଲର ପୂର୍ବତନ ତଥା ଅସରପ୍ରାପ୍ତ ଅତିରିକ୍ତ ତହସିଲଦାର କପିଳେନ୍ଦ୍ର ନାଏକ(୭୬)ଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୩ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ ଜେଲ ଦଣ୍ଡ ପାଇଁ ଜଜ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ରାୟର ବିବରଣୀରୁ ପ୍ରକାଶ ଯେ,ଅଭିଯୁକ୍ତ ପୂର୍ବତନ ଅତିରିକ୍ତ ତହସିଲଦାର ନାଏକ ଏବଂ ଜଣେ କନିଷ୍ଠ କିରାଣୀ ଏକ ମ୍ୟୁଟେସନ ମାମଲାରେ ଅଭିଯୋଗକାରୀ ବୈରାଗୀ କିସାନଙ୍କ ଠାରୁ ୪ହଜାର ଟଙ୍କା ଦାବି କରିଥିଲେ। ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଧରାପଡିଥିଲେ। ଏନେଇ ୨ଜଣଙ୍କ ନାମରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେଶ ନଂ ୫୬/ତ।୨୬/୧୨/୨୦୦୪ରେ ମାମଲା ରୁଜୁ ହୋଇଥିଲା। ଦୀର୍ଘଦିନ ପରେ ଏହି ମାମଲାର ଶୁଣାଣି ବୁଧବାର ହୋଇଥିଲା।ଅଦାଲତ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କର ପେନସନ ବନ୍ଦ ପାଇଁ ସରକାରଙ୍କୁ ଅନୁମୋଦନ କରିଛନ୍ତି। ପୂର୍ବତନ ଭିଜିଲାନ୍ସ ଇନିସପେକ୍ଟର ତ୍ରିନାଥ ପଟେଲ ତଦନ୍ତକାରୀ ଅଫିସର ଥିବାବେଳେ ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମରଞ୍ଜନ ସୁନ୍ଦର ମିଶ୍ର ପରିଚାଳନା କରୁଥିଲେ।

# ଚୋରି ରୋକିବାକୁ ବୈଠକ ଡାକିଲା ବୌଦ୍ଧ ପୋଲିସ

ବୌଦ୍ଧ,୨୧।୨(ଅଜିତ କୁମାର ବାରିକ)



ଚୋରି ରୋକିବାକୁ ପୋଲିସ ପକ୍ଷରୁ ଅନୁଷ୍ଠିତ ବୈଠକ।

ବୌଦ୍ଧରେ ଚୋରମାନେ ଗୋଟିଏ ପରେ ଗୋଟିଏ ମନ୍ଦିରକୁ ଟାର୍ଗେଟ କରି ମନ୍ଦିରରୁ ଚୋରି କରି ଫେରାର ହୋଇଯାଉଛନ୍ତି। ପୋଲିସ ଚୋରଙ୍କ ଟେର ପାଇ ପାରୁନାହିଁ। ଗତ ୧୯ ତାରିଖରେ ବୌଦ୍ଧ ସହରର ଭୈରବୀ ମନ୍ଦିର ଓ ଗାୟତ୍ରୀ ମନ୍ଦିରରୁ ଚୋରି ହେବାର ଦିନକ ପରେ ହରଭଙ୍ଗା ବ୍ଲକ ବନ୍ଧାପଥର ଗ୍ରାମର ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଚୋରମାନେ ପଶି ଚୋରି କରିଥିବା ଜଣାପଡିଛି। ଚୋରମାନେ ମନ୍ଦିରର ଦାନବାକ୍ସ ଭାଙ୍ଗି ସମସ୍ତ ଟଙ୍କାପଇସା ନେଇଯିବା ସହିତ ମନ୍ଦିର ଭିତରୁ ୬ ଗୋଟି ଗରା, ଦୁଇଟି ମୋଟର,ପରାତ ଥାଳିଆଦିନେଇ ଯାଇଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ମାନସ କୁମାର ପୁରୋହିତଙ୍କ ପକ୍ଷରୁ ବୌଦ୍ଧ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ବାରମ୍ବାର ମନ୍ଦିରଗୁଡିକରୁ ଚୋରି ହେଉଥିବାରୁ ବୌଦ୍ଧ ଥାନା ପକ୍ଷରୁ ବୁଧବାର ଅପରାହ୍ନରେ ସମସ୍ତ ମନ୍ଦିର ପରିଚାଳନା କମିଟି ଓ ପୂଜକମାନଙ୍କ ଏକ ବୈଠକ ଡକାଯାଇ ଦେବାଦେବୀଙ୍କ ସମ୍ପତ୍ତିର ସୁରକ୍ଷା ନେଇ ଆଲୋଚନା କରାଯାଇଛି। ଯେଉଁ ମନ୍ଦିରଗୁଡିକୁ ଅଧିକ ସଂଖ୍ୟାରେ ଦର୍ଶନାର୍ଥୀ ଆସୁଛନ୍ତି ଓ ଦାନ ସଂଗ୍ରହ ପାଇଁ ହୁଣ୍ଡି ସ୍ଥାପନ କରାଯାଇଛି ସେଠାରେ ସିସିଟିଭି ଲଗାଇବାକୁ ପୋଲିସ ପକ୍ଷରୁ ମନ୍ଦିର ପରିଚାଳନା କମିଟିଗୁଡିକୁ ପରାମର୍ଶ ଦିଆଯାଇଛି। ଏହା ସହିତ ପୋଲିସ ପାଟ୍ରୋଲିଂକୁ କଡାକଡି କରାଯିବା ସହିତ ମନ୍ଦିର ନିକଟରେ ସନ୍ଦିଗ୍ଧ ବ୍ୟକ୍ତିବିଶେଷଙ୍କୁ ଦେଖିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ବୌଦ୍ଧ ସହର ତଥା ଆଖପାଖ ଅଞ୍ଚଳର ସମସ୍ତ ମନ୍ଦିରର ପୂଜକ ଓ ପରିଚାଳନା କମିଟି ସଦସ୍ୟମାନେ ଯୋଗଦେଇ ଚୋରି ରୋକିବାକୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ରାଜଗାଙ୍ଗପୁର,୨୧।୨(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ରାଣିବନ୍ଧଠାରେ ଥିବା ଅଗ୍ନିଶମ ବିଭାଗର କର୍ମଚାରୀ ୨ ଦଫା ଦାବିରେ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। କର୍ମଚାରୀଙ୍କ କହିବା ଅନୁଯାୟୀ, ସରକାର ସେମାନଙ୍କ ପେଟପାଟଣା କଥା ବୁଝୁ ନାହାନ୍ତି। ୨୦୨୩ ଡିସେମ୍ବର ୧୧ ତାରିଖ ଠାରୁ ସେମାନେ କଳାବ୍ୟାଜ ପରିଧାନ କରିଥିଲେ। ହେଲେ ସରକାର ସେମାନଙ୍କ କଥା ନ ଶୁଣିବାରୁ ବାଧ୍ୟ ହୋଇ ବୁଧବାରଠାରୁ ସେମାନେ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନଙ୍କ ଦାବି ଗୁଡିକ ହେଲା ଅଗ୍ନିଶମ କର୍ମଚାରୀଙ୍କ ଦରମା ପୋଲିସ ଦରମା ସହ ସମାନ ଏବଂ ଏକ ସଂଘର ଗଠନ। ଉଲ୍ଲେଖଯୋଗ୍ୟ ଯେ,ଅଗ୍ନିଶମରେ ୧୦ ଜଣ କର୍ମଚାରୀ ରହିଛନ୍ତି।

# ଜଙ୍ଗଲ ରକ୍ଷା, ପରିବେଶ ସୁରକ୍ଷା ବାର୍ତ୍ତା ପାଳନ ପାଇଁ ଆହ୍ୱାନ

କୁଆଁରମୁଣ୍ଡା,୨୧।୨(ମହେନ୍ଦ୍ର କୁମାର ସାହୁ)

ଚଳିତ ଗ୍ରୀଷ୍ମ ଋତୁରେ ରାଉରକେଲା ବନଖଣ୍ଡ ଅଞ୍ଚଳରେ କିଭଳି ଜଙ୍ଗଲରେ ଲୋକେ ନିଆଁ ନ ଲଗାଇବେ ସେଥିପାଇଁ ବନାଗ୍ନି ସଚେତନତା ରଥ ପରିକ୍ରମା କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଏହି ମର୍ମରେ ବୁଧବାର ଉକ୍ତ ବନାଗ୍ନି ସଚେତନତା ରଥକୁ କୁଆଁରମୁଣ୍ଡା ବନ ରେଞ୍ଜ କାର୍ଯ୍ୟାଳୟରେ ସ୍ୱାଗତ କରାଯାଇଥିଲା। କୁଆଁରମୁଣ୍ଡା ରେଞ୍ଜର ପଞ୍ଚନାରାୟଣ ସରାଫ ପ୍ରଥମେ ଏହି ରଥକୁ ସ୍ୱାଗତ କରିବା ପରେ ରଥ କଚାରୁ ବନାଞ୍ଚଳ ପରିକ୍ରମା କରି ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଧିବାସୀଙ୍କୁ ଜଙ୍ଗଲ ସମ୍ପଦର ସୁରକ୍ଷା ନିମନ୍ତେ ନିଆଁ ନ ଲଗାଇବା, ଯଦି କୌଣସି କାରଣରୁ ନିଆଁ ଲାଗିଛି ତେବେ ତୁରନ୍ତ ନିକଟସ୍ଥ ବନ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ଖବର ଦେବା ଇତ୍ୟାଦି ବିଷୟରେ ରେଞ୍ଜର ସରାଫ ଅବଗତ କରାଇଥିଲେ। ଜଙ୍ଗଲ ରକ୍ଷା, ପରିବେଶ ସୁରକ୍ଷା ଏହି ବାର୍ତ୍ତା ସମସ୍ତେ ପାଳନ କରିବାକୁ ରେଞ୍ଜର ସରାଫ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ରଥ ଉକ୍ତ ରେଞ୍ଜ ଅଞ୍ଚଳରେ ୩ ଦିନ ଧରି ପରିକ୍ରମା କରିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ କଚାରୁ ବନପାଳ ମନ୍ଦିରା ମୁଣ୍ଡା, ବନରକ୍ଷୀ ଚିନ୍ମୟୀ ସାମଲ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଛନ୍ତି।




କଚାରୁ ବନାଞ୍ଚଳରେ ବନାଗ୍ନି ସଚେତନତା ରଥକୁ ସ୍ଥାନୀୟ ଲୋକେ ସ୍ୱାଗତ କରୁଛନ୍ତି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସହ ଦଳୀୟ ନେତା ଓ କର୍ମୀ।

ବ୍ରଜରାଜନଗର,୨୧।୨(ବିଜୟ ବରାଡ଼)

ବ୍ରଜରଜନଗର ପୌରାଞ୍ଚଳର ୧୭ ଓ ୨୦ନମ୍ବର ୱାର୍ଡରେ ବୁଧବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଦଳୀୟ କର୍ମୀଙ୍କ ଗହଣରେ ବିଧାୟିକା ଅଲକା ମହାନ୍ତି ସ୍ଥାନୀୟ ଭୁତ ବଙ୍ଗଳା ଛକଠାରୁ ଘର ଘର ବୁଲି ଭୋଟରମାନଙ୍କୁ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅବଗତ କରିଥିଲେ। ଆଗାମୀ ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ ଦେବାପାଇଁ ଲୋକମାନଙ୍କୁ ନିବେଦନ କରିଥିଲେ। ଓଡ଼ିଶାରେ ସାଧାରଣ ଜନତାଙ୍କ ଅସୁବିଧା ବୁଝି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ତାହାର ତୁରନ୍ତ ସମାଧାନ କରନ୍ତି, ଯାହା ଅନ୍ୟ କେଉଁ ଦଳରେ ଦେଖାଯାଏ ନାହିଁ ବୋଲି ବିଧାୟିକା ପ୍ରକାଶ କରିଥିଲେ। ପରେ ସେ ସମସ୍ତଙ୍କ ଘର ଆଗରେ ଶଙ୍ଖ ଚିହ୍ନର ପୋଷ୍ଟର ମାରିଥିଲେ। କାର୍ଯ୍ୟକ୍ରମରେ ବିଧାୟିକଙ୍କ ସହିତ ନଗର ସଭାପତି ରାଧାକାନ୍ତ ପ୍ରଧାନ, ନୃପ ତାଣ୍ଡିଆ, କୃଷ୍ଣ ତ୍ରିପାଠୀ, ଗୋବିନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ମାତୃଭାଷା ଦିବସ

ରିଆମାଳ,୨୧।୨(ନିରଞ୍ଜନ ବେହେରା)

ରିଆମାଳ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ଅଧ୍ୟକ୍ଷତାରେ ଓ ଆଚାର୍ଯ୍ୟ କବିତା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ପ୍ରମୋଦ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଧରଣୀଧର ବେହେରା ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ହେମନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ଦଶରଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ରାକେଶ ସାହୁ ଓ ଛାତ୍ରୀଛାତ୍ରମାନେ ମାତୃଭାଷା ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଗ୍ରୀଡ୍ ସବ୍‌ଷ୍ଟେଶନ ଅପଗ୍ରେଡେଶନ୍ ପାଇଁ ବିଦ୍ୟୁତ୍ କଟକଣା

ସମ୍ବଲପୁର,୨୧।୨ (ପ୍ରମୋଦ ବହିଦାର)

ସମ୍ବଲପୁର ଚେରୁଆପଡ଼ା ୩୩ କେଭି ଗ୍ରୀଡ଼ ସବ୍‌ଷ୍ଟେଶନର ଅପ୍‌ଗ୍ରେଡେଶନ ଓ ରକ୍ଷଣାବେକ୍ଷଣ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ କଟକଣା ଜାରି କରାଯାଇଛି। ଏହିକାର୍ଯ୍ୟ ପାଇଁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମୁଦିପଡ଼ା, ବରେଇପାଲି, ପିଏଚ୍‌ଡି ୱାର୍କସପ, ନନ୍ଦପଡ଼ା, ଝାଡୁଆପଡ଼ା, ବାଲିବନ୍ଧା, ସମଲେଶ୍ୱରୀ ମନ୍ଦିର, ବଡ଼ବଜାର, କ୍ଷେତରାଜପୁର, ଫାର୍ମରୋଡ଼, ସମ୍ବଲପୁର ରେଳ ଷ୍ଟେଶନ, ବିକାଶ ହସ୍ପିଟାଲ, ଗୁଜୁରାଟି କଲୋନି, ଗ୍ରୀନପାର୍କ ଆପାର୍ଟମେଣ୍ଟ ଆଦି ସହ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିବ। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇ ଏଥିରେ ସମ୍ବଲପୁର ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

### ସ୍ନାତକ କଲେଜରେ ଭୋଟର ସଚେତନତା ଅଭିଯାନ

ନାକଟିଦେଉଳ,୨୧।୨(ବୈକୁଣ୍ଠନାଥ ସାହୁ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ପକ୍ଷରୁ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଭୋଟର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାକଟିଦେଉଳ ବ୍ଲକ ଏବିଡିଓ ବିଦ୍ୟାଧର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସମସ୍ତେ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଆହ୍ୱାନ ଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ ଅଭିଯାନର ଉଦ୍ଦେଶ୍ୟ ଜ୍ଞାପନ କରିଥଲେ। ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ଜଣା ଅଜଣା ପ୍ରତିଯୋଗିତାରେ ଶୁଭ୍ରଜିତ ଦେହୁରି, ମାନସ ମହାପାତ୍ର ଓ ତେଜସ୍ୱିତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।

# ୫୦୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଦେବଗଡ଼,୨୧।୨
(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ବୁଧବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ,ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଡ. ଗୀତାଞ୍ଜଳି ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନିଜର ବାର୍ତ୍ତା ରଖି ଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ସଙ୍କଳ୍ପବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ଓ ଶିକ୍ଷା କ୍ଷେତ୍ରକୁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଏକ ଅଭିନବ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ।

ଏହି ଅବସରରେ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ସ୍କୁଲ କମିଟି, ସରପଞ୍ଚ, ବ୍ଲକ ଅଧ୍ୟକ୍ଷ ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ୫୦୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଜିଲା ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ବିଭାଗର ବହୁ କର୍ମଚାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ସକ୍ରିୟ ସହଯୋଗ କରିଥିଲେ।

## ଖବରଦାତାଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ଦେବଗଡ, ୨୧।୨(ଶଶାଙ୍କ ଶେଖର ଝାଙ୍କର)

ଷ୍ଟେଟ ୟୁନିଅନ ଅଫ ଜର୍ନାଲିଷ୍ଟସ (ଏସୟୁଜେ) ଦେବଗଡ ଜିଲା ଶାଖା ପକ୍ଷରୁ ଗଣମାଧ୍ୟମଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ସୂଚନାଥାଉ କି, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖବରଦାତାମାନେ ସରକାରଙ୍କ ଜନକଲ୍ୟାଣ ଯୋଜନା ଗୁଡ଼ିକର ପ୍ରଚାର ପ୍ରସାର କରି ଆସୁଥିବା ସହ ବିଭିନ୍ନ ସମସ୍ୟା, ଦୁର୍ନୀତି, ଅବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଚାଲିଛନ୍ତି। ନିଚ୍ଛକ ଖବର ପରିବେଷଣ କରି ଶାସନରେ ସଚ୍ଛତା ରକ୍ଷା ଦିଗରେ କାମ କରୁଥିବା ଖବରଦାତାଙ୍କୁ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରୁଛନ୍ତି। ପୋଲିସ ମଧ୍ୟ ବହୁ ସ୍ଥାନରେ ଅସାମାଜିକ ତତ୍ତ୍ୱଙ୍କୁ ସମର୍ଥନ ଦେବା ସହିତ ଖବରଦାତାଙ୍କୁ ସୁରକ୍ଷା ଦେବାରେ ପଛଘୁଞ୍ଚା ଦେଉଛି। ଏପରି ହେବା ଦ୍ୱାରା ଖବରଦାତାମାନେ ମୁକ୍ତଭାବେ ନିରପେକ୍ଷ ଖବର ପରିବେଷଣ କରିବାରେ ସମସ୍ୟା ଦେଖାଦେଇଛି। ସରକାରଙ୍କୁ ସଦା ସର୍ବଦା ସହଯୋଗ ଓ ସମର୍ଥନ ଦେଇ ଆସୁଥିବା ଖବରଦାତାଙ୍କୁ ନିର୍ବିଘ୍ନରେ କାମ କରିବା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ" ପ୍ରଣୟନ ନିହାତି ଜରୁରୀ ହୋଇପଡିଛି। ଖବରଦାତା ମାନେ ଅସୁରକ୍ଷିତ ରହିଲେ ଦେଶ ଓ ରାଜ୍ୟ ରେ ଗଣତନ୍ତ୍ର ବିପନ୍ନ ହେବ। ସେହିପରି ଭୁବନେଶ୍ୱରରେ ସଂଖ୍ୟାଧିକ ଗଣମାଧ୍ୟମର ମୁଖ୍ୟାଳୟ ଗୁଡିକ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ,ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠିତ ସ୍ୱାସ୍ଥ୍ୟାଳୟ ଗୁଡିକ ରହିଥିବା ବେଳେ ଖବରଦାତାଙ୍କ ସାମୟିକ ରହଣୀ ନିମନ୍ତେ ସତନ୍ତ୍ର ଅତିଥି ଭବନ ଟିଏ ନାହିଁ। ରାଜ୍ୟର କୋଣ ଅନୁକୋଣରୁ ଭୁବନେଶ୍ୱରକୁ ଆସୁଥିବା ଖବରଦାତାଙ୍କ ସାମୟିକ ରହଣି ନିମନ୍ତେ ଗୋଟିଏ ବହୁତଳ ଓ ବହୁ ପ୍ରକୋଷ୍ଠ ବିଶିଷ୍ଟ ସାମ୍ବାଦିକ ଅତିଥି ଭବନ ପ୍ରତିଷ୍ଠା ଏବଂ କାର୍ଯ୍ୟରତ ସାମ୍ବାଦିକଙ୍କୁ ମାସିକ ୨୫ ହଜାର ଟଙ୍କା ଭତ୍ତା ଓ ଅବସର ନେଇ ସାରିଥିବା ବରିଷ୍ଠ ସାମ୍ବାଦିକ ମାନଙ୍କୁ ମାସିକ ୨୦ ହଜାର ଟଙ୍କା ଲେଖାଁଏ ପେନସନ ପ୍ରଦାନ ର ବ୍ୟବସ୍ଥା କରିବାକୁ ଆମ ସଂଗଠନ ଏସୟୁଜେ ଓଡ଼ିଶା ଦାବି କରୁଛି। ଏହିପରି ଅନେକ ଦାବି ନେଇ ଦେବଗଡ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ଦାବି ପତ୍ର ଦେବା ସମୟରେ ରାଜ୍ୟ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, ଜିଲା ସଭାପତି ପୃଥିବିରାଜ ପଟ୍ଟନାୟକ, ସମ୍ପାଦକ ରାକେଶ ଦାଶ, ନିରଞ୍ଜନ ବେହେରା, କାହ୍ନା ବେହେରା, ତିକେଶ୍ୱର୍ ଗୁରୁ, ପ୍ରେମାନନ୍ଦ ମାଝି, ମାନସ ଦ୍ୱିବେଦୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଅଯୋଧାରେ ପ୍ରତିଭା ପ୍ରଦର୍ଶନ କଲେ କଣ୍ଠଶିଳ୍ପୀ ନୀତେଶ

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

**ଉତ୍ତରପ୍ରଦେଶ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଓ ସନ୍ଥ କବି ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା**

ଉତ୍ତରପ୍ରଦେଶ ଅଯୋଧ୍ୟାଠାରେ ନବ ନିର୍ମିତ ରାମ ମନ୍ଦିର ପରିସରରେ ଚାଲିଥିବା ରାମୋତ୍ସବ କାର୍ଯ୍ୟକ୍ରମରେ ଦେବଗଡ଼ର ଯୁବ କଣ୍ଠଶିଳ୍ପୀ ଏଲ. ନୀତେଶ କୁମାର ନିଜ ପ୍ରତିଭା ପ୍ରଦର୍ଶନ କରିବା ସହ ଭଜନ ପରିବେଷଣ କରିଥିଲେ। ନୀତେଶ ପରିବେଷଣ କରିଥିବା ରାମ ଭଜନରେ ଦେଶର ଜଣାଶୁଣା ପ୍ରଖ୍ୟାତ ତବଲା ବାଦକ ଅନୁରାଧା ପାଲ, ପ୍ରଖ୍ୟାତ ବଂଶୀ ବାଦକ ରିଷିକେଶ ମଜୁମଦାର ଓ ପାର୍ଶ୍ୱ ସଙ୍ଗୀତ ପରିବେଷଣରେ ତୁଷାର ରାତୁରିଆ ସହଯୋଗ କରିଥିଲେ। ଏହା କେବଳ ଦେବଗଡ ନୁହେଁ ସମଗ୍ର ଓଡିଶା ପାଇଁ ଗର୍ବର ବିଷୟ। ଏହି କାର୍ଯ୍ୟକ୍ରମ ଅବସରରେ ଉତ୍ତରପ୍ରଦେଶ ସରକାର, ପର୍ଯ୍ୟଟନ ବିଭାଗ ଓ ସନ୍ଥ କବିର ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଏଲ ନୀତେଶ ଦେବଗଡ ଲାଲୁ ସାହି ନିବାସୀ ଶମ୍ଭୁନାଥ ସାହୁ ଏବଂ ଲଳିତାଙ୍କ ସୁପୁତ୍ର ଅଟନ୍ତି। ଦେଶ ତଥା ଦେଶ ବାହାରେ ଅନେକ କାର୍ଯ୍ୟକ୍ରମରେ ନିଜ ଉତ୍କୃଷ୍ଟ କଳା ପରିବେଷଣ କରି ସଭିଙ୍କ ପାଇଁ ଗର୍ବ ସାଉଁଟି ଚାଲିଛନ୍ତି।



ନୀତେଶ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପରିମଳ ବ୍ୟବସ୍ଥା: ମହାନଗର ନିଗମର କଡ଼ା ଆଭିମୁଖ୍ୟ

ସମ୍ବଲପୁର,୨୧।୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ପରିମଳ ବ୍ୟବସ୍ଥା ସୁଧୁରିବାର ନାଁ ଧରୁନାହିଁ। ସହରକୁ ସ୍ୱଚ୍ଛ ରଖିବା ପାଇଁ ମହାନଗର ନିଗମ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଥିଲା। ଏହା ପରେ ମଧ୍ୟ ବ୍ୟବସାୟୀ ଓ ସାଧାରଣ ଲୋକ ଏଣେତେଣେ ଆବର୍ଜନା ପକାଉଥିବା ଦେଖିବାକୁ ମିଳୁଛି। ଆବର୍ଜନା ଗାଡ଼ି ଘରକୁ ଘର ବୁଲୁଥିଲେ ବି ରାସ୍ତାକଡରେ ଆବର୍ଜନା ଗଦା ହୋଇରହୁଛି। ଏହାକୁ ନେଇ ମହାନଗର ନିଗମ ପକ୍ଷରୁ କଡ଼ା ଅଭିମୁଖ୍ୟ ଗ୍ରହଣ କରାଯାଇଛି। ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି, ୬ମାସ ହେବ ଲୋକଙ୍କୁ ସଚେତନ କରାଯାଇ ଆବର୍ଜନା ନ ପକାଇବାକୁ ଆହ୍ୱାନ କରାଯାଇଥିଲା। କିନ୍ତୁ ଲୋକମାନେ ଅଭ୍ୟାସ ଛାଡୁନାହାନ୍ତି। ତେଣୁ ଲୋକଙ୍କଠାରୁ ମତାମତ ନେବା ପରେ ଏବେ ଦୋକାନର ୫ ମିଟର ଭିତରେ ଆବର୍ଜନା ପଡ଼ିଥିଲେ ଜରିମାନା ଆଦାୟ କରାଯାଉଛି। ଦୋକାନୀମାନଙ୍କୁ ଦୁଇଟି ଲେଖାଏ ଡଷ୍ଟବିନ ଦୋକାନ ପାଖରେ ରଖିବାକୁ ଅନୁରୋଧ କରାଯାଇଛି। ମଳ ଆଦି ସିଧାସଳଖ ଡ୍ରେନ୍‌ରେ ପକାଉଥିଲେ ମଧ୍ୟ ଜରିମାନା ଆଦାୟ କରାଯାଉଛି। ଗତ ସୋମବାର ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନଙ୍କୁ ଡାକି ନିର୍ମାଣ କାର୍ଯ୍ୟ ସମୟରେ ରାସ୍ତା ଉପରେ ଆବର୍ଜନା ନ ପକାଇବାକୁ କୁହାଯାଇଛି। ଯଦି କୌଣସି ବିଭାଗ ସହର ଭିତରେ ନିର୍ମାଣ କାର୍ଯ୍ୟକରି ରାସ୍ତାରେ ଆବର୍ଜନା ଗଦାକରି ରଖିବ ତେବେ ମହାନଗର ନିଗମ ନିଜ ଗାଡି ଲଗାଇ ଆବର୍ଜନା ସଫା କରିବା ପରେ ସଫେଇ ବାବଦକୁ ସମ୍ପୃକ୍ତ ବିଭାଗକୁ ଫାଇନ କଟାଯାଇ ବିଲ୍ ଦିଆଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

## ରାଜକିଶୋରଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଦେବଗଡ଼,୨୧।୨( ଶଶାଙ୍କ ଶେଖର ଝାଙ୍କର)



ଦେବଗଡ ଜିଲା ବିଜୁ ଜନତା ଦଳର ଆଗ ଧାଡିର ଯୁବନେତା ତଥା ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କ ପୁଅ ରାଜକିଶୋର ଦାଶଙ୍କ ଉପରୁ ବୁଧବାର ଦଳୀୟ ନିଲମ୍ବନ ପ୍ରତ୍ୟାହୃତ ହୋଇଛି । କିଛି ମାସ ପୂର୍ବେ ଦଳ ବିରୋଧି କାର୍ଯ୍ୟ ପାଇଁ ତାଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ବିଜେଡି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରାଯାଇଥିବା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହେବାପରେ ରାଜକିଶୋରଙ୍କ ସମର୍ଥକ ଓ ଜିଲାର ବିଜେଡି ମହଲରେ ଖୁସିର ଲହରି ପ୍ରକାଶ ପାଇଛି । ସେହିପରି ଆଗାମୀ ସାଧାରଣ ନିର୍ବାଚନରେ ତାଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

## ଅଗ୍ନିଶମ, ଜରୁରିକାଳୀନ ସେବା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଦେବଗଡ଼,୨୧।୨
(ଶଶାଙ୍କ ଶେଖର ଝାଙ୍କର)

୨ଦଫା ଦାବିରେ ଦେବଗଡ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା କର୍ମଚାରୀମାନେ ବୁଧବାରଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିବା ସହ ଧାରଣାରେ ବସିଛନ୍ତି। ଓଡିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ସଂସ୍ଥାର ଡାକରା କ୍ରମେ ସମଗ୍ର ରାଜ୍ୟରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ଏହାକୁ ସମର୍ଥନ ଜଣାଇ ଦେବଗଡ ଅଗ୍ନିଶମ କେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ୮ଜଣ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ, ଆଗ୍ନିକ ଗାଡିଚାଳକ ଓ ହାବିଲଦାରଙ୍କୁ ପୂର୍ବପରି ଓଡିଶା ପୋଲିସ ସିପାହୀ ଓ ହାବିଲଦାରଙ୍କ ଦରମା ଲେଭେଲ ଓ ଭତା ସହ ସମାନ କରିବା ଏବଂ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜିକରଣ ଦାବିରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ଏମ୍‌ସିଏଲ୍-ବଲାଙ୍ଗୀର ଜିଲା ପ୍ରଶାସନ ଏମ୍‌ଓୟୁ



ସମ୍ବଲପୁର,୨୧।୨(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଓ ବାଲାଙ୍ଗୀର ଜିଲା ପ୍ରଶାସନ ମଧ୍ୟରେ ବୁଧବାର ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଅନୁଯାୟୀ, ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ୩୩ଟି କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବ । ଏଥିପାଇଁ ଏମ୍‌ସିଏଲ୍ ବଲାଙ୍ଗୀର ଜିଲା ପ୍ରଶାସନକୁ ୧ କୋଟିଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବ। ଏହା ପୂର୍ବରୁ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅନ୍ତର୍ଗତ ବାଲାଙ୍ଗୀର ଜିଲାରେ ମୋଟ ୯.୨୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ କରିଛି।

## ନବନିଯୁକ୍ତ ଯୁବ ବିଜେଡି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୨୧।୨(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମର ଅଇଁଠାପାଲି ଛକ ନିକଟ ସିଟି ପ୍ୟାଲେସ ସଭାକକ୍ଷରେ ନବନିଯୁକ୍ତ ଯୁବ ବିଜେଡି କର୍ମକର୍ତ୍ତାଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ନବନିଯୁକ୍ତ ଜିଲା ଯୁବ ବିଜେଡି ଉପସଭାପତି ଦୀପେନ୍ଦ୍ର ପଟେଲ, ଏମ୍‌ଡି ହଲିମ, ରାମେଶ୍ୱର ସିଂ, ଆଶିଷ ପଟ୍ଟନାୟକ, ସୁଶାନ୍ତ ମେହେର, ସାଧାରଣ ସମ୍ପାଦକ ଭାବେ ମନୋଜ ନାଥ, ଏମ୍‌ଡି ତାସଲିମ, ବୀରେନ୍ଦ୍ର ମହାନନ୍ଦ, ରିଙ୍କୁ ମାଝି, ହରେକୃଷ୍ଣ ରେଡ୍ଡୀ, ପ୍ରଦୀପ ତଣ୍ଡିଆ, ରିତକ ଦୀକ୍ଷିତ, ଦୀପକ ବେଦୀ ଏବଂ ସମ୍ପାଦକ ଭାବେ ପ୍ରେମାନନ୍ଦ ବାଗ, ତ୍ରିଲୋଚନ ସିଂ, ଆଶିଷ ପଞ୍ଚବିହାର, ବିନୋଦ ଭୋଇ, ଜିତୁ ଗିରଡ଼ି ଓ ମନୋଜ ଦାଶଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ନୂତନ ଯୁବବର୍ଗଙ୍କୁ ଦଳରେ ସାମିଲ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାନଗର ନିଗମ ଯୁବ ବିଜେଡି ସଭାପତି ନିଶାନ୍ତ ବହିଦାରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶି, ଜିଲା ଉପ ସଭାପତି , ଦେବାଶିଷ ନନ୍ଦ, ଭବାନୀ ଶଙ୍କର ବାବୁ, ଭୋଳା ମହନ୍ତମ, ଜଗନ୍ନାଥ ଚୌଧୁରୀ, ପ୍ରଦୀପ ରାଉତରାୟ, ପ୍ରଦୋଷ ମହାନ୍ତି, ଅଶ୍ୱିନୀ ପାଢ଼ୀ ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ଜିଲା ଯୁବ ବିଜେଡି ଉପସଭାପତି ଅମିତାଭ ପରିଡା ଧନ୍ୟବାଦ ଦେଇଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନେତୃବୃନ୍ଦଙ୍କ ସହ ନୂତନ ପଦାଧିକାରୀ।

## ମହିଳା ହକିରେ ପୁଟନା, ପୁରୁଷରେ ଛାମୁଣ୍ଡା ଚାମ୍ପିୟନ

ସମ୍ବଲପୁର,୨୧।୨(ପ୍ରମୋଦ ବହିଦାର)

ପରମାଣପୁର କୁଦୋପାଲିସ୍ଥିତ ମିନି ଷ୍ଟାଡିୟମରେ ଶ୍ରୀଶ୍ରୀ ବୀଣାପାଣୀ ଯୁବକ ସଂଘ ଓ ନେହେରୁ ଯୁବକେନ୍ଦ୍ର ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ମାନେଶ୍ୱର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମହିଳା ଓ ପୁରୁଷ ବର୍ଗ ହକି ମ୍ୟାଚ ଯଥାକ୍ରମେ ପୁଟନା ଓ ଦେଓପାଲି ଦଳ ଏବଂ ପୁଟନା ଓ ଛାମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ବର୍ଗରେ ପୁଟନା ଦଳ ଦେଓପାଲି ଦଳକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ବର୍ଗରେ ପୁଟନା ଦଳକୁ ହରାଇ ଛାମୁଣ୍ଡା ଚାମ୍ପିୟନ ହୋଇଛି। ବୀଣାପାଣୀ ଯୁବକ ସଂଘ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ଅଧିକାରୀ ମାରିଆନୁସ୍ ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ନୂଆଁ ଡୁହୁରା ଗ୍ରାମପଞ୍ଚାୟତ ସମିତି ସଭ୍ୟ ସଞ୍ଜୟ ପଣ୍ଡା ଓ ନେହେରୁ ଯୁବକେନ୍ଦ୍ରର ପୂର୍ବତନ ଯୁବସାଥୀ ସିଦ୍ଧାର୍ଥ ଶଙ୍କର ରଥ ଯାଥାକ୍ରମେ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ ଖଗେଶ୍ୱର ସୁନା ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଦିବସରେ ଖେଳାଳିମାନେ।

# ଅନନ୍ୟାଙ୍କୁ ମିଳିଗଲା...



ଅନନ୍ୟା

କଥାରେ ଅଛି–ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ନିଜ ଅଭିନୟ କ୍ୟାରିୟରରେ ଚଙ୍କି ତନୟା ଅନନ୍ୟା ପାଣ୍ଡେ ଯେଉଁଭଳି ଭୂମିକାରେ ଅଭିନୟ କରିବାକୁ ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ନିକଟରେ ତାଙ୍କର ଆଗାମୀ ଫିଲ୍ମ 'ଶଙ୍କର'ର ପ୍ରଚାର ପ୍ରସାର ଅବସରରେ ସେ ଏକଥା କହିଛନ୍ତି। ସତ୍ୟ ଘଟଣା ଉପରେ ଏହାର କାହାଣୀ ଆଧାରିତ। ଭାରତ ସ୍ୱାଧୀନତା ସଂଗ୍ରାମର ଲୋମହର୍ଷଣକାରୀ ଘଟଣା ମଧ୍ୟରୁ ଜାଲିଓ୍ୱାନାଓ୍ୱାଲାବାଗ ହତ୍ୟାକାଣ୍ଡ ଅନ୍ୟତମ ଥିଲା। ଶଙ୍କରନ ନାୟର ନାମକ ଜଣେ ବ୍ୟକ୍ତି ଏହି ହତ୍ୟାର ପ୍ରକୃତ କାରଣ ଖୋଜିବାକୁ ଅଣ୍ଟା ଭିଡ଼ିଥିଲେ। ତାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ଉକ୍ତ ସିନେମା। ଏହାର ଟାଇଟଲ ଭୂମିକାରେ ଅକ୍ଷୟ କୁମାର ଅଭିନୟ କରିଥିବା ବେଳେ ତାଙ୍କର ପତ୍ନୀ ସାଜିଛନ୍ତି ଅନନ୍ୟା। ଏ ବିଷୟରେ ଅନନ୍ୟା କୁହନ୍ତି, 'ବାସ୍ତବରେ ଏଭଳି ସ୍ୱାଧୀନତା ସଂଗ୍ରାମକୁ ଆଧାରକରି ନିର୍ମିତ ହେଉଥିବା ସିନେମାରେ ଅଭିନୟ କରିବାର ମଜା ନିଆରା। ଏଥିରେ ମୁଁ ଶଙ୍କରଙ୍କ ପତ୍ନୀ ପୁଷ୍ପା ରୋଲ୍‌ରେ ଅଭିନୟ କରିଛି। ଏଭଳି ଏକ ଭୂମିକା ମୋ କ୍ୟାରିୟରକୁ ଶତ ପ୍ରତିଶତ ମାଇଲେଜ ଦେବ ବୋଲି ଆଶା ରଖିଛି। ତେବେ ଦର୍ଶକ ଏହାକୁ କିପରି ଗ୍ରହଣ କରୁଛନ୍ତି ତାହା ରିଲିଜ୍ ପରେ ଜଣାପଡ଼ିବ।' ଖାସ୍ କଥା ହେଲା, ଏଭଳି ଏକ ସିନେମାର ପ୍ରଯୋଜନା କରିଛନ୍ତି କରନ୍ ଜୋହର। ନିର୍ଦ୍ଦେଶନାଭାର ସମ୍ଭାଳିଛନ୍ତି କରନ୍ ସିଂ ତ୍ୟାଗୀ। ଅକ୍ଷୟ କୁମାର, ଅନନ୍ୟା ପାଣ୍ଡେଙ୍କ ବ୍ୟତୀତ ଏଥିରେ ଆର. ମାଧବନ୍‌ଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ମାସ ୨୮ରେ ପରଦା ଉପରକୁ ଆସିବାର ଯୋଜନା ରହିଛି। ତେବେ ଚିତ୍ରଟି ଅନନ୍ୟାଙ୍କ କ୍ୟାରିୟରକୁ କେଉଁ ମୋଡ଼ ଦେଉଛି ତାହା ଜାଣିବାକୁ ବାକି ରହିଲା। ଅନନ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର–୨'ରୁ। ତା'ପରେ ସେ 'ପତି ପତ୍ନୀ ଔର ଓ', 'ଖାଲି ପିଲି', 'ଗେହେରିୟାଁ', 'ଲାଇଜର', 'ରକି ରାନୀ କି ପ୍ରେମ୍ କାହାନୀ', 'ଡ୍ରିମ୍ ଗର୍ଲ–୨, 'ଖୋ ଗୟି ହମ୍ କାହାଁ' ଆଦି ସିନେମାରେ ଅଭିନୟ କରିସାରିଛନ୍ତି।

# ସ୍କ୍ରିନ୍ ନେମ୍ ଅନ୍ତରାଳେ..

ଥରେ ମନେପକାନ୍ତୁ ନା ରାଜ କୁମାର ସନ୍ତୋଷୀଙ୍କ 'ଦାମିନୀ' ଫିଲ୍ମର ଆଡଭୋକେଟ ଗୋବିନ୍ଦ ଚରିତ୍ରକୁ। ଏହାର 'ଢାଇ କିଲୋକା ହାତ୍ ଜିସ୍‌କା ଉପର ପଡେଗା ଓ୍ୱ ଉଠ୍ ନେହିଁ ପାୟେଗା..' ଆଜି ବି ଯୁବପିଢ଼ିଙ୍କ ମନରେ ସତେଜ ହୋଇ ରହିଛି। ଏଭଳି ଅନେକ ସିନେମାରେ ନିଜ ଅଭିନୟ ଛାପ ଛାଡିଥିବା ସେହି ଅଭିନେତାଙ୍କର ପରିଚୟ ଦେବା କେବଳ ଧୃଷ୍ଟତା ହେବ। ସେ ହେଲେ ସନ୍ନି ଦେଓଲ। ତାଙ୍କର ପ୍ରକୃତ ନାମ ଥିଲା ଅଜୟ ଦେଓଲ। ଯେତେବେଳେ ତାଙ୍କୁ ବଲିଉଡ୍ ଅଫର ମିଳିଲା ସେ ନିଜ ନାମ ପରିବର୍ତ୍ତନ କରିବାକୁ ଇଚ୍ଛା କରିଥିଲେ। ଏ ନେଇ ସନ୍ନି କହନ୍ତି, '୧୯୮୩ରେ ମୋ ଅଭିନୀତ ପ୍ରଥମ ସିନେମା 'ବେତାବ' ରିଲିଜ ହୋଇଥିଲା। ଯେତେବେଳେ ଏହି ଅଫରଟି ମୋତେ ମିଳିଲା ସେତେବେଳ ଏ ନେଇ ପାପା (ଧର୍ମେନ୍ଦ୍ର)ଙ୍କ ସହ ମୁଁ ବିଶଦ ଭାବରେ ଆଲୋଚନା କରିଥିଲି। ବଡ ପରଦାରେ ମୁଁ ଏକ ନୂଆ ନାମରେ ଆସିବାକୁ ଚାହୁଁଥିଲି। ଏହି ସମୟରେ ମୋ ମନକୁ ଆସିଲା ଯେ, ଯଦି ମୋ ନିକ୍ ନେମ୍ ସନ୍ନିକୁ ରଖନ୍ତି ତେବେ କେମିତି ହୁଅନ୍ତା। ଶେଷରେ ତାହା ହିଁ ହେଲା। ତା'ପରେ ମୁଁ ସନ୍ନି ଦେଓଲ ନାମରେ ପରିଚିତ ହୋଇଥିଲି।' ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ତ୍ରିଦେବ', 'ଘାୟଲ', 'ନରସିଂହା', 'ବିଶ୍ୱାତ୍ମା', 'ଦାମିନୀ', 'ଡର୍', 'ହିମ୍ମତ', 'ଜିତ୍', 'ଘାତକ', 'ଗଦ୍ଦର : ଏକ ପ୍ରେମ କଥା', 'ଇଣ୍ଡିଆନ୍' ଏବଂ ଗତ ବର୍ଷ ରିଲିଜ ହୋଇଥିବା 'ଗଦ୍ଦର–୨'।



ସନ୍ନି ଦେଓଲ

# ଅଭିନୟ ପାଇଁ...

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତା ତଥା ଦର୍ଶକାଦୃତା ଅଭିନେତ୍ରୀ ହେଉଛନ୍ତି ତାପସୀ ପାନ୍ନୁ। ପାଠ ପଢ଼ା ପରେ ତାଙ୍କୁ ଚାକିରିଟିଏ ମିଳିଥିଲା। ଜଣେ ସଫ୍ଟୱେର ଇଞ୍ଜିନିୟର ଭାବରେ ସେ କିଛି ଦିନ କାମ କରିଥିଲେ। କିନ୍ତୁ ଅଭିନୟ ନିଶା ତାଙ୍କୁ ପାଗଳ କରିଦେଇଥିଲା। ତେଣୁ ଚାକିରି ଛାଡି ସେ ଗ୍ଲାମର ଦୁନିଆରେ ପାଦ ଦେବାକୁ ସ୍ଥିର କରିଥିଲେ। ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିବା ତାପସୀ ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ହିଟ୍ ସିନେମାରେ ଅଭିନୟ କରି ନିଜକୁ ଜଣେ ନମ୍ବର ଓ୍ୱାନ ନାୟିକା ଭାବରେ ପ୍ରତିପାଦନ କରିଥିଲେ। ତାପସୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଝୁମାନ୍ଦି ନାଡାମ'। କେ. ରାଘବେନ୍ଦ୍ର ରାଓଙ୍କର ଏହି ସିନେମାରେ ସେ ନିଜ ଅଭିନୟ ଦକ୍ଷତା ଦେଖାଇବାକୁ ଭୁଲି ନ ଥିଲେ। ଆକ୍ଟିଂ କ୍ୟାରିୟରରେ ସେ ଅନେକ ତେଲୁଗୁ, ତାମିଲ,ମାଲାୟାଲମ ଏବଂ ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି। ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚଷମେ ବଦ୍ଦୁର'। ତା'ପରେ ସେ ହିନ୍ଦୀ ସିନେମା 'ବେବି', 'ପିଙ୍କ୍', 'ନାମ ସାହେବାନା', 'ସୁରମା', 'ମନମର୍ଜିୟାଁ', 'ବଦଲା' ଏବଂ 'ଦୁନ୍‌କି' ଆଦିରେ ଅଭିନୟ କରିସାରିଛନ୍ତି।



ତାପସୀ

# ଶ୍ରୀମାନ୍ ଶ୍ରୀଯୁକ୍ତ

ନୂଆ ଓଡ଼ିଆ ସିନେମା 'ଶ୍ରୀମାନ୍ ଶ୍ରୀଯୁକ୍ତ'ର ଶୁଟିଂ ଏବେ ଚାଲୁରହିଛି। ଏହାର କାହାଣୀରେ ଲଭ୍, ଇମୋଶନ, କମେଡି, ଆକ୍ସନ ରହିଛି ବୋଲି ସୂଚନା ଦେଇଛନ୍ତି ଉକ୍ତ ଚିତ୍ରର ନିର୍ଦ୍ଦେଶକ ନିରଞ୍ଜନ ବେହେରା। 'ଜୟ ଶ୍ରୀରାମ'ରୁ ବଡ଼ ପରଦାରେ କ୍ୟାରିୟର ଆରମ୍ଭ କରିଥିବା ବବି ମିଶ୍ର ଏହାର ନାୟକ ସାଜିଛନ୍ତି। ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଚୁଲ୍‌ବୁଲି ଲିପ୍‌ସା ମହାରଣା। ଅନେକ ଓଡ଼ିଆ ସିନେମାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଇବା ପରେ 'ସିନ୍ଦୂର' ଫିଲ୍ମରୁ ପ୍ରଯୋଜକ ସାଜିଥିବା ପ୍ରଣୟ ଜେଠୀ ଏହାର ପ୍ରଯୋଜନା କରିଛନ୍ତି। 'ଯୋଗୀ' ଫେମ୍ ନିରଞ୍ଜନ ଚିତ୍ରଟିର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି। ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ୍ ଆନନ୍ଦ। ଶିରିଡ଼ି ସାଇବାବା ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ଅନ୍ୟାନ୍ୟ ଭୂମିକାରେ ସାନୁ ଓ ଅଭିନେତ୍ରୀ ସସ୍ମିତା, ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ଜୟ ପ୍ରକାଶ ଦାସ, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ରାଜୀବ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି । ସମାଜରେ ପ୍ରତିଦିନ ଘଟୁଥିବା କଥାକୁ କାହାଣୀର ରୂପ ଦେଇ କମେଡି ଧାରାରେ ଚଳଚ୍ଚିତ୍ର ନିର୍ମାଣ କଲେ ବେଶ୍ ଲୋକାଦୃତ ହେବ ବୋଲି କହନ୍ତି ପ୍ରଯୋଜକ ପ୍ରଣୟ।

# ଆଶା ଅସୁମାରି, ହେଲେ....

ସତରେ ଆଶା ଅସୁମାରି। ହେଲେ ସବୁ ଆଶା କ'ଣ ପୂରଣ ହୁଏ ? ଠିକ୍ ସେହିଭଳି ଏକ ନିପଟ ମଫସଲର ଜଣେ ଯୁବକ ସ୍ୱପ୍ନ ଦେଖିଛି ଦିନେ ନା ଦିନେ ସେ ଜଣେ ନାମୀ ୟୁଟ୍ୟୁବର ହେବ। ହେଲେ ତାହାର ଏଭଳି ଆଶା ପୂରଣ ହେଉଛି ତ ? ହଁ, ଏଭଳି ଏକ ସାମ୍ପ୍ରତିକ କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ସିନ୍ଦୂରା'। ଓଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ରାସେଶ୍ୱରୀ ଏଣ୍ଟରଟେନମେଣ୍ଟର ଏହା ହେଉଛି ଷଷ୍ଠ ଅବଦାନ। ଏହି ପ୍ରଯୋଜନା ସଂସ୍ଥାର ପ୍ରଥମ ଚଳଚିତ୍ର 'ସତ୍ୟମେବ ଜୟତେ' ୨୦୦୮ରେ ମୁକ୍ତିଲାଭ କରି ସିନେ ସମୀକ୍ଷକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା ଓ କାହାଣୀ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ହାସଲ କରିଥିଲା। ଅନ୍ୟପକ୍ଷରେ ୨୦୧୩ରେ 'ଏସିପି ସାଗରିକା' ରିଲିଜ ହୋଇ ଦର୍ଶକୀୟ ସ୍ୱୀକୃତି ଲାଭ କରିଥିଲା। ଏହି ଫିଲ୍ମ ପାଇଁ ଅର୍ଚ୍ଚିତା ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ଉଭୟ ଚଳଚିତ୍ରର କାହାଣୀ ଲେଖିଥିଲେ ବିରଞ୍ଚି ନାରାୟଣ ପଣ୍ଡା। ସେହିପରି ନିର୍ମାଣାଧୀନ 'ସିନ୍ଦୂରା'ର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। କେବଳ ସେତିକି ନୁହେଁ, ତା'ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏହି କାହାଣୀରୁ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବେ। କାରଣ ଏହାକୁ ରଚନା କରିବା ସମୟରେ ଏବଂ ଶୁଟିଂ ବେଳେ ସବୁ ଦିଗ ପ୍ରତି ଆବଶ୍ୟକ ମୁତାବକ ଧ୍ୟାନ ଦିଆଯାଇଛି ବୋଲି କହନ୍ତି ଏହାର ନିର୍ଦ୍ଦେଶକ। ଚିତ୍ରଟିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଅଛନ୍ତି ଜିତେନ୍ଦ୍ର ଜେନା। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମାନନ୍ଦ। ସଂଳାପ ଲେଖିଛନ୍ତି ନାଟ୍ୟକାର ବିଜୟ ଦାସ। ଅଭିଷେକ ଗିରି, ସୁପ୍ରିୟା ନାୟକ, ଉଷସୀ ମିଶ୍ର, ପ୍ରମୋଦ ରଥ,ଶଙ୍କର, ପ୍ରଜ୍ଞା, ଜୀବନ ପଣ୍ଡାଙ୍କୁ ଏଥିରେ ଦେଖିବାକୁ ମିଳିବ।



ଚଳଚ୍ଚିତ୍ର 'ସିନ୍ଦୂରା'ରେ (ବାମରୁ) ଅଭିଷେକ–ସୁପ୍ରିୟା–ପ୍ରମୋଦ

# ଅତୀତରୁ...

⏭ଏକାମ୍ର ଚିତ୍ରମ, ଭୁବନେଶ୍ୱର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଘର ବାହୁଡା'। ସୋମନାଥ ସାହୁଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଥିଲେ ସୋନା ମୁଖାର୍ଜୀ। ସାମୁଏଲ ସାହୁ (ବାବି), ସୁଜାତା ଆନନ୍ଦ, ସୁଜିତ, ନିରଞ୍ଜନ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

⏭ଓଡ଼ିଆ ସିନେମା 'ବନ୍ଧନ'ର ପ୍ରଯୋଜନା କରିଥିଲେ ସ୍ୱର୍ଣ୍ଣ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ନିତାଇ ପାଲିତ। ପ୍ରଶାନ୍ତ ନନ୍ଦ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଏବଂ ଗୀତାଞ୍ଜଳି, ସାମୁଏଲ ସାହୁ (ବାବି), ଗୋବିନ୍ଦ ଏବଂ ଧୀର ବିଶ୍ୱାଳଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଥିଲା।

⏭ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚିତ୍ର 'ଜୀବନସାଥୀ'। ଶ୍ରୀନିବାସ ପାଇକରାୟଙ୍କ ପ୍ରଯୋଜନାରେ ଏଥିରେ ଶରତ ପୂଜାରୀ, ଗୀତାଞ୍ଜଳି, ମିନତି, ଧୀର ବିଶ୍ୱାଳ ପ୍ରମୁଖ କଳାକାର ଅଭିନୟ କରିଥିଲେ।



ଶରତ ପୂଜାରୀ

# ନିଆରା ଅଭିନେତା

ଓଡ଼ିଆ ସିନେମାରେ ଭଲ ଅଭିନୟ ଲକ୍ଷ୍ୟ ନେଇ ଆସିଥିଲେ ଅଭିନେତା ଚକ୍ରଧର ଜେନା। ହଲିଉଡ୍ ସିନେମା 'ସିଟି ଅଫ୍ ଜୟ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ ପରଦା କ୍ୟାରିୟର। ଜନ୍ମଭୂମି ଓଡ଼ିଶାକୁ ଫେରିବା ପରେ ଓଡ଼ିଆ ଧାରାବାହିକ 'ମାଟି ବୈକୁଣ୍ଠ'ରେ ତାଙ୍କୁ ସୁଯୋଗ ମିଳିଥିଲା। ଆଉ ଏଥିରେ ତାଙ୍କର ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ୧୯୮୩ରୁ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମା (ଏନ୍‌ଏସ୍‌ଡି)ରୁ ପାସ କରିବା ପରେ ହଲିଉଡ୍ ସିନେମା 'ସିଟି ଅଫ ଜୟ', ହିନ୍ଦୀ ସିନେମା 'ସର୍ଦ୍ଦାର ପଟେଲ' ଓ ହିନ୍ଦୀ ଧାରାବାହିକ ଆଦିରେ ଅଭିନୟ କରିଥିଲେ। ଓଡ଼ିଆ ଧାରାବାହିକରେ ନିଜର ଅଭିନୟ ଦକ୍ଷତା ଦେଖାଇବା ପରେ ଚକ୍ରଧର ଓଡ଼ିଆ ସିନେମା 'ପଥର ଖସୁଛି ବଡ଼ଦେଉଳୁ', 'ରଣଭୂମି', 'ମାୟା', 'ଅର୍ଜ୍ଜୁନ', 'ଭଉଁରୀ' ଓ 'ଓମ୍ ନମଃ ଶିବାୟ' ଆଦିରେ ଅଭିନୟ କରିଥିଲେ।

ଚକ୍ରଧର ଜେନା ଥିଲେ ଜଣେ ଭଲ ମଣିଷ। ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରେ ପଢି ସାରିଲା ପରେ ଏନ୍‌ଏସ୍‌ଡିକୁ ଗଲେ। ଚାକିରି ମୋହ ତାଙ୍କୁ ଘାରି ନ ଥିଲା। ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଭବିଷ୍ୟତରେ ମୁଁ ଜଣେ ଭଲ କଳାକାର ହେବି। ଆଉ ଏଥିପାଇଁ ଅଭିନୟ ନିକଟରେ ସେ ନିଜକୁ ସମର୍ପିତ କରିଦେଇଥିଲେ। ତାଙ୍କ ସହପାଠୀ ଥିଲେ ଆଶିଷ ବିଦ୍ୟାର୍ଥୀ। ଧାରାବାହିକ ମହାଯଜ୍ଞ ଏବଂ ସାରା ଆକାଶରେ ତାଙ୍କର ଭୂମିକା ଦର୍ଶକଙ୍କୁ ଆହୁରି ପ୍ରଭାବିତ କରିଥିଲା।

ଚକ୍ରଧର ଜେନା ଥିଲେ ଜଣେ ନିଆରା ବ୍ୟକ୍ତିତ୍ୱ। ସ୍ପଷ୍ଟ କଥା ହିଁ ତାଙ୍କ ପେସାରେ ପ୍ରତିବଦ୍ଧତା ସୃଷ୍ଟି କଲା। ଶିକ୍ଷା କ୍ଷେତ୍ରରେ ମଧ୍ୟ ଜଣେ ଗୁଣୀବ୍ୟକ୍ତି। ଅନେକ ପୁସ୍ତକ ପଢିବା ଦିଗରେ ଆଗ୍ରହ ଥିବା ତାଙ୍କ ଯୁକ୍ତିରୁ ଜଣାପଡ଼େ। ଓଡ଼ିଆ ସିନେମାକୁ ଉତ୍ତାରି କରିବା ହେତୁ ସେ ସମୟେ ସମୟେ ବିରକ୍ତିଭାବ ପ୍ରକାଶ କରନ୍ତି। ଓଡ଼ିଶାରେ କାହାଣୀ ଅଭାବ ନାହିଁ, ମାନସିକତାର ଅଭାବ ରହିଛି। ଭଲ କାହାଣୀ, ଭଲ ନିର୍ଦ୍ଦେଶକ, ଭଲ ପ୍ରଯୋଜନାଗତ ଜ୍ଞାନ ଥିବା ବ୍ୟକ୍ତିମାନେ ଯଦି ଠିକ୍ ନିଷ୍ପତ୍ତି ନେଇ ଉଚିତ୍ ମାର୍ଗରେ ସିନେମା ନିର୍ମାଣ କରନ୍ତେ, ତେବେ ସାଧାରଣ ଦର୍ଶକମାନେ ସିନେମା ଦେଖିବାକୁ କୁଣ୍ଠିତ ହୁଅନ୍ତେ ନାହିଁ। ଆମେ ପରିଶ୍ରମ ନକରି ଦର୍ଶକଙ୍କୁ ଠକୁଛେ। ଏପରି ହେଲେ ଓଡ଼ିଆ ସିନେମାର ଶ୍ରୀବୃଦ୍ଧି ଆଶା ନିରର୍ଥକ ବୋଲି ସ୍ପଷ୍ଟ ମତ ଦେଇଥିଲେ ସେ। ଯେତୋଟି ସିନେମା ହେଉ କି ଧାରାବାହିକରେ ସେ ଅଭିନୟ କରିଛନ୍ତି ସବୁଥିରେ ସେ ଜଣେ ଦକ୍ଷ କଳାକାର, ତାହାର ଜ୍ୱଳନ୍ତ ପ୍ରମାଣ ମିଳିଛି। କଳାକାର ମରେ ନାହିଁ, ପାର୍ଥିବ ଶରୀରର ଲୀନ ହେଲେ ମଧ୍ୟ 'କଳା' ଓ ଭଲ ମଣିଷର ପ୍ରଭାବ ଚିରଦିନ ଅମର ହୋଇ ରହିବ।

ଏକଥା କହିବାରେ ଆଦୌ ଦ୍ୱିମତ ନାହିଁ ଯେ, ଓଡ଼ିଶାରେ ଚକ୍ରଧର ଜେନାଙ୍କ ପରି କଳାକାରଙ୍କର ପ୍ରକୃତ ମୂଲ୍ୟାୟନ ହେଲା ନାହିଁ। ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ତାଙ୍କ ପରିବାରକୁ ଭଗବାନ ସାହା ହୁଅନ୍ତୁ, ଏହା ହିଁ କାମନା।



ଶ୍ରଦ୍ଧାଞ୍ଜଳି/ଚକ୍ରଧର ଜେନା

**–ଦିଲ୍ଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ହୁମାଙ୍କ ହ୍ୟାଟ୍ରିକ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି, ଭାଗ୍ୟଦେବୀ ତାଙ୍କ ପ୍ରତି ଏପରି ଦୟା ପରବଶ ହେଲେ ଯେ ତାଙ୍କ ହାତରେ ଏବେ ଏକାଥରେ ତିନୋଟି ଅଫର। ଆଉ ତାକୁ ନେଇ ହୁମା କ୍ୟୁରେସିଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି କେବେ କଳ୍ପନା କରି ନ ଥିଲେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା। ନିର୍ମାଣ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି ସେ। ଅନ୍ୟପକ୍ଷରେ ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ସେ ମଧ୍ୟ ଫିମେଲ ଲିଡ୍‌ରେ ଅଭିନୟ କରିବେ ବୋଲି ଜଣାପଡିଛି। ଏପର ସୁଯୋଗ ସମ୍ପର୍କରେ ସେ କହନ୍ତି, ''ଏହା ଏକ ନୂଆ ବ୍ୟାନର। ପ୍ରଯୋଜକ ମଧ୍ୟ ନୂଆ। ହେଲେ ତିନୋଟି ଫିଲ୍ମର କାହାଣୀ କେହି କାହାକୁ କମ୍ ନୁହେଁ ଏବଂ ସବୁ କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ପ୍ରଯୋଜକଙ୍କର ତିନୋଟି ଅଫରକୁ ମୁଁ ଗ୍ରହଣ କରିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ। ତେବେ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ହେବ। ତେଣୁ ଟିକେ ଟେନସନରେ ଅଛି।''



ହୁମା

# ସମ୍ପର୍କର ଭିତିରି କଥା

ଋତୁପ୍ରିୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ 'ଭୋଟ'କୁ ନେଇ ଚର୍ଚ୍ଚା। କାରଣ ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି। ଅଜୟ ମହାପାତ୍ରଙ୍କ ଦ୍ୱାରା ରଚିତ ଏକ ଗପଟି ଥିଏଟର ନାଟକ ଭାବରେ ପ୍ରଦର୍ଶିତ ହୋଇସାରିଛି। କେବଳ ସେତକି ନୁହେଁ, ଅନେକ ସ୍ଥାନରେ ସଫଳ ନାଟକ ଭାବରେ ପୁରସ୍କୃତ ହୋଇଛି। ବାସ୍, ସେଭଳି ଏକ କାହାଣୀକୁ ଚଳଚ୍ଚିତ୍ରର ରୂପ ଦେବାକୁ ସ୍ଥିର କରିଥିଲେ ପ୍ରଯୋଜକ ଅତୀଶ କୁମାର ରାଉତ। ଫିଲ୍ମଟିର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଦେବାଶିଷ ମହାପାତ୍ର। ଖାସ୍ କଥା ହେଲା, ଅନେକ ସିନେମାର ସହ–ନିର୍ଦ୍ଦେଶକ ସାଜିବା ପରେ ଏହି ଫିଲ୍ମରୁ ସେ ନିର୍ଦ୍ଦେଶକ ଭାବରେ କ୍ୟାରିୟର ଆରମ୍ଭ କରୁଛନ୍ତି। ସୁପରହିଟ୍ ଫିଲ୍ମ 'ଦ କେରଲା ଷ୍ଟୋରି'ର ସିନେମାଟୋଗ୍ରାଫର ପ୍ରଶାନ୍ତନୁ ମହାପାତ୍ର ଏହାର ଚିତ୍ରୋତ୍ତଳନ ଦାୟିତ୍ୱ ତୁଲାଇଛନ୍ତି। ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଦାସ। ଫିଲ୍ମ ସମ୍ପର୍କରେ ଅତୀଶ କହନ୍ତି, 'ଏହାର କାହାଣୀ ସାମ୍ପ୍ରତିକ ଘଟଣାବଳୀକୁ ନେଇ ଆଧାରିତ। ତା'ସହ ଏଥିରେ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଭାଇ–ଭାଇ, ବାପା–ପୁଅ, ସ୍ୱାମୀ–ସ୍ତ୍ରୀ ମଧ୍ୟରେ ଥିବା ବାସ୍ତବ ସମ୍ପର୍କକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି। ତା'ସହ ଗୋଟିଏ ଭୋଟ କେତେ ଯେ ମୂଲ୍ୟବାନ୍ ତାହା ଏଥିରେ ଦେଖିବାକୁ ମିଳିବ। ସୂର୍ଯ୍ୟ ମହାନ୍ତି, ଚକ୍ରଧର ଜେନା, ହର ରଥ, ଉଷସୀ ମିଶ୍ର, ରାନୁ ପାଢ଼ୀ, ପିଙ୍କି ପ୍ରିୟଦର୍ଶିନୀ, ହାଡୁ, ବନମାଳୀ ପାଣ୍ଡିଆ ଏବଂ ନବାଗତ ସୁଶାନ୍ତ, ସିତାଂଶୁ, ସୌମ୍ୟ ଏବଂ ଶ୍ରେୟା ପ୍ରମୁଖ ଅଭିନୟ କରିଛନ୍ତି।



ଫିଲ୍ମ 'ଭୋଟ'ରେ ସୁଶାନ୍ତ–ପିଙ୍କି ପ୍ରିୟଦର୍ଶନୀ

## ଆଇସିସି ର୍ୟାଙ୍କିଙ୍ଗ୍ ଟପ୍ ୨୦ରେ ଜୟସ୍ୱାଲ

**ଦୁବାଇ,୨୧।୨(ପି.ଟି.):** ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗରେ ଟପ୍ ୨୦ ମଧ୍ୟରେ ପ୍ରବେଶ କରିଛନ୍ତି। କ୍ରମାଗତ ଦୁଇଟି ଦ୍ୱିଶତକ ହାସଲ କରିଥିବା ଜୟସ୍ୱାଲ ୧୪ ସ୍ଥାନ ଉପରକୁ ଉଠି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ୧୫ ତମ ସ୍ଥାନରେ ପହଞ୍ଚିଛନ୍ତି। ୨୨ ବର୍ଷୀୟ ଜୟସ୍ୱାଲ କ୍ରମାଗତ ଦ୍ୱିଶତକ ହାସଲ କରିବା ସହ ବିରାଟ କୋହଲି ଓ ବିନୋଦ କାମ୍ବଲିଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ବିଶାଖାପାଟଣାରେ ଅପରାଜିତ ୨୦୯ ରନ୍‌ର ଇନିଂସ ଖେଳିଥିବା ବେଳେ ରାଜକୋଟରେ ୨୧୪ ରନ୍‌ର ଇନିଂସ ଖେଳିଥିଲେ। ଏହି ଦୁଇ ଇନିଂସ କାରଣରୁ ଜୟସ୍ୱାଲ ୧୪ ସ୍ଥାନ ଉପରକୁ ଉଠିଛନ୍ତି। ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ରାଜକୋଟରେ ଶତକ ସହ ୭ ଉଇକେଟ ନେଇ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିବା ବେଳେ ବ୍ୟାଟରଙ୍କ ତାଲିକାରେ ୭ ସ୍ଥାନ ଉପରକୁ ଉଠି ୩୪ରେ ପହଞ୍ଚିଛନ୍ତି। ଯଶପ୍ରୀତ୍ ବୁମ୍‌ରା ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ୩ ସ୍ଥାନ ଉପରକୁ ଉଠି ରବୀନ୍ଦ୍ର ଜାଡେଜା ବୋଲରଙ୍କ ମଧ୍ୟରେ ଷଷ୍ଠ ସ୍ଥାନରେ ଅଛନ୍ତି। ଅଲରାଉଣ୍ଡରଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରୋହିତ ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ୧୨ତମ ସ୍ଥାନରେ ପହଞ୍ଚିଛନ୍ତି। ବ୍ୟାଟରଙ୍କ ମଧ୍ୟରେ ଟପ୍ ଟେନ୍‌ରେ ଏକମାତ୍ର ଖେଳାଳି ରହିଛନ୍ତି ବିରାଟ କୋହଲି।

## ପ୍ରତ୍ୟାଶାଙ୍କୁ ଆଉ ଏକ ପଦକ



**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ):** ଆସାମର ଗୁଆହାଟୀରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ପ୍ରତ୍ୟାଶା ଆଉ ଏକ ପଦକ ହାସଲ କରିଛନ୍ତି। ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ସେ ୨:୧୫.୧୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଛନ୍ତି। ଏହାକୁ ମିଶାଇ ପ୍ରତ୍ୟାଶାଙ୍କ ପଦକ ସଂଖ୍ୟା ୫ରେ ପହଞ୍ଚିଛି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ୪୦୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ ଓ ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ୪x-୧୦୦ ମିଟର ମିଡ୍‌ଲେ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

**ଅଲ୍ ଓଡ଼ିଶା ଓପନ ୧୫ ରେଡ୍ ସ୍ନୁକର**

## ପ୍ରଭାବିତ କଲେ ଜ୍ଞାନ ଦାସ

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ):** ପଟିଆର ଆଦର୍ଶ ବିହାରସ୍ଥିତ ଉଡାନ ସ୍ପୋର୍ଟ୍ସ ଏକାଡେମୀରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୫ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସ ଖେଳ ବୁଧବାର ଶେଷହୋଇଛି। ଏଥିରେ ଉନ୍ନତ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି ଜ୍ଞାନ ଦାସ। ସେ ଶାରଦା ବେହେରାଙ୍କୁ ୩-୧ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ରୁମିତ ଗୁପ୍ତାଙ୍କୁ ସୁବ୍ରତ ଦାସ ୩-୦, ଅଭିଷେକ ଦାସଙ୍କୁ ଚିରାଗ ଆରୋରା ୩-୧, ଆକ୍ରମ ଖାଁଙ୍କୁ ରାକେଶ ପ୍ରଧାନ ୩-୦, ନିଶ୍ଚୟ ମିଶ୍ରଙ୍କୁ ଆକାଶ ମହାପାତ୍ର ୩-୦, ଆରୋନ ଆନିୟାନଙ୍କୁ ନିଶାନ୍ତ ବିଶ୍ୱାଳ ୩-୦ ଏବଂ ଅମିୟ ନାୟକଙ୍କୁ ନିଶାନ୍ତ ବିଶ୍ୱାଳ ୩-୦ରେ ହରାଇ ଦେଇଛନ୍ତି।





ରାଞ୍ଚି ଷ୍ଟାଡିୟମରେ ବୁଧବାର ଅଭ୍ୟାସ ଅବସରରେ ଭାରତର ଯଶସ୍ୱୀ ଜୟସ୍ୱାଲ, ଅଧିନାୟକ ରୋହିତ ଶର୍ମା ଓ ଶୁଭମନ ଗିଲ୍। ରିଭର୍ସ ସୁଇପ୍ ଶଟ୍ ଖେଳୁଛନ୍ତି ଇଂଲଣ୍ଡର ଜ୍ୟାକ୍ କ୍ରଲି।

# ଫରକ ଆଣିଛି ପେସରଙ୍କ ପ୍ରଦର୍ଶନ: ଗିଲ୍

**ରାଞ୍ଚି,୨୧।୨(ପି.ଟି.)**

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାରତୀୟ ପେସର ମାନେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି ବୋଲି କହିଛନ୍ତି ଓପନର ଶୁବମନ ଗିଲ୍। ଏକାଧିକ ଥର ଚମତ୍କାର ପ୍ରଦର୍ଶନ କରି ପେସର ମାନେ ଭାରତ ଆଡକୁ ମ୍ୟାଚ୍‌କୁ ଟାଣି ଆଣିବାରେ ସଫଳ ହୋଇଛନ୍ତି ବୋଲି କହିଛନ୍ତି ଗିଲ୍। ଏହା ହିଁ ଉଭୟ ଦଳର ପ୍ରଦର୍ଶନରେ ଫରକ ଆଣିଛି ବୋଲି ସେ ମତ ଦେଇଛନ୍ତି। ୩ ଟେଷ୍ଟରେ ଭାରତୀୟ ସ୍ପିନର ମାନେ ୩୬ ଉଇକେଟ ନେଇଛନ୍ତି। ରବୀନ୍ଦ୍ର ଜାଡେଜା ୧୨ ଓ ଆର. ଅଶ୍ୱିନ୍ ୧୧ ଉଇକେଟ ନେଇଛନ୍ତି। କୁଲଦୀପ ଯାଦବ ୮ ଓ ଅକ୍ଷର ପଟେଲ ୫ ଉଇକେଟ ନେଇଛନ୍ତି। ଅନ୍ୟ ପକ୍ଷର ପେସ୍ ବୋଲର ସମୁଦାୟ ୨୨ ଉଇକେଟ ନେଇଛନ୍ତି। ତେବେ ମ୍ୟାଚ୍‌ର ଗୁରୁତ୍ୱପୂର୍ଣ୍ଣ ସମୟରେ ଉଇକେଟ ନେଇ ଭାରତ ପକ୍ଷକୁ ମ୍ୟାଚର ମୋଡ ବଦଳାଇବାରେ ସକ୍ଷମ ହୋଇଛନ୍ତି। ସାଧାରଣତଃ ଭାରତୀୟ ଉଇକେଟରେ ସ୍ପିନରଙ୍କୁ ସହାୟତା ମିଳିଥାଏ। ତେଣୁ ସ୍ପିନର ଉଇକେଟ ନେବା ସ୍ୱାଭାବିକ। ତେବେ ଭାରତୀୟ ପେସର୍ ଚଳିତ ସିରିଜ୍‌ରେ ଚମତ୍କାର ଫର୍ମରେ ରହିଛନ୍ତି। ଖାସ କରି ଯଶପ୍ରୀତ୍ ବୁମ୍‌ରା ବୋଲରଙ୍କ ମଧ୍ୟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୧୭ ଉଇକେଟ ସହ ସେ ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ତେବେ ଯଶପ୍ରୀତ୍ ବୁମ୍‌ରା ରାଞ୍ଚି ଟେଷ୍ଟରେ ଖେଳୁ ନ ଥିବାରୁ ଭାରତ ତାଙ୍କୁ ମିସ୍ କରିବ ବୋଲି କହିଛନ୍ତି ଗିଲ୍। ତେବେ ଅନ୍ୟତମ ପେସର ମହମ୍ମଦ ସିରାଜ ମଧ୍ୟ ଚମତ୍କାର ଫର୍ମରେ ରହିଛନ୍ତି। ରାଜକୋଟରେ ପ୍ରଥମ ଇନିଂସରେ ସିରାଜ ୪ ଉଇକେଟ ନେଇଥିଲେ। ଭାରତୀୟ ବୋଲରଙ୍କ ନିକଟରେ ଅଭିଜ୍ଞତା ରହିଥିବା ବେଳେ ସେମାନେ ରାଞ୍ଚିରେ ମଧ୍ୟ ସଫଳ ହେବେ ବୋଲି କହିଛନ୍ତି ଗିଲ୍। ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତି ଭାରତ ଅନୁଭବ କରିବା ନିଶ୍ଚିତ ତେବେ ସର୍ଫରାଜ ଖାଁଙ୍କ ପରି ଯୁବ ଖେଳାଳି ଏହାକୁ ପୂରଣ କରିବାରେ ସମର୍ଥ ହୋଇଛନ୍ତି ବୋଲି ଗିଲ୍ କହିଛନ୍ତି।

ସେହିପରି ରନ୍ ସଂଗ୍ରହ କରିବାର ଚାପ କାରଣରୁ ସେ ବିଫଳ ହୋଇଥିବା କଥା କହିଛନ୍ତି ଗିଲ୍। ସିରିଜ୍ ପୂର୍ବରୁ ମୋ ବ୍ୟାଟରୁ ରନ୍ ଆସି ନ ଥିବା ବେଳେ ଏହାକୁ ନେଇ ଚାପ ରହିଥିଲା। ଏପରିକି ପ୍ରଥମ ମ୍ୟାଚ୍‌ରେ ବିଫଳ ମଧ୍ୟ ହୋଇଥିଲେ। ତେବେ ବିଶାଖାପାଟଣାରେ ୧୦୪ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ବେଳେ ରାଜକୋଟରେ ୯୧ ରନ୍ ସ୍କୋର କରିଥିଲେ। ଚଳିତ ସିରିଜ୍‌ରେ ୩ ମ୍ୟାଚ୍‌ରେ ୪୨ର ଆଭରେଜ ସହ ୨୫୨ ରନ୍ ସ୍କୋର କରିଛନ୍ତି।

## ପ୍ରି କ୍ୱାର୍ଟରରେ ହାରିଲେ ଭାରତୀୟ ପୁରୁଷ, ମହିଳା

**ବୁସାନ୍,୨୧।୨(ପି.ଟି.):** ଦକ୍ଷିଣ କୋରିଆରେ ଅନୁଷ୍ଠିତ ବିଶ୍ୱ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ର ପ୍ରି କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି ଭାରତୀୟ ପୁରୁଷ ଓ ମହିଳା ଦଳ। ଭାରତୀୟ ପୁରୁଷ ଦଳ ୩-୦ରେ ଦକ୍ଷିଣ କୋରିଆ ଠାରୁ ଓ ମହିଳା ୧-୩ରେ ଚାଇନିଜ୍ ତାଇପେ ଠାରୁ ପରାଜିତ ହୋଇଛି। ପୂର୍ବରୁ ଭାରତୀୟ ପୁରୁଷ ଦଳ ୩-୨ରେ କାଜାଖସ୍ତାନକୁ ପରାସ୍ତ କରିଥିବା ବେଳେ ମହିଳା ୩-୦ରେ ଇଟାଲୀକୁ ହରାଇ ଅନ୍ତିମ ୧୬ରେ ସାମିଲ ହୋଇଥିଲେ।

ମହିଳା ଦଳ ଇଟାଲୀ ବିପକ୍ଷରେ ୩-୦ରେ ବିଜୟ ସହ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଶ୍ରୀଜା ଆକୁଲା,ମନିକା ବାତ୍ରା ଓ ତୃତୀୟ ଟାଇରେ ଆହିକା ମୁଖାର୍ଜୀ ବିଜୟୀ ହେବା ସହ ଭାରତକୁ ପ୍ରି କ୍ୱାର୍ଟରରେ ପହଞ୍ଚାଇଥିଲେ।

# କିଟ୍ ଚାମ୍ପିୟନ, ସମ୍ବଲପୁର ରନରଅପ୍

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ)**

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ**

କିଟ୍ କ୍ରିକେଟ ଷ୍ଟାଡିୟମରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ସହଯୋଗରେ କିଟ୍ ଓ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ଚାମ୍ପିୟନ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ରନରଅପ୍ ହୋଇଛି। ମଗଧ ଓ ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନକୁ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ମିଳିଛି। ପ୍ରଥମ ଦୁଇ ସ୍ଥାନରେ ରହିଥିବାରୁ କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏହି ସମ୍ମାନଜନକ ପ୍ରତିଯୋଗିତା ରାଜସ୍ଥାନର ଶ୍ରୀ ଜଗଦୀଶପ୍ରସାଦ ଝମ୍ବରମାଲ ତିବ୍ରେୱାଲା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଆସାମର ଗୁଆହାଟୀଠାରେ ବିସିସିଆଇ ଭିଜି ଟ୍ରଫି ମାର୍ଚ୍ଚ ୧୦ରୁ ୧୬ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିପାଇଁ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଦଳ ଚୟନ ଏହି ଆନ୍ତଃ ବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟର ପ୍ରଦର୍ଶନ ଭିତ୍ତିରେ ଅନୁଷ୍ଠିତ ହେବ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରଣଜିତ ସିଂ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର, ଏସ୍‌ସିବି ମେଡିକାଲ କଲେଜ କ୍ରୀଡ଼ା ଅଧିକାରୀ ତାରିଣୀ ପ୍ରସାଦ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଚାମ୍ପିୟନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ କିଟ୍ ଦଳ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ମନୀଷାଙ୍କ ଡବଲରେ ଭାରତ ବିଜୟୀ

**ଅଙ୍କାରା,୨୧।୨(ପି.ଟି.)**

**ଆଲାନ୍ୟା କପ୍ ଫୁଟ୍‌ବଲ**

**କ୍ୟାରିୟରର ଅଷ୍ଟମ ଗୋଲ ଦେଲେ ପ୍ୟାରୀ**



ପ୍ୟାରୀ ଖାଖା

ତୁର୍କୀର ଆଲାନ୍ୟାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଆଲାନ୍ୟା କପ୍ ଫୁଟବଲ ଟୁର୍ନାମେଣ୍ଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦଳ ଇସ୍ତୋନିଆକୁ ୪-୩ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ମନୀଷା କଲ୍ୟାଣ ଡବଲ୍ ଗୋଲ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ୟାରୀ ଖାଖା ଓ ଇନ୍ଦୁମତୀ କାଥିରସେନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳି ପ୍ୟାର ଖାଖା ଏହି ମ୍ୟାଚ୍‌ରେ ଅନ୍ତର୍ଜାତୀୟ କ୍ୟାରିୟରର ଅଷ୍ଟମ ଗୋଲ ସ୍କୋର କରିଥିଲେ।

ବିଶ୍ୱ ମାନ୍ୟତାର ୬୫ ତମ ସ୍ଥାନରେ ଥିବା ଭାରତ ସକାରାତ୍ମକ ଢଙ୍ଗରେ ଆରମ୍ଭ କରିଥିଲା। ପ୍ରଥମାର୍ଦ୍ଧର ୧୭ ତମ ମିନିଟରେ ମନୀଷା କଲ୍ୟାଣ ଭାରତ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ୩୨ତମ ମିନିଟରେ ଟାମିକ୍ ଇସ୍ତୋନିଆ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ସ୍କୋର ୧-୧ରେ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧର ୬୨ତମ ମିନିଟରେ ଇନ୍ଦୁମତୀ ଭାରତକୁ ଅଗ୍ରଣୀ ପ୍ରଦାନ କରିଥିଲେ। କର୍ନରକୁ ହେଡ କରିବା ସହ ସେ ଇସ୍ତୋନିଆ ଗୋଲକିପରଙ୍କୁ ପରାସ୍ତ କରିଥିଲେ। ମ୍ୟାଚର ୭୭ ତମ ମିନିଟରେ ଓଡ଼ିଆ ଝିଅ ପ୍ୟାରୀ ଖାଖା ଏକ ଗୋଲ ଦେଇଥିଲେ। ଅଞ୍ଜୁ ତମାଙ୍ଗଙ୍କ ପାସ୍‌କୁ ଚମତ୍କାର ଢଙ୍ଗରେ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ ପ୍ୟାରୀ। ଏହାର ଦୁଇ ମିନିଟ ମଧ୍ୟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ମନୀଷା। ଭାରତ ୪-୧ରେ ଆଗୁଆ ଥିବାବେଳେ ସହଜ ବିଜୟ ହାସଲ କରିବା ନେଇ ଆଶା କରାଯାଉଥିଲା। ତେବେ ୮୮ ତମ ମିନିଟରେ କୁବାସୋଭା ଓ ୯୦ ତମ ମିନିଟରେ ଲିଲିଏମେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପରେ ରକ୍ଷଣାତ୍ମକ ଢଙ୍ଗରେ ଖେଳିବା ସହ ଭାରତ ୪-୩ରେ ବିଜୟୀ ହୋଇଥିଲା। ୨୪ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ହଂକଂକୁ ଭେଟିବ।

## ଓଡ଼ିଶାକୁ ୨ ପଦକ

**ଭୁବନେଶ୍ୱର,୨୧।୨(ତପନ ସ୍ୱାଇଁ)**

କେରଳରେ ଅନୁଷ୍ଠିତ ୫୮ତମ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ୨ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୦ ରାଜ୍ୟରୁ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡିଶାରୁ ପୁରୁଷ ଓ ମହିଳା ବର୍ଗରେ ୪ଜଣ ଭାଗ ନେଇଥିଲେ। ପୁରୁଷ ବିଭାଗରେ ସତ୍ୟଜିତ ପ୍ରତିହାରୀ ସ୍ୱର୍ଣ୍ଣ ଏବଂ ମହିଳା ଫିଟନେସ ବର୍ଗରେ ପିଙ୍କି ବେହେରା ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହାବ୍ୟତୀତ ପିଙ୍କି ବିକିନ ଫିଟନେସରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଉଭୟ ପ୍ରତିଯୋଗୀଙ୍କୁ ଅଲଓଡ଼ିଶା ବଡି ବିଲଡିଂ ଆଣ୍ଡ ଫିଟନେସ ଆସୋସିଏଶନର ସଭାପତି ଦାଶରଥୀ ଗରାବଡୁ, ସାଧାରଣ ସମ୍ପାଦକ ଗୌରୀଶଙ୍କର ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଥମ ଦିବସରେ ଭାରତକୁ ୧ ସ୍ୱର୍ଣ୍ଣ ସହ ୪ ପଦକ

**ନୂଆଦିଲ୍ଲୀ, ୨୧।୨ (ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ବୁଧବାର ଭାରତୀୟ ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ ସହ ୪ ପଦକ ହାସଲ କରିଛନ୍ତି। ମହିଳା ଜୁନିୟର ଦଳ ସ୍ପ୍ରିଣ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସରିତା କୁମାରୀ, ନିୟା ସେବାଷ୍ଟିଆନ ଓ ଜାଇନା ମହମ୍ମଦ ଅଲୀଙ୍କୁ ଗଠିତ ଭାରତୀୟ ଦଳ ୫୩.୩୮୩ ସେକେଣ୍ଡ ସମୟ ନେଇ କୋରିଆ ଦଳକୁ ପଛରେ ପକାଇ ଦେଇଥିଲା। ଅର୍ଶଦ ଶେଖ, ଜଲାଲୁଦ୍ଦିନ ଅନସାରୀ ଓ ବାସବରାଜ ହୋରାଦ୍ଦିଙ୍କୁ ନେଇ ଗଠିତ ପାରା-ଟିମ୍ ସ୍ପ୍ରିଣ୍ଟ ଦଳ ୧:୦୨.୬୬୧ ସେକେଣ୍ଡ ସହ ରୌପ୍ୟ ପଦକ ପାଇଛି। ସେହିପରି ଜୁନିୟର ଟିମ୍ ସ୍ପ୍ରିଣ୍ଟରେ ନାରାୟଣ ମହତୋ, ସୟଦ ଖାଲିଦ ବାଘି ଓ ମୟଙ୍ଗଲାମବାମ୍ ୱାଙ୍ଗବା ମେଇତେଇ ୪୭.୯୩ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ହର୍ଷିତା ଜାଖର, ସୁହାନି କୁମାରୀ, ଦୟାନନ୍ଦ ଜେ.ପି. ଓ ଭୂମିକାଙ୍କୁ ନେଇ ଗଠିତ ମହିଳା ଜୁନିୟର ଦଳ ଟିମ୍ ପର୍ସ୍ୟୁଟରେ ବ୍ରୋଞ୍ଜ ପଦକ ପାଇଛନ୍ତି।

# ୟୁଏଇରେ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ଦଳ

**ଦୁବାଇ,୨୧।୨**

ବନ୍ଧୁତ୍ୱପୂର୍ଣ୍ଣ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ୟୁଏଇରେ ପହଞ୍ଚିଛି ଭାରତୀୟ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ଦଳ। ଭାରତ ବ୍ୟତୀତ ପାକିସ୍ତାନ ଓ ବାଂଲାଦେଶ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଦୃଷ୍ଟିବାଧିତ କ୍ରିକେଟକୁ ନେଇ ସଚେତନତା ସୃଷ୍ଟି କରିବା ଏହି ସିରିଜ୍‌ର ଲକ୍ଷ୍ୟ ରହିଛି। ଭାରତୀୟ ଦଳ ବୁଧବାର ୟୁଏଇରେ ପହଞ୍ଚିଛି। ସିରିଜ୍ ପୂର୍ବରୁ ବେଙ୍ଗାଲୁରୁରେ ୧୨ ଦିନିଆ ଅଭ୍ୟାସ କ୍ୟାମ୍ପ ହୋଇଥିଲା। କ୍ୟାମ୍ପରେ ପ୍ରଦର୍ଶନ ଆଧାରରେ ଦଳ ଚୟନ କରାଯାଇଥିଲା। ଏହି ଦଳରେ ୪ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଦେବରାଜ ବେହେରା, ପଙ୍କଜ ଭୁଏ, ନକୁଳ ବଡନାୟକ ଓ ସୁଖରାମ ମାଝୀ ଏହି ଦଳରେ ସ୍ଥାନ ପାଇଛନ୍ତି।




ୟୁଏଇରେ ହେବାକୁଥିବା ବନ୍ଧୁତ୍ୱପୂର୍ଣ୍ଣ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳି।

# ଶେଷ ବଲ୍ ଚୌକାରେ ଜିତିଲା ଅଷ୍ଟ୍ରେଲିଆ

**ୱେଲିଂଟନ, ୨୧।୨**

ଟାର୍ଗେଟ ଥିଲା ୨୧୬ ରନ। ଅଷ୍ଟ୍ରେଲିଆ ୧୯.୫ ଓଭର ବେଳକୁ ୪ ଉଇକେଟ ହରାଇ ସଂଗ୍ରହ କରିଥିଲା ୨୧୨ ରନ। ମ୍ୟାଚ ଜିତିବାକୁ ଶେଷ ବଲ୍‌ରୁ ଚୌକା ଆବଶ୍ୟକ ଥିଲା। ବୋଲିଂ କରୁଥିଲେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟିମ୍ ସାଉଦୀ ଓ ସାମ୍ନାରେ ଥିଲେ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଟିମ୍ ଡାଭିଡ। ଅନ୍ତିମ ବଲ୍‌କୁ ୟର୍କର ମାରିବା ଚକ୍କରରେ ସାଉଦୀ ଲେନ୍ଥ ମିସ୍ କଲେ। ଏହାର ଫାଇଦା ନେଲେ ଡାଭିଡ ଏବଂ ବଲ୍‌କୁ ମିଡ୍ ଉଇକେଟ ଓ ୱାଇଡ୍ ଲଙ୍ଗଅନ୍ ମଝିରେ ଚୌକାରେ ପରିଣତ କଲେ। ଏପରି ଏକ ନାଟକୀୟ ଘଟଣାକ୍ରମରେ ବୁଧବାର ଶେଷ ହୋଇଛି ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ମ୍ୟାଚ। ଅଷ୍ଟ୍ରେଲିଆ ୬ ଉଇକେଟରେ ଜିତିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ୪୪ ବଲ୍‌ରୁ ୭୨ (୨ ଚୌକା, ୭ ଛକା) ରନକରି ଅପରାଜିତ ରହିଥିବା ଅଧିନାୟକ ମିଚେଲ ମାର୍ଶ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ତେବେ ମାତ୍ର ୧୦ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ୩୧ ରନରେ ଅପରାଜିତ ରହି ମ୍ୟାଚ ଜିତାଇଥିବା ଟିମ୍ ଡାଭିଡ୍ ହିରୋ ବିବେଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ୱାର୍ନର ୩୨ ଓ ଗ୍ଲେନ ମ୍ୟାକ୍ସୱେଲ ୨୫ ରନ କରିଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ମିଚେଲ ସାଣ୍ଟନର ୨ଟି ଏବଂ ଆଡାମ ମିଲ୍‌ନେ ଓ ଲୋକି ଫର୍ଗୁସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ମ୍ୟାଚ ଜିତାଇବାପରେ ଉଲ୍ଲସିତ ମିଚେଲ ମାର୍ଶ ଓ ଟିମ୍ ଡାଭିଡ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ଡେଭନ କନ୍‌ୱେ ଓ ରାଚିନ ରବୀନ୍ଦ୍ରଙ୍କ ଅର୍ଦ୍ଧଶତକ ସହାୟତାରେ ୨୦ ଓଭରରେ ୩ ଉଇକେଟ ହରାଇ ୨୧୫ ରନ କରିଥିଲା। କନ୍‌ୱେ ୪୬ ବଲ୍‌ରୁ ୬୩ (୫ ଚୌକା, ୨ ଛକା) ଓ ରବୀନ୍ଦ୍ର ୩୫ ବଲ୍‌ରୁ ୬୮ (୨ ଚୌକା, ୬ ଛକା) ରନ କରିଥିଲେ। ଫିନ୍ ଆଲେନ ୩୨ ରନ ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ, ମିଚେଲ ମାର୍ଶ ଓ ପ୍ୟାଟ୍ କମିନ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୫/୩ (ଡେଭନ କନ୍‌ୱେ-୬୩, ରାଚିନ ରବୀନ୍ଦ୍ର-୬୮, ଫିନ୍ ଆଲେନ-୩୨, ମିଚେଲ ମାର୍ଶ-୧/୨୧, ମିଚେଲ ଷ୍ଟାର୍କ-୧/୩୯, ପ୍ୟାଟ୍ କମିନ୍ସ-୧/୪୩)। ଅଷ୍ଟ୍ରେଲିଆ ୨୦ ଓଭରରେ ୨୧୬/୪ (ମିଚେଲ ମାର୍ଶ-୭୨*, ଡେଭିଡ ୱାର୍ନର-୩୨, ଟିମ୍ ଡାଭିଡ-୩୧*, ମିଚେଲ ସାଣ୍ଟନର-୨/୪୨, ଲୋକି ଫର୍ଗୁସନ-୧/୨୩, ଆଡାମ ମିଲ୍‌ନେ-୧/୫୩)।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଓ ଏୟାରଫାଇବରର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୨୧।୨**

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ତଥା ଜିଓ ଏୟାରଫାଇବରର ଓଡ଼ିଶା ୟୁନିଟ୍ ନିକଟରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ବିଶେଷକରି ଗୃହ ମନୋରଞ୍ଜନ, ସ୍ମାର୍ଟ ହୋମ୍ ସେବା ଓ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡର ସମନ୍ୱିତ ଏଣ୍ଡ-ଟୁ-ଏଣ୍ଡ ସମାଧାନ ଜିଓ ଏୟାରଫାଇବର ବର୍ତ୍ତମାନ ଓଡ଼ିଶାର ୨୫୦ ରୁ ଅଧିକ ସହର ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଉପଲବ୍ଧ। ଏପରିକି ୨୦୨୩ ନଭେମ୍ବରରେ ଆରମ୍ଭ ହୋଇଥିବା ଏହି ସେବା ରାଜ୍ୟର ଓ୍ୱାୟାରଲାଇନ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ କ୍ଷେତ୍ରରେ ରହିଥିବା ସଂଯୋଗଜନିତ ଆହ୍ୱାନକୁ ଅତିକ୍ରମ କରିପାରିଛି ଏବଂ ସାରା ଦେଶର ବ୍ୟବହାରକାରୀଙ୍କୁ ଉନ୍ନତ ଡିଜିଟାଲ ଅନୁଭବ ପ୍ରଦାନ କରୁଛି। ବର୍ତ୍ତମାନ ସାରା ଭାରତରେ ଜିଓର ଅପ୍ଟିକାଲ ଫାଇବର ଭିତ୍ତିଭୂମି ୧.୫ନିୟୁତ କି.ମି.ରୁ ଅଧିକ ବ୍ୟାପ୍ତ ରହିଛି, ତଥାପି ଦେଶର ଅନେକ ସ୍ଥାନରେ ପ୍ରତ୍ୟକ୍ଷ ସଂଯୋଗ ପ୍ରଦାନ କରିବା ଲାଗି ବହୁ ସମୟ ଲାଗୁଛି।

ସେହିଭଳି ଘର କିମ୍ବା ପରିସର ପର୍ଯ୍ୟନ୍ତ ଅପ୍ଟିକାଲ ଫାଇବର ପହଞ୍ଚାଇବାରେ ରହିଥିବା ଜଟିଳତା ଓ ବିଳମ୍ବ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ସମ୍ଭାବ୍ୟ ଗ୍ରାହକ ହୋମ ବ୍ରଡ୍‌ବ୍ୟାଣ୍ଡରୁ ବଞ୍ଚିତ ରହିଛନ୍ତି। ଏହିଭଳି ପରିସରଗୁଡ଼ିକୁ ସଂଯୋଗ ପ୍ରଦାନ କରିବା କାର୍ଯ୍ୟ ଜିଓ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ଏପରିକି ରାଜ୍ୟର ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟାକୁ ଦୂରକରିବା ସହ ଜିଓ ଏୟାରଫାଇବର ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡ୍‌ବ୍ୟାଣ୍ଡ ସୁବିଧା ସହିତ ସଂଯୁକ୍ତ କରୁଛି, ଯେଉଁଠାରେ ପୂର୍ବରୁ ଗୁଣାତ୍ମକ ହୋମ ବ୍ରଡ୍‌ବ୍ୟାଣ୍ଡ୍ ସୁବିଧା ସେମାନଙ୍କ ପରିସରକୁ ଅପ୍ଟିକାଲ-ଫାଇବର ସମ୍ପ୍ରସାରଣରେ ରହିଥିବା ବିଭିନ୍ନ ଜଟିଳତା କାରଣରୁ ଉପଲବ୍ଧ ହୋଇପାରୁ ନ ଥିଲା। ବିଶେଷକରି ଘରୁ କାର୍ଯ୍ୟ କରୁଥିବା ଆଇଟି ପ୍ରଫେସନାଲଙ୍କଠାରୁ ଆରମ୍ଭକରି ଛୋଟ ବଡ ଉଦ୍ୟୋଗ, ହୋଟେଲ ଓ ରେସ୍ତୋରାଁ, ଡିଜିଟାଲ ଷ୍ଟୁଡିଓ, ଶିକ୍ଷାନୁଷ୍ଠାନ, କ୍ଷୁଦ୍ର ବ୍ୟବସାୟ ଓ ବ୍ୟକ୍ତିଗତ ପରିବାର ପର୍ଯ୍ୟନ୍ତ ଜିଓ ଏୟାରଫାଇବର ଓଡ଼ିଶାର ୨୫୦ରୁ ଅଧିକ ଛୋଟ ବଡ଼ ସହରରେ ବର୍ତ୍ତମାନ ଏହା ସର୍ବାଧିକ ପସନ୍ଦ ପାଲଟିଛି।

# ଭୁବନେଶ୍ୱରରେ ୧୨୦ଶଯ୍ୟା ବିଶିଷ୍ଟ ଅଙ୍କୁରା ହସ୍ପିଟାଲ

- ସ୍ୱତନ୍ତ୍ର ମହିଳା ଓ ଶିଶୁ ଚିକିତ୍ସାଳୟ ଉଦ୍‌ଘାଟିତ
- ବାପୁଜୀନଗରରେ ଅଙ୍କୁରା ହସ୍ପିଟାଲର ଏକ୍ସକ୍ଲୁସିଭ ୟୁନିଟ୍

**ଭୁବନେଶ୍ୱର,୨୧।୨(ଅଭୟ ଦାଶ)**




ଦେଶର ପ୍ରମୁଖ ଘରୋଇ ହେଲ୍‌ଥ କେୟାର ସଂସ୍ଥା ତଥା ଅଙ୍କୁରା ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ୟୁନିଟ୍ ବୁଧବାର ଭୁବନେଶ୍ୱରର ବାପୁଜୀ ନଗରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଓବି ଆଣ୍ଡ ଓସିଡବ୍ଲ୍ୟୁଡବ୍ଲ୍ୟୁବିର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ସାମାଜିକ କର୍ମୀ ରବୀନ୍ଦ୍ର ନାଥ ଛୋଟରାୟ,ଏମ୍‌ପି ଲଭୁ ଶ୍ରୀକ୍ରିଷନ ଦେବରାୟାଲୁଙ୍କ ସମେତ ଅଙ୍କୁରା ହସ୍ପିଟାଲର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡା.କ୍ରିଷା ପ୍ରସାଦ ଭୁନାମ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ହାଇଦ୍ରାବାଦଭିତ୍ତିକ ହେଲ୍‌ଥ କେୟାର ସଂସ୍ଥା ତଥା ମହିଳା ଏବଂ ଶିଶୁଙ୍କ ସ୍ୱତନ୍ତ୍ର ଚିକିତ୍ସାଳୟ 'ଅଙ୍କୁରା ହସ୍ପିଟାଲ' ଭୁବନେଶ୍ୱରର ବାପୁଜୀନଗରଠାରେ ୧୨୦ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ହେଲ୍‌ଥ କେୟାର ୟୁନିଟ୍‌ର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ଏଠାରେ ଉଚ୍ଚ ଆପଦପୂର୍ଣ୍ଣ ଶିଶୁ, ପେଡିଆଟ୍ରିକ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଶିଶୁ ସ୍ନାୟବିକ ବିଜ୍ଞାନ, ଅର୍ଥୋପେଡିକ୍ସ, କ୍ୟାନ୍‌ସର ଚିକିତ୍ସା ଓ ଜରୁରିକାଳୀନ ଚିକିତ୍ସା ଆଦି ଉପଲବ୍ଧ। ସେହିଭଳି ଦୀର୍ଘ ୧ଦଶନ୍ଧିରୁ ଅଧିକ ସମୟ ଧରି ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟର ୧୪ଟି କେନ୍ଦ୍ର (ୟୁନିଟ୍)ରେ ହସ୍ପିଟାଲ ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ସହ ସବୁ ବର୍ଗର ବିଶ୍ୱସନୀୟତା ଅର୍ଜନ କରିପାରିଛି। ସେହିପରି ୧୨୦ଶଯ୍ୟା ବିଶିଷ୍ଟ ଭୁବନେଶ୍ୱର ୟୁନିଟ୍‌ରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଜରୁରିକାଳୀନ ଚିକିତ୍ସା ସେବା ସହିତ ସୁସଜ୍ଜିତ ଆମ୍ବୁଲାନ୍ସ, ରୋଗୀ ପରିବହନ ସେବା, ଫାର୍ମାସି, ପରୀକ୍ଷାଗାର ଏବଂ ଗୋଟିଏ ଛାତ ତଳେ ରେଡିଓଲୋଜି ସେବା ଉପଲବ୍ଧ।

ଏ ସମ୍ପର୍କରେ ଅଙ୍କୁରା ହସ୍ପିଟାଲର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡା.କ୍ରିଷା ପ୍ରସାଦ ଭୁନାମ କହିଛନ୍ତି, ରୋଗୀ ସେବା ଉପରେ ଆମର ସର୍ବଦା ଧ୍ୟାନ ରହିଥିଲାବେଳେ ମହିଳା ଓ ଶିଶୁମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ଏପରିକି ସବୁ ବର୍ଗର ଲୋକଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ନିରନ୍ତର ଆମର ପ୍ରତିବଦ୍ଧତାକୁ ପୂରଣ କରିଆସିଛୁ।

# ବିଏର ନୂତନ ନେକ୍ସଟ ଜେନ୍ ଷ୍ଟୋର

**ଭୁବନେଶ୍ୱର,୨୧।୨**

ଭାରତୀ ଏୟାରଟେଲ (ବିଏ) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ନେକ୍ସଟ ଜେନ୍ ଷ୍ଟୋର' ଭୁବନେଶ୍ୱରର ଖାରପଡ଼ା, ଶିରିପୁର, ଡିଷ୍ଟ୍ରିକ୍ଟ ସେଣ୍ଟର ଏବଂ ଆଚାର୍ଯ୍ୟ ବିହାରଠାରେ ଶୁଭାରମ୍ଭ ହୋଇଯାଇଛି। ଏପରିକି କମ୍ପାନୀ ମାଲିକାନାଭୁକ୍ତ ଉପରୋକ୍ତ ୪ଟି ନୂଆ ନେକ୍ସଟ ଜେନ୍ ଷ୍ଟୋର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ସିଓଓ (ଓଡ଼ିଶା ବଜାର) ବାଲାଜୀ ଆର୍ କହିଛନ୍ତି, ଆମେ ମୁଖ୍ୟତଃ ଗ୍ରାହକମାନଙ୍କର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥାଉ। ଏପରିକି ଗ୍ରାହକଙ୍କ ଆଗ୍ରହ ଆମକୁ ଓଡ଼ିଶା ବଜାରରେ ବିଏର ବ୍ୟାପକ ରିଟେଲ୍ ସମ୍ପ୍ରସାରଣ ପାଇଁ ପ୍ରେରିତ କରିଛି। ଗ୍ରାହକଙ୍କର ସମସ୍ତ ଆବଶ୍ୟକତା ପାଇଁ ଏହି ୱାନ୍ ଷ୍ଟପ୍ ସପ୍‌ର ଶୁଭାରମ୍ଭ କରାଯାଇଛି। ଉକ୍ତ ଷ୍ଟୋରଗୁଡ଼ିକ ଜରିଆରେ ବ୍ୟାପକ ରେଞ୍ଜର ମୋବାଇଲ, ବ୍ରଡ୍‌ବ୍ୟାଣ୍ଡ, ଡିଟିଏଚ୍ ସମେତ ସର୍ଭିସ୍ ମଧ୍ୟ ପ୍ରଦାନ କରାଯାଉଛି। ଓଡ଼ିଶା ବଜାର ଆମ ପାଇଁ ଧ୍ୟାନ କେନ୍ଦ୍ରର ମୁଖ୍ୟ ବଜାର ହୋଇଥିବାବେଳେ ଆମ୍ଭେମାନେ ଉକ୍ତ ବଜାରରେ ନିବେଶ ଜାରି ରଖିବୁ। ଏୟାରଟେଲ୍‌ର ଅଫ୍‌ଲାଇନ୍ ଉପସ୍ଥିତିକୁ ଗତ କିଛି ବର୍ଷ ହେଲା ବୃଦ୍ଧି କରିବାରେ ଲାଗିଛି।

# ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ,୨୧।୨:** ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୪୩୪.୩୧ ପଏଣ୍ଟ କମି ୭୨,୬୨୩.୦୯ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୧.୯୦ ପଏଣ୍ଟ ହ୍ରାସ ଘଟି ୨୨,୦୫୫.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ହ୍ରାସ ଘଟିଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## Classified Everyday 0674-2580101, 2549949




**SALE**

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.-1200/- ବିକ୍ରିହେବ। Biswajit-7008184348. D-71067

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

ଢେଙ୍କାନାଳ ସହର ରାଧାକୃଷ୍ଣ ବଜାର ଅଞ୍ଚଳରେ ଘରବାରି ବିକ୍ରି ହେବ। ଯୋଗାଯୋଗ- ୯୯୩୮୩୦୫୬୦୦। ଧ-୭୫୪୨୨




**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469.** D-75917




Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

Relax, Refresh your body, mind by expert therapist. Contact: 9938843929. D-76103

Kerala body Massage best Therapist @699/- Bhubaneswar. 9337672475. Ganeshspa.in. D-2555

Relax refreshment body massage therapy by experience lady therapist. 7008773793. D-76102


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 15.02.2024. I, Arundhati Sundaray, D/o- Ashok Kumar Sundaray & W/o- Ayashkant Swain At- Jagasara, P.O.- Kaimatia, P.S.- Infovally, Dist.- Khordha, Odisha declare that I have changed my name from Arundhati Sundaray to Arundhati Swain. Henceforth, I shall be known as Arundhati Swain for all purposes. D-2582

By virtue of an affidavit sworn before the Executive Magistrate, Tahasildar, Bisra, I Budhua Purty, R/o Village- Purunabisra, P.O.- Bisra, Dist.- Sundargarh declare that my actual name is Budhua Purty and D.O.B. is 03.01.1970. But inadvertently my name is entered as Budhua Munda and D.O.B. as 01.01.1970 in my Rural Postal Life Insurance Policy Bond bearing No.R-OR-08 EA-63279. That both the names stands for one and same person. D-2588

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ଇଂ. ପ୍ରଦୀପ୍ତ ଚନ୍ଦ୍ର ମହାନ୍ତି**
ଆବିର୍ଭାବ- ୦୧।୦୭।୧୯୪୮
ତିରୋଧାନ- ୧୨।୦୨।୨୦୨୪

ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାର ଓ ବନ୍ଧୁବାନ୍ଧବ।
୧୮, ବ୍ରହ୍ମେଶ୍ୱରବାଗ

ଧ-୨୫୮୩

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଣ୍ଣଲତା ଦାଶ**
ଅତାମେଲା, ଜଗତସିଂହପୁର
ଆବିର୍ଭାବ : ୦୩/୦୩/୧୯୩୮
ତିରୋଧାନ : ୦୨/୦୨/୨୦୨୩

ତୁମେ ସ୍ୱର୍ଗାରୋହଣ କରିବାର ଏକ ବର୍ଷ ହୋଇଗଲା। ତୁମର ଜୀବନ ଏକ ସ୍ନେହ ମମତା ଭରା ଆଦର୍ଶ, ତ୍ୟାଗ, ବଳିଦାନ ଓ ସହନଶୀଳତାର ପ୍ରତୀକ ଥିଲା। ଏବେ ବି ଆମ୍ଭେ ତୁମ ବିଷୟରେ ସର୍ବଦା ଚିନ୍ତା କରୁ ଏବଂ ତୁମ ସହିତ ବିତାଇଥିବା ସମସ୍ତ ମୁହୂର୍ତ୍ତକୁ ମନେ ପକାଇ ଉତ୍‌ଫୁଲ୍ଲିତ ହେଉ। ଏ ଜନ୍ମରେ ତୁମକୁ ଜଣେ ମା' ଭାବରେ ପାଇଥିବାରୁ ଆମେ ବହୁତ କୃତଜ୍ଞ। ଆମ୍ଭେମାନେ ତୁମକୁ ଯୁଗେ ଯୁଗେ ଆମର ଜନ୍ମଦାତ୍ରୀ ଭାବରେ ପାଇବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆଜି ଈଶ୍ୱରଙ୍କ ଠାରେ ଆମର ପ୍ରାର୍ଥନା ଏହି କି ଯେ, ତୁମ ଆତ୍ମାକୁ ସ୍ୱର୍ଗୀୟ ସୁଖ ପ୍ରଦାନ କରନ୍ତୁ ଆଉ ତୁମେ ସେହି ସ୍ୱର୍ଗଲୋକରୁ ଆମମାନଙ୍କୁ ଆଶୀର୍ବାଦ ପ୍ରଦାନ କରୁଥାଅ।

ଶୋକସନ୍ତପ୍ତ ପରିବାର ବର୍ଗ :
ଦୁର୍ଗେଶ-ଚିଭ, ବିରଜା-ଦୋଳ, ପିୟୁଷା-ବୈଜୟନ୍ତୀ, ଗଗନେନ୍ଦୁ-ସାରଦା, ତୁଷାର-ଶେଫାଳି, ଲୋତକ-ସସ୍ମିତା, ବବ୍‌ଲୁ, ରିତାଲୀ, ମିତାଲି, ଲାଲୁ, ଚିଙ୍କୁ, ତୁତୁଲ୍, ସୋନୁ, ଲିଙ୍କୁନ, ମାମୁନି ଓ ସୁମନ।

ଧ-୨୫୮୯

## ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ, ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍‌ଡିଂ, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ. ୧୨୯୯/୨୦୨୧

**ନୋଟିସ**

ପଙ୍କଜବାସିନୀ ପଣ୍ଡା, ବୟସ ୬୯ ବର୍ଷ,
ସ୍ୱାମୀ- ପୀତବାସ ପଣ୍ଡା, ସା.- ଅରେହିକଣା, ପୋଷ୍ଟ- ନମୌଜା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା
ବର୍ତ୍ତମାନ ଠିକଣା- ପ୍ଲଟ୍ ନଂ.୪୯୧/୨, ଆର୍ଯ୍ୟ ସମାଜ ପଛପାଖ, ସହିଦନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ... ... ... ବାଦିନୀ

ବନାମ

ହର୍ଷ ବେଓ୍ୱା, ସ୍ୱାମୀ- ୰ଦୈତାରୀ ବେହେରା, ବୟସ ୭୨ ବର୍ଷ,
ସା.- ଓଗାଳପଡ଼ା, ସାମିଲ- ରାଧାଚରଣପୁର, ପୋଷ୍ଟ- ଯାଆଁଳା,
ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ... ... ... ପ୍ରତିବାଦିନୀ ନଂ.୧

ଏତଦ୍ୱାରା ପ୍ରତିବାଦିନୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୧୬।୦୩।୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା- ଜଟଣୀ, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ସାବକ | ୩୫୯ | ୫୦୨ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |
| ସାବକ ମିଉଟେସନ | ୨୫୫/୮ | ୫୦୨/୧୧୪୯ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ ଡି. | ସ୍ଥିତିବାନ | ଏଜନ |

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ହାଲ | ୫୯୨ | ୯୦୬ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦିନୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା୧୯.୦୨.୨୪

**ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ ଅଦାଲତ ନଂ.-୩ ଭୁବନେଶ୍ୱରଙ୍କ ଆଦେଶ କ୍ରମେ ଆଦେଶ ଅନୁଯାୟୀ**
**ସ୍ୱା./- କୋର୍ଟ ଅଫିସର**

ଧ-୭୫୮୦୨

## ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ, ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍‌ଡିଂ, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ. ୧୩୦୦/୨୦୨୧

**ନୋଟିସ**

ପୀତବାସ ପଣ୍ଡା, ବୟସ ୭୯ ବର୍ଷ
ପିତା-୰ଦୋଳଗୋବିନ୍ଦ ପଣ୍ଡା, ସା.- ଅରେହିକଣା, ପୋଷ୍ଟ- ନମୌଜା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା
ବର୍ତ୍ତମାନ ଠିକଣା- ପ୍ଲଟ୍ ନଂ.୪୯୧/୨, ଆର୍ଯ୍ୟ ସମାଜ ପଛପାଖ, ସହିଦନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ... ... ... ବାଦୀ

ବନାମ

ହର୍ଷ ବେଓ୍ୱା, ସ୍ୱାମୀ- ୰ଦୈତାରୀ ବେହେରା, ବୟସ ୭୨ ବର୍ଷ,
ସା.- ଓଗାଳପଡ଼ା, ସାମିଲ- ରାଧାଚରଣପୁର, ପୋଷ୍ଟ- ଯାଆଁଳା,
ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ... ... ... ପ୍ରତିବାଦିନୀ ନଂ.୧

ଏତଦ୍ୱାରା ପ୍ରତିବାଦିନୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୧୬।୦୩।୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା- ଜଟଣୀ, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ସାବକ | ୩୫୯ | ୫୦୨ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |
| ସାବକ ମିଉଟେସନ | ୨୫୫/୮ | ୫୦୨/୧୧୪୯ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ ଡି. | ସ୍ଥିତିବାନ | ଏଜନ |

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ହାଲ | ୫୯୨ | ୯୦୬ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦିନୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା୧୯.୦୨.୨୪

**ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ ଅଦାଲତ ନଂ.-୩ ଭୁବନେଶ୍ୱରଙ୍କ ଆଦେଶ କ୍ରମେ ଆଦେଶ ଅନୁଯାୟୀ**
**ସ୍ୱା./- କୋର୍ଟ ଅଫିସର**

ଧ-୭୫୮୦୧

# ସବୁ ଜିଲାରେ ପହଞ୍ଚିଲା ଲକ୍ଷ୍ମୀ ବସ୍ ସେବା

- ଆଉ ୫ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ
- ଗ୍ରାମାଞ୍ଚଳରେ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଆଣିବ ଲକ୍ଷ୍ମୀ: ମୁଖ୍ୟମନ୍ତ୍ରୀ
- ଲକ୍ଷ୍ମୀ ବସ୍ ଆମ ନିଜର ସମ୍ପତ୍ତି, ଏହାର ରକ୍ଷଣାବେକ୍ଷଣ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କଲେ ପାଣ୍ଡିଆନ




ଭୁବନେଶ୍ୱର,୨୧।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍ଫରେନ୍ସ ଜରିଆରେ ବାଲେଶ୍ୱର, ଜଗତ୍ସିଂହପୁର, ଗଞ୍ଜାମ, ନୂଆପଡ଼ା ଓ ବୌଦ୍ଧ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ୫ଟି ଜିଲାର ୧୦୫୭ ପଞ୍ଚାୟତରେ ୨୫୫ ବସ୍ ଚଳାଚଳ ଆରମ୍ଭ କରିଛି। ଏହା ଦ୍ୱାରା ୭୧ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ବାଲେଶ୍ୱର ଜିଲାର ୩୧୫ ପଞ୍ଚାୟତରେ ୪୮ବସ୍ ଚାଲିବା ଦ୍ୱାରା ୨୦ଲକ୍ଷ ୪୨ ହଜାର ଲୋକ ଉପକୃତ ହୋଇଥିବା ବେଳେ ନୂଆପଡ଼ାର ୧୨୩ ପଞ୍ଚାୟତରେ ୨୫ ବସ୍ ଚଳାଚଳ କରିବା ଯୋଗୁ ୫ ଲକ୍ଷ ୭୪ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ବୌଦ୍ଧର ୫୫ ପଞ୍ଚାୟତରେ ୧୦ଟି ବସ୍ ଚାଲିବା ଦ୍ୱାରା ୩ ଲକ୍ଷ ୫୩ ହଜାର ଲୋକ ଉପକୃତ ହୋଇଥିବା ବେଳେ ଗଞ୍ଜାମର ୪୩୩ଟି ପଞ୍ଚାୟତରେ ୧୩୦ ବସ୍ ଚାଲିବା ଯୋଗୁ ୩୪ ଲକ୍ଷ ୪୭ ହଜାର ଲୋକ ଏବଂ ଜଗତ୍ସିଂହପୁର ଜିଲାର ୧୩୧ ପଞ୍ଚାୟତରେ ୪୨ ବସ୍ ଚାଲିବା ସହିତ ୭ ଲକ୍ଷ ୫୦ ହଜାର ଲୋକ ଉପକୃତ ହୋଇଛନ୍ତି। ଏଥିସହିତ ଓଡ଼ିଶାର ସମସ୍ତ ୩୦ ଜିଲାରେ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ କରିଛି। ସମୁଦାୟ ୩୦ ଜିଲାରେ ୧୩୫୪ ବସ୍ ଚାଲିବା ଆରମ୍ଭ କରିଛି। ଏହାଦ୍ୱାରା ୬୦୩୧ଟି ପଞ୍ଚାୟତର ୩.୬୪ କୋଟି ଲୋକ ଉପକୃତ ହୋଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ରାଜ୍ୟର ସବୁ ଗାଁରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହିତ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଆଣିବ। ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ସଦସ୍ୟମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଓ ଗାଁର ଅର୍ଥନୀତିକୁ ମଜଭୁତ କରିବା ଆମର ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲକ୍ଷ୍ମୀ ବସ୍ ସହିତ ସମ୍ପୃକ୍ତ ସମସ୍ତ ବିଭାଗ, ଜନପ୍ରତିନିଧି ଓ ସାଧାରଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ବୌଦ୍ଧଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ପ୍ରତି ଘରେ ସମୃଦ୍ଧି ଆଣିବ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ତାଙ୍କ ଜିଲା ଗସ୍ତ ବେଳେ ଗ୍ରାମାଞ୍ଚଳରେ ଲୋକଙ୍କ ଗମନାଗମନର ସୁବିଧା ପାଇଁ ମିଳିଥିଲା ମତାମତ। ସେହି ଅନୁଯାୟୀ ସେ ୨୦୨୩ ମେ' ୯ ତାରିଖରେ ଜିଲାପାଳମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ପରେ ଅକ୍ଟୋବର ୧୨ରେ ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା ଲକ୍ଷ୍ମୀ ବସ୍। ଏ ପର୍ଯ୍ୟନ୍ତ ୩୦ ଜିଲାର ୯୫ ପ୍ରତିଶତ ପଞ୍ଚାୟତ ଏଥିରେ ଅନ୍ତର୍ଭୁକ୍ତ। ଲକ୍ଷ୍ମୀ ବସ୍ ଆମ ନିଜର ସମ୍ପତ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ପାଣ୍ଡିଆନ କହିଛନ୍ତି। ଲକ୍ଷ୍ମୀ ବସ୍‌ରେ ମୁଖ୍ୟମନ୍ତ୍ରୀ ମା'ମାନଙ୍କ ପାଇଁ ଟିକେଟର ମୂଲ୍ୟ ୫ ଟଙ୍କା ରଖିଛନ୍ତି। ମିଶନ ଶକ୍ତି ସଦସ୍ୟମାନଙ୍କ ୟୁନିଫର୍ମ ପାଇଁ ୧୦୦୦ ଟଙ୍କା ପ୍ରଦାନ କରିଛନ୍ତି। ମମତା ଯୋଜନା ରାଶି ୧୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ନୂଆ-ଓ ଛାତ୍ରବୃତ୍ତିରେ ପରିବାରର ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଝିଅମାନଙ୍କ ପାଇଁ ୧୦ ହଜାର ଟଙ୍କା ବ୍ୟବସ୍ଥା କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରିଛନ୍ତି। ମିଶନ ଶକ୍ତି ସଦସ୍ୟଙ୍କ ପାଇଁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ବାଲେଶ୍ୱରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ସ୍ୱରୂପ କୁମାର ଦାସ, ନୂଆପଡ଼ାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ସଭାପତି ଡଲି ମାଝି, ବୌଦ୍ଧରେ ମନ୍ତ୍ରୀ ପଦୀପ କୁମାର ଅମାତ, ବିଧାୟକ ମହୀଧର ରଣା, ଗଞ୍ଜାମରେ ବିଧାୟିକା ଲତିକା ପ୍ରଧାନ, ବିଧାୟକ ବିକ୍ରମ କୁମାର ପଣ୍ଡା, ଜଗତ୍ସିଂହପୁରରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଓ ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ କହିଛନ୍ତି ଲକ୍ଷ୍ମୀ ବସ୍ ଜରିଆରେ ଗ୍ରାମାଞ୍ଚଳବାସୀଙ୍କ ଗମନାଗମନ ଅସୁବିଧାକୁ ମୁଖ୍ୟମନ୍ତ୍ରୀ ଦୂର କରିଦେଇଛନ୍ତି। କାର୍ଯ୍ୟକ୍ରମରେ ଜଗତ୍ସିଂହପୁରଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ।

# ସ୍ୱଦେଶୀ ଷ୍ଟାର୍ଟଅପ୍ ଉପରେ ନିବେଶ ପାଇଁ ଧର୍ମେନ୍ଦ୍ରଙ୍କ ଆହ୍ୱାନ




ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀ ଠାରେ ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ(ଆଇମା)ର ୬୮ତମ ପ୍ରତିଷ୍ଠା ଦିବସ ଏବଂ ୧୮ତମ ଜାତୀୟ ମ୍ୟାନେଜମେଣ୍ଟ ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱଦେଶୀ ଷ୍ଟାର୍ଟଅପ୍‌ଗୁଡ଼ିକ ଉପରେ ନିବେଶ କରିବା ପାଇଁ ଶିଳ୍ପ ସମାଜକୁ ଆହ୍ୱାନ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଆଗାମୀ ୨୫ ବର୍ଷରେ ଭାରତ ହେବ ଅନ୍‌ଷ୍ଟପେବୁଲ। ଶିକ୍ଷାଠାରୁ ଆରମ୍ଭକରି ଅର୍ଥନୀତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତ ଉତ୍କର୍ଷ ହାସଲ କରିବ। ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଆହୁରି ସମ୍ପ୍ରସାରଣ କରିବା ପାଇଁ ସ୍ୱଦେଶୀ ଷ୍ଟାର୍ଟଅପ୍‌ଗୁଡ଼ିକ ଉପରେ ଅଧିକ ଭରସା କରିବା ଏବଂ ପୁଞ୍ଜିନିବେଶ କରିବା ଆବଶ୍ୟକ। ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ ପରି ଅନୁଷ୍ଠାନଗୁଡ଼ିକ ଏ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବା ଜରୁରୀ। ଲୋକଙ୍କୁ ସେମାନଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ମାର୍ଗଦର୍ଶନ ଦେବା ସହ ଭାରତର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରିବା ଦିଗରେ ଥିବା ସମସ୍ତ ପ୍ରତିବନ୍ଧକ ଦୂରକରିବା ପାଇଁ ସେମାନଙ୍କ ଭୂମିକା ପ୍ରତିପାଦିତ କରିବା ଦରକାର। ଆମର ସାମୂହିକ ବୁଦ୍ଧିମତ୍ତାକୁ ରାଷ୍ଟ୍ର ନିର୍ମାଣରେ ବ୍ୟବହାର କରାଯିବା ଉଚିତ। ଏହି କଥାକୁ ଆମ ଭିତରେ ସୀମିତ ନ ରଖି ପରବର୍ତ୍ତୀ ପିଢ଼ି ପାଖରେ ମଧ୍ୟ ପହଞ୍ଚାଇବା ଦରକାର। ୨୦୨୭ ସୁଦ୍ଧା ଭାରତ ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଏହାଦ୍ୱାରା ବିପୁଳ ସୁଯୋଗ ସୃଷ୍ଟି ହେବ। ଏହି ସୁଯୋଗର ବ୍ୟବହାର କରିବା ସହ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଏକ ସାମୂହିକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ଆମ ଆଗରେ ଚ୍ୟାଲେଞ୍ଜ ରହିଛି। ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ବିଚାରବିମର୍ଶ କରିବାକୁ ଧର୍ମେନ୍ଦ୍ର ଶିଳ୍ପ ସମାଜକୁ ପରାମର୍ଶ ଦେଇଛନ୍ତି। ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନର ପ୍ରତିଷ୍ଠା ଦିବସ ପାଇଁ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇବା ସହ ମ୍ୟାନେଜମେଣ୍ଟ, ସମାଜସେବା ଏବଂ ଥଟ୍ ଲିଡରଶିପ୍ ନେତୃତ୍ୱ ପାଇଁ ପୁରସ୍କୃତ ହୋଇଥିବା ସମସ୍ତ ବିଶିଷ୍ଟ ଶିଳ୍ପପତିଙ୍କୁ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ସଂରକ୍ଷିତ ଜଙ୍ଗଲରେ ଲାଗିଲା ନିଆଁ



ହୁତୁହୁତୁ ହୋଇ ଜଳୁଥିବା ସଂରକ୍ଷିତ ଜଙ୍ଗଲ।

ଉଦଳା,୨୧।୨
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ନୂଆସାହି ସଂରକ୍ଷିତ ଜଙ୍ଗଲରେ ବୁଧବାର ମଧ୍ୟାହ୍ନରେ ନିଆଁ ଲାଗି ବ୍ୟାପକ କ୍ଷତି ହୋଇଛି। ବଡ଼ ବଡ଼ ଗଛ ସାଙ୍ଗକୁ ଗୁଳ୍ମଲତା ପୋଡ଼ି ଛାରଖାର ହୋଇଯାଇଛି। ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଜଙ୍ଗଲର ୩ ଦିଗରୁ ନିଆଁ ଲାଗିଥିବାରୁ ଏହାକୁ ଆୟତ୍ତ କରିବାକୁ ବନ ବିଭାଗ ନାକେଦମ ହୋଇଛି। ନିଆଁ ଧୀରେ ଧୀରେ ବ୍ୟାପିବା ସହ ଭୟଙ୍କର ରୂପ ନେବାରେ ଲାଗିଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ତେବେ ବଡ଼ ଗଛ ନଷ୍ଟ ହୋଇନାହିଁ ଏବଂ ନିୟନ୍ତ୍ରଣ ପାଇଁ ଚେଷ୍ଟା ଜାରି ରହିଥିବା ଉଦଳା ରେଞ୍ଜର ଜଗଦୀଶ ଦାସ କହିଛନ୍ତି।

# ୫ ଜିଲା ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କଟକ,୨୧।୨ (କାର୍ତ୍ତିକ ସାହୁ)

**ଏଆଇ ସର୍ଭିଲାନ୍ସରେ ମାଟ୍ରିକ ପରୀକ୍ଷା ଅବ୍ୟବସ୍ଥା**
ଶିକ୍ଷକ, ପୋଲିସ କର୍ମଚାରୀ ସାମିଲ

ଚଳିତବର୍ଷ ମାଟ୍ରିକ ପରୀକ୍ଷାର ମଙ୍ଗଳବାର ପ୍ରଥମ ଦିନରେ କେତେକ ପରୀକ୍ଷାକେନ୍ଦ୍ରର ଅବ୍ୟବସ୍ଥା ସମ୍ପର୍କରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭିଲାନ୍ସ ଅବଗତ କରାଇଛି। ପରୀକ୍ଷା ଡ୍ୟୁଟିରେ ଥିବା ଶିକ୍ଷକ ଓ ପୋଲିସ ଏଥିରେ ସମ୍ପୃକ୍ତ ଅଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ମୁଖ୍ୟାଳୟର କଣ୍ଟ୍ରୋଲ ରୁମ୍‌ରେ ସିସିଟିଭି କ୍ୟାମେରା ଦ୍ୱାରା ଅବ୍ୟବସ୍ଥା ସୂଚିତ ହେବା ପରେ ବୋର୍ଡ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ୫ ଜିଲାର ୮ ପରୀକ୍ଷା କେନ୍ଦ୍ରରେ ହୋଇଥିବା ଅବ୍ୟବସ୍ଥା ଓ ଅନିୟମିତତାକୁ ବୋର୍ଡ ରେକର୍ଡ କରିଛି। ସେଥିମଧ୍ୟରେ କଟକ ଜିଲାର ନରସିଂହପୁରସ୍ଥିତ ଏ.ଏନ୍. ହାଇସ୍କୁଲ, କାନପୁର ବାଳିକା ହାଇସ୍କୁଲ, ଜନାର୍ଦ୍ଦନପୁରସ୍ଥିତ ଚିତ୍ରୋତ୍ପଳା ନୋଡାଲ ହାଇସ୍କୁଲ, ଅଡ଼ଶପୁରସ୍ଥିତ ପ୍ରାଚୀ ଏକାଡେମୀ, କଳାହାଣ୍ଡି ଜିଲା କୋକସରାସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠ, ଢେଙ୍କାନାଳ ଜିଲା ମେରାମୁଣ୍ଡଳିସ୍ଥିତ ଅରବିନ୍ଦ ବିଦ୍ୟାମନ୍ଦିର, ପୁରୀ ଜିଲା ପିପିଲି ନୋଡାଲ ହାଇସ୍କୁଲ ଓ ନୟାଗଡ଼ ଜିଲା ରଣପୁରସ୍ଥିତ ବି.ସି. ହାଇସ୍କୁଲ ଅନିୟମିତତା ତାଲିକାଭୁକ୍ତ ହୋଇଛି। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ କଟକ ଏସ୍‌ପିଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବୋର୍ଡ ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଛି।

ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏ. ଏନ୍. ହାଇସ୍କୁଲରେ ଜଣେ ନିରୀକ୍ଷକ ପରୀକ୍ଷା ପରିଚାଳନା କ୍ଷେତ୍ରରେ ସକ୍ରିୟ ନାହାନ୍ତି। ଏପରି କି ପରୀକ୍ଷାର୍ଥୀମାନେ ପରସ୍ପର ମଧ୍ୟରେ କଥା ହେଉଥିଲେ ବି ସେ କାହାରିକୁ ବାରଣ କରୁନାହାନ୍ତି। ପୁଣି ଜଣେ ମହିଳା ପୋଲିସ କୌଣସି କାରଣ ନ ଥାଇ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଛନ୍ତି। କାନପୁର ବାଳିକା ହାଇସ୍କୁଲରେ ଦେଖାଯାଇଛି ପରୀକ୍ଷା ଚାଲିଥିବା ଏକ କୋଠରିର ଝରକା ବାହାର ପଟରେ ଅନାଧିକୃତ ଭାବେ ଜଣେ ବ୍ୟକ୍ତି ଅଛନ୍ତି। ଜନାର୍ଦ୍ଦନପୁରସ୍ଥିତ ଚିତ୍ରୋତ୍ପଳା ନୋଡାଲ ହାଇସ୍କୁଲରେ ପରୀକ୍ଷାର୍ଥୀମାନଙ୍କୁ ପରସ୍ପର ମଧ୍ୟରେ କଥା ହେବାରୁ ନିବୃତ୍ତ ରଖିବାକୁ ବାରଣ କରିବା ନିମନ୍ତେ ସେତେ ସକ୍ରିୟ ନାହାନ୍ତି। ଅଡ଼ଶପୁରସ୍ଥିତ ପ୍ରାଚୀ ଏକାଡେମୀରେ ବୋର୍ଡ ଗାଇଡ୍‌ଲାଇନ ଅନୁସାରେ ପରୀକ୍ଷା ପରିଚାଳନା ହେଉନାହିଁ। ବିଶେଷକରି ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସମୟ ଅନୁସାରେ ପ୍ରଶ୍ନପତ୍ର ପଠାଇବା କାର୍ଯ୍ୟ କରାଯାଇନାହିଁ। ସେହିପରି ଜବାହର ଉଚ୍ଚ ବିଦ୍ୟାପୀଠରେ ଜଣେ ଶିକ୍ଷୟିତ୍ରୀ ପୂର୍ବାହ୍ନ ୯ଟା ୧୭ରେ ମୋବାଇଲ ଫୋନ୍ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଅରବିନ୍ଦ ବିଦ୍ୟାମନ୍ଦିରର ୨ ନମ୍ବର କୋଠରିରେ ପୂର୍ବାହ୍ନ ୧୦ଟା ୪ ମିନିଟ୍‌ରେ କେହି ନିରୀକ୍ଷକ ନାହାନ୍ତି। ପିପିଲି ନୋଡାଲ ହାଇସ୍କୁଲ ଏବଂ ବି.ସି. ହାଇସ୍କୁଲରେ ପ୍ରଶ୍ନପତ୍ର ପଠାଇବା କାର୍ଯ୍ୟ ସମୟାନୁସାରେ କରାଯାଇନାହିଁ। ସମ୍ପୃକ୍ତ ପରୀକ୍ଷା ନିରୀକ୍ଷକ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଉପରୋକ୍ତ ୫ ଜିଲାର ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଗଠନ ହେବ ଆଡ୍‌ଭୋକେଟ୍ ଏକାଡେମୀ

କଟକ,୨୧।୨ (କାର୍ତ୍ତିକ ସାହୁ)

**ରାଜ୍ୟ ଆଇନଜୀବୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**
- ବାର୍ ଆସୋସିଏଶନ୍‌କୁ ନିର୍ବାଚନୀ ଖର୍ଚ୍ଚ ବନ୍ଦ
- କର୍ପସ ଫଣ୍ଡ ଦ୍ୱାରା ୧୦୦ ଟଙ୍କିଆ ଷ୍ଟାମ୍ପ ସ୍ଥଗିତ

ବହୁ ପ୍ରତୀକ୍ଷିତ ଆଡ୍‌ଭୋକେଟ୍ ଏକାଡେମୀ ଗଠନ ନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତତ୍‌ସଂକ୍ରାନ୍ତୀୟ ଆବଶ୍ୟକ ଭିତ୍ତିଭୂମି ପାଇଁ ଭୂମି ଓ ଅର୍ଥ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ତୁରନ୍ତ ଅନୁରୋଧପତ୍ର ଦାଖଲ କରାଯିବ। ଏନେଇ କଟକସ୍ଥିତ ପରିଷଦର ମୁଖ୍ୟାଳୟରେ ଅନୁଷ୍ଠିତ ପରିଷଦର ସାଧାରଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଇତିମଧ୍ୟରେ ଭାରତରେ ଅନେକ ରାଜ୍ୟର ସରକାର ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିସାରିଛନ୍ତି। ଓଡ଼ିଶାରେ ମଧ୍ୟ ଏହି ଆଇନ ପ୍ରଣୀତ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ ନିମନ୍ତେ ବୈଠକରେ ସ୍ଥିର ହୋଇଛି। ପରିଷଦର ସଦସ୍ୟ ଦୀନେଶ ଚନ୍ଦ୍ର ରାୟ ଓ ଅକ୍ଷୟ କୁମାର ପତି ଉପରୋକ୍ତ ପ୍ରସଙ୍ଗ ବୈଠକରେ ଉପସ୍ଥାପନ କରିଥିଲେ। ଆଡ୍‌ଭୋକେଟ୍ ୱେଲ୍‌ଫେୟାର କର୍ପସ ଫଣ୍ଡକୁ ସ୍ଥଗିତ ରଖାଯିବା ଓ ସମସ୍ତ ବାର୍ ଆସୋସିଏଶନକୁ ଦିଆଯାଉଥିବା ନିର୍ବାଚନୀ ଖର୍ଚ୍ଚ ତୁରନ୍ତ ବନ୍ଦ କରିବା ପାଇଁ ମଧ୍ୟ ପରିଷଦର ଦୃଷ୍ଟିଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଆଲୋଚନା କରାଯାଇ ଆଡ୍‌ଭୋକେଟ୍ ୱେଲ୍‌ଫେୟାର କର୍ପସ ଫଣ୍ଡ ଦ୍ୱାରା କରାଯାଉଥିବା ୧୦୦ ଟଙ୍କିଆ ଷ୍ଟାମ୍ପକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ବାର୍ ଆସୋସିଏଶନ୍‌ଗୁଡ଼ିକୁ ଦିଆଯାଉଥିବା ନିର୍ବାଚନୀ ଖର୍ଚ୍ଚ ବନ୍ଦ ରଖିବାକୁ ନିଷ୍ପତ୍ତି ଗୃହୀତ ହୋଇଛି। ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇ ଭବିଷ୍ୟତରେ ଯଥାସମ୍ଭବ ଆଇନଜୀବୀଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି। ଆଇନଜୀବୀମାନଙ୍କ କଲ୍ୟାଣ ନିମନ୍ତେ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ରାଜ୍ୟର ସମସ୍ତ ଆଇନଜୀବୀ ଓ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଛି।

# ଘରୋଇ ବିଶ୍ୱବିଦ୍ୟାଳୟରେ ଆଇନ ଛାତ୍ରୀଙ୍କୁ ସିନିୟରଙ୍କ ମାଡ଼

ଭୁବନେଶ୍ୱର,୨୧।୨(ସୂର୍ଯ୍ୟକାନ୍ତ ବେହେରା)

**ରାଗିଂ ଚର୍ଚ୍ଚା**

ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ଆଇନ ଛାତ୍ରୀ ରାଗିଂର ଶିକାର ହୋଇଥିବା ଚର୍ଚ୍ଚା ଚାଲିଛି। ସମ୍ପୃକ୍ତ ପ୍ରଥମ ବର୍ଷର ଛାତ୍ରୀଙ୍କୁ ହଷ୍ଟେଲରେ ୩ ସିନିୟର ଛାତ୍ରୀ ମାଡ ମାରିଥିବା ନେଇ ସେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଆକ୍ରମଣ ପଛର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଆକ୍ରମଣରେ ଆଇନ ଛାତ୍ରୀ ଜଣକ ଆହତ ହୋଇଛନ୍ତି। ସୂଚନାନୁସାରେ, ଆକ୍ରମଣର ଶିକାର ହୋଇଥିବା ଛାତ୍ରୀ ଜଣକ ପ୍ରଥମେ ବିଶ୍ୱବିଦ୍ୟାଳୟ ଶୃଙ୍ଖଳା କମିଟି ପାଖରେ ଅଭିଯୋଗ କରିଥିଲେ। ମାତ୍ର ଆକ୍ରମଣକାରୀ ୩ଜଣ ସିନିୟର ଛାତ୍ରୀ କମିଟିରେ ହାଜର ହୋଇ ନ ଥିଲେ। ଫଳରେ ପୀଡିତା ଛାତ୍ରୀ ଜଣକ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଭରତପୁର ଥାନା ଅଧିକାରୀ ଦିନକୃଷ୍ଣ ମିଶ୍ର କହିଛନ୍ତି, ଆକ୍ରମଣ ପଛର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ପ୍ରଥମ ବର୍ଷର ଛାତ୍ରୀଙ୍କୁ କିଛି ସିନିୟର ଛାତ୍ରୀ ହଷ୍ଟେଲରେ ମିଳିତ ଭାବେ ମାଡ ମାରିଥିବା ନେଇ ଥାନାରେ ପୀଡିତା ଜଣକ ଅଭିଯୋଗ କରିଛନ୍ତି। ଏହି ଆଧାରରେ ଆଇପିସି ଦଫା ୩୪୧,୩୨୩,୩୪ରେ ମାମଲା (ନଂ ୧୧୦/୨୪) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଆକ୍ରମଣର କାରଣ ଜଣାପଡିବ। ଅପରପକ୍ଷେ ତନ୍ତ୍ରମନ୍ତ୍ରକୁ ନେଇ ଏହି ଆକ୍ରମଣର ଶିକାର ହୋଇଥିବା ଶୁଣିବାକୁ ମିଳୁଛି। ପୀଡିତା ଛାତ୍ରୀ ଜଣକ ତନ୍ତ୍ରବିଦ୍ୟା କରି ଜଣେ ସିନିୟର ଛାତ୍ରୀଙ୍କ ପ୍ରେମକୁ ଭାଙ୍ଗି ଦେଇଥିବା ସନ୍ଦେହରେ ସେମାନେ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ତେବେ ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଜଙ୍ଗଲ ରାସ୍ତାରେ ମହାବଳ-ମଣିଷ



ଜଙ୍ଗଲ ରାସ୍ତାରେ ମହାବଳ ଯାଉଛି।



ମହାବଳ ବାଘ ଚଳପ୍ରଚଳ କରୁଥିବା ରାସ୍ତାରେ ଛୋଟପିଲା ଓ ଜଣେ ବ୍ୟକ୍ତି ଯାଉଛନ୍ତି।

ବାରିପଦା,୨୧।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏକ ରାସ୍ତାରେ ଉଭୟ ମହାବଳ ବାଘ ଓ ମଣିଷ ଚଳପ୍ରଚଳ କରିବାର ଏକ ଭିଡିଓ ଟ୍ରାପ୍ କ୍ୟାମେରାରେ କଏଦ ହୋଇଛି। ଏହାକୁ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ (ଏକ୍ସ)ରେ ଶେୟାର କରିଛନ୍ତି। ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟରେ ମହାବଳ ଓ ମଣିଷ ଏକା ସାଙ୍ଗରେ ମିଳିମିଶି ରହିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଭିଡିଓଟି ଭାଇରାଲ ହେବା ପରେ ଲୋକେ ଏହାକୁ ଦେଖି ଚକିତ ହୋଇଥିବା ବେଳେ ମହାବଳଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ନେଇ ପ୍ରାଣୀ ପ୍ରେମୀମାନେ ଖୁସିବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ରହୁଥିବା ଗ୍ରାମର ଲୋକମାନଙ୍କ ଚଲାପଥରେ ଏକ ମହାବଳ ବାଘ ଚଳପ୍ରଚଳ କରିଥିଲା। ମହାବଳ ଯିବାର କିଛି ସମୟ ପରେ ଏକ ଛୋଟ ପିଲା ସହିତ ଜଣେ ଲୋକ ସେହି ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଛି। ତେବେ କୋର୍ ଏରିଆରେ ରହୁଥିବା ଲୋକଙ୍କୁ ମହାବଳ ବାଘ ଆକ୍ରମଣ ନ କରିବା ଭଳି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରଛି। ମହାବଳ ବାଘଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଉପଯୁକ୍ତ ବାସସ୍ଥଳୀ ଭାବେ ଏନ୍‌ଟିସିଏ ପ୍ରକାଶ କରିଛି। ବାଘର ଖାଦ୍ୟ ଶୃଙ୍ଖଳ, ବାସସ୍ଥଳୀ ଓ ବଂଶବୃଦ୍ଧି ନିମନ୍ତେ ଶିମିଳିପାଳ ପ୍ରକୃଷ୍ଟ ସ୍ଥାନ। ଖାଦ୍ୟାଭାବ ନ ଥିବାରୁ ମହାବଳ ଲୋକଙ୍କୁ ଆକ୍ରମଣ କରୁନାହିଁ ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ତେବେ ବାଘ ଓ ମଣିଷ ମୁହାଁମୁହିଁ ହେବା ଶିମିଳିପାଳ ଅଭୟାରଣ୍ୟରେ ଏକ ନିତିଦିନିଆ ଘଟଣା ବୋଲି ସେ କହିଛନ୍ତି।









# ଭିକ ପାଇଁ ଭିନ୍ନକ୍ଷମ ଅଭିନୟ: ଉତ୍ତରପ୍ରଦେଶର ୪ ଯୁବକ ଗିରଫ

ବ୍ରହ୍ମପୁର,୨୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଏବେ ଠକଗ୍ୟାଙ୍ଗ ବିଭିନ୍ନ ଉପାୟ ଅବଲମ୍ବନ କରି ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି। ଏମାନେ କେବଳ ସ୍ଥାନୀୟ ଅଞ୍ଚଳର ନୁହେଁ, ବାହାର ରାଜ୍ୟରୁ ଆସି ଅଭିନବ ଉପାୟରେ ଠକି ଚାଲିଛନ୍ତି। ଏଭଳି ଏକ ଗ୍ୟାଙ୍ଗକୁ ବୁଧବାର ବୈଦ୍ୟନାଥପୁର ଥାନା ପୋଲିସ କାବୁ କରିଛି। ଶାରୀରିକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ମଧ୍ୟ ଭିନ୍ନକ୍ଷମ ଅଭିନୟ କରି ଭିକ୍ଷାବୃତ୍ତି କରୁଥିବା ୪ଜଣ ଠକ ଯୁବକଙ୍କୁ ପୋଲିସ ବାନ୍ଧିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଅଜୟ କୁମାର, ଅନିଲ କୁମାର, ମେରୋ ଓ ଯଶବନ୍ତ କୁମାର। ଏହି ଗ୍ୟାଙ୍ଗ କମାପଲ୍ଲୀ ଏବଂ ଟାଟାବେଞ୍ଜ ଛକଠାରେ ଶ୍ରବଣବାଧିତ, ମୂକ ଓ ଆଶାବାଡ଼ି ଧରି ଛୋଟେଇ ଚାଲିବା ଅଭିନୟ କରି ଭିକ୍ଷା ମାଗୁଥିଲେ। ପୋଲିସ ସେମାନଙ୍କଠାରୁ ଏକ




ଖାତା ସହ ୮୬୦ଟଙ୍କା ଏବଂ ଆଶାବାଡ଼ି ଜବତ କରିଛି। ବୁଧବାର ଅପରାହ୍ନରେ ବୈଦ୍ୟନାଥପୁର ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କମାପଲ୍ଲୀ ଛକରେ ୨ଜଣ ଭିନ୍ନକ୍ଷମ ଭିକ ମାଗୁଥିବା ଦେଖିଥିଲା। ସେମାନଙ୍କ ହାବଭାବକୁ ନେଇ ସନ୍ଦେହ ହେବାରୁ ଥାନାକୁ ଆଣି ପଚରାଉଚରା କରିଥିଲା। ଉଭୟେ ଶାରୀରିକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସହ ଲୋକଙ୍କ ସହାନୁଭୂତି ପାଇବା ପାଇଁ ଭିନ୍ନକ୍ଷମ ହୋଇଥିବାର ଅଭିନୟ କରି ଭିକ ମାଗୁଥିବା କହିଥିଲେ। ତାଙ୍କର ଅନ୍ୟ ୨ ସହଯୋଗୀ ଟାଟାବେଞ୍ଜ ଛକରେ ସମାନ ଢ଼ଙ୍ଗରେ ଭିକ୍ଷାବୃତ୍ତି କରୁଥିବା କହିବାରୁ ପୋଲିସ ସେମାନଙ୍କୁ ମଧ୍ୟ କାବୁ କରି ଥାନାକୁ ଆଣିଥିଲା। ୪ ଅଭିଯୁକ୍ତ ୧୬ ନଂ, ଜାତୀୟ ରାଜପଥ କଡ଼ରେ ରହୁଥିଲେ ଓ ସମୟ ସୁବିଧା ଦେଖି ସହରର ବିଭିନ୍ନ ଛକକୁ ଯାଇ ଭିକ ମାଗୁଥିଲେ ବୋଲି ସ୍ୱୀକାର କରିଛନ୍ତି। ଏ ନେଇ ଥାନାରେ ନଂ.୧୧୭/୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କର ଅନ୍ୟ କୌଣସି ଚୋରି କିମ୍ବା ଡକାୟତି ଘଟଣାରେ ସମ୍ପୃକ୍ତି ଅଛି ନା ନାହିଁ, ସେ ନେଇ ତଦନ୍ତ ଜାରି ରହିଛି।

Azadi Ka Amrit Mahotsav
सेन्ट्रल बैंक ऑफ इंडिया Central Bank of India
CENTRAL TO YOU SINCE 1911
ଚନ୍ଦରମୁଖୀ, ନରିମନ ପଏଣ୍ଟ , ମୁମ୍ବାଇ-୪୦୦୦୨୧,
ଫୋନ୍: ୦୨୨-୬୬୩୮୭୬୮୦, ଫ୍ୟାକ୍ସ:୦୨୨-୨୨୦୪୪୩୩୬,
ୱେବ୍‌ସାଇଟ୍ : www.centralbankofindia.co.in

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିମନ୍ତେ ୧୨ ମାସର ଅବଧି ପାଇଁ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି**

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯାହାର ସର୍ବଭାରତୀୟ ଶାଖା ନେଟ୍‌ୱର୍କରେ ୪୫୦୦ରୁ ଅଧିକ ଶାଖା ସହିତ ସର୍ବମୋଟ ବ୍ୟବସାୟ ୬,୦୦,୦୦୦ କୋଟି ଟଙ୍କାରୁ ଅଧିକ ଏବଂ ୩୧,୦୦୦ରୁ ଅଧିକ କର୍ମଚାରୀଙ୍କ ପ୍ରତିବଦ୍ଧ ଟିମ୍ ଦ୍ୱାରା ପରିଚାଳିତ। ବ୍ୟାଙ୍କ ଆପ୍ରେଣ୍ଟିସେସ୍ ଆକ୍ଟ, ୧୯୬୧ ଅନ୍ତର୍ଗତ ଏବଂ ବ୍ୟାଙ୍କର ଆପ୍ରେଣ୍ଟିସ୍‌ସିପ୍ ପଲିସି (ନିୟମ) ଅନୁଯାୟୀ ୧୨ ମାସର ଅବଧି ନିମନ୍ତେ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି ପାଇଁ ଇଚ୍ଛା ପ୍ରକାଶ କରୁଅଛି।

ପ୍ରାର୍ଥୀମାନଙ୍କୁ ଅନୁରୋଧ କି, ସବିଶେଷ ବିବରଣୀ ନିମନ୍ତେ ବ୍ୟାଙ୍କର ୱେବ୍‌ସାଇଟ୍ https://www.centralbankofindia.co.in ଦେଖନ୍ତୁ।

ମୁମ୍ବାଇ
ତାରିଖ: ୨୧.୦୨.୨୦୨୪ — ମହାପ୍ରବନ୍ଧକ (ଏଚ୍‌ସିଏମ୍)



ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪ Bhubaneswar, Thursday, February 22/ 2024



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ବୁଧବାର ନେଦରଲାଣ୍ଡ୍ସ ଖେଳାଳିଙ୍କ ସହ ପରିଚୟ ହେଉଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଶୁଟ୍ ଆଉଟରେ ହାରିଲା ଭାରତ

ରାଉରକେଲା,୨୧।୨

(ଦିନେଶ ମିଶ୍ର)

ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ନେଦରଲାଣ୍ଡ୍ସ ବିପକ୍ଷ ପ୍ରୋ ଲିଗ୍ ହକି ମ୍ୟାଚକୁ ଶୁଟଆଉଟରେ ପରାଜିତ ହୋଇଛି ଭାରତ। ନିର୍ଦ୍ଧାରିତ ସମୟରେ ମ୍ୟାଚଟି ୧-୧ରେ ଅମୀମାଂସିତ ରହିବା ପରେ ଶୁଟଆଉଟରେ ନେଦରଲାଣ୍ଡ୍ସ ୪-୨ରେ ଜିତି ନେଇଥିଲା। ଏହି ମ୍ୟାଚରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା ଓ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ଅତିଥି ଭାବରେ ଯୋଗ ଦେଇଥିଲେ। ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳି ଅତିଥିଙ୍କ ସହ ପରିଚୟ ହୋଇଥିଲେ। ସୁନ୍ଦରଗଡ ବାସୀଙ୍କ ହକି ପ୍ରତି ରହିଥିବା ଭଲପାଇବା କାରଣରୁ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ ଏଠାରେ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଥିଲେ ବୋଲି ହାଫ୍ ଟାଇମ ସମୟରେ କହିଥିଲେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ରାଉରକେଲାକୁ ବିଶ୍ୱର ହକି ହବ୍ କରିବା ପାଇଁ ଏହି ପଦକ୍ଷେପ ଉଦ୍ଦିଷ୍ଟ। ବିଶ୍ୱ ହକି ପାଇଁ ରାଉରକେଲାର ଦର୍ଶକ ଯେଉଁ ମାହୋଲ ସୃଷ୍ଟି କରନ୍ତି ତାହା ସବୁଠାରୁ ନିଆରା। ଭାରତ ପ୍ରୋ ଲିଗ୍‌ରେ ଭଲ ପ୍ରଦର୍ଶନ କରୁଥିବା ବେଳେ ହକିର ଉନ୍ନତି ପାଇଁ ଅଧିକରୁ ଅଧିକ କର୍ପୋରେଟ ସାମ୍ନାକୁ ଆସିବା ଉଚିତ ବୋଲି ସେ କହିଥିଲେ।

ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ନେଦରଲାଣ୍ଡ୍ସ ପ୍ରଥମ ମିନିଟରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଭାରତୀୟ ରକ୍ଷଣଭାଗର ସାମନ୍ୟ ତ୍ରୁଟିରୁ ଫାଇଦା ଉଠାଇ ନେଦରଲାଣ୍ଡ୍ସ ଚତୁର୍ଥ ମିନିଟରେ ପ୍ରଥମ ଗୋଲ ଦେଇଥିଲା। ମିଡେନ୍‌ଡ୍ରପ୍ ଫ୍ଲୋରିସ୍ ଦଳ ପକ୍ଷରୁ ଚତୁର୍ଥ ମିନିଟରେ ସ୍କୋର କରିବା ସହ ୧-୦ରେ ଆଗୁଆ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତ ୧-୦ରେ ପଛୁଆ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ତେବେ ଏହା ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହ ଗୋଟିଏ ଗୋଲ ଦେଇଥିଲା। ଭାରତକୁ ୩୫ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ରୋକିବାରେ ସଫଳ ହୋଇଥିଲେ ଡଚ୍ ଗୋଲକିପର। ତେବେ ଡିଫ୍ଲେକ୍ସନକୁ ଗୋଲରେ ପରିଣତ କରିବା ସହ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ ହାର୍ଦ୍ଦିକ ସିଂ। ଅନ୍ତିମ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ମ୍ୟାଚ୍ ଶୁଟଆଉଟକୁ ଯାଇଥିଲା।

ଶୁଟ ଆଉଟରେ ଭାରତ ପକ୍ଷରୁ କ୍ରିଷନ ବାହାଦୂର ପାଠକ ଗୋଲ କିପିଂ କରିଥିଲେ। ନେଦରଲାଣ୍ଡ୍ସ ପକ୍ଷରୁ କ୍ରୁନ୍ ଜୋରିଟ୍, ଥିଏରି ବ୍ରିଙ୍କମ୍ୟାନ, ଡୁକୋ ଟେଲଜେନକାମ୍ପ ଓ ଜୋଏପ୍ ଡେ ମଲ୍ ସ୍କୋର କରିଥିଲେ। ଜୋନାସ୍ ଡି ଜିଉସଙ୍କ ଶଟ୍ ବାହାରକୁ ଯାଇଥିଲା। ଅନ୍ୟ ପକ୍ଷରେ ଭାରତ ପକ୍ଷରୁ ଅରାଇଜିତ ସିଂ ହୁଣ୍ଡାଲ ଓ ଲଳିତ କୁମାର ଉପାଧ୍ୟାୟ ସ୍କୋର କରିଥିବା ବେଳେ ସୁଖଜିତ ସିଂ ଓ ସମଶେର ସିଂଙ୍କ ଶଟ୍ ବାହାରକୁ ଯାଇଥିଲା।

# ସ୍ପେନକୁ ହରାଇଲା ଅଷ୍ଟ୍ରେଲିଆ

## ପ୍ରୋ ଲିଗ୍ ହକି

ରାଉରକେଲା,୨୧।୨

(ଦିନେଶ ମିଶ୍ର)

ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ର ପୁରୁଷ ହକି ପ୍ରୋ ଲିଗ୍‌ର ତ୍ରୟୋଦଶତମ ମ୍ୟାଚରେ ସ୍ପେନକୁ ୪-୧ରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ଆରମ୍ଭରୁ ପଛୁଆ ଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଅଷ୍ଟ୍ରେଲିଆ ମ୍ୟାଚ ଜିତି ନେଇଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ସ୍ପେନ ପେରି ଏମଟ୍ ଏକ ଫିଲ୍ଡ ଗୋଲ ମାରି ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ପରେ ସ୍ପେନ ଦଳକୁ ୩ଟି ପେନାଲଟି ସୁଯୋଗ ମିଳିଥିଲେ ମଧ୍ୟ ଦଳ ଆଉ ଗୋଲ କରିପାରି ନ ଥିଲା। ଚତୁର୍ଥ ମିନିଟ୍‌ରେ ଅଷ୍ଟ୍ରେଲିଆର ଫ୍ଲିନ ଓଗିଲିଭ୍ ଫିଲଡ୍‌ଗୋଲ ଜରିଆରେ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ମ୍ୟାଚର ଅଷ୍ଟମ ମିନିଟ୍‌ରେ ନାଥନ ଏପହ୍ରାଉମ୍ସ ଦ୍ୱିତୀୟ ଗୋଲ ମାରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୫ ମିନିଟ୍‌ରେ ଜେରେମୀ ହାୱାର୍ଡ ପେନାଲଟି କର୍ନରରୁ ତୃତୀୟ ଗୋଲ ଦେଇଥିବା ବେଳେ ତୃତୀୟ କ୍ୱାର୍ଟରର ୪୪ ମିନିଟ୍‌ରେ ଟିମ୍ ବ୍ରାଣ୍ଡ ଅନ୍ତିମ ଗୋଲ ଦେଇଥିଲେ। ଜ୍ୟାକ୍ ୱେଟେନ୍‌ଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା ପୁରୁଷ ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ ଦଳ ୫ଟି ଖେଳି ୫ଟି ବିଜୟୀ ହୋଇ ପଏଣ୍ଟ ତାଲିକରେ ଦ୍ୱିତୀୟ ସ୍ଥାନରେ ରହିଛି।



ନାଥନ ଏପହ୍ରାଉମ୍ସ



ସ୍ପେନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ରାଜପୁତ ୟୁଏଇ ମୁଖ୍ୟ କୋଚ୍



**ଦୁବାଇ,୨୧।୨(ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ତଥା ଟି୨୦ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ମ୍ୟାନେଜର ଥିବା ଲାଲଚାନ୍ଦ ରାଜପୁତ ୟୁଏଇର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ପାକିସ୍ତାନର ମୁଦସର ନଜରଙ୍କ ସ୍ଥାନରେ ରାଜପୁତଙ୍କୁ ନିଯୁକ୍ତି ମିଳିଛି। ଆସନ୍ତା ୩ ବର୍ଷ ପାଇଁ ସେ ୟୁଏଇ ଦଳର କୋଚ୍ ରହିବେ। ରାଜପୁତଙ୍କ ଅଧୀନରେ ୟୁଏଇ ଆଇସିସି କ୍ରିକେଟ ବିଶ୍ୱକପ ଲିଗ୍-୨ ଖେଳିବାକୁ ଥିବା ବେଳେ କାନାଡା ଓ ସ୍କଟଲାଣ୍ଡ ସହିତ ଫେବୃଆରୀ ୨୮ରୁ ତ୍ରିରାଷ୍ଟ୍ରୀୟ ସିରିଜ୍ ଖେଳିବ। ବିଗତ କିଛି ବର୍ଷ ହେବ ସହଯୋଗୀ ରାଷ୍ଟ୍ରଙ୍କ ମଧ୍ୟରେ ୟୁଏଇ ଚମତ୍କାର ପ୍ରଦର୍ଶନ କରିଆସିଛି। ତେବେ ଚଳିତ ଟି୨୦ ବିଶ୍ୱକପ ପାଇଁ ଦଳ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲା। ୟୁଏଇ ଦଳ ନିକଟରେ ପ୍ରତିଭା ରହିଥିବା ବେଳେ ସେମାନଙ୍କ ସହ କାର୍ଯ୍ୟ କରିବା ପାଇଁ ମୁଁ ଉତ୍ସାହିତ ବୋଲି କହିଛନ୍ତି ରାଜପୁତ। ୨୦୦୭ରେ ବିଶ୍ୱକପ୍ ବିଜୟୀ ଭାରତୀୟ ଟି୨୦ ଦଳର ମ୍ୟାନେଜର ରହିଥିବା ରାଜପୁତ ଭାରତ ପାଇଁ ୨ ଟେଷ୍ଟ ଓ ୪ ଦିନିକିଆ ଖେଳିଛନ୍ତି। ୨୦୧୬-୧୭ରେ ରାଜପୁତ ଆଫଗାନିସ୍ତାନ ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଏହା ଟେଷ୍ଟ ମାନ୍ୟତା ହାସଲ କରିଥିଲା।





**SHOWROOMS: ODISHA: SAMBALPUR:** RENAULT Sambalpur Mob: +91 8448890323. **BHUBANESWAR**: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 7428190232. **BHAWANIPATNA:** RENAULT Bhawanipatna Mob: +91 9438395880. **CUTTACK**: RENAULT Cuttack Mob: +91 9311772648. **JEYPORE:** RENAULT Jeypore Mob: +91 9311596618. **ROURKELA:** RENAULT Rourkela Mob: + 91 8860875802. **SUNDERGARH:** RENAULT Sundergarh Mob: +91 9311529949.


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ